# ଧରିତ୍ରୀ
DHARITRI

ଧରିତ୍ରୀ 51 Years

ଭୁବନେଶ୍ୱର, ରବିବାର, ଅଗଷ୍ଟ ୨୪/୨୦୨୫ (୧୪ ପୃଷ୍ଠା+ଛୁଟିଦିନ) Bhubaneswar, Sunday, August 24/2025 Page 14 ₹ 7.00 | BALASORE

୫୧ଶ ଭାଗ ୨୬୯ ସଂଖ୍ୟା www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul VOLUME 51 ISSUE 269 ମୂଲ୍ୟ ₹୭/-






Celebrating
60
Years of
Anokha Swad
DIAMOND JUBILEE
KP GROUP
KAMLA PASAND
Celebrating
60
YEARS
अनोखा स्वाद
No Tobacco, No Nicotine
• Not recommended for minors
• Chewing of pan masala is injurious to health

# ଧରିତ୍ରୀ
DHARITRI

51 Years

ଭୁବନେଶ୍ୱର, ରବିବାର, ଅଗଷ୍ଟ ୨୪/୨୦୨୫ | Bhubaneswar, Sunday, August 24/2025 | ପୃଷ୍ଠା-୧




**ରଶ୍ମିତା ଶ୍ରେଷ୍ଠ ମହିଳା କ୍ରୀଡ଼ାବିତ୍**

ଶ୍ରୀନଗରରେ ଅନୁଷ୍ଠିତ ଖେଲୋ ଇଣ୍ଡିଆ ୱାଟର ସ୍ପୋର୍ଟ୍ସ ଫେଷ୍ଟିଭାଲରେ ୨ଟି ସ୍ୱର୍ଣ୍ଣ ପଦକ ଜିତି ଓଡ଼ିଶାର ରଶ୍ମିତା ସାହୁ ଶ୍ରେଷ୍ଠ ମହିଳା କ୍ରୀଡ଼ାବିତ୍ ବିବେଚିତ ହୋଇଛନ୍ତି।

୧୨

୦୮

**'ଏମ୍‌ଏସ୍‌ଭିଜି'ରେ ଚିରଞ୍ଜୀବୀ, ଭେଙ୍କଟେଶ ଏକାଠି**

ଅନିଲ ରବିପୁଡ଼ିଙ୍କ ନିର୍ଦ୍ଦେଶିତ 'ଏମ୍‌ଏସ୍‌ଭିଜି' ଫିଲ୍ମରେ ସାଉଥ୍ ସୁପରଷ୍ଟାର ଚିରଞ୍ଜୀବୀ ଓ ଭେଙ୍କଟେଶଙ୍କୁ ଏକାଠି ଦେଖିବାକୁ ମିଳିବ।



## ଏସ୍‌ପିଙ୍କ କାର୍ଯ୍ୟାଳୟରେ ପେଟ୍ରୋଲ ଢାଳି ମହିଳାଙ୍କ ଆତ୍ମାହୁତି ଉଦ୍ୟମ

**ଢେଙ୍କାନାଳ, ୨୩।୮ (ରତନ ନାୟାର)**

ଢେଙ୍କାନାଳ ଏସ୍‌ପିଙ୍କ କାର୍ଯ୍ୟାଳୟରେ ଶନିବାର ସନ୍ଧ୍ୟା ୬ଟାରେ ଜଣେ ମହିଳା ନିଜ ଦେହର ପେଟ୍ରୋଲ ଢାଳି ଆତ୍ମାହୁତି ଉଦ୍ୟମ କରିଛନ୍ତି। ସେଠାରେ ଉପସ୍ଥିତ ପୋଲିସ କର୍ମଚାରୀମାନେ ତାଙ୍କୁ ଅଟକାଇବା ସହିତ ତାଙ୍କଠାରୁ ଏକ ପ୍ଲାଷ୍ଟିକ ବୋତଲରେ ଥିବା ପେଟ୍ରୋଲ ଓ ଦିଆସିଲିକୁ ଜବତ କରିଛନ୍ତି। ଖବରପାଇ ଏସ୍‌ପି ଅଭିନବ ସୋନକର କାର୍ଯ୍ୟାଳୟରେ ପହଞ୍ଚି ମହିଳାଙ୍କ ଅଭିଯୋଗ ଶୁଣିଛନ୍ତି। ମହିଳା ଜଣକ ସଦର ଥାନା ଓ ଟାଉନ ଥାନା ପୋଲିସ ଅଧିକାରୀଙ୍କ ବ୍ୟବହାରରେ ଅତିଷ୍ଠ ହୋଇ ଏପରି ଉଦ୍ୟମ କରିଥିବା କହିଛନ୍ତି। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ନିଜ ଅନୁଭୂତି ବଖାଣି ଥାନାକୁ ଆସୁଥିବା ସାଧାରଣ ଲୋକଙ୍କୁ ପୋଲିସ ଅଧିକାରୀ ଓ କର୍ମଚାରୀମାନେ ଭୟଭୀତ କିମ୍ବା ଖରାପ ବ୍ୟବହାର ନ କରି ସହଯୋଗ କରିବାକୁ ତାଗିଦ କରିଥିଲେ। ଏପରି କି ଏ ସମ୍ପର୍କିତ କୌଣସି ଅଭିଯୋଗ ଆସିଲେ ତୁରନ୍ତ ☞ପୃଷ୍ଠା–୨




ବିଜ୍ଞାନର ପ୍ରଚାରପ୍ରସାର ସହ ଅନ୍ଧବିଶ୍ୱାସ ବିରୋଧରେ ସଚେତନତା ସୃଷ୍ଟି ପାଇଁ ସାରା ଦେଶରେ ଶନିବାର ଅନୁଷ୍ଠିତ 'ଇଣ୍ଡିଆ ମାର୍ଚ୍ଚ ଫର୍ ସାଇନ୍ସ' ପରିପ୍ରେକ୍ଷୀରେ ବିଜ୍ଞାନ ଚେତନା ମଞ୍ଚ ପକ୍ଷରୁ ଭୁବନେଶ୍ୱରସ୍ଥିତ ରିଜିଓନାଲ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଏଜୁକେଶନ ଗେଟ୍‌ଠାରୁ ଆଚାର୍ଯ୍ୟବିହାରର ସାଇନ୍ସ ପାର୍କ ଛକ ଅଭିମୁଖେ ବାହାରିଥିବା ପଦଯାତ୍ରାରେ ଛାତ୍ରୀଛାତ୍ରମାନେ ସଚେତନତା ବାର୍ତ୍ତା ଦେଉଛନ୍ତି। (ଫଟୋ– ବିକାଶ ନାୟକ)

## ଶ୍ରୀମନ୍ଦିର ପରିସରରେ ହେବ ସ୍ତନ୍ୟପାନ ଗୃହ

**ପୁରୀ, ୨୩।୮ (ଅଜିତ୍ କୁମାର ମହାନ୍ତି)**

ଶ୍ରୀମନ୍ଦିର ପରିସରରେ ଶିଶୁମାନଙ୍କ ପାଇଁ ସ୍ତନ୍ୟପାନ ଗୃହ ନିର୍ମାଣ ନିମନ୍ତେ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ନିଷ୍ପତ୍ତି ନିଆଯାଇଛି। ମହାପ୍ରଭୁଙ୍କ ଦର୍ଶନ ପାଇଁ ରାଜ୍ୟ ତଥା ରାଜ୍ୟ ବାହାରୁ ପ୍ରତିଦିନ ଶ୍ରୀମନ୍ଦିରକୁ ବହୁସଂଖ୍ୟକ ଭକ୍ତ ଓ ଶ୍ରଦ୍ଧାଳୁ ଆସୁଛନ୍ତି। ଭକ୍ତମାନଙ୍କ ମଧ୍ୟରେ ଅନେକ ମା' ନିଜ ଶିଶୁଙ୍କୁ ନେଇ ମହାପ୍ରଭୁଙ୍କ ଦର୍ଶନ ନିମନ୍ତେ ଆସିଥାନ୍ତି। ସେମାନେ ଏନେଇ ଅନେକ ସମୟରେ ସମସ୍ୟାର ସମ୍ମୁଖୀନ ହୋଇଥାନ୍ତି। ତେଣୁ ସ୍ତନ୍ୟପାନ ଉପରେ ନିର୍ଭରଶୀଳ ଶିଶୁମାନଙ୍କ ଆବଶ୍ୟକତାକୁ ନଜରରେ ରଖି ଶ୍ରୀମନ୍ଦିର ପରିସରରେ ଏକ ସ୍ୱତନ୍ତ୍ର ସ୍ତନ୍ୟପାନ ଗୃହ କରାଯିବାକୁ ଯୋଜନା କରାଯାଇଛି। ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଡ. ଅରବିନ୍ଦ ପାଢ଼ୀ, ବିଦାୟୀ ଆରକ୍ଷୀ ଅଧୀକ୍ଷକ ପିନାକ ମିଶ୍ର, ନୀତି ପ୍ରଶାସକ ଜିତେନ୍ଦ୍ର ସାହୁ, ବରିଷ୍ଠ ସୁପରଭାଇଜର୍ ବଚ୍ଛି ପ୍ରତିହାରୀ, ସହକାରୀ ପ୍ରଶାସିକା ଶୁଭଶ୍ରୀ ସୁଚିସ୍ମିତା ଏବଂ ଅନ୍ୟ ଅଧିକାରୀ ଏ ସମ୍ବନ୍ଧରେ ଆଲୋଚନା କରି ଏହି ସ୍ୱତନ୍ତ୍ର ଗୃହ ସ୍ଥାପନ ପାଇଁ ସ୍ଥାନ ନିରୂପଣ ☞ପୃଷ୍ଠା–୨

## ଟ୍ରକ ଆଗରେ ଶୋଇ ଜୀବନ ହାରିଲେ ଯୁବକ

**ଗୋପାଳପୁର, ୨୩।୮ (ନବୀନ ରାଜ ଆଚାରୀ)**

ଗଞ୍ଜାମ ଜିଲା ସୁମାଣ୍ଡି ଛକଠାରୁ ଜଗନ୍ନାଥପୁର ଛକ ୧୬ନଂ. ଜାତୀୟ ରାଜପଥର ଗୋପାଳପୁର ଓଭରବ୍ରିଜ ନିକଟରେ ଶନିବାର ଅପରାହ୍ନରେ ଜଣେ ଯୁବକ ଟ୍ରକ ଆଗରେ ଶୋଇପଡ଼ି ଜୀବନ ହାରିଛନ୍ତି। ତାଙ୍କ ଉପରେ ଟ୍ରକ ଚଢ଼ିଯିବାରୁ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ଘଟିଛି। ମୃତକ ହେଲେ ଦିଗିପୁର ଗ୍ରାମର ଏସ. ପାପେୟା (୨୬)। ଏ ନେଇ ପୋଲିସ ଏକ ଦୁର୍ଘଟଣା ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି। ଖବରରୁ ଜଣାପଡ଼ିଛି, ଗୋପାଳପୁର ଥାନା ଅଧୀନ ଦିଗିପୁର ଗ୍ରାମର ପାପେୟା ଶନିବାର ଅପରାହ୍ନରେ କୌଣସି କାମରେ ବ୍ରହ୍ମପୁର ଯାଉଥିବା କହି ଘରୁ ବାଇକ୍‌ରେ ଆସିଥିଲେ। ଗୋପାଳପୁର ଓଭରବ୍ରିଜ ନିକଟରେ ବାଇକ୍ ରଖି ସେ ଆସୁଥିବା ଟ୍ରକ (ଏପି୩୭ଟିଇ–୨୦୭୯) ଆଗରେ ହଠାତ୍ ଶୋଇ ☞ପୃଷ୍ଠା–୨

# ବନ୍ଧାହେଲେ ଅଭିଯୋଗକାରୀ

**ଧର୍ମସ୍ଥଳ ଗଣକବର ମାମଲା**

**କର୍ଣ୍ଣାଟକର ଧର୍ମଶାଳାସ୍ଥିତ ଶ୍ରୀମଞ୍ଜୁନାଥ ଶୈବପୀଠରେ ୧୯୯୦ ଦଶକରୁ ୨୦୧୦ ଦଶକର ମଧ୍ୟଭାଗ ପର୍ଯ୍ୟନ୍ତ ଅନେକ ଶହ ସ୍ୱଳ୍ପବୟସ୍କା, ଯୁବତୀ ଓ ମହିଳାଙ୍କୁ ବଳାତ୍କାର ପରେ ହତ୍ୟା କରି ପୋତି ଦିଆଯାଇଥିବା ନେଇ ଗତ ଜୁଲାଇରେ ଅଭିଯୋଗ ଆସିଥିଲା। ଉକ୍ତ ମନ୍ଦିରରେ ୨୦୧୪ ପୂର୍ବରୁ ପ୍ରାୟ ୨୦ ବର୍ଷ ଧରି ସଫେଇ କର୍ମଚାରୀ ରହି ଆସିଥିବା ଜଣେ ବ୍ୟକ୍ତି ହଠାତ୍ ହ୍ୱିସିଲବ୍ଲୋୟର ସାଜି ଏଭଳି ଚାଞ୍ଚଲ୍ୟକର ଅଭିଯୋଗ ଆଣିବା ପରେ ଏହି ପ୍ରସଙ୍ଗ ଜାତୀୟ ତଥା ଅନ୍ତର୍ଜାତୀୟ ଗଣମାଧ୍ୟମର ଦୃଷ୍ଟି ଆକର୍ଷଣ କରିଥିଲା। ତାଙ୍କ ଅଭିଯୋଗକ୍ରମେ କର୍ଣ୍ଣାଟକ ସରକାର ଏକ ସ୍ୱତନ୍ତ୍ର ତଦନ୍ତକାରୀ ଟିମ୍ (ଏସ୍‌ଆଇଟି) ଗଠନ କରିଛନ୍ତି। ତଦନ୍ତ ବେଳେ ଗଣକବରରୁ ମଣିଷ କଙ୍କାଳ ଓ ଦେହାବଶେଷ ମଧ୍ୟ ଜବତ ହୋଇଥିଲା। ହ୍ୱିସିଲବ୍ଲୋୟରଙ୍କ ବୟାନ ଓ ସେ ଦାଖଲ କରିଥିବା ଦସ୍ତାବିଜରେ ତାଳମେଳ ନ ଥିବାରୁ ଶନିବାର ତାଙ୍କୁ ଗିରଫ କରାଯାଇଥିବା ଏସ୍‌ଆଇଟି କହିଛି। ପ୍ରାୟ ଦେଢ଼ମାସ ଧରି ଯେଉଁ ହ୍ୱିସିଲବ୍ଲୋୟରଙ୍କ ନାମ ଗୋପନ ରଖି ମୁହଁ ଢାଙ୍କି କୋର୍ଟକୁ ନିଆଯାଉଥିଲା, ତାଙ୍କୁ ଏସ୍‌ଆଇଟି ହଠାତ୍ ଅଭିଯୁକ୍ତ ଦର୍ଶାଇ ଗିରଫ କରିବା ପରେ ତଦନ୍ତର ସ୍ୱଚ୍ଛତାକୁ ନେଇ ସନ୍ଦେହ ଉପୁଜିଲାଣି। ଏହି ପ୍ରସଙ୍ଗରେ ଶାସକ କଂଗ୍ରେସ ଓ ଭାଜପା ମୁହାଁମୁହିଁ ହୋଇଛନ୍ତି। ସିଦ୍ଧାରାମାୟା ସରକାର ତଦନ୍ତକୁ ବାଟବଣା ଉଦ୍ୟମ କରୁଥିବା ଭାଜପା ଅଭିଯୋଗ ଆଣିଥିବାବେଳେ ବିରୋଧୀ ଦଳ କର୍ଣ୍ଣାଟକକୁ ବଦ୍‌ନାମ କରିବା ପାଇଁ ଷଡ଼ଯନ୍ତ୍ର ରହିଥିବା କଂଗ୍ରେସ ସମାଲୋଚନା କରିଛି।**

**ମାଙ୍ଗାଲୁରୁ, ୨୩।୮**

କର୍ଣ୍ଣାଟକର ମନ୍ଦିର ସହର ଧର୍ମସ୍ଥଳରେ ବହୁସଂଖ୍ୟାରେ ମହିଳା, କମ୍ ବୟସ୍କା ଓ ଯୁବତୀଙ୍କୁ ବଳାତ୍କାର ଓ ହତ୍ୟା ପରେ ସେମାନଙ୍କୁ ପୋତିଦିଆଯାଇଥିବା ନେଇ ସେଠାକାର ପୂର୍ବତନ ସଫେଇ କର୍ମଚାରୀ ସି.ଏନ୍. ଚିନ୍ନାୟା ଗତ ମାସ ୩ ତାରିଖରେ ଅଭିଯୋଗ ଆଣିଥିଲେ, ଯାହା ସାରା ଦେଶରେ ଚାଞ୍ଚଲ୍ୟ ଖେଳାଇ ଦେଇଥିଲା। ଏଭଳି କୁତ୍ସିତ କାର୍ଯ୍ୟ ୨ ଦଶନ୍ଧିରୁ ଊର୍ଦ୍ଧ୍ୱ ସମୟ ଧରି ଚାଲିଥିବା ସେ କହିଥିଲେ। ହ୍ୱିସିଲବ୍ଲୋୟରଙ୍କ



ସି.ଏନ୍. ଚିନ୍ନାୟା

ଅଭିଯୋଗ ନ୍ୟାୟରୁ ବଞ୍ଚିତ ଅନେକ ଶହ ସ୍ୱଳ୍ପବୟସ୍କା, ଯୁବତୀ ଓ ମହିଳାଙ୍କ ପୋତିହୋଇ ରହିଥିବା ବେଦନାକୁ ଉଜାଗର କରିଥିବା କୁହାଯାଇଥିଲା। ତାଙ୍କର ବିଧିବଦ୍ଧ ଅଭିଯୋଗ ପରେ କର୍ଣ୍ଣାଟକ ସରକାର ଘଟଣାର ତଦନ୍ତ ପାଇଁ ସ୍ୱତନ୍ତ୍ର ତଦନ୍ତକାରୀ ଟିମ୍ (ଏସ୍‌ଆଇଟି) ଗଠନ କରିଥିଲେ। ତେବେ ଏସ୍‌ଆଇଟି ଶନିବାର ଅଭିଯୋଗକାରୀ ଚିନ୍ନାୟାଙ୍କୁ ଗିରଫ କରିବା ଘଟଣାକୁ ନୂଆ ମୋଡ଼ ଦେଇଛି। ଅଦାଲତରେ ହାଜର ପରେ ତାଙ୍କୁ ୧୦ ଦିନ ପାଇଁ ପୋଲିସ ହାଜତକୁ ପଠାଇ ଦିଆଯାଇଛି। ଏସ୍‌ଆଇଟି ଏବଂ ଏହାର ମୁଖ୍ୟ ପ୍ରଣବ ମହାନ୍ତି ଶୁକ୍ରବାର ଅଭିଯୋଗକାରୀଙ୍କୁ ଜେରା କରିଥିଲେ। ତାଙ୍କ ବୟାନ ଓ ସେ ଦାଖଲ କରିଥିବା ଦସ୍ତାବିଜ୍‌ରେ ତାଳମେଳ ନ ରହିବାରୁ ତାଙ୍କୁ ଗିରଫ କରାଯାଇଥିବା ଏସ୍‌ଆଇଟି କହିଛି।

ତଦନ୍ତ ଜାରି ରହିଥିବାରୁ ଅଧିକ ବିବରଣୀ ଦିଆଯାଇପାରିବ ନାହିଁ ବୋଲି ଗୃହମନ୍ତ୍ରୀ ଜି. ପରମେଶ୍ୱର ଗଣମାଧ୍ୟମକୁ କହିଛନ୍ତି। ମାମଲା ପଛରେ କୌଣସି ର୍‌ୟାକେଟ୍ ସମ୍ପୃକ୍ତ କି ନୁହେଁ, ଏସ୍‌ଆଇଟି ତାହାର ତଦନ୍ତ କରିବା ଆବଶ୍ୟକ। କେବଳ ଚୂଡ଼ାନ୍ତ ରିପୋର୍ଟରୁ ସବିଶେଷ ତଥ୍ୟ ମିଳିପାରିବ। ଅନ୍ୟପକ୍ଷରେ କର୍ଣ୍ଣାଟକ ଭାଜପା ମାମଲାର ତଦନ୍ତ ଦାୟିତ୍ୱ ଜାତୀୟ ତଦନ୍ତକାରୀ ସଂସ୍ଥା (ଏନ୍‌ଆଇଏ)କୁ ଦେବା ପାଇଁ ଦାବି କରିଛି। ଅଭିଯୋଗକାରୀଙ୍କ ପଛରେ ଷଡ଼ଯନ୍ତ୍ରକାରୀ, ବିଦେଶୀ ହାତ କିମ୍ବା ପାଣ୍ଠି ଥାଇପାରେ। ତାହାକୁ ପଦାକୁ ଆଣିବାକୁ ହେଲେ ଏନ୍‌ଆଇଏ ତଦନ୍ତ ଆବଶ୍ୟକ ବୋଲି ମୁଖ୍ୟ ବିରୋଧୀ ଦଳ କହିଛି।

ଅଭିଯୋଗକାରୀ ହ୍ୱିସିଲ୍‌ବ୍ଲୋୟର ଗିରଫ ଘଟଣାକୁ ଧର୍ମସ୍ଥଳ ମଞ୍ଜୁନାଥ ସ୍ୱାମୀ ମନ୍ଦିରର ଧର୍ମାଧିକାରୀ ବୀରେନ୍ଦ୍ର ହେଗଡେ ସ୍ୱାଗତ କରିଛନ୍ତି। ସତ୍ୟ ପଦାକୁ ଆସିବା ଆରମ୍ଭ ହୋଇଛି ବୋଲି ସେ କହିଛନ୍ତି। ଏସ୍‌ଆଇଟି ଅଭିଯୋଗକାରୀଙ୍କୁ ବେଲ୍‌ଥାଙ୍ଗଡି କୋର୍ଟରେ ହାଜର କରାଇବା ପରେ ହେଗଡେ ଉପସ୍ଥିତ ଲୋକଙ୍କୁ କହିଥିଲେ, ମନ୍ଦିର ସହର ଭିତ୍ତିହୀନ ଅଭିଯୋଗର ସମ୍ମୁଖୀନ ହୋଇଆସୁଛି। ଏହା ଶ୍ରଦ୍ଧାଳୁ ଓ ଅନ୍ୟମାନଙ୍କ ପାଇଁ ବିପଦ ସୃଷ୍ଟି କରିଥିଲା। ଶନିବାରର ଘଟଣାରୁ ସତ୍ୟ ଉପରେ ଭରସା ସୃଷ୍ଟି ହୋଇଛି ଓ ନ୍ୟାୟ ବଜାୟ ରହିବ ବୋଲି ଧର୍ମାଧିକାରୀ କହିଛନ୍ତି।

ସୂଚନାଯୋଗ୍ୟ, ଦକ୍ଷିଣ କନ୍ନଡ ଜିଲା ପୋଲିସ ଅଧୀକ୍ଷକଙ୍କ ନିକଟରେ ☞ପୃଷ୍ଠା–୨

## ବିପଦସଙ୍କେତ ଉପରେ ବୈତରଣୀ, ଫୁଲୁଛି ସୁବର୍ଣ୍ଣରେଖା

**ଭଣ୍ଡାରିପୋଖରୀ (ରାଜେନ୍ଦ୍ର ଶତପଥୀ)/ ଭୋଗରାଇ, (ପ୍ରଦୀପ ଦାସ), ୨୩।୮**

୪ ଦିନ ଧରି ବର୍ଷା ଲାଗି ରହିବାରୁ ବୈତରଣୀ ନଦୀର ଜଳସ୍ତର ଭଦ୍ରକ ଜିଲା ଭଣ୍ଡାରିପୋଖରୀ ବ୍ଲକ ଆଖୁଆପଦା ଆନିକଟଠାରେ ବିପଦସଙ୍କେତ ଟପିଛି। ସେହିପରି ଝାଡ଼ଖଣ୍ଡର ଗାଲୁଡ଼ିହି ବ୍ୟାରେଜରୁ ପାଣି ଛଡ଼ାଯିବାରୁ ସୁବର୍ଣ୍ଣରେଖା ନଦୀର ଜଳସ୍ତର ବାଲେଶ୍ୱର ଜିଲା ଜଳେଶ୍ୱର ବ୍ଲକ ରାଜଘାଟଠାରେ ବୃଦ୍ଧି ପାଉଛି। ଶନିବାର ଅପରାହ୍ନରେ ଭଦ୍ରକ ଜିଲା ଭଣ୍ଡାରିପୋଖରୀ ବ୍ଲକ ଆଖୁଆପଦା ଆନିକଟଠାରେ ନଦୀ ବିପଦସଙ୍କେତ ୧୮.୩୩ ମିଟର ଅତିକ୍ରମ କରିଥିଲା। ରାତି ୯ଟା ସୁଦ୍ଧା ଜଳସ୍ତର ୧୮.୫୦ ମିଟର ଛୁଇଁଥିଲା। ଫଳରେ ଚଳିତବର୍ଷ ଏହି ନଦୀରେ ୩ୟ ବନ୍ୟା ଆସିଛି। ନଦୀର ଜଳସ୍ତର ଘଣ୍ଟା ପ୍ରତି ୫ ମି.ମି. ବେଗରେ ବୃଦ୍ଧି ପାଉଛି। ଗତ ୨୪ଘଣ୍ଟା ମଧ୍ୟରେ ନଦୀର ଉପରମୁଣ୍ଡ ଚମ୍ପୁଆରେ ୬୩.୬୬ ମି.ମି., ସ୍ୱାମପାଟଣାରେ ୧୯.୮ ମି.ମି., ଆନନ୍ଦପୁରରେ ୬୮.୨ ମି.ମି. ଓ ଆଖୁଆପଦାରେ ୩୮.୧୨ ମି.ମି. ବର୍ଷା ରେକର୍ଡ କରାଯାଇଛି। ଏହି ବନ୍ୟା ମଧ୍ୟମଧରଣର ହେବ ଓ ବନ୍ୟାଜଳ ସର୍ବାଧିକ ୧୮.୯୦ ମିଟର ହୋଇପାରେ ବୋଲି ଆଖୁଆପଦା ଜଳସମ୍ପଦ କାର୍ଯ୍ୟାଳୟ ବନ୍ୟା ନିୟନ୍ତ୍ରଣ କକ୍ଷ ☞ପୃଷ୍ଠା–୨






**ଆଜିର ସମ୍ପାଦକୀୟ**

ଭାରତର ପାକ୍ ନୀତି

## ନବୀନଙ୍କୁ ଭେଟି ସ୍ୱାସ୍ଥ୍ୟାବସ୍ଥା ବୁଝିଲେ ମୁଖ୍ୟମନ୍ତ୍ରୀ

**ବିଧାନସଭା ସୁରୁଖୁରୁରେ ଚଳାଇବା ନେଇ ସହଯୋଗ ଲୋଡ଼ିଲେ**

**ଭୁବନେଶ୍ୱର, ୨୩।୮ (ସୁନିତ୍ ମିଶ୍ର)**

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଶନିବାର ନବୀନ ନିବାସ ଯାଇ ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକଙ୍କୁ ଭେଟିଛନ୍ତି। ଏହି ଅବସରରେ ସେ ନବୀନଙ୍କ ସୁସ୍ଥତା କାମନା କରିବା ସହ ତାଙ୍କ ସ୍ୱାସ୍ଥ୍ୟାବସ୍ଥା କିପରି ଅଛି ବୋଲି ପଚାରିଥିଲେ। ଉତ୍ତରରେ ସୁସ୍ଥ ଅନୁଭବ କରୁଛନ୍ତି ବୋଲି ନବୀନ କହିଥିବା ଜଣାପଡ଼ିଛି। ମୁଖ୍ୟମନ୍ତ୍ରୀ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ନବୀନଙ୍କ ସୁସ୍ଥ ନିରାମୟ ଜୀବନ ନିମନ୍ତେ ପ୍ରାର୍ଥନା କରୁଥିବା କହିଛନ୍ତି। ସୂଚନାଯୋଗ୍ୟ, ବିରୋଧୀ ଦଳ ନେତା ଅସୁସ୍ଥ ଥିବାରୁ ସେ ଏକ ଘରୋଇ ହସ୍ପିଟାଲରେ ଚିକିତ୍ସିତ ହୋଇ ନିକଟରେ ଫେରିଛନ୍ତି। ମୁଖ୍ୟମନ୍ତ୍ରୀ ନବୀନ ନିବାସ ଯାଇ ତାଙ୍କୁ ସାକ୍ଷାତକରି ସ୍ୱାସ୍ଥ୍ୟ ଅବସ୍ଥା ବିଷୟରେ




ପଚାରି ବୁଝିଛନ୍ତି। ଉଭୟ ନେତାଙ୍କ ମଧ୍ୟରେ ପ୍ରାୟ ୧୦ ମିନିଟ୍ ଧରି ଆଲୋଚନା ହୋଇଛି। ମୁଖ୍ୟମନ୍ତ୍ରୀ କହିଛନ୍ତି, ଦିଲ୍ଲୀ ଗସ୍ତ ସମୟରେ ପ୍ରଧାନମନ୍ତ୍ରୀଙ୍କ ସହ ସାକ୍ଷାତ କରିବା ସମୟରେ ☞ପୃଷ୍ଠା–୨

## ବିବାହ ନିମନ୍ତ୍ରଣ କାର୍ଡ ଖୋଲି ୧.୯ ଲକ୍ଷ ଟଙ୍କା ହରାଇଲେ

**ମୁମ୍ବାଇ, ୨୩।୮**

ମହାରାଷ୍ଟ୍ରର ଜଣେ ସରକାରୀ କର୍ମଚାରୀ ହ୍ୱାଟ୍ସଆପ୍‌ରେ ଏକ ନକଲି ବିବାହ ନିମନ୍ତ୍ରଣ କାର୍ଡ ଖୋଲି ୧ ଲକ୍ଷ ୯୦ ହଜାର ଟଙ୍କା ହରାଇଛନ୍ତି। ଠକେଇର ସମ୍ମୁଖୀନ ହୋଇଥିବା ବ୍ୟକ୍ତି ଜଣକ ମହାରାଷ୍ଟ୍ରର ହିଙ୍ଗୋଲି ଜିଲାର ହୋଇଥିବାବେଳେ ତାଙ୍କୁ ହ୍ୱାଟ୍ସଆପ୍‌ରେ ଏକ ଅଜଣା ଫୋନ୍ ନମ୍ବରରୁ ମେସେଜ୍ ଆସିଥିଲା। ସେ ଚାଟ୍ ଖୋଲିବା ପରେ ସେଥିରେ ଲେଖା ହୋଇଥିଲା, 'ବିବାହରେ ନିଶ୍ଚିତ ଆସିବେ, ଆପଣଙ୍କୁ ସ୍ୱାଗତ କରିବା ପାଇଁ ଅପେକ୍ଷାରେ ରହିଛୁ। ପ୍ରେମ ହେଉଛି ଏପରି ଏକ ଚାବି, ଯାହା ଖୁସିର ଦ୍ୱାର ଖୋଲିଥାଏ।' ଉକ୍ତ ମେସେଜ୍ ତଳେ ଏକ ବିବାହ ନିମନ୍ତ୍ରଣ କାର୍ଡ ରହିଥିଲା, ଯାହା ଏକ ପୋର୍ଟେବଲ ଡକ୍ୟୁମେଣ୍ଟ ଫର୍ମାଟ (ପିଡିଏଫ୍) ଫାଇଲ ପରି ଦେଖାଯାଉଥିଲା।




ପୀଡ଼ିତ ବ୍ୟକ୍ତି ଜଣଙ୍କ କୌତୂହଳବଶତଃ ଉକ୍ତ ଫାଇଲରେ କ୍ଲିକ୍ କରିବା ପରେ ତାଙ୍କ ଫୋନରେ ଏକ ଆଣ୍ଡ୍ରଏଡ୍ ଆପ୍ଲିକେଶନ ପ୍ୟାକେଜ୍ (ଏପିକେ) ଫାଇଲ ଇନ୍‌ଷ୍ଟଲ ହୋଇଯାଇଥିଲା। ଫଳରେ ସାଇବର ଅପରାଧୀମାନେ ☞ପୃଷ୍ଠା–୨


No. T-71

**ଓଡ଼ିଶା ସରକାର**

**ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ**

**ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠ**

**ଜନସାଧାରଣଙ୍କ ନିମନ୍ତେ ବିଶେଷ ସୂଚନା**

ଏତଦ୍ୱାରା ରାଜ୍ୟର ସମସ୍ତ ଜନସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ଆସନ୍ତା ସୋମବାର, ଇଂରାଜୀ ତା25.08.2025ରିଖ ଦିନ ମୁଖ୍ୟମନ୍ତ୍ରୀଙ୍କ ଅନ୍ୟାନ୍ୟ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ ଥିବାରୁ ଅଭିଯୋଗ ଶୁଣାଣି ବନ୍ଦ ରହିବ। ପରବର୍ତ୍ତୀ ଅଭିଯୋଗ ଶୁଣାଣିର ତାରିଖ ଜନସାଧାରଣଙ୍କୁ ସମ୍ବାଦପତ୍ର ମାଧ୍ୟମରେ ଜଣାଇ ଦିଆଯିବ।

**ଅତିରିକ୍ତ ମୁଖ୍ୟ ଶାସନ ସଚିବ**
**ସାଧାରଣ ପ୍ରଶାସନ ଓ**
**ସାଧାରଣ ଅଭିଯୋଗ ବିଭାଗ**

OIPR–09014/11/0186/2526

# ଆଜି କ'ଣ କେଉଁଠି

## ଭୁବନେଶ୍ୱର

- ଓୟୁଏଟିର ୬୪ତମ ଫାଉଣ୍ଡେଶନ ଦିବସ ପାଳନ, ସ୍ଥାନ: କୃଷି ଶିକ୍ଷା ସଦନ,ସମୟ: ପୂର୍ବାହ୍ନ ୧୦ଟା ୩୦।
- ଆଇଏମ୍‌ବି ପକ୍ଷରୁ ଓରିଏଣ୍ଟେଶନ୍ ପ୍ରୋଗ୍ରାମ୍-ଆଇଏମ୍‌ବି ଇଗ୍ନାଇଟ୍ ୨୦୨୫, ସ୍ଥାନ: ଆଇଏମ୍‌ବି ଏକଲବ୍ୟ ସେମିନାର୍ ହଲ୍, ରସୁଲଗଡ଼, ସମୟ: ପୂର୍ବାହ୍ନ ୧୦ ଟା ୩୦।
- ଭାରତୀୟ ବିଦ୍ୟା ଭବନ ପକ୍ଷରୁ ବିସିସିଏମ୍‌ର ସମ୍ମିଳନୀ ସମାରୋହ ୨୦୨୫, ସ୍ଥାନ: ବିସିସିଏମ୍ ମୁନ୍‌ସି ହଲ୍, ୟୁନିଟ୍ ୯, ଖାରବେଳନଗର, ସମୟ: ପୂର୍ବାହ୍ନ ୧୧ ଟା।
- ପକ୍ଷୀଘର ପ୍ରକାଶନୀ ପକ୍ଷରୁ 'ଫେରିବାକୁ ହେବ' ପୁସ୍ତକ ଲୋକାର୍ପଣ, ସ୍ଥାନ: ହୋଟେଲ୍ ଆର୍ଯ୍ୟ ପ୍ୟାଲେସ, ସମୟ: ସନ୍ଧ୍ୟା ୬ ଟା।
- ରାଜ୍ୟସ୍ତରୀୟ ଆତ୍ମୋତ୍ସର୍ଗ ଦିବସ ସମାରୋହ, ସ୍ଥାନ: ସୂଚନା ଭବନ, ସମୟ: ସନ୍ଧ୍ୟା ୬ ଟା।
- ପଦ୍ମଶ୍ରୀ ସଞ୍ଜୁକ୍ତା ପାଣିଗ୍ରାହୀଙ୍କ ୮୧ତମ ଜନ୍ମ ବାର୍ଷିକ ଉତ୍ସବ, ସ୍ଥାନ: ରବୀନ୍ଦ୍ର ମଣ୍ଡପ, ସମୟ: ସନ୍ଧ୍ୟା ୭ ଟା।

## କଟକ

- ବିଦ୍ୟାଳୟସ୍ତରୀୟ ମାଟ୍ରିକ୍ ଟପ୍ପରଙ୍କୁ ଡାଳିଯୋଡ଼ା ସାହିତ୍ୟ ସଂସଦ ଚୌଦ୍ୱାର ପକ୍ଷରୁ ସମ୍ବର୍ଦ୍ଧନା, ସ୍ଥାନ: କଳିଙ୍ଗ ବିଦ୍ୟାପୀଠ, ସମୟ ପୂର୍ବାହ୍ନ ୧୦ଟା।
- ହାଇକୋର୍ଟ ପକ୍ଷରୁ ଜିଲା ଜଜ୍‌ମାନଙ୍କ ସମ୍ମିଳନୀର ଉଦ୍‌ଯାପନ ସମାରୋହ, ସ୍ଥାନ: ଜୁଡିସିଆଲ ଏକାଡେମୀ, ସମୟ: ମଧ୍ୟାହ୍ନ ୧୨ଟା ୪୫।
- ବୈକୁଣ୍ଠ ସାହିତ୍ୟ ସଂସଦର ପାରମ୍ପରିକ ମୌସୁମୀ ଆସର, ସ୍ଥାନ: ରାଜ ବିଶ୍ୱମ୍ଭର କ୍ଲବ, ବଡ଼ମ୍ବା, ସମୟ: ଅପରାହ୍ନ ୨ଟା।
- ବସୁଧୈବ କୁଟୁମ୍ବକମ୍ ମିଶନ୍‌ର ୧୧୧ତମ ଅଧିବେଶନ, ସ୍ଥାନ: ଦି ଲିଙ୍କ ଆଇ ହସ୍ପିଟାଲ ସମ୍ମିଳନୀ କକ୍ଷ, ଲିଙ୍କ ରୋଡ୍, ସମୟ : ଅପରାହ୍ନ ୪ଟା ୩୦।

## ପୁରୀ

- ସାଇ ଏକାଡେମୀର କ୍ରୀଡ଼ା ଛାତ୍ରାବାସ ଓ ଟେନିସ କୋର୍ଟ ଉଦ୍‌ଘାଟନ, ସ୍ଥାନ: ମୂଳଅଳସା, ସାକ୍ଷୀଗୋପାଳ, ସମୟ: ଅପରାହ୍ନ ୪ଟା।

## ବାଲେଶ୍ୱର

- ରାଜ୍ୟସ୍ତରୀୟ କରାଟେ ଚାମ୍ପିୟନଶିପ୍ ଉଦ୍‌ଯାପନୀ ଦିବସ, ସ୍ଥାନ: ବିଜୁ ପଟ୍ଟନାୟକ ଇନ୍‌ଡୋର ଷ୍ଟାଡିୟମ୍, ବାଲେଶ୍ୱର, ସମୟ: ସକାଳ ୯ଟା।
- ବିଶାଳ ରକ୍ତଦାନ ଶିବିର, ସ୍ଥାନ: ରକ୍ତଭଣ୍ଡାର, ଜିଲା ମୁଖ୍ୟ ଚିକିତ୍ସାଳୟ, ବାଲେଶ୍ୱର, ସମୟ: ସକାଳ ୯ଟା।

## ଭଦ୍ରକ

- ବଣିକ ସଂଘ ପକ୍ଷରୁ ରକ୍ତଦାନ ଶିବିର, ସ୍ଥାନ: ବିଜୁ ସ୍ମୃତି ଭବନ, ଚାନ୍ଦବାଲି, ସମୟ: ପୂର୍ବାହ୍ନ ୧୧ଟା।
- କଂଗ୍ରେସର କର୍ମୀ ସମ୍ମିଳନୀ ଓ ମିଶ୍ରଣ ପର୍ବ, ସ୍ଥାନ: ଜଳେଶ୍ୱରପୁର, ଚାନ୍ଦବାଲି, ସମୟ: ସନ୍ଧ୍ୟା ୭ଟା।

## ମୟୂରଭଞ୍ଜ

- ଦୁର୍ଗାପୂଜା ପ୍ରସ୍ତୁତି ବୈଠକ, ସ୍ଥାନ: ଚିତ୍ରଡ଼ା ବସ୍‌ଷ୍ଟାଣ୍ଡ, ମୋରଡ଼ା, ସମୟ: ସନ୍ଧ୍ୟା ୭ ଟା।
- ହ୍ୟାଣ୍ଡଲୁମ୍ ଫେବ ପ୍ରଦର୍ଶନୀ ମେଳା, ସ୍ଥାନ: ଛଉ ପଡ଼ିଆ, ସମୟ: ପୂର୍ବାହ୍ନ ୧୧ଟା।

## ବ୍ରହ୍ମପୁର

- ଜିଲାସ୍ତରୀୟ ସ୍କୁଲ ବକ୍ସିଂ ଚାମ୍ପିୟନଶିପ, ସ୍ଥାନ: କେ.ସି.ହାଇସ୍କୁଲ ଗୋଷାଣୀନୂଆଗାଁ, ସମୟ: ସକାଳ ୮.୩୦।
- ବିଇଏମ୍‌ସି ପକ୍ଷରୁ କ୍ରିକେଟ ଟୁର୍ଣ୍ଣାମେଣ୍ଟ, ସ୍ଥାନ: ଖଲିକୋଟ ବିଶ୍ୱବିଦ୍ୟାଳୟ ଷ୍ଟାଡିୟମ, ସମୟ: ସକାଳ ୮ଟା ୩୦।
- କଳା ଝଲକ ପ୍ରତିଯୋଗିତା, ସ୍ଥାନ: ଗଞ୍ଜାମ କଳା ପରିଷଦ, ସମୟ: ସକାଳ ୮.୩୦।
- ସ୍ୱାସ୍ଥ୍ୟ ଶିବିର, ସ୍ଥାନ: ଅରବିନ୍ଦ ନଗର, ସମୟ: ସକାଳ ୯.୩୦।
- ଗରିମା ପ୍ରକୋଷ୍ଠ ଉନ୍‌ଘାଟନୀ, ସ୍ଥାନ: ଗୋଲାପଲୀ ସାହି ଓ ପୁରୁଣା ବ୍ରହ୍ମପୁର, ସମୟ: ଅପରାହ୍ନ ୩ ଟା।
- ପୁସ୍ତକ ଉନ୍ମୋଚନ ପର୍ବ, ସ୍ଥାନ: ନୂଆ ବସଷ୍ଟାଣ୍ଡ ଗୋକର୍ଣ୍ଣେଶ୍ୱର ମନ୍ଦିର ପ୍ରାଙ୍ଗଣ, ସମୟ: ଅପରାହ୍ନ ୪.୩୦।
- ସିନ୍ଦୂର ଫେଷ୍ଟିଭାଲ, ସ୍ଥାନ: ଗଞ୍ଜାମ କଳା ପରିଷଦ, ସମୟ: ଅପରାହ୍ନ ୫ ଟା।

## କନ୍ଧମାଳ

- ଭାରତୀୟ ମଜଦୁର ସଂଘର ବୈଠକ, ସ୍ଥାନ: ଦାରିଙ୍ଗିବାଡି ପଞ୍ଚାୟତ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୧ଟା।
- ଗର୍ଭ ସଂସ୍କାର କାର୍ଯ୍ୟକ୍ରମ, ସ୍ଥାନ: ଫୁଲବାଣୀ ଗାୟତ୍ରୀ ମନ୍ଦିର ପରିସର, ସମୟ: ପୂର୍ବାହ୍ନ ୧୦ଟା।

## ଗଜପତି

- ମାଗଣା ସ୍ୱାସ୍ଥ୍ୟ ଶିବିର, ସ୍ଥାନ: କାଶୀନଗର ବ୍ଲକ୍ କେତିଙ୍ଗ ଗ୍ରାମ, ସମୟ: ସକାଳ ୯ ଟା।
- ସ୍ୱାୟତ୍ତ ଶାସନ ଦିବସ ପାଳନ ଅବସରରେ କ୍ରିକେଟ ଟୁର୍ଣ୍ଣାମେଣ୍ଟ, ସ୍ଥାନ: ଏସ୍‌କେସିଜି ଖେଳ ପଡ଼ିଆ ପାରଳାଖେମୁଣ୍ଡି, ସମୟ: ସକାଳ ୯ ଟା।

## ଢେଙ୍କାନାଳ

- ନିତା ନୃତ୍ୟାଙ୍ଗନା ପକ୍ଷରୁ ନୂଆଖାଇ-୨୦୨୫, ସ୍ଥାନ: ଗୋପବନ୍ଧୁ ଟାଉନହଲ, ଢେଙ୍କାନାଳ, ସମୟ: ସକାଳ ୯ଟା।
- ଶ୍ରୀଜଗନ୍ନାଥ କୃପା ମହୋତ୍ସବର ପ୍ରସ୍ତୁତି ବୈଠକ, ସ୍ଥାନ: ଦଧିବାବନଜୀଉ ମଠ, ଢେଙ୍କାନାଳ, ସମୟ: ଅପରାହ୍ନ ୪ଟା।

## ଜଗତ୍‌ସିଂହପୁର

- ପାରାଦୀପ ପୌରପରିଷଦ ପକ୍ଷରୁ ସ୍ୱାୟତ୍ତଶାସନ ଉପଲକ୍ଷେ ସମୂହ ସଫେଇ କାର୍ଯ୍ୟକ୍ରମ,ସ୍ଥାନ: ବଡ଼ପଡ଼ିଆ ବଜାର, ପାରାଦୀପ, ସମୟ: ସକାଳ ୭ ଟା।
- ପ୍ରଜାପିତା ଈଶ୍ୱରୀୟ ବିଶ୍ୱବିଦ୍ୟାଳୟ ଆଶ୍ରମ ପକ୍ଷରୁ ରକ୍ତଦାନ ଶିବିର, ସ୍ଥାନ: ଆଶ୍ରମ ପରିସର, ମଧୁବନ, ପାରାଦୀପ, ସମୟ: ସକାଳ ୮ଟା।
- ନବସୃଜନ ଓ ଷ୍ଟାର୍ଟଅପ ସଚେତନତା କାର୍ଯ୍ୟକ୍ରମ, ସ୍ଥାନ: ପାରାଦୀପ କଲେଜ, ନୂଆବଜାର, ପାରାଦୀପ, ସମୟ: ପୂର୍ବାହ୍ନ ୧୧ଟା।

## କେନ୍ଦ୍ରାପଡ଼ା

- କେନ୍ଦ୍ରାପଡ଼ା ସାଇକେଲ କ୍ଲବ ପକ୍ଷରୁ ସ୍ୱାସ୍ଥ୍ୟ ସଚେତନତା କାର୍ଯ୍ୟକ୍ରମ, ସ୍ଥାନ: ପୁରୁଣା ବସଷ୍ଟାଣ୍ଡ, ସମୟ: ସକାଳ ୬ଟା।
- ଗରଜଙ୍ଗା ଦେବସ୍ଥାନମ ଚାରିଟେବୁଲ ଟ୍ରଷ୍ଟ ପକ୍ଷରୁ ଶ୍ରୀ ଜଗନ୍ନାଥ ପୀଠର ବାର୍ଷିକ ଉତ୍ସବ, ସ୍ଥାନ: ବଡପାଳ ଗଡା, ମହାକାଳପଡା, ସମୟ: ସକାଳ ୭ଟା।
- ବନଫୁଲ ସାହିତ୍ୟ ମହୋତ୍ସବ, ସ୍ଥାନ: ସାନ୍ଧ୍ୟ ମହାବିଦ୍ୟାଳୟ, ତିନିମୁହାଣୀ, କେନ୍ଦ୍ରାପଡା ସହର, ସମୟ: ପୂର୍ବାହ୍ନ ୧୦ଟା।
- ମାଆ ପାଇଁ ଗଛଟିଏ କାର୍ଯ୍ୟକ୍ରମ, ସ୍ଥାନ: ଜରିମୂଳ, ରାଜନଗର, ସମୟ: ପୂର୍ବାହ୍ନ ୧୦ଟା।

## ଯାଜପୁର

- ଉତ୍କଳ ସାମ୍ବାଦିକ ସଂଘ ଦଶରଥପୁର ବ୍ଲକ ଶାଖାର ଦ୍ୱିତୀୟ ବାର୍ଷିକ ଉତ୍ସବ, ସ୍ଥାନ: ମଙ୍ଗଳପୁରସ୍ଥିତ ଥାଲକୁଡି ବିଜୁ କଲ୍ୟାଣ ମଣ୍ଡପ ପରିସର, ସମୟ: ପୂର୍ବାହ୍ନ ୧୧ଟା।

## ନୟାଗଡ଼

- ପ୍ରଜାପିତା ବ୍ରହ୍ମା କୁମାରୀ ଈଶ୍ୱରୀୟ ବିଶ୍ୱ ବିଦ୍ୟାଳୟ ପକ୍ଷରୁ ରକ୍ତଦାନ ଶିବିର, ସ୍ଥାନ: ଖଣ୍ଡପଡା ବ୍ଲକର ଖଳିସାହି ଶିବସ୍ମୃତି ଭବନ , ସମୟ: ପୂର୍ବାହ୍ନ ୧୦ଟା।
- ଭାରତ ବିକାଶ ପରିଷଦ ପକ୍ଷରୁ ମାଗଣା ଚକ୍ଷୁ ପରୀକ୍ଷଣ ଓ ଚଷମା ବଣ୍ଟନ କାର୍ଯ୍ୟକ୍ରମ, ସ୍ଥାନ:ଖଣ୍ଡପଡା ବ୍ଲକର ଗୋଛାବାରୀ, ସମୟ: ପୂର୍ବାହ୍ନ ୧୦ଟା।
- ସଂସ୍କୃତ ସମ୍ଭାଷଣ ପ୍ରଶିକ୍ଷଣର ୪ର୍ଥ ଦିବସ, ସ୍ଥାନ: ନୟାଗଡ ବ୍ଲକ ବରପଲ୍ଲୀ ହାଇସ୍କୁଲ, ସମୟ: ପୂର୍ବାହ୍ନ ୧୧ଟା, ସ୍ଥାନ: ନୟାଗଡ ବ୍ଲକ ସଜନାପଡା ହାଇସ୍କୁଲ, ସମୟ: ପୂର୍ବାହ୍ନ ୧୦ଟା ୩୦।
- ସଂସ୍କୃତ ସମ୍ଭାଷଣ ପ୍ରଶିକ୍ଷଣର ୨ୟ ଦିବସ, ସ୍ଥାନ: ନୟାଗଡ ରାମକୃଷ୍ଣ ଆଦର୍ଶ ଶିକ୍ଷାକେନ୍ଦ୍ର, ସମୟ: ପୂର୍ବାହ୍ନ ୧୦ଟା ୩୦।

## ରାୟଗଡ଼ା

- ଉତ୍କଳ ସମ୍ମିଳନୀର ସାଧାରଣ ପରିଷଦ ବୈଠକ, ସ୍ଥାନ: ରାୟଗଡ଼ା ଲାୟନ୍ସ କ୍ଲବ, ସମୟ: ପୂର୍ବାହ୍ନ ୧୦ଟା।

## ନବରଙ୍ଗପୁର

- ଶହୀଦ ସ୍ମୃତି ଦିବସ, ସ୍ଥାନ:ପାପଡ଼ାହାଣ୍ଡି ଶହୀଦ ମିନାର, ସମୟ: ସକାଳ ୯ଟା।

## କୋରାପୁଟ

- ରକ୍ତଦାନ ଶିବିର, ସ୍ଥାନ: ଶିବଜ୍ୟୋତି ଭବନ, ସମ୍ବାରତୋଟା, ଜୟପୁର, ସମୟ: ପୂର୍ବାହ୍ନ ୧୦ଟା।
- ସେତୁବନ୍ଧ ସୁରକ୍ଷା ସମିତିର ଖବରଦାତା ସମ୍ମିଳନୀ, ସ୍ଥାନ: ଏରାସାନ୍ତାଗୁଡା ସଦର ମଣ୍ଡପ, ପଟ୍ଟାଙ୍ଗି, ସମୟ: ପୂର୍ବାହ୍ନ ୧୧ଟା।

## ସମ୍ବଲପୁର

- ସମ୍ବଲପୁର ଜିଲା କ୍ରିକେଟ ସଂଘ ଆୟୋଜିତ ଜୁନିୟର ବାଳକ କ୍ରିକେଟ ଟୁର୍ଣ୍ଣାମେଣ୍ଟର ସେମିଫାଇନାଲ ମ୍ୟାଚ, ସ୍ଥାନ : ହାୱା ମଇଦାନ, ସମୟ : ସକାଳ ୯ଟା।
- ରାଷ୍ଟ୍ର ନିର୍ମାଣରେ ଯୁବ ପ୍ରସ୍ତୁତି ପ୍ରଶିକ୍ଷଣ ଶିବିର, ସ୍ଥାନ: ପବ୍ଲିକ ଲାଇବ୍ରେରୀ ପ୍ରେକ୍ଷାଳୟ, ସମୟ : ସକାଳ ୯ଟା।
- ଓଡ଼ିଶା ସାଂସ୍କୃତିକ ସମାଜ ପକ୍ଷରୁ ନୂଆଁଖାଇ ଭେଟଘାଟ ସକାଶେ ଚିତ୍ରାଙ୍କନ ପ୍ରତିଯୋଗିତା, ସ୍ଥାନ : ସ୍ୱାଧୀନତା ସଂଗ୍ରାମୀ ସ୍ମୃତି ଭବନ, ସମୟ: ସକାଳ ୯ଟା।
- ଗଣେଷ ଚତୁର୍ଥୀ ସକାଶେ କାନଭାସରେ ଶ୍ରୀଗଣେଷ କର୍ମଶାଳା, ସ୍ଥାନ : ଗୁଜୁରାଟି କଲୋନୀ ସ୍ଥିତ ଆର୍ଟ କର୍ଣ୍ଣର ପରିସର, ସମୟ : ସକାଳ ୯ଟା।
- ସମ୍ବଲପୁରୀ ଲେଖକ ପରିଷଦ ପକ୍ଷରୁ ପଦ୍ମଶ୍ରୀ ବିନୋଦ ପଶାୟତଙ୍କ ଶ୍ରଦ୍ଧାଞ୍ଜଳି ସଭା, ସ୍ଥାନ : ସାମ୍ବାଦିକ ଭବନ, ସମୟ : ପୂର୍ବାହ୍ନ ୧୦ଟା।
- ବାପା ଛେଉଣ୍ଡ ଅସହାୟ ଶିଶୁଙ୍କ ସକାଶେ ଶିକ୍ଷା କର୍ମଶାଳା, ସ୍ଥାନ : ବଂସରା କଲ୍ୟାଣ ଆଶ୍ରମ, ସମୟ : ପୂର୍ବାହ୍ନ ୧୧ଟା।
- ଯବାନ ଇ ହିନ୍ଦ କ୍ଲବ ଆୟୋଜନରେ ସ୍ୱରାଞ୍ଜଳି କାର୍ଯ୍ୟକ୍ରମ, ସ୍ଥାନ : ଓଡିଶା ସାଂସ୍କୃତିକ ସମାଜ ଭବନ, ସମୟ : ସନ୍ଧ୍ୟା ୬ଟା ୩୦।

## ବଲାଙ୍ଗୀର

- ସତ୍ୟନାରାୟଣ ସ୍ମୃତିକମିଟି ପକ୍ଷରୁ 'ନାରୀ ନିର୍ଯାତନା ଓ ସଶକ୍ତିକରଣ' ବିଷୟରେ ଆଲୋଚନାଚକ୍ର, ସ୍ଥାନ: ସାମ୍ବାଦିକ ଭବନ, ବଲାଙ୍ଗୀର, ସମୟ: ପୂର୍ବାହ୍ନ ୧୧ ଟା।

## ରାଉରକେଲା

- ସ୍ୱଭାବ କବି ଗଙ୍ଗାଧର ମେହେରଙ୍କ ସ୍ମୃତିରେ ସାରସ୍ୱତ ସମାରୋହ କାର୍ଯ୍ୟକ୍ରମ, ସ୍ଥାନ: ସେକ୍ଟର-୬ ବୌଦ୍ଧିକ ମଣ୍ଡପ, ସମୟ: ସକାଳ ୮ଟା।
- ଶିଶୁ ମହୋତ୍ସବ ଓ କବି ସମ୍ମିଳନୀ, ସ୍ଥାନ: ଧାମରା ସଂଘ, ଛେଣ୍ଡ, ସମୟ: ପୂର୍ବାହ୍ନ ୧୦ଟା ୩୦।
- ସିପିଆଇ ପକ୍ଷରୁ ଜିଲା ସମ୍ମିଳନୀ ଉଦ୍‌ଯାପନ, ସ୍ଥାନ: ସେକ୍ଟର-୫ ଭଞ୍ଜ ଭବନ, ସମୟ: ପୂର୍ବାହ୍ନ ୧୧ଟା।
- ଚିତ୍ରାଙ୍କନ ପ୍ରତିଯୋଗିତା ଓ ମଡେଲ ପ୍ରସ୍ତୁତି, ସ୍ଥାନ: ସେକ୍ଟର-୩ ୟୁଥ୍ ହଷ୍ଟେଲ ଅଫ୍ ଇଣ୍ଡିଆ, ସମୟ: ଅପରାହ୍ନ ୩ଟା।
- ସତ୍‌ସଙ୍ଗ ବିହାରରେ ମାତୃ ସମ୍ମିଳନୀ, ସ୍ଥାନ: ଛେଣ୍ଡ ସତ୍‌ସଙ୍ଗ କେନ୍ଦ୍ର, ସମୟ: ସନ୍ଧ୍ୟା ୬ଟା ୩୦।

## ସୁନ୍ଦରଗଡ଼

- ଶିକ୍ଷା ବିକାଶ ସମିତି ପକ୍ଷରୁ ମଣ୍ଡଳ ସ୍ତରୀୟ ଦ୍ୱିଦିବସୀୟ ବିଜ୍ଞାନ ମେଳାର ଉଦ୍‌ଯାପନୀ ସମାରୋହ, ସ୍ଥାନ: ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର, ସୁନ୍ଦରଗଡ, ସମୟ: ସକାଳ ୯ଟା ୪୫।

## ବରଗଡ଼

- ପ୍ରଜାପତି ବ୍ରହ୍ମ କୁମାରୀ ସଂସ୍ଥା ପକ୍ଷରୁ ରକ୍ତ ଦାନ ଶିବିର, ସ୍ଥାନ:ପଦ୍ମପୁର ମେହେର ପଡ଼ା ସ୍ଥିତ ବ୍ରହ୍ମ କୁମାରୀ ଆଶ୍ରମ, ସମୟ:ସକାଳ ୯ଟା।
- ୧ଟଙ୍କିଆ ସଙ୍ଗୀତ ସ୍କୁଲର ବାର୍ଷିକ ଉତ୍ସବ, ସ୍ଥାନ:ପଦ୍ମପୁର ରାଜାଜୀ ଟାଉନହଲ, ସମୟ: ସକାଳ ୧୦ଟା ୩୦।

## ବୌଦ୍ଧ

- ମେଗା ରକ୍ତଦାନ ଶିବିର, ସ୍ଥାନ: ଦିବ୍ୟପ୍ରକାଶ ଭବନ ରାଜବାଟି, ବୌଦ୍ଧ, ସମୟ: ସକାଳ ୯ଟା।

## ଦେବଗଡ଼

- ସତ୍ୟସାଇ ମନ୍ଦିର କମିଟି ପକ୍ଷରୁ ନଗର କୀର୍ତ୍ତନ ପରିକ୍ରମା, ସ୍ଥାନ: ଦେବଗଡ଼ ସହର, ସମୟ: ପ୍ରାତଃ ୪ଟା।
- ବିଧାୟକଙ୍କ ଅଭିଯୋଗ ଶୁଣାଣି, ସ୍ଥାନ: ତିଲେଇବଣୀ ବ୍ଲକ କଲ୍ୟାଣ ମଣ୍ଡପ, ସମୟ: ପୂର୍ବାହ୍ନ ୧୦ଟା।
- ତ୍ରିନାଥ ମେଳା, ସ୍ଥାନ: ଦେବଗଡ଼ ସହରସ୍ଥିତ ବାବୁସାହି, ସମୟ: ସନ୍ଧ୍ୟା ୬ଟା।
- ମା' କନକ ଦୁର୍ଗାଙ୍କ ସନ୍ଧ୍ୟା ଆଳତି, ସ୍ଥାନ: ଦେବଗଡ଼ ମଠସାହିସ୍ଥିତ ମା' କନକ ଦୁର୍ଗା ମନ୍ଦିର, ସମୟ: ସନ୍ଧ୍ୟା ୭ଟା।

## ସୁବର୍ଣ୍ଣପୁର

- ତରଭା ଅନ୍ତର୍ଡା ତ୍ରିନାଥ ମନ୍ଦିରରେ ତ୍ରିନାଥ ମେଳା ଓ ପୁରାଣ ପଠନ, ସ୍ଥାନ: ମନ୍ଦିର ପରିସର, ସମୟ: ସନ୍ଧ୍ୟା ୬ଟା।

## ନୂଆପଡ଼ା

- ଜିଲା ରାଜସ୍ୱ ଅମଲା ସଂଘ ଧାରଣା ଚତୁର୍ଦ୍ଦଶ ଦିବସ, ସ୍ଥାନ: ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖ, ସମୟ: ପୂର୍ବାହ୍ନ ୧୦ଟା।
- ୮ତମ ନୂଆପଡ଼ା କପ୍ ଫୁଟ୍‌ବଲ ଟୁର୍ଣ୍ଣାମେଣ୍ଟ ସେମିଫାଇନାଲ ମ୍ୟାଚ, ସ୍ଥାନ: ମିନି ଷ୍ଟାଡିୟମ ନୂଆପଡ଼ା, ସମୟ: ଅପରାହ୍ନ ୪ଟା।

## ଝାରସୁଗୁଡ଼ା

- ବ୍ରହ୍ମକୁମାରୀ ଅନୁଷ୍ଠାନ ପକ୍ଷରୁ ରକ୍ତଦାନ ଶିବିର, ସ୍ଥାନ: ଗୋଶାଳାସ୍ଥିତ ବ୍ରହ୍ମକୁମାରୀ ପୀଠ, ସମୟ: ସକାଳ ୮ଟା।
- ଭାଗବତ ପ୍ରବଚନ, ସ୍ଥାନ:ସର୍ବାହାଲ ଜଗନ୍ନାଥ ମନ୍ଦିର, ସମୟ: ପୂର୍ବାହ୍ନ ୧୦ଟା।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** ଆଜିର ପାରିପାର୍ଶ୍ୱିକ ପରିସ୍ଥିତି ଭଲ ରହିବା କାରଣରୁ କାମଗୁଡିକ ସହଜରେ ସମ୍ପନ୍ନ ହୋଇଯିବ। ଆତ୍ମୀୟଙ୍କ ଅନୁରୋଧବଶତଃ ଦୂରଯାତ୍ରା କରିବାକୁ ପଡିପାରେ। ସାମାଜିକ ସ୍ତରରେ ସାହିତ୍ୟ, ସଙ୍ଗୀତ, ଚଳଚ୍ଚିତ୍ର ଓ ରଚନାତ୍ମକ କାର୍ଯ୍ୟରେ ଅଗ୍ରଗତି ଘଟିବ। ପଡ଼ୋଶୀମାନେ ଈର୍ଷାନ୍ୱିତ ହୋଇ ସାଧାରଣ କଥାରେ କଳହ କରିପାରନ୍ତି।

**ବୃଷ** ସ୍ୱାସ୍ଥ୍ୟହାନି, ବନ୍ଧୁମାନଙ୍କ ବେଖାତିର ମନୋଭାବ ଓ ଅର୍ଥ ସଂକଟଜନିତ ମନ ଅଶାନ୍ତ ରହିବ। ପରିସ୍ଥିତି ଅନୁଯାୟୀ କେତେକ କ୍ଷେତ୍ରରେ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେବାକୁ ପଡ଼ିପାରେ। ଆନୁଷ୍ଠାନିକ କ୍ଷେତ୍ରରେ ଗଠନମୂଳକ କାର୍ଯ୍ୟର ଗତି ମନ୍ଥର ହେବ। ଆଗାମୀ ଆନୁଷ୍ଠାନିକ କାମ ସକାଶେ ଘର ସାଜସଜ୍ଜାରେ ବ୍ୟସ୍ତ ରହିପାରନ୍ତି।

**ମିଥୁନ** ଆଜି କାର୍ଯ୍ୟସିଦ୍ଧି ସାଙ୍ଗକୁ ଜମିଜମା କାରବାରରେ ଆଶା ପୂରଣ ହୋଇପାରିବ। ବିଭିନ୍ନ ପ୍ରକାରର ସମସ୍ୟା ଲାଗି ରହିଥିଲେ ମଧ୍ୟ କାମଗୁଡିକ ଠିକ୍ ସମୟରେ କରିପାରିବେ। ଅନ୍ୟମନସ୍କତା ପରିହାର କରି ଯାନବାହନ ଚାଳନାରେ ସତର୍କତା ଅବଲମ୍ବନ କରନ୍ତୁ। ପାରିବାରିକ କ୍ଷେତ୍ରରେ ଅର୍ଥାଭାବ କେତେକ କାମକୁ ଅଟକାଇ ଦେଇପାରେ।

**କର୍କଟ** ସ୍ୱାସ୍ଥ୍ୟ ସମସ୍ୟା ଲାଗିରହିଥିଲେ ମଧ୍ୟ ପରିସ୍ଥିତିବଶତଃ କାମରେ ଅବହେଳା କରିପାରିବେ ନାହିଁ। ତଥାପି ଏମିତି କେତେକ ଅପ୍ରୀତିକର ପରିସ୍ଥିତିର ସମ୍ମୁଖୀନ ହେବାକୁ ପଡ଼ିପାରେ। ବ୍ୟବସାୟିକ ସ୍ଥିତି ସୁଦୃଢ଼ ରହିବ କିନ୍ତୁ ରାଜନୈତିକ ସ୍ଥିତି ସରଗରମ ରହିବ। ସମ୍ପର୍କୀୟମାନଙ୍କ ସହ ମିତ୍ରତା ବନ୍ଧନରେ ଆବଦ୍ଧ ହେବେ।

**ସିଂହ** ଦୈହିକ ସ୍ୱାସ୍ଥ୍ୟ ଭଲ ରହିବ ଏବଂ ବିଶିଷ୍ଟବ୍ୟକ୍ତିଙ୍କ ସାନ୍ନିଧ୍ୟରୁ ଖୁସି ହେବେ। ସରକାରୀ ସ୍ତରରୁ ସାହାଯ୍ୟ, ସହଯୋଗ ପାଇବାର ଆଶା ରହିଛି। ପରିବାରରେ ଆର୍ଥିକ ଅନଟନ, ରୋଗ, ଋଣ ଓ ପରୋକ୍ଷ ଶତ୍ରୁତା ଯୋଗୁ ବ୍ୟସ୍ତତା ବୃଦ୍ଧି ପାଇବ। ମାଲିମକଦ୍ଦମାରେ ବିଚାର ବିଳମ୍ବିତ ହେବା କାରଣରୁ ମନ ଉଦ୍‌ବେଗଯୁକ୍ତ ରହିପାରେ।

**କନ୍ୟା** ସବୁ ସୁବିଧା ଥାଇ ମଧ୍ୟ ପାରିବାରିକ ଜୀବନରେ ମାନସିକ ଶାନ୍ତିର ଅଭାବ ଅନୁଭବ କରିବେ। କେତେକ କ୍ଷେତ୍ରରେ ବନ୍ଧୁଙ୍କ ସହଯୋଗରୁ ଉତ୍ସାହିତ ହେବେ। ଗୃହ ନିର୍ମାଣ କିମ୍ବା ମରାମତିରେ ପଡ଼ୋଶୀଙ୍କ ନିକଟରୁ ସାହାଯ୍ୟ ମଧ୍ୟ ପାଇବେ। କର୍ମକ୍ଷେତ୍ରରେ ଯେସାକୁ ତେସା ନୀତିରେ କାମ କରି ଅପ୍ରିୟତା ଅର୍ଜନ କରିପାରନ୍ତି।

**ତୁଳା** ପାରିପାର୍ଶ୍ୱିକ ପରିସ୍ଥିତି ଭଲ ନ ଥିଲେ ମଧ୍ୟ ଆଜି କୌଣସି କାମ ଅଟକିବ ନାହିଁ। ବନ୍ଧୁଙ୍କ ପରାମର୍ଶରେ ସମାଧାନର ରାସ୍ତା ବାହାର କରିବେ। ମାଲିମକଦ୍ଦମାରେ ଆପୋସ ଆଲୋଚନା ଦ୍ୱାରା ସମସ୍ୟାର ସମାଧାନ ହୋଇଯିବ। କର୍ମକ୍ଷେତ୍ରରେ ଅପ୍ରିୟ ସତକଥା କହି ବିରୋଧୀ ହୋଇପାରନ୍ତି।

**ବିଛା** ପ୍ରତ୍ୟେକ କ୍ଷେତ୍ରରେ ମନ ଅନୁଯାୟୀ କାମ ନ ହେବାରୁ ବ୍ୟସ୍ତ ହେବେ। ବିଭିନ୍ନ ପ୍ରକାରର ପାରିବାରିକ ସମସ୍ୟା ବିଷୟ ଚିନ୍ତାକରି ମନ ଭାରାକାନ୍ତ ରହିବ। କ୍ରୀଡ଼ା, ପ୍ରତିଯୋଗିତା, ଲେଖାପଢ଼ା, ସାହିତ୍ୟ,ସାମ୍ବାଦିକତା କ୍ଷେତ୍ରରେ ସଫଳତା ମିଳିପାରେ। ପ୍ରିୟଜନଙ୍କ ସହ ଅର୍ଥ ସମ୍ପର୍କକୁ କେନ୍ଦ୍ରକରି ତର୍କର ସମ୍ମୁଖୀନ ହେବାର ସୂଚନା ରହିଛି।

**ଧନୁ** ଆଜି କର୍ମାରମ୍ଭ, ବନ୍ଧୁମିଳନ, ପାରିବାରିକ, ପ୍ରଶାସନ, ଯାନବାହନ, ନିର୍ମାଣ ଓ ଯାତ୍ରାରୁ ସୁଫଳ ପାଇବେ। କିନ୍ତୁ ଆଲୋଚନା ଅବକାଶରେ କଠୋର କଥା କହି କିମ୍ବା ବ୍ୟବହାର ବନ୍ଧୁଙ୍କ ମନରେ ଆଘାତ ଦେବ। ଅଫିସ କାମରେ ବ୍ୟସ୍ତ ରହି ଘରର ଆବଶ୍ୟକତାକୁ ଭୁଲିଯିବେ। ରାଜନୀତି, ସାଂଗଠନିକ, ପ୍ରଶାସନିକ ସ୍ତରରେ ପ୍ରଶଂସିତ ହେବେ।

**ମକର** କର୍ମପରିସର ବୃଦ୍ଧି କାରଣରୁ ଘରର ଅସମ୍ପୂର୍ଣ୍ଣ କାମ ପୂର୍ଣ୍ଣାଙ୍ଗ କରିବାରେ ବିଳମ୍ବ ଘଟିବ। ସମସ୍ୟା ତ ଅନେକ ରହିଛି ତଥାପି ବନ୍ଧୁଙ୍କ ଜରିଆରେ କାମ ହାସଲ ମଧ୍ୟ କରିବେ। ରୋଜଗାର ବୃଦ୍ଧି ପାଇବ ଓ କୌଣସି କ୍ଷେତ୍ରରେ ତାହାକୁ ବିନିଯୋଗ କରି ଉପକୃତ ହେବେ। ଆନୁଷ୍ଠାନିକ କ୍ଷେତ୍ରରେ କିମ୍ବା ଗଠନମୂଳକ କାର୍ଯ୍ୟରୁ ପ୍ରଶଂସିତ ହେବେ।

**କୁମ୍ଭ** ଆଜି ଆତ୍ମୀୟଙ୍କ ସହଯୋଗରେ ସହଜ ଓ ସୁବିଧାରେ କାମଗୁଡିକ ସମ୍ପନ୍ନ ହୋଇଯିବ। ଶିଳ୍ପ, ବାଣିଜ୍ୟ, ବ୍ୟବସାୟ ଓ ପରିବହନ ପାଇଁ ବିଶେଷ ଅସୁବିଧା ହେବ ନାହିଁ। ଅନ୍ୟମାନଙ୍କର ପ୍ରତିବନ୍ଧକ ଯୁକ୍ତ କାମ ଆପଣଙ୍କ କୌଣସି କାମକୁ ଅଟକାଇ ପାରିବ ନାହିଁ। ପରିବାରରେ ପୈତୃକ ସମ୍ପତ୍ତିକୁ କେନ୍ଦ୍ରକରି କଳହ ସୃଷ୍ଟି ହେବାର ସୂଚନା ରହିଛି।

**ମୀନ** ସ୍ୱାସ୍ଥ୍ୟ ସମସ୍ୟା ରହିଥିଲେ ମଧ୍ୟ ବନ୍ଧୁଙ୍କ ସହଯୋଗରେ କାମକୁ ଆଗେଇ ନେବେ। ଅସନ୍ତୁଷ୍ଟ ରହିଥିବା ନିଜର ଲୋକଙ୍କ କଦର୍ଯ୍ୟ ବ୍ୟବହାରରେ ଅସନ୍ତୁଷ୍ଟ ହୋଇପାରନ୍ତି। ଜଣେ ବନ୍ଧୁଙ୍କ ଉପସ୍ଥିତିକୁ କେନ୍ଦ୍ରକରି ପରିବାରରେ ମତାନ୍ତରଜନିତ ଝଗଡ଼ା ଲାଗିପାରେ। ବାଣିଜ୍ୟ, ନିର୍ମାଣ, ଶେୟାର ବଜାର, ପରିବହନରେ ଲାଭବାନ ହେବେ।

ଆଜି ଅଗଷ୍ଟ ୨୪ ତାରିଖ, ବିଶ୍ୱ ପାକଶାଳା ଉଦ୍ୟାନ ଦିବସ, (ଅଗଷ୍ଟ ଚତୁର୍ଥ ରବିବାର), ଭାଦ୍ରବ ଶୁକ୍ଳ ପ୍ରତିପଦା ଯୁକ୍ତ ଦ୍ୱିତୀୟା ରବିବାର, ଶ୍ରୀମନ୍ଦିରରେ ଦାବାଗ୍ନି ଲୀଳା, ଖୁଦୁରୁକୁଣୀ ଓଷା ତୃତୀୟ ପାଳି। ରାଶିନକ୍ଷତ୍ର-ପୂର୍ବଫାଲଗୁନୀ/ ସିଂହ, ଦ୍ୱିତୀୟାର ପାର୍ବଣ ଶ୍ରାଦ୍ଧ। ଦିବା ଘ.୦୫.୩୨ ଗତେ ଘ.୦୯.୪୩ ମଧ୍ୟେ, ଘ.୦୧.୨୨ ଗତେ ଘ.୦୧.୫୪ ମଧ୍ୟେ ଶୁଦ୍ଧ ଶୁଭ ବେଳା । ଅପରାହ୍ନ ଘ.୦୪.୩୦ ଗତେ ଘ.୦୬.୦୪ ମଧ୍ୟେ ରାହୁ କାଳ।

# ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)


**ଷାଠିଏ ଶ୍ଳୋକ ପଢ଼େ ଶୁଆ,**
**ବିଲେଇ ଦେଖିଲେ ଅଚାବୁଆ ।**

ନିଜର ଶତ୍ରୁକୁ ଦେଖିଲେ ଡରିଯିବା ସହ ହାକିମକୁ ଦେଖିଲେ ଚୁପ୍ ହୋଇଯାନ୍ତି। ତୁମ୍ଭିତୋଫାନ ଦେଖାଉଥିବା ବ୍ୟକ୍ତି ବେଳେବେଳେ ଅନ୍ୟକୁ ଦେଖିବା ମାତ୍ରେ ନିଜକୁ ଅତ୍ୟନ୍ତ ଅସହାୟ ତଥା ଦୁର୍ବଳ ମନେକରିଥାନ୍ତି। ସମାଜରେ ଭାଉ ଦେଖାଉଥିବା ବ୍ୟକ୍ତି ଏମିତି ଧରା ପଡ଼ିଯାଆନ୍ତି ବୋଲି ଏଠାରେ ଦର୍ଶାଯାଇଛି।

**ସକାଳ ମେଘ ମେଘ ନୁହେଁ,**
**ସକାଳ କୁଣିଆଁ କୁଣିଆଁ ନୁହେଁ ।**

ସାଧାରଣତଃ ସକାଳେ ହେଉଥିବା ମେଘ ସ୍ୱଳ୍ପ ବୃଷ୍ଟି କରି ଛାଡ଼ିଯାଉଥିବାର ଜଣାଯାଇଥାଏ। ସେହିପରି ସକାଳୁ ଆସୁଥିବା ଅତିଥି ବା କୁଣିଆ ଅଧିକ ସମୟ ପର୍ଯ୍ୟନ୍ତ ଘରେ ରହି ନ ଥାନ୍ତି ବୋଲି ବିଶ୍ୱାସ କରାଯାଉଥିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ - ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ



ଶନିବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗର ଚିତ୍ର।

# ପ୍ରଥମ ପୃଷ୍ଠାରୁ...

## ଏସ୍‌ପିଙ୍କ କାର୍ଯ୍ୟାଳୟରେ ...

ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ନେବାକୁ ଉଚ୍ଚପଦସ୍ଥ ଅଧିକାରୀଙ୍କୁ ସେ ନିର୍ଦ୍ଦେଶ ଦେଇଥିଲେ। ଏହାସତ୍ତ୍ୱେ ପୋଲିସର ଆଚରଣ ଓ ଉଚ୍ଚାରଣରେ ପରିବର୍ତ୍ତନ ଆସୁ ନ ଥିବା ଏହି ଘଟଣାରୁ ସ୍ପଷ୍ଟ ହେଉଛି। ଅଭିଯୋଗରୁ ଜଣାପଡ଼ିଛି, ଜଗତ୍‌ସିଂହପୁର ଅଞ୍ଚଳର ଲିଜା ସେଠୀ (୨୮) ଢେଙ୍କାନାଳ ସଦର ଥାନା ଅନ୍ତର୍ଗତ ଅଙ୍କରାନ୍ତିପୁର ଅଞ୍ଚଳର ଅମରନାଥ ଜେନାଙ୍କୁ ବିବାହ କରିଥିଲେ । ଉଭୟେ ଅନୁଗୋଳରେ ଭଡ଼ାରେ ରହୁଥିଲେ। ଢେଙ୍କାନାଳ ସହର ରାମେଶ୍ୱରପୁର ଅଞ୍ଚଳରେ ରହୁଥିବା ଲିଜାଙ୍କ ଜଣେ ସମ୍ପର୍କୀୟ ଦିଅର ତାଙ୍କୁ ଅସଭ୍ୟ ଭାଷାରେ ଗାଳିଗୁଲଜ କରିଥିଲେ। ଏ ନେଇ ଲିଜା ପ୍ରଥମେ ଟାଉନ ଥାନାରେ ଅଭିଯୋଗ କରିବାକୁ ଯିବାରୁ ପୋଲିସ ତାଙ୍କୁ ତାଙ୍କ ଶ୍ୱଶୁରଘର ଅଙ୍କରାନ୍ତିପୁର ହୋଇଥିବାରୁ ସଦର ଥାନାରେ ଅଭିଯୋଗ କରିବା ପାଇଁ କହିଥିଲେ। ସେ ସଦର ଥାନାରେ ଅଭିଯୋଗ କରିବାକୁ ଯିବାରୁ ପୋଲିସ ତାଙ୍କୁ ଅନୁଗୋଳ ଥାନାରେ ଅଭିଯୋଗ କରିବା ପାଇଁ କହିଥିଲେ। ନ୍ୟାୟ ପାଇଁ ଲିଜା କାକୁତିମିନତି ହୋଇ ଉଭୟ ଥାନା ଅଧିକାରୀମାନଙ୍କୁ କହିଥିଲେ ମଧ୍ୟ ତାଙ୍କୁ ନ୍ୟାୟ ମିଳି ନ ଥିଲା। ତେଣୁ ସେ ପେଟ୍ରୋଲ ଆଣି ଏସ୍‌ପିଙ୍କ କାର୍ଯ୍ୟାଳୟରେ ପହଞ୍ଚି ଆତ୍ମାହୁତି ଉଦ୍ୟମ କରିଥିଲେ ବୋଲି ଏସ୍‌ପିଙ୍କୁ ଜଣାଇଛନ୍ତି। ଅଭିଯୋଗ ଶୁଣିବା ପରେ ଏସ୍‌ପି ମହିଳାଙ୍କୁ ସୁରକ୍ଷିତ ଭାବରେ ତାଙ୍କ ଘରେ ନେଇ ଛାଡିବା ପାଇଁ ପୋଲିସ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେବା ସହିତ ଉଭୟ ଥାନାର ଅଧିକାରୀଙ୍କୁ ଡାକି ବର୍ଷିଥିବା ଜଣାପଡ଼ିଛି । ଏସ୍‌ପି ସୋନକର କହିଛନ୍ତି, ଘଟଣାର ତଦନ୍ତ କରିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି। ଆଇନ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ଯେଉଁ ପୋଲିସ ଅଧିକାରୀମାନେ ଅବହେଳା ପ୍ରଦର୍ଶନ କରିଛନ୍ତି, ସେମାନଙ୍କ ସମ୍ପର୍କରେ ତଦନ୍ତ କରି ରିପୋର୍ଟ ଦେବା ପାଇଁ ସଦର ଏସ୍‌ଡିପିଓଙ୍କୁ ନିର୍ଦ୍ଦେଶ ଦିଆଯାଇଛି । ରିପୋର୍ଟ ମିଳିବା ପରେ ପରବର୍ତ୍ତୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ମହିଳା ଜଣକ ପ୍ଲାଷ୍ଟିକ ବୋତଲରେ କେଉଁଠୁ ପେଟ୍ରୋଲ ଆଣିଲେ, ସେ ସମ୍ପର୍କରେ ମଧ୍ୟ ତଦନ୍ତ କରାଯିବ।

## ଶ୍ରୀମନ୍ଦିର ପରିସରରେ ...

କରିଛନ୍ତି। ଶ୍ରୀମନ୍ଦିର ପରିସର ପ୍ରଶାସନର ଶାଖା କାର୍ଯ୍ୟାଳୟ ନିକଟରେ ଏହା କାର୍ଯ୍ୟକ୍ଷମ ହେବାକୁ ନିଷ୍ପତ୍ତି ହୋଇଛି। ସମ୍ପୃକ୍ତ ଗୃହରେ ଗୋପନୀୟତା, ପରିମଳ ଏବଂ ମା' ତଥା ଶିଶୁଙ୍କ ସାଚ୍ଛନ୍ଦ୍ୟ ଉପରେ ଦୃଷ୍ଟି ଦିଆଯିବ। ଏହି ଗୃହ ପାଇଁ ଜଣେ ସ୍ୱତନ୍ତ୍ର ମହିଳା ସହାୟିକା ମଧ୍ୟ ରହିବେ। ଦୀର୍ଘଦିନ ଧରି ଏନେଇ ଦାବି ହୋଇ ଆସୁଥିବା ବେଳେ ବିଶେଷ କରି ମହିଳାଙ୍କ ପ୍ରତି ଉତ୍ତରଦାୟିତ୍ୱ ନିର୍ବାହ ପାଇଁ ଏହି ବ୍ୟବସ୍ଥା ତୁରନ୍ତ କାର୍ଯ୍ୟକାରୀ କରିବାକୁ ବିଭାଗୀୟ ଅଧିକାରୀମାନଙ୍କୁ ମୁଖ୍ୟ ପ୍ରଶାସକ ପାଢ଼ୀ ନିର୍ଦ୍ଦେଶ ଦେଇଥିବା ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ସୂଚନା ପ୍ରଦାନ କରାଯାଇଛି।

## ଟ୍ରକ ଆଗରେ ଶୋଇ ...

ପଡ଼ିଥିଲେ। ଫଳରେ ଟ୍ରକ ତାଙ୍କ ଉପରେ ଚଢ଼ି ଯାଇଥିଲା। ଅତ୍ୟଧିକ ରକ୍ତସ୍ରାବ ହୋଇ ଘଟଣା ସ୍ଥଳରେ ପାପେୟାଙ୍କ ମୃତ୍ୟୁ ଘଟିଥିଲା। ଖବରପାଇ ଗୋପାଳପୁର ପୋଲିସ ସେଠାରେ ପହଞ୍ଚି ମୃତଦେହ ଜବତ କରି ବ୍ରହ୍ମପୁର ବଡ଼ମେଡ଼ିକାଲ ପଠାଇଥିଲା। ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। ଏନେଇ ପାପେୟାଙ୍କ ବାପା ଗୋପାଳପୁର ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଏହାକୁ ଭିତ୍ତି କରି ନଂ. ୨୯୮/୨୫ରେ ପୋଲିସ ମାମଲା ରୁଜୁ କରି ଟ୍ରକକୁ ନିଜ ହେପାଜତକୁ ନେଇ ତଦନ୍ତ ଆରମ୍ଭ କରିଛି।

## ନବୀନଙ୍କୁ ଭେଟି ସ୍ୱାସ୍ଥ୍ୟାବସ୍ଥା...

ନବୀନବାବୁଙ୍କ ସ୍ୱାସ୍ଥ୍ୟାବସ୍ଥା କେମିତି ଅଛି ବୋଲି ପ୍ରଧାନମନ୍ତ୍ରୀ ପଚାରିଥିଲେ। ସେହି ସମୟରେ ନବୀନ ମୁମ୍ବାଇରେ ଚିକିତ୍ସାଧୀନ ଥିଲେ। ମୁଖ୍ୟମନ୍ତ୍ରୀ ଆଗାମୀ ବିଧାନସଭା ଅଧିବେଶନ ଯେପରି ସୁରୁଖୁରୁରେ ପରିଚାଳିତ ହେବ, ସେଥିନେଇ ତାଙ୍କ ସହଯୋଗ କାମନା କରିଥିଲେ।

## ବନ୍ଧାହେଲେ...


ଜୁଲାଇ ୩ରେ ପ୍ରଥମେ ହ୍ୱିସିଲବ୍ଲୋୟର ଲିଖିତ ଅଭିଯୋଗରେ ଦର୍ଶାଇଥିଲେ, ନିର୍ମମ ବର୍ବରତା ଓ ଯୌନ ଉତ୍ପୀଡ଼ନର କ୍ଷତଚିହ୍ନଗୁଡ଼ିକୁ ଲୁଚାଇବା ପାଇଁ ପୀଡ଼ିତାମାନଙ୍କ ମୃତଦେହକୁ ଗୋପନୀୟ ଭାବେ ପୋତିଦେବାକୁ ତାଙ୍କୁ ବାଧ୍ୟ କରାଯାଉଥିଲା। ପ୍ରାୟ ୨୦ ବର୍ଷ ଧରି ତାଙ୍କୁ ଜବରଦସ୍ତ ଉକ୍ତ କାର୍ଯ୍ୟରେ ନିୟୋଜିତ କରାଯାଇଥିଲା। ଏହାର ପ୍ରାୟ ୧ ଦଶନ୍ଧି ପରେ ସେ ଅନୁତପ୍ତ ହୋଇ ଉକ୍ତ ଜଘନ୍ୟ ଅପରାଧର ପର୍ଦ୍ଦାଫାଶ କରିବା ପାଇଁ ଫେରିଛନ୍ତି। ଯୁବତୀ ଓ ମହିଳାମାନଙ୍କୁ ୧୯୯୫ରୁ ୨୦୧୪ ପର୍ଯ୍ୟନ୍ତ ବଳାତ୍କାର କରାଯିବା ପରେ ହତ୍ୟାକରି ସେମାନଙ୍କ ମୃତଦେହଗୁଡ଼ିକୁ ପୋତାଯାଉଥିଲା। ପୀଡ଼ିତାମାନଙ୍କୁ ନ୍ୟାୟ ପ୍ରଦାନ ପାଇଁ ସେଠାରୁ ଅନେକ ଶହ ମୃତଦେହ ଖୋଳିବାକୁ ହ୍ୱିସିଲବ୍ଲୋୟର ଦାବି କରିଥିଲେ। ତାଙ୍କ କହିବା ଅନୁଯାୟୀ, ନଦୀକୂଳରେ ସେ କେତେଜଣ ମହିଳାଙ୍କ ଗଳିତ ମୃତଦେହ ଠାବ କରିଥିଲେ। ସେତେବେଳେ ସେ ଏହାକୁ ଆତ୍ମହତ୍ୟା କିମ୍ବା ଦୁର୍ଘଟଣାଜନିତ ମୃତ୍ୟୁ ବୋଲି ଧରିନେଇଥିଲେ। କିନ୍ତୁ ମହିଳାଙ୍କ ବିବସ୍ତ୍ର ମୃତଦେହଗୁଡ଼ିକରେ କ୍ଷତଚିହ୍ନ ଦେଖି ତାଙ୍କ ମନକୁ ପାପ ଛୁଇଁଥିଲା। ୧୯୯୮ରେ ତାଙ୍କୁ ଗୋପନୀୟ ଭାବେ ଏଭଳି ମୃତଦେହ ଲୁଚାଇବାକୁ କୁହାଯାଇଥିଲା। ସେ ମନା କରିବାରୁ ତାଙ୍କୁ ମାଡ଼ ମରାଯାଇଥିଲା ଓ ଧମକ ଦିଆଯାଇଥିଲା।

## ବିବାହ ନିମନ୍ତ୍ରଣ କାର୍ଡ ...

ପୀଡ଼ିତଙ୍କ ଫୋନ୍‌ର ଆକ୍ସେସ୍ ପାଇଯାଇଥିଲେ ଏବଂ ସଙ୍ଗେସଙ୍ଗେ ତାଙ୍କ ଆକାଉଣ୍ଟରୁ ୧ ଲକ୍ଷ ୯୦ ହଜାର ଟଙ୍କା ଗାଏବ ହୋଇଯାଇଥିଲା। ଘଟଣାକୁ ନେଇ ପୀଡ଼ିତଙ୍କ ଅଭିଯୋଗ ଆଧାରରେ ହିଙ୍ଗୋଲି ଜିଲା ସାଇବର ପୋଲିସ ଷ୍ଟେଶନରେ ଏକ ମାମଲା ରୁଜୁ କରାଯାଇଛି। ଘଟଣାକୁ ନେଇ ତଦନ୍ତ ଜାରି ରହିଥିବା ପୋଲିସ ସୂଚନା ଦେଇଛି। ତେବେ ଏହିପରି ଠକେଇ ଦେଶରେ ପ୍ରଥମ ହୋଇନାହିଁ ବୋଲି ସାଇବର ବିଶେଷଜ୍ଞମାନେ କହିଛନ୍ତି। ହ୍ୱାଟ୍ସଆପ୍‌ରେ ଅଜଣା ନମ୍ବରରୁ ଆସିଥିବା ଫାଇଲକୁ ଖୋଲିବା ଦ୍ୱାରା ଫୋନ୍‌ରେ ଏପିକେ ଫାଇଲ ଇନ୍‌ଷ୍ଟଲ ହୋଇଯାଇଥାଏ। ଫଳରେ ସାଇବର ଅପରାଧୀମାନେ ପୀଡ଼ିତଙ୍କ ବ୍ୟକ୍ତିଗତ ତଥ୍ୟ ଚୋରି କରିବା ସହ ତାଙ୍କ ଫୋନ୍‌କୁ ହ୍ୟାକ୍ ମଧ୍ୟ କରିପାରିଥାନ୍ତି। ସେହିପରି ସେମାନେ ଫୋନ୍‌ରୁ ମିଳିଥିବା ଡେଟାକୁ ବ୍ୟବହାର କରି ପୀଡ଼ିତ ବ୍ୟକ୍ତିଙ୍କ ନାଁରେ ତାଙ୍କ ବନ୍ଧୁ ଏବଂ ସମ୍ପର୍କୀୟମାନଙ୍କୁ ଠକିଥାନ୍ତି। ତେଣୁ ଅଜଣା ନମ୍ବରରୁ ଆସିଥିବା ଫାଇଲକୁ ଡାଉନ୍‌ଲୋଡ ନ କରିବାକୁ ସାଇବର ବିଶେଷଜ୍ଞ ପରାମର୍ଶ ଦେଇଛନ୍ତି।

## ବିପଦସଙ୍କେତ ଉପରେ ...

ପକ୍ଷରୁ ସୂଚନା ଦିଆଯାଇଛି। ସମ୍ଭାବ୍ୟ ବନ୍ୟା ସ୍ଥିତି ପାଇଁ ବିଭାଗ ସଜାଗ ଅଛି ବୋଲି ସହକାରୀ ଯନ୍ତ୍ରୀ ସୁଶାନ୍ତ ଦାସ କହିଛନ୍ତି। ସେହିପରି ଝାଡ଼ଖଣ୍ଡ ମାଳାଞ୍ଚଳରେ ପ୍ରବଳରୁ ଅତି ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଥିବା ପାଣିପାଗ ବିଭାଗ ସୂଚନା ଦେଇଥିବା ବେଳେ ଗାଲୁଡ଼ିହି ଜଳାଧାରର ଉଦ୍‌ବୃତ୍ତ ବର୍ଷା ଜଳ ୧୩ଟି ଗେଟ୍ ଦେଇ ସୁବର୍ଣ୍ଣରେଖାକୁ ପ୍ରତି ସେକେଣ୍ଡରେ ୫ହଜାର ୪୦୦ କ୍ୟୁମେକ ପାଣି ନିଷ୍କାସନ ହେଉଛି। ଏତଦ୍‌ଭିନ୍ନ ଝାଡ଼ଖଣ୍ଡ ଜାମସେଦପୁରରେ ଶନିବାର ଅପରାହ୍ନ ସାଢେ ୬ଟା ସୁଦ୍ଧା ୧୨୨.୪୮୦ ମି.ମି., ଫେକଘାଟରେ ୪୪. ୬୬ମି.ମି., ଘାଟସିଲାରେ ୮୧. ୯୧୦ ମି.ମି., ଜାମଶୂଳାରେ ୫୧.୪୮୦ ମି.ମି. ବର୍ଷା ହୋଇଥିବା କେନ୍ଦ୍ରୀୟ ଜଳ ଆୟୋଗ ସୂଚନା ଦେଇଛନ୍ତି। ସୁବର୍ଣ୍ଣରେଖା ରାଜଘାଟଗେଜଠାରେ ସତର୍କ ସୂଚନା ୯.୪୫ମିଟର ଥିବା ବେଳେ ବିପଦ ସଂକେତ ୧୦.୩୬ ମିଟର ରହିଛି। ଖବର ଲେଖାହେବା ବେଳକୁ ଜଳସ୍ତର ବୃଦ୍ଧି ପାଇ ୭.୫୬ମିଟର ଉର୍ଦ୍ଧ୍ୱରେ ଘଣ୍ଟାକୁ ୨୦ ମି.ମି.ରେ ପ୍ରବାହିତ ହେଉଥିବା ସେଚ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ଅପରପକ୍ଷରେ ସୁବର୍ଣ୍ଣରେଖାରେ ସମ୍ଭାବ୍ୟ ବନ୍ୟାକୁ ଦୃଷ୍ଟିରେ ରଖି ସେଚ ବିଭାଗର ସହକାରୀ ନିର୍ବାହୀ ଯନ୍ତ୍ରୀ ପ୍ରିୟବ୍ରତ ସିଂ, ବସନ୍ତ କୁମାର ବେହେରା, ସହକାରୀ ଯନ୍ତ୍ରୀ ପ୍ରମଥ କୁମାର ଦେ, ଡାକ୍ତର ସିଂ ଓ କନିଷ୍ଠ ଯନ୍ତ୍ରୀ ଚିତ୍ତରଞ୍ଜନ ସିଅଳ ଦୁର୍ବଳ ନଦୀବନ୍ଧରେ ୨୪ଘଣ୍ଟିଆ ସତର୍କ ନଜର ରଖିଥିବା ସୂଚନା ଦିଆଯାଇଛି। ଭୋଗରାଇ, ବାଲିଆପାଳ, ଜଳେଶ୍ୱର ଓ ବସ୍ତା ବ୍ଲକକୁ ସତର୍କ କରାଯାଇଛି।




# ଓସିପିଏଲ୍‌କୁ ଟାଙ୍ଗିରିଡିହି ନର୍ଥ କୋଲ୍ ବ୍ଲକ୍

**ଓଡ଼ିଶା କୋଲ୍ ପାୱାର ଲିମିଟେଡ୍ (ଓସିପିଏଲ୍‌କୁ) ସୁନ୍ଦରଗଡ଼ ଟାଙ୍ଗରଡିହି ଉତ୍ତର କୋଇଲା ଖଣି ମିଳିଛି। ଗତ ୨୧ତାରିଖରେ ପ୍ରେସିଡେଣ୍ଟ ଅଫ୍ ଇଣ୍ଡିଆ ଏବଂ ଓପିସିଏଲ୍ ମଧ୍ୟରେ ଚୁକ୍ତି ସ୍ୱାକ୍ଷର ହୋଇଛି। ଏଥିରୁ ବାର୍ଷିକ ୫୦ନିୟୁତ ଟନ୍ କୋଇଲା ଉତ୍ତୋଳନ କରାଯିବାର ଲକ୍ଷ୍ୟ ରଖାଯାଇଥିବାବେଳେ ୧୦ହଜାର କୋଟି ଟଙ୍କାର ରାଜସ୍ୱ ଆଦାୟ ହେବ। ଏଥିସହ ୫ହଜାର ନିଯୁକ୍ତି ସୃଷ୍ଟି ହେବ ବୋଲି କୁହାଯାଇଛି।**

ଭୁବନେଶ୍ୱର,୨୩।୮(ରବିନାରାୟଣ ଜେନା)

ଓଡ଼ିଶା ଶକ୍ତି କ୍ଷେତ୍ରରେ ଆଉ ଗୋଟେ ପାଦ ଆଗକୁ ବଢ଼ିଛି। ଭାରତ ସରକାରଙ୍କର କୋଇଲା ମନ୍ତ୍ରଣାଳୟ ପକ୍ଷରୁ ହୋଇଥିବା ୧୨ ତମ ଟ୍ରାଞ୍ଚ ନିଲାମ ପ୍ରକ୍ରିୟାରେ ଓଡ଼ିଶା କୋଲ ଆଣ୍ଡ ପାୱାର ଲିମିଟେଡ୍ ଟାଙ୍ଗିରିଡିହି ନର୍ଥ କୋଲ ବ୍ଲକ୍‌କୁ ହାସଲ କରିଛି। ଏହା ରାଜ୍ୟ ସରକାରଙ୍କ ପ୍ରଥମ ବ୍ୟବସାୟ ଭିତ୍ତିକ କୋଇଲା ଖଣି ହେବାକୁ ଯାଉଛି। ଓସିପିଏଲ୍ ପୂର୍ବରୁ ଡିପ୍-ସାଇଡ ଅଫ ମନୋହରପୁର କୋଲ ବ୍ଲକ ପାଇଥିଲା। ଏହି ଦୁଇଟି ଖଣି ଓପିଜିସି ପାଇଁ ସୁଲଭ ମୂଲ୍ୟରେ କୋଇଲା ଯୋଗାଣ ପାଇଁ ଉଦ୍ଦିଷ୍ଟ।

ସୂଚନା ଅନୁସାରେ, ଟାଙ୍ଗରଡିହି ନର୍ଥ ବ୍ଲକ୍‌କୁ ଭବିଷ୍ୟତରେ ଅଧିକ ପରିମାଣର କୋଇଲା ଉତ୍ପାଦନ ହେବ, ଯାହା ରାଜ୍ୟର ତାପଜ ବିଦ୍ୟୁତ୍ ପ୍ରକଳ୍ପଗୁଡ଼ିକୁ ଇନ୍ଧନ ଯୋଗାଇବ। ଫଳରେ ଓଡ଼ିଶାରେ ବିଦ୍ୟୁତ୍ ସ୍ୱାଧୀନତା ସୁନିଶ୍ଚିତ ହେବା ସହିତ ନୂତନ ରୋଜଗାର ସୃଷ୍ଟି ହେବ ଏବଂ ଔଦ୍ୟୋଗିକ କ୍ଷେତ୍ରକୁ ଗତି ମିଳିବ।

ଟାଙ୍ଗରଡିହି କୋଇଲାଖଣିରେ ପ୍ରାୟ ୧୧୦୦ ନିୟୁତ ଟନ୍ ଜି-୧୩ ମାନର କୋଇଲା ମହଜୁଦ ଅଛି। ପ୍ରାୟ ୪୧୦ ମିଟର ମଧ୍ୟରେ ୪୦୦ନିୟୁତ ଟନ୍ ଉଚ୍ଚମାନର କୋଇଲା ଗଚ୍ଛିତ ଅଛି। ଓସିପିଏଲ୍ ପାଇଁ ଏହା ଏକ କୌଶଳଗତ ସଫଳତା। ବୃଦ୍ଧିଶୀଳ ବିଦ୍ୟୁତ୍ ଚାହିଦା ପୂରଣ କରିବା ସହିତ, ରାଜ୍ୟ ଏବେ ଅନ୍ୟରାଜ୍ୟକୁ ମଧ୍ୟ କୋଇଲା ଓ ବିଦ୍ୟୁତ୍ ଯୋଗାଣ କରିବାରେ ସକ୍ଷମ ହେବ।

ଏହି ବାଣିଜ୍ୟିକ କୋଇଲା ଖଣି ବର୍ଷକୁ ପରୋକ୍ଷ ଓ ପ୍ରତ୍ୟକ୍ଷରେ ପ୍ରାୟ ୫ହଜାର ବ୍ୟକ୍ତିଙ୍କୁ କର୍ମ ଯୋଗାଇ ଦେଇପାରିବ। ବିଶେଷକରି ଏହି କୋଲ ବ୍ଲକ ଚାଲୁ ହେବା ପରେ ସ୍ଥାନୀୟ ଅଞ୍ଚଳରେ ଅଧିକ ଆର୍ଥିକ କାର୍ଯ୍ୟକଳାପ ଆରମ୍ଭ ହେବ ଏବଂ ଲୋକଙ୍କୁ ଜୀବିକା ମିଳିପାରିବ।

ଓପିଜିସି(ଓଡ଼ିଶା ପାୱାର ଜେନେରେଶନ କର୍ପୋରେଶନ)ର ଦ୍ୱିତୀୟ ଓ ତୃତୀୟ ପର୍ଯ୍ୟାୟରୁ ୨,୬୪୦ ମେଗାୱାଟ ବିଦ୍ୟୁତ୍ ଉତ୍ପାଦନ ଲକ୍ଷ୍ୟରେ ୨୦୧୫ରେ ରାଜ୍ୟ ସରକାର ଓସିପିଏଲ୍ ଗଠନ କରିଥିଲେ। ସେହିବର୍ଷ ପୂର୍ଣ୍ଣ ବିକଶିତ ମନୋହରପୁର କୋଇଲା ଖଣିକୁ କେନ୍ଦ୍ର ସରକାର ଓସିପିଏଲ୍‌କୁ ନିର୍ଦ୍ଦିଷ୍ଟ ଲକ୍ଷ୍ୟ ହାସଲ ପାଇଁ ଅର୍ଥାତ୍ ଓପିଜିସିର କୋଇଲା ଚାହିଦା ପୂରଣ ପାଇଁ ଆବଣ୍ଟନ କରିଥିଲେ। ମନୋହରପୁର କୋଇଲାଖଣିର ଗଚ୍ଛିତ କୋଇଲା ୬୬୪ ନିୟୁତ ଟନ୍ କୋଇଲା ଆକଳନ ହୋଇଥିବାବେଳେ ବାର୍ଷିକ ୧୬ନିୟୁତ ଟନ୍ କୋଇଲା ଉତ୍ପାଦନ କରିବା ପାଇଁ ଓସିପିଏଲ୍ ସହିତ କେନ୍ଦ୍ର ସରକାର ଚୁକ୍ତି କରିଛନ୍ତି। ୨୦୧୯ରୁ ମନୋହରପୁର କୋଇଲା ଖଣିରୁ ଓସିପିଏଲ କୋଇଲା ଉତ୍ପାଦନ କରି ଓପିଜିସିକୁ ବିକ୍ରୟ କରୁଛି। ତେବେ ସୁନ୍ଦରଗଡ଼ର ଟାଙ୍ଗରଡିହି କୋଇଲା ଖଣିକୁ ଓସିପିଏଲ ବ୍ୟବସାୟିକ ଉଦ୍ଦେଶ୍ୟରେ ପରିଚାଳନା କରିବା ପାଇଁ ଗତ ୨୧ତାରିଖରେ କେନ୍ଦ୍ର ସରକାରଙ୍କ ସହିତ ଚୁକ୍ତିବଦ୍ଧ ହୋଇଛି।

ଉପମୁଖ୍ୟମନ୍ତ୍ରୀ ତଥା ଶକ୍ତିମନ୍ତ୍ରୀ କନକବର୍ଦ୍ଧନ ସିଂଦେଓ ଏବଂ ଶକ୍ତି ବିଭାଗ ପ୍ରମୁଖ ସଚିବ ବିଶାଲ ଦେବଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ କୋଇଲା ମନ୍ତ୍ରଣାଳୟର ନିଲାମ ପ୍ରକ୍ରିୟାରେ ଓସିପିଏଲ ଭାଗନେଇ ଏହି ସଫଳତା ହାସଲ କରିଛି।

ଏହି ଉପଲବ୍ଧି ରାଜ୍ୟ ପାଇଁ ଏକ ନୂତନ ଅଧ୍ୟାୟ ସୃଷ୍ଟି କରିଛି। ରାଜ୍ୟ ସରକାରଙ୍କ ଓସିପିଏଲ୍ ଏବଂ ଶକ୍ତି ସଚିବଙ୍କ ଏହି ମିଳିତ ଉଦ୍ୟମକୁ ଶକ୍ତି ସମୀକ୍ଷକ ଆନନ୍ଦ ମହାପାତ୍ରଙ୍କ ସମେତ ବିଭିନ୍ନ ମହଲରେ ଉଚ୍ଚପ୍ରଶଂସା କରାଯାଇଛି।

# ଅଜଣା ରୋଗରେ ୫୦ରୁ ଊର୍ଦ୍ଧ୍ୱ ପୀଡ଼ିତ

ପାରଳାଖେମୁଣ୍ଡି,୨୩।୮ (ଗିରିଧାରୀ ପରିଛା)

**କିତିଙ୍ଗି ଗ୍ରାମରୁ ପୀଡିତଙ୍କ ରକ୍ତନମୁନା ସଂଗ୍ରହ କଲା ଜିଲା ସ୍ୱାସ୍ଥ୍ୟ ବିଭାଗ ଟିମ୍**

ଗଜପତି ଜିଲା କାଶୀନଗର ବ୍ଲକ ବୁଦୁରା ପଞ୍ଚାୟତ କିତିଙ୍ଗି ଗ୍ରାମରେ ଗତ କିଛିଦିନ ହେଲା ୫୦ରୁ ଊର୍ଦ୍ଧ୍ୱ ବ୍ୟକ୍ତି ଅଜଣା ରୋଗରେ ପୀଡ଼ିତ ହୋଇଛନ୍ତି। ଏଥିପାଇଁ ଗ୍ରାମବାସୀଙ୍କ ମଧ୍ୟରେ ଭୟର ବାତାବରଣ ଖେଳିଯାଇଛି। ୨ଶହରୁ ଊର୍ଦ୍ଧ୍ୱ ଘର ଥିବା ଉକ୍ତ ଗ୍ରାମରେ ଗ୍ରାମବାସୀଙ୍କୁ ପ୍ରଥମେ ଜ୍ୱର ହେବା ସହ ହାତଗୋଡ଼ ବିନ୍ଧା ହୋଇ ଚାଲିବାକୁ ସେମାନେ ସକ୍ଷମ ହୋଇ ପାରୁନାହାନ୍ତି। ଏ ସମ୍ପର୍କରେ ସୂଚନା ପାଇବା ପରେ ଶୁକ୍ରବାର ଜିଲା ସ୍ୱାସ୍ଥ୍ୟ ଅଧିକାରୀଙ୍କ ସହ ଏକ ଟିମ୍ କିତିଙ୍ଗି ଗ୍ରାମରେ ପହଞ୍ଚି ଜ୍ୱରପୀଡ଼ିତଙ୍କ ରକ୍ତ ନମୁନା ସଂଗ୍ରହ କରି ପରୀକ୍ଷା ପାଇଁ ପଠାଇଛି। ତେବେ ପୀଡ଼ିତମାନେ ଭୟଭୀତ ହୋଇ ପଡ଼ୋଶୀ ଆନ୍ଧ୍ର ପ୍ରଦେଶକୁ ଅଧିକ ଚିକିତ୍ସା ପାଇଁ ଯାଉଥିବା ଦେଖିବାକୁ ମିଳୁଛି।


ଅଜଣା ରୋଗରେ ଆକ୍ରାନ୍ତ ରୋଗୀଙ୍କ ରକ୍ତନମୁନା ସଂଗ୍ରହ କରାଯାଉଛି।

ଗ୍ରାମବାସୀ ଅଭିଯୋଗ କରିଛନ୍ତି, ଗ୍ରାମର ଚାରିପଟେ ଅଳିଆ ଆବର୍ଜନା ପଡ଼ି ରହିଛି। ବିଭିନ୍ନ ଜାଗାରେ କେନାଲ ନିର୍ମାଣ ହୋଇ ନ ଥିବା, ଯେଉଁ କେନାଲ ରହିଛି ସେଗୁଡିକ ସଫେଇ ହେଉ ନ ଥିବାରୁ ଆମେ ଦୂଷିତ ପାଣି ପିଇବାକୁ ବାଧ ହେଉଛୁ; ଯାହାଦ୍ୱାରା ଏପରି ଅଜଣା ରୋଗରେ ଆକ୍ରାନ୍ତ ହେଉଛୁ ବୋଲି ଗ୍ରାମବାସୀ ପ୍ରକାଶ କରିଛନ୍ତି। ଏ ନେଇ ଜିଲା ସ୍ୱାସ୍ଥ୍ୟ ଅଧିକାରୀ ଡା. ମୁବାରକ ଅଲ୍ଲିଙ୍କୁ ପଚାରିବାରୁ ସେ କହିଛନ୍ତି, ତାଙ୍କ ନେତୃତ୍ୱରେ ଏକ ୫ ଜଣିଆ ଟିମ୍ କିତିଙ୍ଗି ଗ୍ରାମକୁ ଯାଇ ପୀଡ଼ିତଙ୍କ ରକ୍ତ ନମୁନା ସଂଗ୍ରହ କରିଛି। ଏହା ଡେଙ୍ଗୁ କିମ୍ବା ଚିକୁନଗୁନିଆ ନୁହେଁ। ଭାଇରାଲ ଫିଭର ହୋଇଥାଇ ପାରେ। ସଂଗୃହୀତ ରକ୍ତ ନମୁନା ପରୀକ୍ଷା ପାଇଁ ବ୍ରହ୍ମପୁର ପଠାଯାଇଛି। ସୋମବାର ରିପୋର୍ଟ ଆସିଲେ ପ୍ରକୃତ ରୋଗ ଜଣାପଡ଼ିବ ବୋଲି ସେ କହିଛନ୍ତି। ଡା. ଅଲ୍ଲି ସୂଚନା ଦେଇ କହିଛନ୍ତି, ଗ୍ରାମ ଚାରିପଟେ ପଡ଼ିଥିବା ଅଳିଆ ଆବର୍ଜନା ସଫା କରାଯାଇ ମଶା ତେଲ ଛିଞ୍ଚାଯାଇଛି। ଗ୍ରାମରେ ଏକ ଟିମ୍ ରହି ପୀଡ଼ିତଙ୍କ ଚିକିତ୍ସା କରୁଛନ୍ତି। ସେହିପରି ପାରଳାଖେମୁଣ୍ଡି ବିଧାୟକ ରୂପେଶ ପାଣିଗ୍ରାହୀ କିତିଙ୍ଗି ଗ୍ରାମରେ ପହଞ୍ଚି ଗ୍ରାମବାସୀଙ୍କ ସହ ଆଲୋଚନା କରିଛନ୍ତି। ଜିଲା ସ୍ୱାସ୍ଥ୍ୟ ଅଧିକାରୀଙ୍କ ସହ ଆଲୋଚନା କରି ଗ୍ରାମରେ ଥିବା ସ୍ୱାସ୍ଥ୍ୟ ଓ ଆରୋଗ୍ୟ କେନ୍ଦ୍ରକୁ ଯାଇ ସେ ଆଲୋଚନା କରିଥିଲେ। ରବିବାର ଗ୍ରାମରେ ଏକ ମାଗଣା ସ୍ୱାସ୍ଥ୍ୟସେବା ଶିବିର କରାଯିବ ବୋଲି ବିଧାୟକ କହିଛନ୍ତି।

# ହୀରାକୁଦ ଜଳଭଣ୍ଡାରର ୮ ସ୍ଲୁଇସ୍ ଗେଟ୍ ଖୋଲିଲା

ସମ୍ବଲପୁର,୨୩।୮(ପ୍ରମୋଦ ବହିଦାର)

ଉପରମୁଣ୍ଡରେ ପ୍ରବଳ ବର୍ଷା ଯୋଗୁ ହୀରାକୁଦ ଜଳଭଣ୍ଡାରକୁ ଅତିରିକ୍ତ ବନ୍ୟାଜଳ ପ୍ରବେଶ ପରିମାଣ ବୃଦ୍ଧିପାଇଛି। ଫଳରେ ଅତିରିକ୍ତ ବନ୍ୟାଜଳ ନିଷ୍କାସନ ପାଇଁ ଶନିବାର ପୁଣି ଥରେ ଦୁଇଟି ପର୍ଯ୍ୟାୟରେ ଜଳଭଣ୍ଡାରର ୮ଟି ସ୍ଲୁଇସ୍ ଗେଟ୍ ଖୋଲାଯାଇଛି। ଏଥିରେ ବାମପାର୍ଶ୍ୱର ୫ ଓ ଦକ୍ଷିଣ ପାର୍ଶ୍ୱର ୩ଟି ରହିଛି। ଚଳିତବର୍ଷ ଏହା ହେଉଛି ଦ୍ୱିତୀୟ ଥର ପାଇଁ ଜଳଭଣ୍ଡାରରୁ ମହାନଦୀକୁ ଜଳ ନିଷ୍କାସନ ପ୍ରକ୍ରିୟା। ଏହାପୂର୍ବରୁ ଗତ ଜୁଲାଇ ୬ରେ ଜଳଭଣ୍ଡାରରୁ ଚଳିତ ବର୍ଷର ପ୍ରଥମ ବନ୍ୟାଜଳ ନିଷ୍କାସନ ପାଇଁ ଏକକାଳୀନ ୨୦ଟି ସ୍ଲୁଇସ୍ ଗେଟ୍ ଖୋଲାଯାଇଥିଲା। ପରେ ବନ୍ୟାଜଳ ପ୍ରବେଶ ପରିମାଣ କ୍ରମଶଃ ହ୍ରାସ ପାଇବାରୁ ପର୍ଯ୍ୟାୟକ୍ରମେ ଗତ ଅଗଷ୍ଟ ୩ରେ ଜଳଭଣ୍ଡାରର ସମସ୍ତ ସ୍ଲୁଇସ୍ ଗେଟ୍‌କୁ ବନ୍ଦ କରି ଦିଆଯାଇଥିଲା। ଶନିବାର ଗେଟ୍ ଖୋଲାଯିବା ଦିନକ ପୂର୍ବରୁ ମହାନଦୀ ଅବବାହିକାରେ ଥିବା ଗ୍ରାମଗୁଡ଼ିକରେ ବସବାସ କରୁଥିବା ଲୋକଙ୍କୁ ବନ୍ୟାଜଳ ନିଷ୍କାସନ ନେଇ ସ୍ଥାନୀୟ ପ୍ରଶାସନ ପକ୍ଷରୁ ସତର୍କ କରାଯାଇଥିଲା।


ହୀରାକୁଦ ଜଳଭଣ୍ଡାରରୁ ବନ୍ୟାଜଳ ନିଷ୍କାସନ କରାଯାଉଛି।

ସନ୍ଧ୍ୟା ସାଢ଼େ ୬ଟାରେ ହସ୍ତଗତ ସୂଚନା ଅନୁସାରେ ଜଳଭଣ୍ଡାରର ଜଳ ପତନ ୬୨୧.୨୧ ଫୁଟ ରହିଥିଲା। ଏହି ସମୟରେ ଜଳଭଣ୍ଡାରକୁ ପ୍ରତି ସେକେଣ୍ଡରେ ହାରହାରି ୨ ଲକ୍ଷ ୧୩ ହଜାର ୧୩୫ ଘନଫୁଟ୍ ବନ୍ୟାଜଳ ପ୍ରବେଶ କରୁଥିବାବେଳେ ପ୍ରତି ସେକେଣ୍ଡରେ ହାରାହାରି ମୋଟ୍ ୧ ଲକ୍ଷ ୬୧ ହାଜର ୬୯୪ ଘନଫୁଟ୍ ଅତିରିକ୍ତ ବନ୍ୟାଜଳ ନିଷ୍କାସନ କରାଯାଉଛି। ଏନେଇ ମୁଖ୍ୟଯନ୍ତ୍ରୀ ତଥା ପ୍ରବନ୍ଧକ ମହାନଦୀ ବେସିନ୍ ବୁର୍ଲା ଇଂ. ସୁଶୀଲ କୁମାର ବେହେରା କହିଛନ୍ତି, ବର୍ତ୍ତମାନ ଜଳଭଣ୍ଡାରର ସର୍ବୋଚ୍ଚ ଜଳଧାରଣ କ୍ଷମତା ୬୩୦ ଫୁଟ ରହିବା କଥା। ମାତ୍ର ପାଣିପାଗ ବିଭାଗର ଆକଳନ ଅନୁସାରେ ଆସନ୍ତା ୨୫ତାରିଖରେ ପୁଣି ଏକ ଲଘୁଚାପ ସୃଷ୍ଟିହେବା ଆଶଙ୍କା ରହିଛି। ଏହାକୁ ଦୃଷ୍ଟିରେ ରଖି ଜଳଭଣ୍ଡାରକୁ ଆଗତୁରା ପାଖାପାଖି ୮ ଫୁଟ ଖାଲି ରଖିବା ଲକ୍ଷ୍ୟରେ ଶନିବାର ୮ଟି ସ୍ଲୁଇସ୍ ଗେଟ୍ ଖୋଲି ଅତିରିକ୍ତ ବନ୍ୟାଜଳ ନିଷ୍କାସନ କରାଯାଉଛି। ଆଗକୁ ଆବଶ୍ୟକ ହେଲେ ଆହୁରି ଅଧିକ ଗେଟ୍ ଖୋଲା ଯିବ ବୋଲି ସେ କହିଛନ୍ତି।

## ୨୫ରୁ ମାଟ୍ରିକ୍ ସପ୍ଲିମେଣ୍ଟାରି, ମୁକ୍ତ ବିଦ୍ୟାଳୟ ଖାତା ରିଚେକିଂ ଆବେଦନ

କଟକ,୨୩।୮(କାର୍ତ୍ତିକ ସାହୁ)

ମାଧ୍ୟମିକ ଶିକ୍ଷା ପରିଷଦ (ବୋର୍ଡ) ଦ୍ୱାରା ପରିଚାଳିତ ମାଟ୍ରିକ ସପ୍ଲିମେଣ୍ଟାରି ଓ ରାଜ୍ୟ ମୁକ୍ତ ବିଦ୍ୟାଳୟ ପରୀକ୍ଷା ଫଳର ରିଚେକିଂ ଆବେଦନ ନିମନ୍ତେ ସୂଚୀ ଧାର୍ଯ୍ୟ ହୋଇଛି। ଉଭୟ ସବ୍‌ଜେକ୍ଟିଭ ଓ ଅବ୍‌ଜେକ୍ଟିଭ ବିଷୟରେ ପୁନଃ ଯାଞ୍ଚ ଓ ପରୀକ୍ଷା ଖାତାଗୁଡ଼ିକର ଅବିକଳ ନକଲ ପାଇବା ପାଇଁ ଆବେଦନ ଓ ଦେୟ ଦାଖଲ ଅଫ୍‌ଲାଇନ୍ ଜରିଆରେ ହେବ। ବୋର୍ଡ ମୁଖ୍ୟାଳୟ ଓ ଶାଖା କାର୍ଯ୍ୟାଳୟରେ ଆସନ୍ତା ୨୫ ତାରିଖରୁ ସେପ୍ଟେମ୍ବର ୨ ପର୍ଯ୍ୟନ୍ତ କେବଳ କାର୍ଯ୍ୟ ଦିବସଗୁଡ଼ିକରେ ଏଥିନିମନ୍ତେ ଆବେଦନ କରାଯାଇପାରିବ। ଆବେଦନ କରିବାର ଦରଖାସ୍ତ ବୋର୍ଡ ୱେବ୍‌ସାଇଟ୍ www.bseodisha.ac.inରେ ଉପଲବ୍ଧ ହେଉଛି। ବୋର୍ଡ କର୍ତ୍ତୃପକ୍ଷ ଏଥିନିମନ୍ତେ ପ୍ରକ୍ରିୟା ଶେଷ କରି ସଂଶୋଧିତ ମାର୍କ ତଥ୍ୟ ୱେବ୍‌ସାଇଟ୍‌ରେ ଅପଲୋଡ୍ କରିବେ। ଆବେଦନକାରୀମାନେ ବୋର୍ଡ ୱେବ୍‌ସାଇଟ୍‌ରୁ ତାହାକୁ ଡାଉନ୍‌ଲୋଡ୍ କରି ନେଇପାରିବେ। ଖାତାର ଅବିକଳ ନକଲ ଆବେଦନକାରୀଙ୍କୁ ଡାକ ଯୋଗେ ପ୍ରେରଣ କରାଯିବ। ଅନ୍ୟ କୌଣସି ପ୍ରକାର ଆବେଦନ ନିର୍ଦ୍ଦିଷ୍ଟ ଦିବସ ଓ ଧାର୍ଯ୍ୟ ସମୟସୀମା ମଧ୍ୟରେ ଅଥବା ପରେ ଗ୍ରହଣ କରାଯିବ ନାହିଁ ବୋଲି ବୋର୍ଡ ପକ୍ଷରୁ ପ୍ରକାଶିତ ବିଜ୍ଞପ୍ତିରେ ଦର୍ଶାଯାଇଛି।

## ୨ ମତ୍ସ୍ୟଜୀବୀଙ୍କ ସନ୍ଦେହଜନକ ମୃତ୍ୟୁ

ବାଲେଶ୍ୱର,୨୩।୮(ବାଞ୍ଛାନିଧି ଦେ)

ବାଲେଶ୍ୱର ଜିଲା ବଳରାମଗଡ଼ି ମାଛଧରା କେନ୍ଦ୍ରରେ ଶନିବାର ୨ମତ୍ସ୍ୟଜୀବୀଙ୍କ ସନ୍ଦେହଜନକ ମୃତ୍ୟୁ ଘଟିଛି। ମୃତକଦ୍ୱୟ ହେଲେ ଭଦ୍ରକ ଜିଲା ବାସୁଦେବପୁର ଥାନା ପତ୍ତୁଆଁ ଗାମର ସେଣ୍ଠ ମଲ୍ଲିକ ଓ ନୂଆଗାଁ ଗ୍ରାମର ମଧୁସୂଦନ ମଲ୍ଲିକ।

ନାଗେଶ୍ୱର ବୋଟ୍ ଯୋଗେ ଅନ୍ୟ ମତ୍ସ୍ୟଜୀବୀଙ୍କ ସହ ଉକ୍ତ ୨ଜଣ ମତ୍ସ୍ୟଜୀବୀ ସମୁଦ୍ରକୁ ମାଛ ଧରିବାକୁ ଯାଇଥିଲେ। ମାଛ ଧରି ସାରି ଶନିବାର ସେମାନେ ବଳରାମଗଡ଼ି ମାଛଧରା କେନ୍ଦ୍ରକୁ ଫେରିଥିଲେ। ସେଠାରେ ମାଛ ଅନଲୋଡ଼ିଂ ପରେ ବିକ୍ରି କରାଯାଇଥିଲା। ବଳକା ମାଛକୁ ଷ୍ଟୋରରୁମ୍‌ରେ ରଖାଯାଇଥିଲା। ସେଣ୍ଠ ଓ ମଧୁସୂଦନ ଷ୍ଟୋର ରୁମ୍‌କୁ ଯାଇଥିଲେ। ହଠାତ୍ ସେଠାରେ ଚେତାଶୂନ୍ୟ ହୋଇ ଅସୁସ୍ଥ ହୋଇପଡ଼ିଥିଲେ। ସେମାନଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ଡାକ୍ତର ଉଭୟଙ୍କୁ ମୃତ ଘୋଷଣା କରିଥିଲେ। ଷ୍ଟୋର ରୁମ୍‌ରେ ମାଛରେ ଦିଆଯାଉଥିବା କେମିକାଲ ପ୍ରତିକ୍ରିୟା ଯୋଗୁ ହୃଦ୍‌ଘାତରେ ମୃତ୍ୟୁ ଘଟିଥିବା କୁହାଯାଉଥିବା ବେଳେ ତଦନ୍ତ ପରେ ପ୍ରକୃତ ସତ୍ୟାସତ୍ୟ ଜଣାପଡ଼ିବ ବୋଲି ବଳରାମଗଡ଼ି ସାମୁଦ୍ରିକ ଥାନା ପକ୍ଷରୁ ସୂଚନା ଦିଆଯାଇଛି। ଏ ସମ୍ପର୍କରେ ପୋଲିସ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ ଜାରି ରଖିଛି।

# ଓଡ଼ିଶାରେ ବୁଲା କୁକୁରଙ୍କ ଗଣନା ହେବ: ପ୍ରାଣିସମ୍ପଦ ମନ୍ତ୍ରୀ

ଭୁବନେଶ୍ୱର,୨୩।୮(ବନ୍ଦନା ସେଠୀ)

**ନିର୍ଦ୍ଦିଷ୍ଟ ସ୍ଥାନରେ ମାଂସ କାଟିବାକୁ ନିର୍ଦ୍ଦେଶ**

ଓଡ଼ିଶାରେ ବୁଲା କୁକୁରଙ୍କ ଗଣନା କରାଯିବ। ରାଜ୍ୟ ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ବିଭାଗ ପକ୍ଷରୁ ବୁଲା କୁକୁରଙ୍କ ବନ୍ଧ୍ୟାକରଣ, ଗଣନା ଏବଂ ଟିକାକରଣ କରାଯିବ। ବୁଲା କୁକୁରଙ୍କ ପ୍ରସଙ୍ଗରେ ସୁପ୍ରିମକୋର୍ଟଙ୍କ ସଂଶୋଧିତ ରାୟ ପରେ ରାଜ୍ୟ ମତ୍ସ୍ୟ ଓ ପ୍ରାଣିସମ୍ପଦ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ ଶନିବାର ଏହି ସୂଚନା ଦେଇଛନ୍ତି। ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶକୁ ପାଳନ କରି ବିଭାଗ କାର୍ଯ୍ୟ କରିବ। ରାଜ୍ୟରେ ପ୍ରାୟ ୭ଲକ୍ଷରୁ ଊର୍ଦ୍ଧ୍ୱ ବୁଲା କୁକୁର ଥିବାବେଳେ ୬୪ହଜାର ପୋଷା କୁକୁର ଅଛନ୍ତି। ବୁଲା କୁକୁରଙ୍କ ସଂଖ୍ୟାରେ ରୋକ୍ ଲଗାଇବା ସହିତ ସେମାନଙ୍କ ତଥ୍ୟ ରଖିବା ପାଇଁ କୁକୁରଙ୍କ ଗଣନା କରାଯିବ। ବୁଲା କୁକୁରଙ୍କୁ ବନ୍ଧ୍ୟାକରଣ କରିବା ପରେ ସେମାନଙ୍କୁ ଅଣାଯାଇଥିବା ସ୍ଥାନରେ ପୁନର୍ବାର ଛାଡି ଦିଆଯିବ। ତେବେ ଯେଉଁମାନେ ହିଂସ୍ର ଓ ଜ୍ୱଳାନ୍ତକ ରୋଗରେ ପୀଡିତ ଥିବେ ସୁରକ୍ଷା ଦୃଷ୍ଟିରୁ କେବଳ ସେହି କୁକୁରମାନଙ୍କୁ ଆଶ୍ରୟ ସ୍ଥଳରେ ରଖାଯିବ। ସେହିପରି ବୁଲା କୁକୁରମାନଙ୍କୁ ରାସ୍ତା କଡ଼ରେ ଖାଇବା ନ ଦେଇ ନିର୍ଦ୍ଦିଷ୍ଟ ସ୍ଥାନରେ ଖାଇବାକୁ ଦେବେ। ଏହା ସହିତ ବ୍ୟବସାୟୀମାନେ ରାସ୍ତା କଡ଼ରେ ଚିକେନ ମଟନ୍ କାଟି ଏଣେତେଣେ ପକାଇ ପାରିବେ ନାହିଁ ଏବଂ ବୁଲା କୁକୁରଙ୍କୁ ବଳକା ମାଂସ ନ ଦେବାକୁ ନିର୍ଦ୍ଦେଶ ରହିଛି। ସେଥିପାଇଁ ସର୍ବସାଧାରଣ ସ୍ଥାନରେ ଚିକେନ ମଟନ ନ କାଟି ବ୍ୟବସାୟୀମାନେ ନିର୍ଦ୍ଦିଷ୍ଟ ସ୍ଥାନରେ କାଟିବେ। ଏନେଇ ବିଭାଗ ପକ୍ଷରୁ ସମସ୍ତ ମ୍ୟୁନିସିପାଲିଟିକୁ ନିର୍ଦ୍ଦେଶ ରହିଛି। ସ୍ୱେଚ୍ଛାସେବୀ ସଙ୍ଗଠନଗୁଡିକ ବୁଲା କୁକୁରଙ୍କୁ ନିର୍ଦ୍ଦିଷ୍ଟ ସ୍ଥାନରେ ଖାଇବା ଦେବାକୁ ମନ୍ତ୍ରୀ ନିବେଦନ କରିଛନ୍ତି।

ସୂଚନାଯୋଗ୍ୟ, ଦିଲ୍ଲୀବାସୀଙ୍କୁ କୁକୁର ଉତ୍ପାତରୁ ମୁକ୍ତି ଦେବା ପାଇଁ ୮ ସପ୍ତାହ ଭିତରେ ଏନ୍‌ସିଆର୍‌କୁ ବୁଲା କୁକୁରମୁକ୍ତ କରିବାକୁ ଗତ ୧୧ ତାରିଖରେ ସୁପ୍ରିମକୋର୍ଟ ନିର୍ଦ୍ଦେଶ ଦେଇଥିଲେ। ସେମାନଙ୍କୁ ଉଠାଇ ନେଇ ସେଲ୍‌ଟର ହୋମ୍‌ରେ ରଖିବାକୁ ନିର୍ଦ୍ଦେଶ ପରେ ଏହାକୁ ପ୍ରାଣୀପ୍ରେମୀମାନେ ବିରୋଧ କରିଥିଲେ। ତେବେ ଶୁକ୍ରବାର ଏହି ମାମଲାର ପୁନର୍ବିଚାର କରି ପୂର୍ବ ଆଦେଶକୁ ଅତିକଠୋର ଦର୍ଶାଇବା ସହ ଆଶ୍ରୟସ୍ଥଳକୁ ନିଆଯାଇଥିବା କୁକୁରଙ୍କୁ ଯେଉଁ ଅଞ୍ଚଳରୁ ଉଠାଯାଇଥିଲା ପୁଣି ସେଠାରେ ଛାଡ଼ି ଦେବାକୁ ସୁପ୍ରିମକୋର୍ଟ ନିର୍ଦ୍ଦେଶ ଦେଇଥିଲେ।

# ୨୫ ଯାଏ ଚାଲିବ ଚାଷୀ ପଞ୍ଜୀକରଣ: ମନ୍ତ୍ରୀ

ଭୁବନେଶ୍ୱର,୨୩।୮(ସୁନିତ୍ ମିଶ୍ର)

କୃଷକମାନଙ୍କ ପଞ୍ଜୀକରଣ ଆସନ୍ତା ୨୫ ତାରିଖ ପର୍ଯ୍ୟନ୍ତ ଚାଲିବ। ଏବେ ସୁଦ୍ଧା ରାଜ୍ୟରେ ୧୭ ଲକ୍ଷ ଚାଷୀ ପଞ୍ଜୀକରଣ କରିସାରିଥିବା ବେଳେ ପଞ୍ଜୀକରଣ ସଂଖ୍ୟା ୨୦ ଲକ୍ଷ ଟପିବା ଆଶା ରହିଛି ବୋଲି ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ସୂଚନା ଦେଇଛନ୍ତି। ମନ୍ତ୍ରୀ କହିଛନ୍ତି, ୨୦୨୫-୨୬ ଖରିଫ ଋତୁରେ

**୨୦ ଲକ୍ଷ ଚାଷୀ ପଞ୍ଜୀକରଣ କରିବା ଆଶା ରହିଛି**

ଚାଷୀଙ୍କ ପଞ୍ଜୀକରଣ ପ୍ରକ୍ରିୟାକୁ ସରକାର ଆହୁରି ସରଳୀକରଣ କରିଛନ୍ତି। ପୂର୍ବରୁ ବଂଶାବଳୀ ପ୍ରମାଣପତ୍ର ପାଇଁ ଚାଷଜମିର ଉତ୍ତରାଧିକାରୀଙ୍କ ସମ୍ମତି ପତ୍ର ଆବଶ୍ୟକ ପଡୁଥିଲା, ଯେଉଁଥିପାଇଁ ଚାଷୀ ଆର୍‌ଆଇ ଅଫିସକୁ ଦୌଡ଼ିବାକୁ ବାଧ ହେଉଥିଲେ। ଫଳରେ ବିଳମ୍ବିତ ପ୍ରକ୍ରିୟା ପାଇଁ ଅନେକ ଚାଷୀ ସରକାରଙ୍କ ନିର୍ଦ୍ଧାରିତ ସମୟ ଭିତରେ ନାମ ପଞ୍ଜୀକରଣକରି ନ ପାରି ବାଦ୍ ପଡୁଥିଲେ। ସେଥିପାଇଁ ଧାନର ଅଭାବୀ ବିକ୍ରି ପରିସ୍ଥିତି ସୃଷ୍ଟି ହେଉଥିଲା। ଏବେ କିନ୍ତୁ ଯୋଗାଣ ବିଭାଗ ଏହି ନିଜସ୍ୱ ଘୋଷଣାନାମା ଜାରି କରିଛି। ଏହାକୁ ପୂରଣକରି ଚାଷୀ ସିଧାସଳଖ ପଞ୍ଜୀକରଣ କରିପାରିବେ। ଏହାସହ ସରକାର ଚାଷୀଙ୍କ ସ୍ୱାର୍ଥକୁ ଦୃଷ୍ଟିରେ ରଖି ପଞ୍ଜୀକରଣ ଅବଧି ସମୟସୀମାକୁ ଅଗଷ୍ଟ ୨୦ରୁ ୨୫ ପର୍ଯ୍ୟନ୍ତ ବଢ଼ାଇଥିବା ମନ୍ତ୍ରୀ କହିଛନ୍ତି।










ଆଗରୁ ଯାହା ସବୁ ଦେଖାଯାଉଛି – ଆଗରୁ ଯେଉଁସବୁ ଉପାୟ ବାହାର କରାଯାଉଛି– ଆଗରୁ ଯାହାସବୁ ଗଠନ କରାଯାଉଛି ସେସବୁକୁ ପଛରେ ପକାଇ ଦିଅ। ... ତା'ପରେ ସେହି ଅଜଣା ରାଜ୍ୟକୁ ଯାତ୍ରା ଆରମ୍ଭ କରିଦିଅ ଏବଂ ତା'ପରେ ଯାହାକିଛି ଘଟିବାର ଘଟୁ ବା ଆସ– ଏଠିକି। –ଶ୍ରୀମା



# ଭାରତର ପାକ୍ ନୀତି



ଆକାର ପଟେଲ

ଦୁଇ ପକ୍ଷ ମଧ୍ୟରେ ସମସ୍ୟାଗୁଡ଼ିକର ତିନୋଟି ଉପାୟ ମଧ୍ୟରୁ ଯେକୌଣସି ଗୋଟିକରେ ସମାଧାନ ହୋଇପାରିବ। ପ୍ରଥମେ ଦୁଇ ପକ୍ଷ ମଧ୍ୟରେ ଦୁଃଖାମଣା ମାଧ୍ୟମରେ ଏହା ହୋଇପାରିବ। ଦ୍ୱିତୀୟରେ, ତୃତୀୟ ପକ୍ଷର ମଧ୍ୟସ୍ଥତା ଯୋଗୁ ଏହା ହେବ। ତୃତୀୟରେ ଗୋଟିଏ ପକ୍ଷ ଯାହା ଚାହୁଁଛି ତାହା ଅନ୍ୟପକ୍ଷକୁ କରିବା ଲାଗି ବାଧ୍ୟକରି ସମାଧାନ କରାଯାଇପାରିବ। ଦୁଇ ପକ୍ଷ ବ୍ୟକ୍ତିବିଶେଷ ହୁଅନ୍ତୁ ବା ଗୋଷ୍ଠୀ, କର୍ପୋରେଶନ କିମ୍ବା ଦେଶ, ସେମାନଙ୍କ ମଧ୍ୟରେ ଥିବା ସମସ୍ୟାର ସମାଧାନ କେବଳ ଏହି ତିନି ଉପାୟରେ ହୋଇପାରିବ। କିନ୍ତୁ ଏବେଠାରୁ ଭାରତୀୟ ପିଲାମାନେ ଏକ ଚତୁର୍ଥ ଉପାୟ ଉଦ୍ଭାବନ କରିଥାନ୍ତି ଏବଂ ତାହା ହେଉଛି କଟି ଅନ୍ୟପକ୍ଷର ଉପସ୍ଥିତିକୁ ସ୍ୱୀକୃତି ନ କରିବା ପାଇଁ ଏହା ହେଉଛି ଏକ ଛଳନାମୂଳକ ଉପାୟ। ଏହି ଉପାୟରେ ସମସ୍ୟା ସମାଧାନ ହୁଏ ନାହିଁ, କିନ୍ତୁ ଏହା ପିଲାଟିକୁ ଏକ ପ୍ରକାର କ୍ଷଣିକ ସନ୍ତୋଷ ଦେଇଥାଏ। ତେବେ ଭାରତ ପରିପ୍ରେକ୍ଷୀରେ ଏଭଳି କରିବ ଛଳନାକୁ ଦେଖିବା। ଅଗଷ୍ଟ ୨୧ରେ, ଆମ ଗଣମାଧ୍ୟମରେ ପ୍ରକାଶିତ ଏକ ଖବରର ଶିରୋନାମାରେ କ୍ରୀଡ଼ାମନ୍ତ୍ରୀ କହିଥିଲେ, ପାକିସ୍ତାନ ସହ କୌଣସି ଦ୍ୱିପାକ୍ଷିକ କାର୍ଯ୍ୟକ୍ରମ ନାହିଁ କିନ୍ତୁ ଭାରତୀୟ କ୍ରିକେଟ ଟିମ୍ ଏସିଆ କପ୍‌ରେ ଖେଳିବ। ତେବେ ନିମ୍ନ ପ୍ରଦତ୍ତ କେଉଁ ସବୁ ବିବୃତି ମୋଦି ସରକାରଙ୍କର ଔପଚାରିକ ପାକିସ୍ତାନ ନୀତିର ଏକ ଅଂଶ ଥିଲା? ୧) ପାକିସ୍ତାନ ସହ ଭାରତ ଆଲୋଚନା କରିବ। ୨) ପାକିସ୍ତାନ ସହ ଭାରତ ଆଲୋଚନା କରିବ ନାହିଁ। ୩) ଯେପର୍ଯ୍ୟନ୍ତ ଏଲ୍ଓସିରେ ପାକିସ୍ତାନ ଗୁଳିଚାଳନା କରୁଥିବ ସେଯାଏ ପାକିସ୍ତାନ ସହ ଭାରତ ଆଲୋଚନା କରିବ ନାହିଁ। ୪)ଆତଙ୍କବାଦ ଅନୁପ୍ରବେଶ ବନ୍ଦ କରିବା ପରେ ପାକିସ୍ତାନ ଓ ଭାରତ ମଧ୍ୟରେ ଆଲୋଚନା ହେବ। ୫) ପାକିସ୍ତାନ ଯଦି କଶ୍ମୀରରବାସୀଙ୍କ ସହିତ ଆଲୋଚନା କରେ ତେବେ ତାହା ସହ ଭାରତ ଆଲୋଚନା କରିବ ନାହିଁ। ୬) କଶ୍ମୀର ପ୍ରସଙ୍ଗରେ ନୁହେଁ, ବରଂ କେବଳ ପାକିସ୍ତାନ ଅଧିକୃତ କଶ୍ମୀର ଉପରେ ପାକିସ୍ତାନ ସହ ଭାରତ ଆଲୋଚନା କରିବ। ୭) କଶ୍ମୀର ପ୍ରସଙ୍ଗରେ ନୁହେଁ, କେବଳ ଆତଙ୍କବାଦ ସମ୍ପର୍କରେ ପାକିସ୍ତାନ ସହ ଭାରତ କଥା ହେବ। ୮) ସ୍ୱାଧୀନତା ଦିବସରେ ଭାରତ ଓ ପାକିସ୍ତାନ ମଧ୍ୟରେ ମିଠାଇ ଦିଆନିଆ ହେବ। ୯) ସ୍ୱାଧୀନତା ଦିବସରେ ଭାରତ–ପାକିସ୍ତାନ ମିଠାଇ ଆଦାନପ୍ରଦାନ କରିବେ ନାହିଁ। ୧୦) ସାଧାରଣତନ୍ତ୍ର ଦିବସରେ ଭାରତ ଓ ପାକିସ୍ତାନ ମଧ୍ୟରେ ମିଠାଇ ଦିଆନିଆ ହେବ। ୧୧) ଭାରତ ଓ ପାକିସ୍ତାନ ମଧ୍ୟରେ ସାଧାରଣତନ୍ତ୍ର ଦିବସରେ ମିଠାଇ ଦିଆନିଆ ହେବ ନାହିଁ। ୧୨) ଭାରତ ଓ ପାକିସ୍ତାନ ମଧ୍ୟରେ ଇଦ୍‌ରେ ମିଠାଇ ଆଦାନପ୍ରଦାନ ହେବ। ୧୩) ଇଦ୍‌ରେ ଭାରତ ଓ ପାକିସ୍ତାନ ମଧ୍ୟରେ ମିଠାଇ ଆଦାନପ୍ରଦାନ ହେବ ନାହିଁ। ୧୪)ପାକିସ୍ତାନ ସହ ଭାରତ କ୍ରିକେଟ କୂଟନୀତି ଅର୍ଥାତ୍ କ୍ରିକେଟ ପରିପ୍ରେକ୍ଷୀରେ ଦ୍ୱିପାକ୍ଷିକ ସମ୍ପର୍କ ରଖିବ। ୧୫) କ୍ରିକେଟକୁ ନେଇ ପାକିସ୍ତାନ ସହ ଭାରତ ଦ୍ୱିପାକ୍ଷିକ ସମ୍ପର୍କ ରଖିବ ନାହିଁ। ୧୬) ଯୁଦ୍ଧ ଏକମାତ୍ର ବିକଳ୍ପ ନ ହେବାରୁ ପାକିସ୍ତାନ ସହ ଭାରତ ଆଲୋଚନା କରିବ। ୧୭) ଗୋଟିଏ ସପ୍ତାହରେ ପାକିସ୍ତାନକୁ ଭାରତ ପରାସ୍ତ କରିପାରିବ। ୧୮) ପାକିସ୍ତାନ ସହ ଭାରତ ବାଣିଜ୍ୟିକ ସମ୍ପର୍କ ରକ୍ଷା କରିବ। ୧୯) ପାକିସ୍ତାନ ସହ ଭାରତ ବାଣିଜ୍ୟିକ ସମ୍ପର୍କ ରଖିବ ନାହିଁ। ବାସ୍ତବରେ ଏଗୁଡ଼ିକ ଥିଲା ମୋଦି ସରକାରଙ୍କ ଔପଚାରିକ ନୀତି।

ଏସିବୁ ବିବୃତି ସହ ନିମ୍ନ ପ୍ରଦତ୍ତ ଶୀର୍ଷକଗୁଡ଼ିକର ସମ୍ପର୍କ ରହିଛି। ୧) ଲାହୋରରେ ନୱାଜ ଶରିଫଙ୍କ ସହ ନରେନ୍ଦ୍ର ମୋଦି ବିନା ଯୋଜନାରେ ଅଚାନକ ଆଲୋଚନା କରିଛନ୍ତି, ୨୫ ଡିସେମ୍ବର ୨୦୧୫। ୨) ପାକିସ୍ତାନ ସହ ଭାରତ ଆଲୋଚନା କରିପାରେ, କିନ୍ତୁ ଆତଙ୍କବାଦ ସହିତ ନୁହେଁ–ଏସ. ଜୟଶଙ୍କର, ୨୫ ସେପ୍ଟେମ୍ବର ୨୦୧୯। ୩) ପାକିସ୍ତାନ ଯଦି ହୁରିୟତ ସହ ବୈଠକ କରେ ତେବେ ତା'ସହ କୌଣସି ଆଲୋଚନା ହେବ ନାହିଁ– ସୁଷମା ସ୍ୱରାଜ, ୨୨ ଅଗଷ୍ଟ ୨୦୧୫। ୪) ଦ୍ୱିପାକ୍ଷିକ ପ୍ରକ୍ରିୟା ମଧ୍ୟରେ ଜମ୍ମୁ–କଶ୍ମୀର ଉପରେ ପାକିସ୍ତାନ ସହ ଭାରତ ଆଲୋଚନା ପାଇଁ ପ୍ରସ୍ତୁତ, ୨୮ ଅଗଷ୍ଟ ୨୦୧୪। ୫) ଜମ୍ମୁ–କଶ୍ମୀର ଉପରେ ନୁହେଁ, ଆଗକୁ ପାକିସ୍ତାନ ସହ ଯଦି କଶ୍ମୀର ଉପରେ କଥା ହୁଏ ତାହା ପାକ୍ ଅଧିକୃତ କଶ୍ମୀର ସମ୍ପର୍କରେ ହିଁ ହେବ– ରାଜନାଥ ସିଂ, ୨୨ ସେପ୍ଟେମ୍ବର, ୨୦୧୯। ୬) ସ୍ୱାଧୀନତା ଦିବସରେ ଭାରତ–ପାକିସ୍ତାନ ସୁରକ୍ଷା ବଳ ମଧ୍ୟରେ ମିଠାଇ ଆଦାନପ୍ରଦାନ, ୧୫ ଅଗଷ୍ଟ ୨୦୧୮। ୭) ୭୩ତମ ସ୍ୱାଧୀନତା ଦିବସରେ ଆଟାରି ୱାଘା ସୀମାରେ ମିଠାଇ ଦିଆନିଆ ବନ୍ଦ, ୧୫ ଅଗଷ୍ଟ ୨୦୧୯। ୮) ସାଧାରଣତନ୍ତ୍ର ଦିବସରେ ଭାରତ–ପାକିସ୍ତାନ ସୈନିକଙ୍କ ମଧ୍ୟରେ ଏଲ୍ଓସିରେ ମିଠାଇ ଆଦାନପ୍ରଦାନ, ୨୬ ଜାନୁଆରୀ ୨୦୧୭। ୯) ବିଏସ୍ଏଫ୍ ଓ ପାକ୍ ରେଞ୍ଜର୍ସଙ୍କ ମଧ୍ୟରେ ଏଲ୍ଓସିରେ ମିଠା ବିନିମୟ ହେବ ନାହିଁ, ୧୫ ଜାନୁଆରୀ ୨୦୨୦। ୧୦) ଇଦ୍–ଉଲ୍–ଫିତର ଅବସରରେ ଭାରତ–ପାକିସ୍ତାନ ସେନା ମଧ୍ୟରେ ମିଠାଇ ଦିଆନିଆ, ୫ ଜୁନ୍ ୨୦୧୯। ୧୧) ଇଦ୍ ଅବସରରେ ୱାଘା ସୀମାରେ ବିଏସ୍ଏଫ୍ ଓ ପାକିସ୍ତାନ ରେଞ୍ଜର୍ସଙ୍କ ମଧ୍ୟରେ ମିଠାଇ ଆଦାନପ୍ରଦାନ ବନ୍ଦ, ୨୫ ମାର୍ଚ୍ଚ ୨୦୨୦। ୧୨) ମୋଦିଙ୍କ କ୍ରିକେଟ କୂଟନୀତି– ପାକିସ୍ତାନ ସହ ରାଜନୈତିକ ସମ୍ପର୍କର ନବୀକରଣ କରୁଛନ୍ତି, ୧୩ ଫେବୃଆରୀ ୨୦୧୫। ୧୩) ଅମିତ ଶାହା ଭାରତ–ପାକିସ୍ତାନ ଦ୍ୱିପାକ୍ଷିକ କ୍ରିକେଟ ସିରିଜ ରଦ୍ଦ କରିଛନ୍ତି, ୧୮ ଜୁନ୍ ୨୦୨୦ ୧୪) ପାକିସ୍ତାନ ସହ ଯୁଦ୍ଧ ଏକ ବିକଳ୍ପ ନୁହେଁ, ଭାରତ ଆଲୋଚନା ଜାରି ରଖିବ– ସ୍ୱରାଜ, ୧୬ ଡିସେମ୍ବର ୨୦୧୫। ୧୫) ଭାରତ ୭–୧୦ ଦିନ ମଧ୍ୟରେ ପାକିସ୍ତାନକୁ ପରାସ୍ତ କରିପାରେ– ନରେନ୍ଦ୍ର ମୋଦି, ୨୯ ଜାନୁଆରୀ ୨୦୨୦। ୧୬) ମୋଦି ପାକିସ୍ତାନ ସହ ସ୍ୱାଭାବିକ ବାଣିଜ୍ୟ ସମ୍ପର୍କ ଚାହାନ୍ତି, ୨୪ ନଭେମ୍ବର ୨୦୧୭।

ଏଭଳି ସବୁ ଖବର ଶିରୋନାମା କେବଳ ଏହି ସରକାରଙ୍କ ପ୍ରଥମ ୫ ବର୍ଷ ଭିତରେ ସାମ୍ନାକୁ ଆସିଛି। ତେବେ ଶିରୋନାମା ନୀତି ଶବ୍ଦର ଅର୍ଥ ନିର୍ଦ୍ଧାରଣ କରିଛି। ଅନେକ ବିକଳ୍ପ ମଧ୍ୟରୁ ଚୟନ କରାଯାଇଥିବା ପଦକ୍ଷେପର ଏକ ନିର୍ଦ୍ଦିଷ୍ଟ ଉପାୟ ବା ପଦ୍ଧତି ଭାବେ ନୀତିକୁ ବର୍ଣ୍ଣାଯାଇଛି। ଏହା ପରିସ୍ଥିତିକୁ ଦେଖି ଏବକାର ତଥା ଭବିଷ୍ୟତର ନିଷ୍ପତ୍ତିକୁ ନିର୍ଦ୍ଧିତ କରିବା ସହ ତାହାକୁ ମାର୍ଗଦର୍ଶନ କରେ ବୋଲି କୁହାଯାଇଛି। ଏହା ସହ ନୀତି ହେଉଛି ଏକ ଉଚ୍ଚସ୍ତରୀୟ ସାମଗ୍ରିକ ଯୋଜନା, ଯାହା ମୁଖ୍ୟତଃ ଗୋଟିଏ ସରକାରୀ ସଂସ୍ଥାର ସାଧାରଣ ଲକ୍ଷ୍ୟ ଓ ଗ୍ରହଣୀୟ ପ୍ରକ୍ରିୟାଗୁଡ଼ିକୁ ସମର୍ଥନ କରେ। କିନ୍ତୁ ଆଶ୍ଚର୍ଯ୍ୟର କଥା ହେଉଛି ଭାରତର ପାକ୍ ବା ପାକିସ୍ତାନ ନୀତିକୁ ଶବ୍ଦକୋଷ କିଭଳି ବର୍ଣ୍ଣନା କରିବ?

Email:aakar.patel@gmail.com

# ପ୍ରଚାର ଫଳକ



ହରିଶଙ୍କର ମିଶ୍ର

ରାଜ୍ୟର ପ୍ରତ୍ୟେକ ସହର ଏବଂ ଗ୍ରାମର ଛକ ଜାଗା, ବସ୍ ରହଣିସ୍ଥଳରୁ ରେଳ ଷ୍ଟେସନ, ଉଡ଼ାଜାହାଜ ପଡ଼ିଆରୁ ଖେଳପଡ଼ିଆ, ବ୍ୟାଙ୍କ ଏବଂ ଜନସେବା କେନ୍ଦ୍ର, ସରକାରୀ କାର୍ଯ୍ୟାଳୟ ପରିସରରୁ ବୃହତ୍ ବ୍ୟବସାୟିକ ଅନୁଷ୍ଠାନ ପାଖରେ ବିଭିନ୍ନ ଆକୃତିର ଫଳକମାନ ଦେଖିବାକୁ ମିଳୁଛି। ସେଥିରେ 'ସରକାର କଥା ଦେଇ କଥା ରଖିଲେ' ଲେଖାଯାଇ କିଛି ସରକାରୀ ଯୋଜନାର ସୂଚନା ଦିଆଯାଇଛି। ଲକ୍ଷାଧିକ ସଂଖ୍ୟାରେ ରହିଥିବା ଏହି ଫଳକ ଓ ବିଜ୍ଞାପନ ପାଇଁ କେତେ କୋଟି ସରକାରୀ ରାଜସ୍ୱ ବ୍ୟୟ ବା ଅପବ୍ୟୟ ହୋଇଛି ବା ହେଉଛି ତାହା ତ ଦ୍ୱିତୀୟ ପ୍ରଶ୍ନ। କିନ୍ତୁ ସରକାର କେଉଁ କଥା ଦେଇଥିଲେ ଏବଂ କିପରି ପାଳନ କରିଛନ୍ତି ତାହା ଆଲୋଚନା କରାଗଲେ ସେଇ ପ୍ରଚାରମୂଳକ ଫଳକ ଓ ବିଜ୍ଞାପନର ଯଥାର୍ଥତା ସ୍ୱତଃ ସ୍ପଷ୍ଟ ହେବ। ଏତଦ୍ବ୍ୟତୀତ ବିଭିନ୍ନ ସହରରେ ଶତାଧିକ ପରଦା ଲଗାଯାଇ ଦୃଶ୍ୟ ଶ୍ରାବ୍ୟ ବିବରଣୀ ମାଧ୍ୟମରେ ମଧ୍ୟ ବିଭିନ୍ନ ସଫଳତାର ବାର୍ତ୍ତା ପ୍ରଚାର ହେଉଛି।

ଏହା ସତ୍ୟ ଯେ ରାଜ୍ୟରେ ଗୋଟିଏ ଦଳ ଦୀର୍ଘ ୨୪ବର୍ଷର ଶାସନ ପରେ ପୁନଃ କ୍ଷମତାସୀନ ହେବାରୁ ବଞ୍ଚିତ ହେବା ପଛରେ ଯେଉଁ ପ୍ରତିଶ୍ରୁତିମାନ ମୁଖ୍ୟ ଭୂମିକା ନିର୍ବାହ କରିଥିଲା ତନ୍ମଧ୍ୟରେ ଥିଲା ଓଡ଼ିଆ ଅସ୍ମିତା ପରି ଏକ ସ୍ପର୍ଶକାତର ଶବ୍ଦ। ଓଡ଼ିଆ ଭାଷାରେ ସରକାରୀ କାର୍ଯ୍ୟ ପାଇଁ ଦୀର୍ଘଦିନର ନୀରବ ଆନ୍ଦୋଳନ ପରେ ବିଗତ ସରକାର ସରକାରୀ ଦପ୍ତରରେ ଓଡ଼ିଆ ଭାଷା ପ୍ରଚଳନ ବିଧେୟକ ପାରିତକରାଇ ତା'ର ଅବମାନନା ପାଇଁ ଦଣ୍ଡ ବ୍ୟବସ୍ଥାର ଆଇନ କରିଥିଲେ। କିନ୍ତୁ ଓଡ଼ିଆ ଅସ୍ମିତାକୁ ଅସ୍ତ୍ରକରି କ୍ଷମତାକୁ ଆସିଥିବା ନୂଆ ସରକାର ଉଭୟ ଇଂଲିଶ ଏବଂ ଓଡ଼ିଆରେ ସରକାରୀ ନଥି ଓ ପତ୍ରାଳାପ ପାଇଁ ନିୟମ କରିବା ଅଛିତାର ଜାଗରଣ ନା ଦାସ୍ତ୍ୱିକ ଚାପ ମାଧ୍ୟମରେ ଆତ୍ମସମର୍ପଣ ତାହା ବିଚାରଯୋଗ୍ୟ। ଏହା ସରକାର କଥା ଦେଇ କଥା ରଖିବାର ଏକ ଉଦାହରଣ। ରତ୍ନଭଣ୍ଡାରର ଚାବି ପାତାଳରେ ଥିଲେ ବି ଖୋଜା ଚାଲିଛି ବୋଲି ବିଶ୍ୱସନୀୟ ପ୍ରତିଶ୍ରୁତି ରକ୍ଷା ପରିବର୍ତ୍ତେ ରଘୁବୀର ଦାସଙ୍କ ତଦନ୍ତ ରିପୋର୍ଟ ପ୍ରକାଶ ନ କରିବା ଏବଂ ରତ୍ନଭଣ୍ଡାରର ଚାବି ଭଙ୍ଗା ସତ୍ତ୍ୱେ ସରକାରୀ ନିୟମାନୁଯାୟୀ ତତ୍କାଳ ଗଚ୍ଛିତ ଅଳଙ୍କାରର ତାଲିକା ନ କରିବା, ରତ୍ନଭଣ୍ଡାରରେ ଗଚ୍ଛିତ ଅଳଙ୍କାରର ଗଣତି ମରାମତି କରାଇ ପୂର୍ବରୁ ଥିବା ତାଲିକା ସହ ମେଳକ ପରିବର୍ତ୍ତେ ରିଜର୍ଭ ବ୍ୟାଙ୍କର ସହାୟତା ଏବଂ ରାଜ୍ୟ ବାହାରର ମୂଲ୍ୟାୟନ ଅଧିକାରୀ ନିଯୁକ୍ତିର ଖବର ଓ ଏଥିପାଇଁ କାଳକ୍ଷେପଣ ନୀତି ସ୍ପଷ୍ଟ କରୁଛି ଯେ ସରକାର କୌଣସି ନିର୍ଦ୍ଦିଷ୍ଟ କାରଣ ବା କାହାର ସୁରକ୍ଷା ପାଇଁ ଏହାକୁ ଏଡ଼ାଇଚାଲିଛନ୍ତି। ପ୍ରତିଶ୍ରୁତି ମତେ ଶ୍ରୀଜଗନ୍ନାଥଙ୍କ ମନ୍ଦିରର ଚାରିଦ୍ୱାର ଭକ୍ତଙ୍କ ଯାତାୟାତ ପାଇଁ ଯଦିଓ ଖୋଲାଯାଇଛି ଭିତରେ ଶ୍ରୀଜୀଉମାନଙ୍କ ଦର୍ଶନ ଭକ୍ତଙ୍କୁ ଅଶାନ୍ତିପ୍ରଦ କରାଉଛି। ସମୟାନ୍ତରେ କେତେଜଣ ଭକ୍ତ ଅସୁସ୍ଥ ମଧ୍ୟ ହେଉଛନ୍ତି। ତାହାର ସମାଧାନ ବା ସର୍ବୋଚ୍ଚ ନ୍ୟାୟାଳୟଙ୍କ ନିର୍ଦ୍ଦେଶ ମତେ ପୂର୍ଣ୍ଣକାଳୀନ ମୁଖ୍ୟ ପ୍ରଶାସକ ନିଯୁକ୍ତି ନ କରିବା ନିଶ୍ଚିତ ସରକାରଙ୍କ ଶ୍ରୀମନ୍ଦିର ପ୍ରତି ନୈତିକ କର୍ତ୍ତବ୍ୟର ଉଲ୍ଲଂଘନ କରୁଛନ୍ତି ଏଥିରେ ଦ୍ୱିରୁକ୍ତି ନାହିଁ। କ୍ଷମତାକୁ ଆସିଲେ ରାଜ୍ୟ ସଂଗ୍ରହାଳୟରୁ ସ୍ଥାନାନ୍ତରିତ ହୋଇଥିବା ବହୁ ହଜାର ଦୁଷ୍ପ୍ରାପ୍ୟ ପୋଥି ଓ ଦସ୍ତାବିଜ ଉଦ୍ଧାର କରିବାକୁ ସରକାର ନିର୍ବାଚନୀ ପ୍ରତିଶ୍ରୁତି ଦେଇଥିଲେ। ମାତ୍ର ଆଶ୍ଚର୍ଯ୍ୟର କଥା, କ୍ଷମତା ହାସଲ ପରେ ବିଧାନସଭାରେ ଏ ସମ୍ପର୍କିତ ଗୋଟିଏ ପ୍ରଶ୍ନର ଉତ୍ତରରେ ସମ୍ପୃକ୍ତ ମନ୍ତ୍ରୀ କୌଣସି ନଥି ବା ଦସ୍ତାବିଜ ସ୍ଥାନାନ୍ତର ହୋଇ ନ ଥିବା ଉତ୍ତର ଦେବା କଥା ଦେଇ କଥା ରଖିବାର ଉଦାହରଣ ମଧ୍ୟ ହୋଇଗଲା। ରାଜ୍ୟରେ ହାତଗଣତି କେତେଜଣ ଅଧିକାରୀ ଜିଲ୍ଲାକୁ କବଳିତ ହେଲେ ଦୁର୍ନୀତି ଯେ ଲୋପପାଇଯିବ ଏହା ଭାବିବା ଭୁଲ୍। ଏବେବି ବ୍ଲକ୍‌ଠାରୁ ଥାନା ଓ ବିଭିନ୍ନ ଅର୍ଥକରୀ ବିଭାଗରେ ଦୁର୍ନୀତି ଯେପରି ଥିଲା ସେପରି ଚାଲୁଛି, କିନ୍ତୁ ତା'ର ତଦିକା ଓ ସେଥିରେ ସମ୍ପୃକ୍ତ ବେସରକାରୀ ମୁଖିଙ୍କ ପରିଚୟ କେବଳ ବଦଳିଯାଇଛି। ଯେଉଁମାନେ ଦୁର୍ନୀତିରେ ପାହାଡ଼ ଉପରେ ଥିଲେ ବା ଅଛନ୍ତି ତନ୍ମଧ୍ୟରୁ ଅନେକେ କେବଳ ନିଜର ରଙ୍ଗ ଓ ଆନୁଗତ୍ୟ ବଦଳ କରିବା ଦ୍ୱାରା ରଥୀଙ୍କରୁ ବାଲ୍ମୀକି ହୋଇଯାଇଛନ୍ତି। କିନ୍ତୁ ରାଜ୍ୟ ଦୁର୍ନୀତିମୁକ୍ତ ନ ଥିଲା, ଏବେ ନାହିଁ ବା ଭବିଷ୍ୟତରେ ହେବାର ସମ୍ଭାବନା ବି ନାହିଁ। ଦୁର୍ନୀତିମୁକ୍ତ ଶାସନ କେବଳ ନିର୍ବାଚନୀ ପ୍ରତିଶ୍ରୁତି ଥିଲା। ନିର୍ବାଚନ ପୂର୍ବରୁ ରାଜ୍ୟ ରାଜକୋଷକୁ ଯଥେଷ୍ଟ ଭାରାକ୍ରାନ୍ତ କରାଯାଇଥିବାବେଳେ ଦୁର୍ନୀତି ଜଳଜଳ ଦେଖାଯାଉଥିଲା। ସେଥିରେ ଅତିଷ୍ଠ ରାଜ୍ୟବାସୀ ଆଶା କରିଥିଲେ, ନୂତନ ସରକାର ଆସିଲେ ତା'ର ପର୍ଦ୍ଦାଫାଶ ହେବ। ତାହା ମଧ୍ୟ ଏକାଧିକ ସଭାରେ ଘୋଷଣା ହୋଇଥିଲା। କିନ୍ତୁ ଦୀର୍ଘ ୧୫ ମାସ ଅତିକ୍ରାନ୍ତ ହୋଇଥିଲେ ମଧ୍ୟ ସେ



ସମ୍ପର୍କରେ ସାମାନ୍ୟତମ କାର୍ଯ୍ୟାନୁଷ୍ଠାନ ନ ହେବା ଯୋଗୁ ପ୍ରତିଶ୍ରୁତି ଫିକା ପଡ଼ିଯାଇଛି। ଏଠାରେ କଥା ଦେଇଥିଲେ ବି କଥା ରଖିବା ସରକାରଙ୍କ ପାଖରେ ସମ୍ଭବ ନୁହେଁ ଏହା ସ୍ପଷ୍ଟ ହୋଇଛି। କିନ୍ତୁ ସରକାର ସ୍ମରଣୀୟ ରଥଯାତ୍ରା କରିବାକୁ ଦେଇଥିବା କଥା ଶ୍ରୀଜଗନ୍ନାଥମାନଙ୍କ ମୋଟକ ଦାଣ୍ଡକାଠ ଚୋରିଠାରୁ ବହୁଳ ଓ ବିବିଧ ଦୁର୍ଘଟଣା ପାଇଁ ନିଶ୍ଚିତ ସ୍ମରଣୀୟ ହୋଇଗଲା। ଏପରିକି ବିଗତ କିଛି ଦଶନ୍ଧି ମଧ୍ୟରେ ଚଳିତ ବର୍ଷ ମୃତାହତ ଭକ୍ତଙ୍କ ସଂଖ୍ୟା ନିଶ୍ଚିତ ସ୍ମରଣୀୟ ହେଲାଣି। ଏପରିକି ଅଦିନିଆ ରଥଯାତ୍ରା କରି ଶ୍ରୀଜଗନ୍ନାଥ ସଂସ୍କୃତିକୁ ପରିହାସ କରୁଥିବା ଇସ୍କନ ସଂସ୍ଥା ପାଖରେ ଆଡମିନଙ୍କ ମାଧ୍ୟମରେ ପୁରୀ ସହରକୁ ଟେକିଦେବା ମଧ୍ୟ ଅତ୍ୟନ୍ତ ସ୍ମରଣୀୟ ଘଟଣା ହୋଇଗଲା।

ସରକାର କଥା ଦେଇ ଯେଉଁ ଦୁଇଟି ସଫଳତାକୁ ବାରମ୍ବାର ପ୍ରଚାର କରୁଛନ୍ତି ତାହା ସୁଭଦ୍ରା ଯୋଜନା ଓ ଧାନ ସଂଗ୍ରହର ସହାୟକ ମୂଲ୍ୟ ବୃଦ୍ଧି। ଏହି ପ୍ରତିଶ୍ରୁତି ପୂରଣ ପାଇଁ ରାଜ୍ୟ ତହବିଲକୁ ଯଥେଷ୍ଟ ଭାରାକ୍ରାନ୍ତ କରାଯାଇଛି ସିନା ଏହାଦ୍ୱାରା ରାଜ୍ୟର କୌଣସି ସାମଗ୍ରିକ ଉନ୍ନତି ହୋଇନାହିଁ। ୧ କୋଟିରୁ ଅଧିକ ସୁଭଦ୍ରା ହିତାଧିକାରୀଙ୍କ ପାଇଁ ବାର୍ଷିକ ୧୦ହଜାର କୋଟିରୁ ଅଧିକ ଟଙ୍କାରେ ନିଶ୍ଚିତ ଏକାଧିକ ବୃହତ୍ ଯୋଜନା ହୋଇପାରି ଥାନ୍ତା। ସବୁଠାରୁ ଆଶ୍ଚର୍ଯ୍ୟଜନକ ଯେ ସୁଭଦ୍ରା ଯୋଜନା ଅର୍ଥ ବ୍ୟକ୍ତିଗତ ଉଦ୍ଦେଶ୍ୟରେ ଖର୍ଚ୍ଚ ହୋଇଥିବା ଯେକୌଣସି ଗ୍ରାମ ବା ସହରର ହିତାଧିକାରୀଙ୍କଠାରୁ ସ୍ପଷ୍ଟ ହେଉଥିଲା ବେଳେ ଏହା ବହୁ ସଂଖ୍ୟାରେ ଉଦ୍ୟମୀ ହେଉଛନ୍ତି ବା କୁଆଡ଼େ ବିନିଯୋଗ ହୋଇଛି ବୋଲି ସର୍ବେକ୍ଷଣରୁ ଜଣାପଡ଼ିଛି। ଯଦି ସର୍ବେକ୍ଷଣ ସତ୍ୟ ତେବେ ସେଇ ୧କୋଟିରୁ ଅଧିକ ହିତାଧିକାରୀଙ୍କ ନାମ ମାଗଣା ତାଲିକାରୁ କାଟିଦେବା ଉଚିତ ନୁହେଁ କି? ମାତ୍ର କାଗଜପତ୍ରରେ ପ୍ରଗତିର ବାର୍ତ୍ତା ବାଣ୍ଟୁଥିବା ସରକାର ଏହା କରିବା କେବେ ବି ସମ୍ଭବ ନୁହେଁ। ଧାନର ସହାୟକ ମୂଲ୍ୟ ବୃଦ୍ଧିରେ ମଧ୍ୟ ଅନୁରୂପ ଅଭିଯୋଗ ହେଉଛି ଯେ ଏହି ବୃଦ୍ଧି ଯୋଗୁ ଧାନ ସଂଗ୍ରହ ପାଇଁ ବିଭିନ୍ନ ମାନଦଣ୍ଡ ଆଧାରରେ ଯଥେଷ୍ଟ କମ୍ ଧାନ ସଂଗ୍ରହ କରାଯାଉଛି। ନିଜକୁ ଲୋକଙ୍କ ସରକାର ବୋଲି କହୁଥିବା ବେଳେ ଅଭିଯୋଗ ପ୍ରକୋଷ୍ଠରେ ଦାଖଲ ସମସ୍ତ ଅଭିଯୋଗକୁ ଆବଶ୍ୟକ ଅନୁଯାୟୀ ସଚିବଙ୍କଠାରୁ ତହସିଲଦାରଙ୍କ ପାଖକୁ ପଠାଇଦେବା ସମାଧାନ ନୁହେଁ। ଯେଉଁଠାରୁ ନିରାଶ ହେବାପରେ ଲୋକମାନେ ସିଧା ସରକାରଙ୍କୁ ଗୁହାରି କରୁଛନ୍ତି, ସେହି ଅଭିଯୋଗ ପୁନଶ୍ଚ ସ୍ଥାନୀୟ ଅଧିକାରୀଙ୍କ ପାଖକୁ ସମାଧାନ ପାଇଁ ଆସିଲେ ଅଭିଯୋଗକାରୀ କିଭଳି ନ୍ୟାୟ ପାଉଥିବେ ତାହା ବିଚାରଯୋଗ୍ୟ। ସରକାରଙ୍କର ସାଧାରଣ ପ୍ରଶାସନ ବିଭାଗ ଅଧୀନରେ 'ସାଧାରଣ ସେବା ଅଧିକାର'(ଆର୍‌ଟିଜିଏସ୍) ପୋର୍ଟାଲରେ ସମସ୍ତ ଅଭିଯୋଗ ଓ କାର୍ଯ୍ୟାନୁଷ୍ଠାନର ବିବରଣୀ ଦିଆଗଲେ ତାହା ଅଧିକ ସ୍ୱଚ୍ଛ, ସ୍ପଷ୍ଟ ଓ ଶସକ୍ତ ହୋଇପାରିବ।

ଶେଷରେ ଏତିକି କୁହାଯାଇପାରେ, ଯେଉଁଦିନ ରାଜ୍ୟର ସାମଗ୍ରିକ ଉନ୍ନତି ହେବ ତାହା ଲୋକମାନେ ନିଜେ ଅନୁଭବ କରିବେ। ସେତେବେଳେ କୌଣସି ପ୍ରଯୋଜିତ ପ୍ରଚାର ଫଳକ ଆବଶ୍ୟକ ହେବନାହିଁ।

କୁଣ୍ଡିଚା ବିହାର, ପୁରୀ
ମୋ : ୭୯୭୮୭୫୪୯୩

# କୃଷି ବିକାଶରେ କୃଷି ମହାବିଦ୍ୟାଳୟ



ପ୍ର. ବିଜୟ କୁମାର ମହାପାତ୍ର

କୃଷି ଶିକ୍ଷା, ଗବେଷଣା ଓ ସମ୍ପ୍ରସାରଣ କ୍ଷେତ୍ରରେ ଆମ ରାଜ୍ୟର ଏକକ ସରକାରୀ କୃଷି ବିଶ୍ୱବିଦ୍ୟାଳୟ ଭାବରେ ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ ବିଗତ ଛଅ ଦଶନ୍ଧିରୁ ଊର୍ଦ୍ଧ୍ୱ ସମୟ ଧରି ନିରବଚ୍ଛିନ୍ନ ଭାବରେ ନିଜସ୍ୱ ଉତ୍କର୍ଷ ପ୍ରତିପାଦନ କରିଆସିଛି। ଏହି ବିଶ୍ୱବିଦ୍ୟାଳୟ ଅଧୀନରେ କୃଷି ଓ ଆନୁଷଙ୍ଗିକ ବିଷୟ ଯଥା ଉଦ୍ୟାନ କୃଷି, ପଶୁ ଚିକିତ୍ସା ଏବଂ ପ୍ରାଣିପାଳନ, କୃଷି ବୈଷୟିକ, ବନ ବିଜ୍ଞାନ, ମତ୍ସ୍ୟ ବିଜ୍ଞାନ, ଗୋଷ୍ଠୀ ବିଜ୍ଞାନ, କଳା ଓ ମୌଳିକ ବିଜ୍ଞାନ, ସ୍ନାତକୋତ୍ତର ଅଧ୍ୟୟନ କେନ୍ଦ୍ର ଇତ୍ୟାଦି ୧୦ ଗୋଟି ମହାବିଦ୍ୟାଳୟ ସହିତ ୧୦ ଗୋଟି ପଲିଟେକ୍‌ନିକ୍ କେନ୍ଦ୍ରରେ ସଫଳତାର ସହିତ ନିରନ୍ତର ଶିକ୍ଷାଦାନ କରାଯାଉଛି।

ଛାତ୍ରଛାତ୍ରୀଙ୍କର କୃଷି ବୈଷୟିକ ଜ୍ଞାନର ସଫଳ ସଦୁପଯୋଗ ନିମିତ୍ତ ସେମାନଙ୍କୁ ଶ୍ରେଣୀଗୃହ ଶିକ୍ଷା ସହ କୌଶଳ ବିକାଶ ନିମନ୍ତେ ଉପଯୁକ୍ତ ତାଲିମ ପ୍ରଦାନ କରାଯାଉଛି, ଯଦ୍ୱାରା ସେମାନେ ଚାଷୀ କ୍ଷେତରେ ଉପୁଜିଥିବା ଅସୁବିଧାକୁ ଦୂର କରିବାକୁ ସକ୍ଷମ ହୋଇପାରିବେ। ମାନବ ସମ୍ବଳର ବିକାଶ, ସ୍ଥିତି ଓ ସ୍ଥାନୀୟତା ଭିତ୍ତିରେ କୃଷକର ସର୍ବାଙ୍ଗୀନ ବିକାଶ, ଜୀବିକା ନିର୍ବାହ ଧାରାରେ ଉନ୍ନତୀକରଣ, ଉତ୍ପାଦନ ଓ ଉତ୍ପାଦିକତା ଶକ୍ତି ବୃଦ୍ଧି ସହ କୃଷକର ଆୟ ବୃଦ୍ଧି ଏବଂ ସାମଗ୍ରିକ ବିକାଶକୁ ଦୃଷ୍ଟିରେ ରଖି ସମ୍ପ୍ରତି ପରିବର୍ତ୍ତିତ ଢଙ୍ଗରେ କୃଷି ଶିକ୍ଷା ପ୍ରଦାନ କରାଯାଉଛି। ବିଗତ ଶିକ୍ଷାବର୍ଷରୁ କେନ୍ଦ୍ର ସରକାର ଶିକ୍ଷାରେ ସଂସ୍କାର ଆଣି ପ୍ରଚଳନ କରିଥିବା ନୂଆ ଶିକ୍ଷାନୀତି–୨୦୨୦ ଅନୁସାରେ କୃଷି ଶିକ୍ଷା ପ୍ରଦାନ ଆରମ୍ଭ ହୋଇଛି। ଏଥିରେ ନୂଆ କରି ଯେଉଁ ଯେଉଁ ବିଷୟ ପ୍ରତି ଗୁରୁତ୍ୱ ଦିଆଯାଇଛି, ସେ ବିଷୟ ସବୁକୁ ନୂଆ ଶିକ୍ଷା ପଦ୍ଧତି ଭିତରେ ମିଶାଇ ଦିଆଯାଇଛି। ଆଗରୁ କୃଷି ଶିକ୍ଷା ବିଷୟଟି ସମ୍ପୂର୍ଣ୍ଣ ୪ ବର୍ଷ ଅବଧିର ଥିଲା, କିନ୍ତୁ ଏବେ ବହୁବାର ଏହି ପାଠ୍ୟକ୍ରମ ଭିତରକୁ ପ୍ରବେଶ କିମ୍ବା ପ୍ରସ୍ଥାନର ବ୍ୟବସ୍ଥା ରହିଛି। ପ୍ରଥମ ବର୍ଷ ଶେଷରେ ଏବଂ ଦ୍ୱିତୀୟ ବର୍ଷ ଶେଷରେ ଜଣେ ଛାତ୍ର ଚାହିଁଲେ ସାର୍ଟିଫିକେଟ୍ ଅଥବା ଡିପ୍ଲୋମା ନେଇ ଏହି ପାଠ୍ୟକ୍ରମରୁ ପ୍ରସ୍ଥାନ କରିପାରିବ ଏବଂ ପରେ ପୁଣି ଆଉ ଦୁଇ ବର୍ଷର ପାଠ୍ୟକ୍ରମ ସମାପ୍ତ କରି କୃଷି ସ୍ନାତକ ଡିଗ୍ରୀ ହାସଲ କରିପାରିବ। ଏହାଛଡ଼ା ପ୍ରତି ସେମିଷ୍ଟରରେ ବୈଷୟିକ ଜ୍ଞାନ ସହ ବ୍ୟାବହାରିକ କୌଶଳ ବୃଦ୍ଧି ପାଇଁ ପାଠ୍ୟକ୍ରମରେ ବ୍ୟବସ୍ଥା କରାଯାଇଛି। ଏତଦ୍ବ୍ୟତୀତ ପ୍ରଥମ ବର୍ଷ ପାଠ୍ୟକ୍ରମ ଆରମ୍ଭ ହେବା ପୂର୍ବରୁ ନୂତନ ପ୍ରବେଶ କରିଥିବା ଛାତ୍ରଛାତ୍ରୀଙ୍କ ପାଇଁ ଦୁଇ ସପ୍ତାହ ବ୍ୟାପୀ 'ଦୀକ୍ଷାରମ୍ଭ' ନାମକ ଏକ କାର୍ଯ୍ୟକ୍ରମ କରାଯାଉଛି; ଯାହା ମାଧ୍ୟମରେ ପିଲାମାନେ ବିଶ୍ୱବିଦ୍ୟାଳୟ, ମହାବିଦ୍ୟାଳୟ ଏବଂ ବିଭିନ୍ନ ବିଭାଗ ବିଷୟରେ ଅବଗତ ହେବା ସହ ବିଷୟ ପରିଚିତି, ପ୍ରୟୋଗଶାଳାର କାର୍ଯ୍ୟ ପ୍ରଣାଳୀ, କୃଷି ଆନୁଷଙ୍ଗିକ ବିଷୟକ ବିଭିନ୍ନ ଗବେଷଣା ପ୍ରତିଷ୍ଠାନ ବୁଲି ଦେଖିବା ଏବଂ ଚାଷୀମାନଙ୍କ କ୍ଷେତକୁ ଯାଇ ବିଭିନ୍ନ ଫସଲ ବିଷୟରେ ଅବଗତ ହେବା ସହ ତତ୍ ସମ୍ପର୍କିତ ବିଭିନ୍ନ ସୁବିଧା



ଅସୁବିଧା ବିଷୟରେ ଜାଣିବାକୁ ପାଇପାରୁଛନ୍ତି।

କୃଷି ଶିକ୍ଷା କ୍ଷେତ୍ରରେ ନୂତନ ଦିଗନ୍ତକୁ ବିଚାରକୁ ନେଲେ ସମ୍ପ୍ରତି କୃତ୍ରିମ ବୁଦ୍ଧିମତ୍ତା (ଆର୍ଟିଫିସିଆଲ୍ ଇଣ୍ଟେଲିଜେନ୍ସ)କୁ ଭିତ୍ତି କରି ବିଭିନ୍ନ ଇଣ୍ଟରନେଟ୍ ଆପ୍ ମାଧ୍ୟମରେ କୃଷିରେ ସମସ୍ୟାର ଚିହ୍ନଟ ଏବଂ ତା'ର ପ୍ରତିକାର ପାଇଁ ପଦକ୍ଷେପମାନ ନିଆଯାଉଛି। ଡ୍ରୋନ୍ ସାହାଯ୍ୟରେ ଫସଲର ସ୍ଥିତି ପରଖିବା, ଔଷଧ ଏବଂ ହର୍ମୋନ ସିଞ୍ଚନ କରିବା ହେଉ ଅଥବା ରୋଗପୋକ ଏବଂ ଘାସ ଉପରେ ନଜର ରଖିବା, ବିଭିନ୍ନ ଆପ୍ ଏବଂ ମଡେଲ ସାହାଯ୍ୟରେ ପାଣିପାଗର ପୂର୍ବ ଆକଳନ କରିବା, ସାର ଓ ରାସାୟନିକ ବ୍ୟବହାର କ୍ଷେତ୍ରରେ ନାନୋ ଟେକ୍ନୋଲୋଜିର ବ୍ୟବହାର ସହିତ ପରିବର୍ତ୍ତିତ ଜଳବାୟୁ ପରିସ୍ଥିତିରେ ଜଳବାୟୁ ଅନୁକୂଳ ଚାଷ ପଦ୍ଧତି ଏସବୁ ବିଷୟରେ ନୂତନ ଜ୍ଞାନ କୌଶଳ ପ୍ରଦାନ ପାଇଁ ନୂତନ ପାଠ୍ୟକ୍ରମ ଖସଡ଼ା ପ୍ରସ୍ତୁତ କରାଯାଇଛି। ଛାତ୍ରଛାତ୍ରୀମାନଙ୍କର ଶୈକ୍ଷିକ ଗବେଷଣା କ୍ଷେତ୍ରରେ ଅତ୍ୟାଧୁନିକ ଓ ଅନନ୍ୟ ବିଷୟର ଗବେଷଣା ପାଇଁ ଆମ ଦେଶର ତଥା ବିଦେଶର କେତେକ ଶିକ୍ଷାନୁଷ୍ଠାନ ଓ ଗବେଷଣା ପ୍ରତିଷ୍ଠାନ ସହିତ ବୁଝାମଣା ଚୁକ୍ତିପତ୍ର ସ୍ୱାକ୍ଷରିତ ହୋଇଛି। ରାଜ୍ୟ ତଥା ଦେଶର ନୀତି ନିର୍ଦ୍ଧାରଣଠାରୁ ଆରମ୍ଭ କରି ରାଜ୍ୟ ତଥା କେନ୍ଦ୍ର ପ୍ରଶାସନିକ ସେବା ହେଉ କିମ୍ବା କୃଷି ବୈଜ୍ଞାନିକ ଭାବେ ଅଥବା ଅନ୍ୟ ଯେକୌଣସି ଅନୁଷ୍ଠାନର ବିଶିଷ୍ଟ ପଦବୀରେ ଏହି କୃଷି ମହାବିଦ୍ୟାଳୟର ଛାତ୍ରଛାତ୍ରୀମାନେ କାର୍ଯ୍ୟରତ। ସ୍ନାତକ, ସ୍ନାତକୋତ୍ତର ଏବଂ ପିଏଚ୍.ଡି. ବିଭାଗରେ ଅଧୁନା ୧୫୦୦ରୁ ଊର୍ଦ୍ଧ୍ୱ ଛାତ୍ରଛାତ୍ରୀ ବର୍ତ୍ତମାନ ଏହି କୃଷି ମହାବିଦ୍ୟାଳୟ, ଭୁବନେଶ୍ୱରରେ ଅଧ୍ୟୟନରତ ଅଛନ୍ତି। ସ୍ନାତକ ପାଠ୍ୟକ୍ରମ ପରେ ପିଲାମାନେ ବିଭିନ୍ନ କ୍ଷେତ୍ରରେ ନିଜର ଦକ୍ଷତା ମୁତାବକ ଚାକିରିରେ ଯୋଗ ଦେଇ ସମାଜର ତଥା ଚାଷୀକୁଳର ସେବାରେ ନିଜକୁ ନିୟୋଜିତ କରିପାରୁଛନ୍ତି। ଓଡ଼ିଶା ସରକାରଙ୍କ କୃଷି ଓ କୃଷକ ସଶକ୍ତୀକରଣ ବିଭାଗ ଅଧୀନରେ ସହକାରୀ କୃଷି ଅଧିକାରୀ ହେଉ କିମ୍ବା ସହକାରୀ ଉଦ୍ୟାନ କୃଷି ଅଧିକାରୀ ଅଥବା ସହକାରୀ ମୃତ୍ତିକା ସଂରକ୍ଷଣ ବିଭାଗର ଅଧିକାରୀ ଏସବୁ ବିଭାଗରେ କାର୍ଯ୍ୟ କରିପାରୁଛନ୍ତି। ବିଭିନ୍ନ ଜାତୀୟକରଣ ଅବା ବେସରକାରୀ ବ୍ୟାଙ୍କରେ ଫିଲ୍ଡ ଅଫିସର ଅବା ପ୍ରୋବେସନାରି ଅଫିସର ହିସାବରେ ବୃତ୍ତିଗତ ସ୍ତରରେ କୃଷକଙ୍କ ସେବାରେ ନିୟୋଜିତ ହୋଇପାରୁଛନ୍ତି। ଏହାଛଡ଼ା ପ୍ରତିବର୍ଷ ଓଡ଼ିଶା ପ୍ରଶାସନିକ ସେବା ଏବଂ ଓଡ଼ିଶା ବନସେବାରେ ବିଭିନ୍ନ ପଦ ପଦବୀରେ ଆମର ଛାତ୍ରଛାତ୍ରୀମାନେ ପରାକାଷ୍ଠା ପ୍ରଦର୍ଶନ କରିଆସୁଛନ୍ତି, ଯାହା ଆମ ମହାବିଦ୍ୟାଳୟ ପାଇଁ ଖୁବ୍ ଗର୍ବର ବିଷୟ। ଏପରିକି ଗତବର୍ଷ ଭାରତୀୟ ଲୋକସେବା ଆୟୋଗ ପରୀକ୍ଷାରେ ଦୁଇ ଜଣ ଛାତ୍ରୀ କୃତକାର୍ଯ୍ୟ ହୋଇ ଭାରତୀୟ ପ୍ରଶାସନିକ ସେବାରେ ଯୋଗ ଦେଇଛନ୍ତି, ଯାହା ଅନ୍ୟ ପିଲାମାନଙ୍କ ପାଇଁ ନିଶ୍ଚୟ ପ୍ରେରଣାର ଉତ୍ସ ହୋଇପାରିଛି।

– ଅଧ୍ୟକ୍ଷ, କୃଷି ମହାବିଦ୍ୟାଳୟ, ଓୟୁଏଟି, ଭୁବନେଶ୍ୱର, ମୋ:୯୪୩୭୨୨୫୮୮୩

## ଏଇ ଭାରତରେ

ଗୋଟିଏ ପଟେ ପରିବାର ପ୍ରତିପୋଷଣ, ଅନ୍ୟପଟେ ଲେଖିବାର ନିଶା। ଏ ଦୁଇଟିରେ ସମନ୍ୱୟ ରକ୍ଷାକରି ଜୀବନରେ ଆଗକୁ ବଢ଼ିଛନ୍ତି କୋଲକାତାର ପିଣ୍ଟୁ ପୋଦ୍ଦାର। ସେ କୋଲକାତାର ବେହେଲାରେ ପାନ ଦୋକାନ କରିଛନ୍ତି। ସେଥିରୁ ଯାହା ରୋଜଗାର କରୁଛନ୍ତି ସେଥିରେ ତାଙ୍କ ପରିବାର ଚଳୁଛି ଏବଂ ସେଥିରେ ମଧ୍ୟ ସେ ବହି ଛାପୁଛନ୍ତି। ଏବେଯାଏ ସେ ୧୨ଟି ବହି ବେଙ୍ଗଲା ଭାଷାରେ ଲେଖି ସାରିଲେଣି। ଲୋକଙ୍କୁ ପାନ ଦେଇସାରି ସାଙ୍ଗେ ସାଙ୍ଗେ ସେ ଦୋକାନରେ ଲେଖିବା ଆରମ୍ଭ କରିଦିଅନ୍ତି। ବେହେଲାଠାରୁ ଦୁଇ କିଲୋମିଟର ଦୂର ମଦନମୋହନତାଲାରେ ତାଙ୍କ ପିଲାଦିନ ବହୁ ପ୍ରତିକୂଳ ପରିସ୍ଥିତିରେ କଟିଛି। ଫଳରେ ଅଧିକ ପଢ଼ି ନ ପାରି ସେ ଦଶମରୁ ପାଠ ଛାଡ଼ି ଏକ ଫ୍ୟାକ୍ଟ୍ରିରେ ହେଲ୍ପର ଭାବେ କାମ କରିଥିଲେ। ସେହି ରୋଜଗାରରେ ପୁଣି ପଢ଼ିଥିଲେ ଓ ବେଙ୍ଗାଲୀ ଭାଷାରେ ସ୍ନାତକୋତ୍ତର ଡିଗ୍ରୀ ହାସଲ କରିବା ତାଙ୍କ ପାଇଁ ଥିଲା ବଡ଼ ସଫଳତା। ସେ ପାନ ବିକିବା ସହ କମ୍ପ୍ୟୁଟର କ୍ଲାସ ଓ ଲାଙ୍ଗୁଏଜ ଡିପ୍ଲୋମା କୋର୍ସ ମଧ୍ୟ କରୁଛନ୍ତି।

## ୫୦ ବର୍ଷ ତଳର ଧରିତ୍ରୀ

୨୪ ଅଗଷ୍ଟ ୧୯୭୬

- ଚନ୍ଦ୍ରପୃଷ୍ଠରୁ ନମୁନାମାଟି ସଂଗ୍ରହ କରି ଲୁନା ୨୪ ମହାକାଶଯାନ ରୁଷ ଭୂପୃଷ୍ଠରେ ଅବତରଣ କରିଥିବା ରୁଷ ରେଡିଓ ସୂତ୍ରରୁ ଜଣାପଡ଼ିଛି।
- ଫିଲିପାଇନ୍ସର ଦକ୍ଷିଣାଞ୍ଚଳରେ ହୋଇଯାଇଥିବା ଭୂମିକମ୍ପ ପରେ ୮ ହଜାର ଲୋକଙ୍କ ମୃତ୍ୟୁ ଘଟିଥିବା ରାଷ୍ଟ୍ରପତି ଫର୍ଡିନାଣ୍ଡ ମାର୍କସ ପ୍ରକାଶ କରିଛନ୍ତି।
- ରେଙ୍ଗୁଆରେ ଗୋଟିଏ ଯାତ୍ରୀବାହୀ ଘରୋଇ ବସ୍ ଏକ ନଦୀବନ୍ଧ ଉପରୁ ତଳକୁ ଖସିପଡ଼ିବା ଫଳରେ ୩୮ ଜଣ ବ୍ୟକ୍ତିଙ୍କ ମୃତ୍ୟୁ।

## ଚିରନ୍ତନୀ

ଚକିତେ ଆସେ ପଶି ସବୁ ଘରେ ନବ ରାଗେ
ଗୋପନତମ ଗତି
ଅନୁମତି ନାହିଁ ମାଗେ!
ଛଡ଼ାଇ ଯାଏ ଘେନି ବଦନରୁ ସବୁ କଥା
ବାଣୁଣ୍ଡ ପରଶରେ
ଓଡ଼ିପଡ଼େ ତନୁଲତା।
–(ମରଣ ପାଲି)

–କାଳିନ୍ଦୀ ଚରଣ ପାଣିଗ୍ରାହୀ

## su|do|ku ସୁ–ଡୋ–କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | | 8 | | | 5 | 7 | 9 | |
| | | | | | | | 8 | |
| 1 | | | | | | | | |
| | | | 2 | | | | 3 | 9 |
| | | 1 | | | | 4 | | |
| | | 3 | 6 | 7 | | | | 1 |
| 9 | | 6 | | | 1 | | | 3 |
| | | 2 | | 6 | | | | |
| 5 | | | | | 8 | 9 | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 7 | 8 | 2 | 1 | 4 | 9 | 5 | 6 | 3 |
| 5 | 6 | 9 | 3 | 2 | 8 | 4 | 7 | 1 |
| 4 | 3 | 1 | 5 | 7 | 6 | 8 | 9 | 2 |
| 6 | 4 | 5 | 7 | 8 | 3 | 2 | 1 | 9 |
| 2 | 7 | 8 | 6 | 9 | 1 | 3 | 5 | 4 |
| 9 | 1 | 3 | 4 | 5 | 2 | 6 | 8 | 7 |
| 3 | 5 | 4 | 8 | 1 | 7 | 9 | 2 | 6 |
| 8 | 2 | 7 | 9 | 6 | 4 | 1 | 3 | 5 |
| 1 | 9 | 6 | 2 | 3 | 5 | 7 | 4 | 8 |

ଗତକାଲିର ଉତ୍ତର

## ପାଠକ ଶ୍ରେଷ୍ଠ ବିଚାରକ

### ଶାନ୍ତି ପ୍ରତିଷ୍ଠାରେ ନିରପେକ୍ଷତା ଜରୁରୀ

ମହାଶୟ,

ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଏବଂ ୟୁରୋପୀୟ ରାଷ୍ଟ୍ର ସଂଘ ରୁଷିଆର ଆକ୍ରମଣରେ ୟୁକ୍ରେନରେ ବ୍ୟାପକ କ୍ଷୟକ୍ଷତି ହେଉଛି ବୋଲି ରୁଷିଆକୁ ଦାୟୀ କରୁଛନ୍ତି। ୟୁକ୍ରେନକୁ ପ୍ରତ୍ୟକ୍ଷ ଓ ପରୋକ୍ଷରେ ସାମରିକ ଓ ଆର୍ଥିକ ସହାୟତା ପ୍ରଦାନ କରି ରୁଷିଆ ବିରୋଧରେ ସେମାନେ ଯୁଦ୍ଧ କରାଇବା ନ୍ୟାୟୋଚିତ ନୁହେଁ। ଅପରପକ୍ଷରେ ଇସ୍ରାଏଲର ଅମାନୁଷିକ ବର୍ବରୋଚିତ ଆକ୍ରମଣରେ ସମଗ୍ର ଗାଜା ଏକ ଧ୍ୱଂସସ୍ତୂପରେ ପରିଣତ ହେବା, ୧ ଲକ୍ଷ ପାଲେଷ୍ଟାଇନ ଅଧିବାସୀଙ୍କ ମୃତ୍ୟୁ, ଲକ୍ଷ ଲକ୍ଷ ସାଧାରଣ ଲୋକଙ୍କ ବେଘର ହେଲେଣି। ଗାଜାବାସୀଙ୍କର ଖାଦ୍ୟାଭାବଜନିତ ମୃତ୍ୟୁ ହେଉଛି। ଏହା ଏକ ଅକ୍ଷମଣୀୟ ଯୁଦ୍ଧ ଅପରାଧ ବୋଲି ଜାଣି ନୀରବ ରହିବା ଅତ୍ୟନ୍ତ ଦୁର୍ଭାଗ୍ୟଜନକ। ରୁଷିଆ ଓ ୟୁକ୍ରେନ ମଧ୍ୟରେ ସ୍ଥାୟୀ ଶାନ୍ତି ସନ୍ଧି ଜରୁରୀ। ଶାନ୍ତି ପ୍ରତିଷ୍ଠାରେ ସେମାନଙ୍କୁ ସମ୍ପୂର୍ଣ୍ଣ ଭାବେ ପକ୍ଷପାତିତା ପରିହାର କରିବା ସହିତ ନିରପେକ୍ଷ ଓ ନ୍ୟାୟିକ ବାତାବରଣ ନୀତିକୁ ଗୁରୁତ୍ୱ ସହ ଧ୍ୟାନ ଦେବା ଆବଶ୍ୟକ। ଶାନ୍ତି ପ୍ରତିଷ୍ଠାରେ ଏପରି କୌଣସି ନିଷ୍ପତ୍ତି ନ ଆସୁ, ଯେପରି ଭବିଷ୍ୟତରେ ଆଉ ଏକ ତୃତୀୟ–ବିଶ୍ୱଯୁଦ୍ଧର ପୁନରାବୃତ୍ତିର କାରଣ ହେବ।

– ଅଶୋକ କୁମାର ଆଢ୍ୟ, ମରିଚିକୋଟ ଗଳି, ପୁରୀ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ଼ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

# ସୀତା ନଦୀ ପୋଲ ଉପରେ ୪ ଫୁଟ୍ ବର୍ଷାଜଳ

- ପାଟଣା ଅଞ୍ଚଳରେ ଲଗାଣ ବର୍ଷା
- ଗମନାଗମନ ପ୍ରଭାବିତ, ୬ରୁ ଊର୍ଦ୍ଧ୍ୱ ଘର ଭାଙ୍ଗିଲା

ପାଟଣା,୨୩।୮ (ବୀର କିଶୋର ଦାଶ)


ସୀତା ନଦୀ ପୋଲରେ ବନ୍ୟାଜଳ ପ୍ରବାହିତ ହେଉଛି।

କେନ୍ଦୁଝର ଜିଲା ପାଟଣା ବ୍ଲକ୍ ଅଞ୍ଚଳରେ ଲଘୁଚାପ ଜନିତ ଲଗାଣ ବର୍ଷା ଲାଗି ରହିଛି। ଫଳରେ ବୈତରଣୀ, ସୀତା ଓ ତେଲ ନଦୀରେ ଜଳସ୍ତର ବୃଦ୍ଧି ପାଇଛି। ଅନେକ ସ୍ଥାନରେ ପୋଲ ପରେ ପାଣି ପ୍ରବାହିତ ହେଉଥିବାରୁ ଗମନାଗମନ ଠପ୍ ହୋଇଯାଇଛି। ଲଗାଣ ବର୍ଷାରେ ୬ରୁ ଊର୍ଦ୍ଧ୍ୱ ଘର ଭାଙ୍ଗିଯାଇଥିବା ବେଳେ ଜନଜୀବନ ବେହାଲ ହୋଇଯାଇଛି। ଗତ ୨୪ ଘଣ୍ଟା ମଧ୍ୟରେ ପାଟଣାରେ ୨୦.୪ ମିଲି ଲିଟର ବୃଷ୍ଟିପାତ ହୋଇଥିବା କେନ୍ଦ୍ରୀୟ ଜଳ ଆୟୋଗର କର୍ମଚାରୀ ସୁଶାନ୍ତ ମହାନ୍ତ କହିଛନ୍ତି।

ପ୍ରକାଶ ଯେ, ପାଟଣା ବ୍ଲକ୍ ନୂଆପଡ଼ା ସୀତା ନଦୀର ପୋଲ ଉପରେ ୪ ଫୁଟ୍ ଉଚ୍ଚର ବର୍ଷାଜଳ ପ୍ରବାହିତ ହେଉଛି। ଫଳରେ ପାଟଣା ବ୍ଲକ୍ ଚୀନାମାଳିପୋଷି ପଞ୍ଚାୟତ ନୂଆପଡ଼ାରୁ ଢେଙ୍କିକୋଟ, କପାସପଡ଼ା ଘଟଗାଁକୁ ଯୋଗାଯୋଗ ବିଚ୍ଛିନ୍ନ ହୋଇଛି। ଘଟଗାଁ, ଢେଙ୍କିକୋଟ୍ ପାର୍ଶ୍ୱରୁ ପର୍ଯ୍ୟଟନସ୍ଥଳ ଭୀମକୁଣ୍ଡ ସୀତା ନଦୀ ଉପରେ ନବ ନିର୍ମିତ ପୋଲର ଆପ୍ରୋଚ ରୋଡ଼ କାମ ସରି ନ ଥିବାରୁ ରାସ୍ତାରେ ଗାଡ଼ି ଚଳାଚଳରେ ବ୍ୟାହତ ହୋଇଛି। ପୁରୁଣା ପୋଲ ଉପରେ ବନ୍ୟାଜଳ ପ୍ରବାହିତ ହେଉଥିବାରୁ ରାସ୍ତାର ଉଭୟ ପାର୍ଶ୍ୱରେ ଗାଡ଼ି ଅଟକି ରହିଛି। ଛାତ୍ରୀଛାତ୍ର ୧୦ କି.ମି ରାସ୍ତା ବୁଲି ବିଦ୍ୟାଳୟକୁ ଯାଉଥିବା ଦେଖିବାକୁ ମିଳିଛି। ସେହିଭଳି ସାହାରପଡ଼ା ବ୍ଲକ୍ ଦାମାହୁଦା ପଞ୍ଚାୟତ କୁମୁଲା ବାହାଳିର ତେଲ ନଦୀ ପୋଲ ଉପରେ ୪ ଫୁଟ୍‌ର ବର୍ଷାପାଣି ପ୍ରବାହିତ ହେଉଛି। ଦାମାହୁଦା ଅଞ୍ଚଳରୁ ମୟୂରଭଞ୍ଜ ଜିଲା ଠାକୁରମୁଣ୍ଡାକୁ ଗାଡ଼ି ଚଳାଚଳରେ ବ୍ୟାହତ ହୋଇଛି। ଏଥିସହ ପାଟଣା ତହସିଲ ଅଞ୍ଚଳରେ ଲଗାଣ ବର୍ଷାରେ ବଡ଼ପାଟଣା ଆରଆଇ ସର୍କଲ ଅନ୍ତର୍ଗତ କାମେଶରପୁର ଗ୍ରାମରେ ଶନିବାର ଅମୂଲ୍ୟ ନାଏକ ଓ ଛଟୁ ନାଏକଙ୍କ ମାଟିକାନ୍ଥ ଭାଙ୍ଗି ଯାଇଥିଲା। ସେହିଭଳି କେନ୍ଦେଇପୋଶି ଆରଆଇ ସର୍କଲ ଖୁଣ୍ଟାପଡ଼ା ଗ୍ରାମ ରବିଦ୍ୟାଧର ମହାନ୍ତ, ଚିନାମାଳିପୋଷି ପଞ୍ଚାୟତ ନୂଆପଡ଼ା ଗାଁ ଦିଲୀପ ମାଝୀ, ବିଦ୍ୟାଧର ମହାନ୍ତ, ବୁଢ଼ୀ କାପୁଡ଼ି ପଞ୍ଚାୟତ ଗିଧିବାସ ଗ୍ରାମର ତନୁ ମହାନ୍ତଙ୍କ ମାଟି ଘର ଭାଙ୍ଗି ଯାଇଛି।

# ଭାଜପାରେ ମିଶିଲେ ଅନ୍ୟଦଳର କର୍ମୀ


ଭାଜପାରେ ଯୋଗଦେଇଥିବା ଅନ୍ୟଦଳର କର୍ମୀମାନେ।

**ହାଟଡ଼ିହୀ/ବଉଳା,୨୩।୮ (ଶୁଭକାନ୍ତ ନାୟକ/ ଦୁର୍ଗା ପ୍ରସାଦ ଆୟଚ):** କେନ୍ଦୁଝର ଜିଲା ହାଟଡ଼ିହୀ ବ୍ଲକ୍ ଡିମିରିଆ ଗ୍ରାମରୁ ଅନ୍ୟଦଳ ଛାଡ଼ି ବହୁ କର୍ମୀ ଭାଜପାରେ ଯୋଗଦେଇଛନ୍ତି। ଏହାକୁ ନେଇ ହାଟଡ଼ିହୀ ଭାଜପା କାର୍ଯ୍ୟାଳୟରେ ଏକ ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଥିଲା। ବରିଷ୍ଠ କାର୍ଯ୍ୟକର୍ତ୍ତା ରବିନ୍ଦ୍ର ମଲ୍ଲିକଙ୍କ ସଂଯୋଜନାରେ ଆନନ୍ଦପୁର ନିର୍ବାଚନ ମଣ୍ଡଳୀର ବରିଷ୍ଠ ଭାଜପା ନେତା ଆଲୋକ ସେଠୀ, ଜିଲା ସାଧାରଣ ସମ୍ପାଦକ ଜ୍ଞାନରଞ୍ଜନ ସାମନ୍ତସିଂହାର, ବରିଷ୍ଠ ନେତା ସୁଶାନ୍ତ ଜେନା, ଅଧର ବେହେରା, ଅରୁଣ ମଲ୍ଲିକ ଉପସ୍ଥିତ ରହି ନବାଗତ କର୍ମୀଙ୍କୁ ଦଳିୟ ଟୋପି, ଉତ୍ତରୀୟ ଓ ପୁଷ୍ପଗୁଚ୍ଛ ଦେଇ ଦଳକୁ ସ୍ୱାଗତ କରିଥିଲେ। ମିଶ୍ରଣ ପର୍ବରେ ଧର୍ମାନନ୍ଦ ପ୍ରଧାନ, ଜୟକୃଷ୍ଣ ପ୍ରଧାନ, ରାମକୃଷ୍ଣ ପ୍ରଧାନ, ଲୋକନାଥ ପ୍ରଧାନ ପ୍ରମୁଖ ୩୫ରୁ ଊର୍ଦ୍ଧ୍ୱ ଯୁବକ ଭାଜପାରେ ସାମିଲ ହୋଇଥିଲେ।

# ମହାବୀର ଯୁବକ ସଂଘ ପକ୍ଷରୁ ନନ୍ଦୋତ୍ସବ

ଛେନାପଦ/ ବଉଳା,୨୩।୮ (ନିରାକାର ପରିଡ଼ା/ ଦୁର୍ଗା ପ୍ରସାଦ ଆୟଚ)

କେନ୍ଦୁଝର ଜିଲା ହାଟଡ଼ିହୀ ବ୍ଲକ୍ ବଡ଼ରମ୍ପାସ ଗ୍ରାମରେ ଜନ୍ମାଷ୍ଟମୀ ଅବସରରେ ଗୁରୁବାର ନନ୍ଦୋତ୍ସବ ପାଳିତ ହୋଇଯାଇଛି। କଳାକାରମାନେ ବିଭିନ୍ନ ବେଶରେ ସଜ୍ଜିତ ହୋଇ ଗ୍ରାମ ପରିକ୍ରମା କରିବା ସହିତ ଅଭିନୟ କରି ଲୋକଙ୍କୁ ମନ୍ତ୍ରମୁଗ୍ଧ କରିଥିଲେ। ବଳରାମ ସେନାପତି, ଶ୍ରୀଧର ସାହୁ, ରଙ୍ଗାଧର ଦାସ, ଜନ୍ମେଜୟ ବେହେରା, ସୁଦର୍ଶନ ବେହେରା, ବିଚିତ୍ର ସାହୁ, ରବି ସାହୁ, ଟିଙ୍କୁ ସାହୁ ପ୍ରମୁଖ ପରିଚାଳନା କରିଥିବା ବେଳେ ଗ୍ରାମବାସୀ ସହଯୋଗ କରିଥିଲେ।

# ପଦାର୍ଥ ବିଜ୍ଞାନ ବିଭାଗରେ ଜାତୀୟ ଆଲୋଚନାଚକ୍ର

କେନ୍ଦୁଝର,୨୩।୮ (ଦୀପକ ମିଶ୍ର / ନରେଶ ଚନ୍ଦ୍ର ପଟ୍ଟନାୟକ)

କେନ୍ଦୁଝର ଧରଣୀଧର ବିଶ୍ୱ ବିଦ୍ୟାଳୟ ଉତ୍ତର ପରିସରରେ ପଦାର୍ଥ ବିଜ୍ଞାନ ବିଭାଗ ଦ୍ୱାରା 'ଫ୍ରମ ଦି ମାଇକ୍ରୋସ୍କୋପିକ ଟୁ ଦି କସମିକ : ଆଡଭାନ୍ସେସ ଇନ ମଡର୍ଣ୍ଣ ଫିଜିକ୍ସ' ବିଷୟ ବସ୍ତୁ ଭିତ୍ତିକ ୨ ଦିନିଆ ଜାତୀୟ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥିଭାବେ ଭୁବନେଶ୍ୱରସ୍ଥିତ ପଦାର୍ଥ ବିଜ୍ଞାନ ପ୍ରତିଷ୍ଠାନର ନିର୍ଦ୍ଦେଶକ ପ୍ରଫେସର କରୁଣାକର ନନ୍ଦ ଯୋଗଦେଇ ଅମ୍ଳଜାନର ଉପସ୍ଥିତି କିପରି ପଦାର୍ଥର ଗୁଣାତ୍ମକ ପରିବର୍ତ୍ତନ କରି ଆଧୁନିକ ନାନୋ ପ୍ରଯୁକ୍ତି ବିଦ୍ୟାକୁ ପ୍ରଭାବିତ କରିପାରେ ସେ ବିଷୟରେ ତଥ୍ୟ ଉପସ୍ଥାପନ କରିଥିଲେ। ସମ୍ମାନିତ ଅତିଥିଭାବେ ପାଟନାସ୍ଥିତ ଇଣ୍ଡିଆନ ଇନ୍‌ଷ୍ଟିଚ୍ୟୁଟ ଅଫ୍ ଟେକ୍ନୋଲୋଜିର ବରିଷ୍ଠ ବୈଜ୍ଞାନିକ ଡ. ମନୋରଞ୍ଜନ କର ନିଜ ଅଭିଭାଷଣରେ ନାନୋ ପ୍ରଯୁକ୍ତି ବିଦ୍ୟାର ଉପଯୋଗ ବିଷୟରେ ଆଲୋଚନା କରିଥିଲେ। ଅନ୍ୟତମ ସମ୍ମାନିତ ଅତିଥିଭାବେ କୋଲକାତାସ୍ଥିତ ଭାରିଏବୁଲ ଏନର୍ଜି ସାଇକ୍ଲୋଟ୍ରନ ସେଣ୍ଟରର ବିଶିଷ୍ଟ ବୈଜ୍ଞାନିକ ଡ. ଯଯାତି କେଶରୀ ନାୟକ ଯୋଗଦେଇଥିଲେ। ସଭାପତି ତଥା ବିଶ୍ୱ ବିଦ୍ୟାଳୟ ସ୍ନାତକୋତ୍ତର ପରିଷଦର ଅଧ୍ୟକ୍ଷ ଡ. ପ୍ରଭୁପ୍ରସାଦ ଦାସ ନିଜ ବକ୍ତବ୍ୟରେ ଏପରି ଆଲୋଚନାଚକ୍ର ଗବେଷଣାକୁ ଉତ୍ସାହିତ କରିବ ବୋଲି କହିଥିଲେ। ଆଲୋଚନାଚକ୍ରରେ କନଭେନର ଦୋଳଗୋବିନ୍ଦ ରାଉତ ଅତିଥି ପରିଚୟ ପ୍ରଦାନ କରିଥିଲେ। ଏହି ଅବସରରେ ଆଲୋଚନାଚକ୍ର ସମ୍ପର୍କିତ ସ୍ମରଣିକାକୁ ଅତିଥିମାନେ ଉନ୍ମୋଚନ କରିଥିଲେ। ବିଭାଗୀୟ ମୁଖ୍ୟ ଡ. କୃଷ୍ଣଚନ୍ଦ୍ର ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ। ଆଲୋଚନାଚକ୍ରରେ ରାଜ୍ୟ ଓ ରାଜ୍ୟ ବାହାରୁ ବିଭିନ୍ନ ସ୍ଥାନରୁ ବହୁ ଗବେଷକ, ଅଧ୍ୟାପିକା, ଅଧ୍ୟାପକ ଓ ଛାତ୍ରୀଛାତ୍ର ଯୋଗ ଦେଇଥିଲେ। ଉଦ୍‌ଯାପନୀ ଉତ୍ସବରେ ସ୍ନାତକୋତ୍ତର ପରିଷଦର ଅଧ୍ୟକ୍ଷ ଡ. ପ୍ରଭୁ ପ୍ରସାଦ ଦାସ ସଭାପତିତ୍ୱ କରିଥିଲେ। କାର୍ଯ୍ୟକ୍ରମରେ ପ୍ରଫେସର ବିଜୟ କୁମାର ବେହେରା,ଡ. ତନ୍ମୟ ଦାସ, ଡ. ଇପ୍ସିତା ମହାନ୍ତି, ଡ. ପୂଜାଶ୍ରୀ ପ୍ରିୟଦର୍ଶିନୀ ସେଠୀ, ଡ. ପତିତପାବନ ସାହୁ, ଡ. ସ୍ୱରୂପ ଆଚାର୍ଯ୍ୟ, ନୈସର୍ଗିକା ନାୟକ, ରଶ୍ମୀକାନ୍ତ ପ୍ରଧାନ ତଥା ବିଭାଗର ସମସ୍ତ କର୍ମଚାରୀ ସହଯୋଗ କରିଥିଲେ।

# ସମ୍ଭାଗସ୍ତରୀୟ ଜ୍ଞାନବିଜ୍ଞାନ ମେଳା

ଚମ୍ପୁଆ,୨୩।୮ (ମହେଶ୍ୱର ଦାସ): କେନ୍ଦୁଝର ଓ ମୟୂରଭଞ୍ଜ ଜିଲାକୁ ନେଇ ସମ୍ଭାଗସ୍ତରୀୟ ଜ୍ଞାନବିଜ୍ଞାନ ମେଳା ଶନିବାର ଅନୁଷ୍ଠିତ ହୋଇଯାଇଛି। ଚମ୍ପୁଆ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରଠାରେ ଅନୁଷ୍ଠିତ ମେଳାରେ ମୁଖ୍ୟ ଅତିଥିଭାବେ ଏସିଏଫ ଅକ୍ଷୟ କୁମାର ଛତ୍ରିୟା ଯୋଗଦେଇ ବିଜ୍ଞାନ ଓ ପ୍ରଯୁକ୍ତିବିଦ୍ୟାର ପ୍ରୟୋଗରେ ଦେଶର ପ୍ରଗତି ପାଇଁ ପର୍ଯ୍ୟାବରଣର ସୁରକ୍ଷା ପାଇଁ ଆହ୍ୱାନ ଦେଇଥିଲେ। ମୁଖ୍ୟ ବକ୍ତାଭାବରେ ଉତ୍ତର ସମ୍ଭାଗ ସମ୍ପାଦକ ଗଙ୍ଗାଧର କର, ଅନ୍ୟମାନଙ୍କ ମଧ୍ୟରେ ପରିଚାଳନା ସଭାପତି ରମାକାନ୍ତ ପ୍ରଧାନ, ପୂର୍ବତନ ପ୍ରଧାନ ଆଚାର୍ଯ୍ୟ ଧରଣୀଧର ଦାସ, କ୍ଷେତ୍ରମୋହନ ଦାସ, ଭୋଳାନାଥ ମିଶ୍ର, ପ୍ରଧାନ ଆଚାର୍ଯ୍ୟ ଶରତ ଚନ୍ଦ୍ର ପ୍ରଧାନ ପ୍ରମୁଖ ଯୋଗଦେଇ ଜ୍ଞାନବିଜ୍ଞାନ ମେଳାର ଲକ୍ଷ୍ୟ ଓ ଉଦେଶ୍ୟ ବିଷୟରେ ଅବଗତ କରିଥିଲେ। ମେଳାରେ ୧୨ଟି ସଙ୍କୁଳରୁ ୪୭୧ ଜଣ ପ୍ରତିଯୋଗୀ ନିଜ ନିଜର ପ୍ରକଳ୍ପ ପ୍ରଦର୍ଶନ କରିଥିଲେ।






# ମହିଳା ମହାବିଦ୍ୟାଳୟରେ ଏନ୍‌ଏସ୍‌ଏସ୍ କର୍ମଶାଳା


ଯୋଡ଼ା ମହିଳା ମହାବିଦ୍ୟାଳୟ ସମ୍ମିଳନୀରେ ଉପସ୍ଥିତ ଅତିଥିମାନେ।

କେନ୍ଦୁଝର,୨୩।୮ (ଦୀପକ ମିଶ୍ର): କେନ୍ଦୁଝର ଜିଲା ସରକାରୀ ମହିଳା ମହାବିଦ୍ୟାଳୟରେ ଶନିବାର ଜାତୀୟ ସେବା ଯୋଜନା(ଏନ୍‌ଏସ୍‌ଏସ୍)ର କର୍ମଶାଳା ଅନୁଷ୍ଠିତ ହୋଇଯାଉଛି। ମହାବିଦ୍ୟାଳୟର ଅଧ୍ୟକ୍ଷ ପ୍ରଫେସର ଲଳିତ ରଞ୍ଜନ ସାହୁ ଅଧ୍ୟକ୍ଷତା କରିଥିଲେ। ୟୁକ୍ତ ୨ ଜାତୀୟ ସେବା ଅଧିକାରିଣୀ ସସ୍ମିତା ମଞ୍ଜରୀ ନାଏକ ମଞ୍ଚ ପରିଚଳନା କରିଥିବା ବେଳେ ୟୁକ୍ତ ୩ର ଜାତୀୟ ସେବା ଅଧିକାରିଣୀ ଡ. ନିବେଦିତା ଦାଶ ଅତିଥି ପରିଚୟ ପ୍ରଦାନ କରିଥିଲେ। ସମ୍ମାନିତ ଅତିଥିଭାବେ ହୀରାକୁଦ ମହାବିଦ୍ୟାଳୟ, ସମ୍ବଲପୁରର ଜାତୀୟ ସେବା ଯୋଜନାର ଅଧିକାରୀ ଡ. ସିଦ୍ଧାନ୍ତ ମହାନ୍ତ, ଅନ୍ୟତମ ସମ୍ମାନିତ ଅତିଥିଭାବେ ଜିଲା ଏନ୍‌ଏସ୍‌ଏସ୍ କାର୍ଯ୍ୟକ୍ରମ ଅଧିକାରୀ ସୁନିଲ କୁମାର ସାହୁ ଯୋଗଦେଇ ମୋ ଭାରତ ପୋର୍ଟାଲରେ କିପରି ପଞ୍ଜିକରଣ କରିବ, ଏହାର ଉପକାରିତା ସମ୍ପର୍କରେ ଆଲୋକପାତ କରିଥିଲେ। ମହାବିଦ୍ୟାଳୟର ଶତାଧିକ ଛାତ୍ରୀ, ସମସ୍ତ ଅଧ୍ୟାପିକା, ଅଧ୍ୟାପକ ଓ କର୍ମଚାରୀ ଉପସ୍ଥିତ ଥିଲେ।

**ଯୋଡ଼ା,(ମାନସ ମହାନ୍ତି):** ସେହିପରି ଯୋଡ଼ା ମହିଳା ମହାବିଦ୍ୟାଳୟ ସମ୍ମିଳନୀ କକ୍ଷରେ ଶନିବାର ଓରିଏଣ୍ଟେସନ ପ୍ରୋଗ୍ରାମ ଫର ଏନ୍‌ଏସ୍‌ଏସ୍ ଭଲ୍ୟୁଣ୍ଟର୍ସ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ଏନ୍‌ଏସ୍‌ଏସ୍ ପ୍ରୋଗ୍ରାମ କୋଅର୍ଡିନେଟର ଡ. ବିଶ୍ୱ ମୋହନ ଜେନା, ଡ. ସୁନୀଲ କୁମାର ସାହୁ, ସିଦ୍ଧାର୍ଥ ମହାନ୍ତି, ସଦସ୍ୟ ସନ୍ଦୀପ ପଟ୍ଟନାୟକ, ମହିଳା ମହାବିଦ୍ୟାଳୟ ଅଧ୍ୟକ୍ଷ ବିଜୟ ନାୟକ, ଅଧ୍ୟାପିକା ସୁଚିସ୍ମିତା ସିଂହ ଉପସ୍ଥିତ ଥିଲେ। ଯୋଡ଼ା ମହିଳା ମହାବିଦ୍ୟାଳୟ ଅଧ୍ୟକ୍ଷ, ଅଧ୍ୟାପିକା ଓ ଏନ୍‌ଏସ୍‌ଏସ୍ ଅଧିକାରୀମାନେ ଯୋଗଦେଇ ସ୍ୱେଚ୍ଛାସେବକଙ୍କୁ ସମ୍ବୋଧିତ କରିଥିଲେ। ସ୍ୱେଚ୍ଛାକୃତ ସମୁଦାୟିକ ସେବା ମାଧ୍ୟମରେ ଛାତ୍ରୀଙ୍କ ବ୍ୟକ୍ତି ବିକାଶ ପାଇଁ ଏନ୍‌ଏସ୍‌ଏସ ପ୍ରତିଷ୍ଠିତ ହୋଇଥିଲା। ମୁଁ ନୁହେଁ ବରଂ ତୁମେ ନୀତିରେ ଧ୍ୟାନ ଦେଇ ନିଃସ୍ୱାର୍ଥପର ସେବା ଏବଂ ସାମାଜିକ ଦାୟିତ୍ୱ ବୋଧକୁ ପ୍ରତିଫଳିତ କରିଥାଏ ବୋଲି ଏନ୍‌ଏସ୍‌ଏସ୍ ଅଧିକାରୀ ମତବ୍ୟକ୍ତ କରିଥିଲେ।


ହୋଟେଲ ପ୍ରବଂଧ ଔର ଖାନ-ପାନ ପ୍ରୌଦ୍ୟୋଗିକୀ ତଥା ଅନୁପ୍ରୟୁକ୍ତ ପୋଷାହାର ସଂସ୍ଥାନ, ଭୁବନେଶ୍ୱର

**ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ହୋଟେଲ ମ୍ୟାନେଜମେଣ୍ଟ କ୍ୟାଟରିଙ୍ଗ୍ ଟେକ୍ନୋଲୋଜି ଆଣ୍ଡ ଆପ୍ଲାଏଡ୍ ନ୍ୟୁଟ୍ରିସନ**
ବୀର ସୁରେନ୍ଦ୍ର ସାଇ ନଗର, ଭୁବନେଶ୍ୱର-୭୫୧୦୧୦
ଫୋନ୍:(୦୬୭୪) ୨୫୮୯୨୪୧, ମୋବାଇଲ: ୯୪୩୭୫୭୪୪୬୫, www.ihmbbs.org
(ପର୍ଯ୍ୟଟନ ମନ୍ତ୍ରଣାଳୟ, ଭାରତ ସରକାରଙ୍କ ଏକ ସ୍ୱୟଂଶାସିତ ସଂସ୍ଥା)

**ନାମଲେଖା ବିଜ୍ଞପ୍ତି ୨୦୨୫-୨୬**

ନିର୍ଦ୍ଦିଷ୍ଟ ଆବେଦନ ଫର୍ମାଟ୍ www.ihmbbs.org ରୁ ଟାଇପ୍ କରାଯାଇଥିବା / ଡାଉନଲୋଡ୍) ଅନୁଯାୟୀ ୨୦୨୫-୨୬ ଶିକ୍ଷାବର୍ଷ ପାଇଁ ନିମ୍ନଲିଖିତ କୋର୍ସଗୁଡ଼ିକରେ ନାମଲେଖା ପାଇଁ ଆବେଦନ ପତ୍ର ଆମନ୍ତ୍ରିତ କରାଯାଉଛି:

| କ୍ର.ନଂ. | ପାଠ୍ୟକ୍ରମର ନାମ | ଅବଧି |
|---|---|---|
| ୧. | ବି.ଏସ୍.ସି. ଇନ୍ ହସ୍ପିଟାଲିଟି ଆଣ୍ଡ ହୋଟେଲ୍ ଆଡମିନିଷ୍ଟ୍ରେସନ୍ | ୩ ବର୍ଷ |
| ୨. | ଡିପ୍ଲୋମା ଇନ୍ ହାଉସ୍ କିପିଙ୍ଗ୍ ଅପରେସନ୍ | ୧ ୧/୨ ବର୍ଷ |
| ୩. | ଡିପ୍ଲୋମା ଇନ୍ ଫୁଡ୍ ଆଣ୍ଡ ବେଭେରେଜ୍ ସର୍ଭିସ୍ | ୧ ୧/୨ ବର୍ଷ |

**ଯୋଗ୍ୟତା:**
- ବି.ଏସ୍.ସି.ଏଚ୍ /ଏଚ୍ ଏ: ୧୦+୨ କିମ୍ବା ସମକକ୍ଷ, ଇଂରାଜୀ ବିଷୟ ଥିବା ଆବଶ୍ୟକ ।
- ଡିପ୍ଲୋମା କୋର୍ସ: ୧୦+୨ କିମ୍ବା ସମକକ୍ଷ
- ବୟସ ସୀମା: କୌଣସି ବୟସ ସୀମା ନାହିଁ ।

**ବିଶେଷ ବ୍ୟବସ୍ଥା:**
- SC/ST/OBC/PH ଶ୍ରେଣୀ ପାଇଁ ସରକାରୀ ନିୟମାବଳୀ ଅନୁଯାୟୀ ସିଟ୍ ସଂରକ୍ଷିତ ।
- କେନ୍ଦୁଝର ଜିଲ୍ଲାର ଖଣି ପ୍ରଭାବିତ ବ୍ଲକ୍ ଗୁଡ଼ିକର ସ୍ଥାୟୀ ନିବାସୀ ଛାତ୍ରଛାତ୍ରୀଙ୍କୁ ମାଗଣା ଶିକ୍ଷା ।

**ଆବେଦନ ପ୍ରକ୍ରିୟା:**
- ପାସପୋର୍ଟ ଆକାରର ଫଟୋ ଏବଂ ସାର୍ଟିଫିକେଟ୍/ ମାର୍କସିଟ୍‌ର ଅଟେଷ୍ଟେଡ୍ କପି ସହିତ ପୂରଣ କରାଯାଇଥିବା ଆବେଦନପତ୍ର ନିମ୍ନଲିଖିତ ଠିକଣାରେ ଦାଖଲ କରିବାକୁ ପଡିବ ।

**The Principal**
Institute of Hotel Management, Catering Technology & Applied Nutrition V.S.S. Nagar, Bhubaneswar - 751010

- ଆବେଦନ ଦାଖଲ କରିବାର ଶେଷ ତାରିଖ: ୨୬ ଅଗଷ୍ଟ ୨୦୨୫
- ଚୟନ ଯୋଗ୍ୟତା ଆଧାରରେ ହେବ (qualifying marks)।
- ଅଧିକ କୋର୍ସ ପାଇଁ ଆବେଦନ କରିବାକୁ ହେଲେ, ପୃଥକ ଆବେଦନପତ୍ର ପଠାଇବା ଆବଶ୍ୟକ ।

ସ୍ୱା/-
ପ୍ରିନ୍ସିପାଲ



# ବସ୍‌ଷ୍ଟାଣ୍ଡକୁ ଆସୁନି ବସ୍, ଯାତ୍ରୀ ହୀନସ୍ତା

## ବସ୍ ଅଟକାଇ ବଣିକ ସଂଘର ପ୍ରତିବାଦ

ଢେଙ୍କିକୋଟ,୨୩।୮ (ନୀଳମଣି ମଣ୍ଡଳ): କେନ୍ଦୁଝର ଜିଲା ମୁଖ୍ୟ ବ୍ୟବସାୟ ବହୁଳ ଢେଙ୍କିକୋଟ ବଜାର ବସ୍‌ଷ୍ଟାଣ୍ଡକୁ ବସ୍ ଆସୁନାହିଁ। ଫଳରେ ଯାତ୍ରୀମାନେ ଗନ୍ତବ୍ୟସ୍ଥଳକୁ ଯିବାକୁ ବହୁ ହୀନସ୍ତା ହେଉଛନ୍ତି। ଗୁରୁବାର ଢେଙ୍କିକୋଟ୍ ବଣିକ ସଂଘ ପକ୍ଷରୁ ବସ୍‌ଗୁଡ଼ିକୁ ଅଟକାଇ ପ୍ରତିବାଦ କରାଯାଇଥିଲା। ବସ୍‌ଗୁଡ଼ିକ ବସ୍‌ଷ୍ଟାଣ୍ଡକୁ ଯିବାକୁ ଦାବି କରିଥିଲେ। ସମସ୍ୟା ସମାଧାନ ନ ହେଲେ ଆଗାମୀ ଦିନରେ ଆନ୍ଦୋଳନାତ୍ମକ ପନ୍ଥା ଆପଣାଇବେ ବୋଲି ଚେତାବନୀ ଦେଇଛନ୍ତି।

ପ୍ରକାଶ ଯେ, କେନ୍ଦୁଝରର ଲାଇଫଲାଇନ କୁହାଯାଉଥିବା ଜାତୀୟ ରାଜପଥ ୨୦ ନଂ. ସମ୍ପ୍ରସାରଣ ପରେ ଢେଙ୍କିକୋଟ୍‌ରେ ଏକ ଦୀର୍ଘ ଦୂରତା ବିଶିଷ୍ଟ ଓଭରବ୍ରିଜ୍ ନିର୍ମାଣ ହୋଇଛି। ୨ ସର୍ଭିସ୍ ରାସ୍ତା ହୋଇ ବଜାରକୁ ଯାଇଛି। ଏପଟେ ମୟୂରଭଞ୍ଜ ଜିଲାକୁ ଜାତୀୟ ରାଜପଥ ସଂଯୋଗ କରୁଥିବାରୁ ମିଳନସ୍ଥଳରେ ବହୁ ଭିଡ଼ ହୁଏ। ସଦାସର୍ବଦା ଜନଗହଳି ସାଙ୍ଗକୁ ଏଠାରୁ ଗ୍ରାମାଞ୍ଚଳର ଜନସାଧାରଣ କଟକ, ଭୁବନେଶ୍ୱର, କେନ୍ଦୁଝରକୁ ଯିବା ଆସିବା ପାଇଁ ଅପେକ୍ଷା କରିଥାନ୍ତି। ମାତ୍ର କେତେଜଣ ବସ୍ ଡ୍ରାଇଭର କଟକ, ଭୁବନେଶ୍ୱର ଏବଂ କେନ୍ଦୁଝରରୁ ଆସୁଥିବା ଯାତ୍ରୀଙ୍କୁ ବସ୍‌ଷ୍ଟାଣ୍ଡରେ ନ ଛାଡ଼ି ୧ କି.ମି. ଦୂର ଓଭରବ୍ରିଜ୍ ଶେଷ ମୁଣ୍ଡରେ ଛାଡ଼ି ଦେଉଛନ୍ତି। ଫଳରେ କଟକ, ଭୁବନେଶ୍ୱର କିମ୍ବା କେନ୍ଦୁଝର ଡାକ୍ତରଖାନାରୁ ଫେରୁଥିବା ରୋଗୀ ନାହିଁ ନ ଥିବା ହୀନସ୍ତା ହେଉଛନ୍ତି। ଏଣେ ଓଭରବ୍ରିଜ୍ ଶେଷ ୨ ମୁଣ୍ଡରେ ଏନ୍‌ଏଚ୍‌ଆଇ କର୍ତ୍ତୃପକ୍ଷଙ୍କ ତରଫରୁ ଯାତ୍ରୀ ପ୍ରେକ୍ଷାଳୟ ମଧ୍ୟ ନିର୍ମାଣ ହୋଇନାହିଁ। ରାତି ଅଧିଆ ବସ୍‌ରୁ ଓହ୍ଲାଉଥିବା ଯାତ୍ରୀମାନେ ଲୁଟେରାଙ୍କ ଶିକାର ହେଉଛନ୍ତି। ଫଳରେ ଶୁକ୍ରବାର ଢେଙ୍କିକୋଟ ବଣିକ ସଂଘ ତରଫରୁ ସମସ୍ତ କଟକ, ଭୁବନେଶ୍ୱର, କେନ୍ଦୁଝର ବସ୍‌କୁ ଅଟକାଇ ସର୍ଭିସ୍ ରୋଡ୍ ଦେଇ ବଜାର ମଧ୍ୟରେ ଥିବା ବସ୍‌ଷ୍ଟାଣ୍ଡରୁ ଯାତ୍ରୀଙ୍କୁ ନେବା ଆଣିବା ପାଇଁ ତାଗିଦା କରିଛନ୍ତି। ନଚେତ୍ ଆଗାମୀ ଦିନରେ ଆନ୍ଦୋଳନ କରାଯିବ ବୋଲି ଚେତାବନୀ ଦେଇଛନ୍ତି। ଏଥିପ୍ରତି ଜିଲାପାଳ ଦୃଷ୍ଟିଦେବା ପାଇଁ ସାଧାରଣରେ ଦାବି ହେଉଛି।


DADLS-45



ରାଜ୍ୟସ୍ତରୀୟ ଆତ୍ମୋତ୍ସର୍ଗ ଦିବସ ସମାରୋହ
(ରକ୍ତତୀର୍ଥ ପାପଡ଼ାହାଣ୍ଡିର ଶହୀଦମାନଙ୍କ ସ୍ମୃତିରେ)
୨୪ ଅଗଷ୍ଟ, ୨୦୨୫

ସନ୍ଧ୍ୟା ୬ ଘଟିକା | ସାଧାରଣ ସଭା | ଜୟଦେବ ଭବନ, ଭୁବନେଶ୍ୱର

ମୁଖ୍ୟ ଅତିଥି
ଶ୍ରୀଯୁକ୍ତ ନିତ୍ୟାନନ୍ଦ ଗଣ୍ଡ
ମନ୍ତ୍ରୀ, ବିଦ୍ୟାଳୟ ଓ ଗଣଶିକ୍ଷା, ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ, ସଂଖ୍ୟାଲଘୁ ଓ ପଛୁଆବର୍ଗ କଲ୍ୟାଣ, ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ, ଓଡ଼ିଶା

ବିଶିଷ୍ଟ ଅତିଥି
ଶ୍ରୀଯୁକ୍ତ ବଳଭଦ୍ର ମାଝୀ
ସାଂସଦ, ନବରଙ୍ଗପୁର

ସମ୍ମାନନୀୟ ଅତିଥିବୃନ୍ଦ
ଅବିଭକ୍ତ କୋରାପୁଟ ଜିଲ୍ଲାର ବିଧାୟକ ବୃନ୍ଦ

ମୁଖ୍ୟ ବକ୍ତା
ଶ୍ରୀଯୁକ୍ତ ପ୍ରହଲ୍ଲାଦ ସିଂହ
ବିଶିଷ୍ଟ ଗାନ୍ଧିବାଦୀ ଚିନ୍ତକ ଏବଂ ସ୍ତମ୍ଭକାର

ଧନ୍ୟବାଦ ଅର୍ପଣ
ଡଃ ଗୋଦାବରୀଶ ମହାପାତ୍ର
ପ୍ରତିଷ୍ଠାତା ସଦସ୍ୟ, ଶବରୀ ସାଂସ୍କୃତିକ ସଂସଦ, ଭୁବନେଶ୍ୱର

ସୂଚନା ଓ ଲୋକସମ୍ପର୍କ ବିଭାଗ ଓ ଶବରୀ ସାଂସ୍କୃତିକ ସଂସଦ, ଭୁବନେଶ୍ୱରର ମିଳିତ ଆନୁକୂଲ୍ୟରେ ଆୟୋଜିତ ଏହି ସମାରୋହରେ ଯୋଗ ଦେବାକୁ ବିନମ୍ର ଅନୁରୋଧ।

ନିର୍ଦ୍ଦେଶକ
ସୂଚନା ଓ ଲୋକସମ୍ପର୍କ ବିଭାଗ

"ଭାରତ ବର୍ଷର ସ୍ୱାଧୀନତା ପାଇଁ ଏ ଅଞ୍ଚଳର ଅବଦାନ ବହୁ ଉଚ୍ଚରେ ରହିଛି । ନିଜ ମାତୃଭୂମିର ସ୍ୱାଧୀନତା ପାଇଁ ଏ ଅଞ୍ଚଳ ଯେଉଁ ଆତ୍ମ ବଳିଦାନ ଓ ତ୍ୟାଗର ପରାକାଷ୍ଠା ଦେଖାଇଥିଲା ତାହା ଅନ୍ୟତ୍ର ଦେଖିବାକୁ ମିଳେ ନାହିଁ"
(ଲୋକ ନାୟକ ଜୟ ପ୍ରକାଶ ନାରାୟଣ ୧୯୪୫ ମସିହାରେ ନବରଙ୍ଗପୁର ଜିଲ୍ଲାର ବିଜାପୁର ଗ୍ରାମରେ ଅନୁଷ୍ଠିତ ସାଧାରଣ ସଭାରେ ଦେଇଥିବା ବକ୍ତବ୍ୟ)

OIPR-15001/13/0974/2526

# ଏଯାଏ ଛାତ୍ରୀଛାତ୍ରଙ୍କୁ ମିଳିନି ପୋଷାକ

■ ଏସ୍‌ଏଚ୍‌ଜିକୁ ଦାୟିତ୍ୱ ଦେବା ନେଇ ଚାଲିଛି ଯାଞ୍ଚ
■ ଅଗଷ୍ଟ ଶେଷ ସୁଦ୍ଧା ମିଳିବା ନେଇ ପ୍ରଶ୍ନବାଚୀ

ତିହିଡ଼ି,୨୩।୮ (ସଞ୍ଜିତ ବଳ)

ତିହିଡ଼ି ବ୍ଲକରେ ଏଯାଏ ସ୍କୁଲ ଛାତ୍ରୀଛାତ୍ରଙ୍କୁ ପୋଷାକ ମିଳିପାରି ନାହିଁ। ଶିକ୍ଷାବର୍ଷ ଆରମ୍ଭ ହେବାର ୫ ମାସ ବିତିଯାଇଥିଲେ ବି ବ୍ଲକରେ ଥିବା ମୋଟ ୨୩୬ଟି ପ୍ରାଥମିକ ଓ ହାଇସ୍କୁଲର ଛାତ୍ରୀଛାତ୍ର ପୋଷାକ ପାଇନାହାନ୍ତି। ଚଳିତ ମାସ ୧୫ତାରିଖ ସୁଦ୍ଧା ପୋଷାକ ବଣ୍ଟନ କରାଯିବ ବୋଲି ସ୍ଥିର ହୋଇଥିବା ବେଳେ ମାସ ଶେଷ ସୁଦ୍ଧା ପୋଷାକ ବଣ୍ଟନ ହୋଇପାରିବ କି ନାହିଁ, ସେନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ପୋଷାକ ବଣ୍ଟନ ଦାୟିତ୍ୱ ନେବା ପାଇଁ ଆବେଦନ କରିଥିବା ଏସ୍‌ଏଚ୍‌ଜି (ସ୍ୱୟଂସହାୟକ ଗୋଷ୍ଠୀ)ର ଯାଞ୍ଚ ପ୍ରକ୍ରିୟା ଅଦ୍ୟାବଧି ଶେଷ ହୋଇ ନ ଥିବାରୁ ଏହି ଆଶଙ୍କା ଉପୁଜିଛି।

ପ୍ରକାଶ ଯେ, ପ୍ରାଥମିକ ସ୍କୁଲ ଛାତ୍ରୀଛାତ୍ରଙ୍କୁ ଗଙ୍ଗାଧର ମେହେର ପୋଷାକ ଯୋଜନା ଏବଂ ହାଇସ୍କୁଲ ଛାତ୍ରୀଛାତ୍ରଙ୍କୁ ମୁଖ୍ୟମନ୍ତ୍ରୀ ଛାତ୍ରୀଛାତ୍ର ପୋଷାକ ଯୋଜନାରେ ପୋଷାକ ଯୋଗାଇ ଦିଆଯାଉଛି। ପ୍ରତ୍ୟେକ ପିଲାଙ୍କ ପୋଷାକ ପାଇଁ ୧ ହଜାର ଟଙ୍କା ଯୋଗାଇ ଦିଆଯାଉଛି। କେନ୍ଦ୍ର ପକ୍ଷରୁ ସମଗ୍ର ଶିକ୍ଷା ଯୋଜନାରେ ୬ଶହ ଏବଂ ରାଜ୍ୟ ସରକାରଙ୍କ ପକ୍ଷରୁ ୪ଶହ ଟଙ୍କା ମିଳୁଛି। ତେବେ ଏହି ଅର୍ଥରେ ପ୍ରତ୍ୟେକ ପିଲାଙ୍କୁ ୫ଶହ ଟଙ୍କାର ୨ହଳ ପୋଷାକ, ୨ଶହ ଟଙ୍କାର ଜୋତା ଓ ମୋଜା, ୨୫୦ ଟଙ୍କାର ଟି-ସାର୍ଟ, ଟ୍ରାକ୍ ପ୍ୟାଣ୍ଟ ସହ ଟୋପି ଓ ପରିଚୟପତ୍ର ପ୍ରଦାନ କରାଯାଉଛି। ତେବେ ପିଲାମାନଙ୍କୁ ଟି-ସାର୍ଟ, ଟ୍ରାକ୍ ପ୍ୟାଣ୍ଟ ଇତ୍ୟାଦି ବଣ୍ଟନ କାର୍ଯ୍ୟ ଚାଲିଥିବା ବେଳେ ୟୁନିଫର୍ମ ବଣ୍ଟନରେ ବିଳମ୍ବ ଘଟିଛି। ବ୍ଲକରେ ମୋଟ ୨୩୬ସ୍କୁଲ ମଧ୍ୟରୁ ୩୫ଟି ହାଇସ୍କୁଲ, ୨୦୧ଟି ପ୍ରାଥମିକ ଓ ଏମ୍‌ଇ ସ୍କୁଲ ରହିଛି। ଶିଶୁବାଟିକାଠାରୁ ହାଇସ୍କୁଲ ପର୍ଯ୍ୟନ୍ତ ମୋଟ ୨୭,୪୧୨ ଛାତ୍ରୀଛାତ୍ର ଅଧ୍ୟୟନ କରୁଛନ୍ତି। ଛାତ୍ରୀଛାତ୍ରଙ୍କୁ ପୋଷାକ ତିଆରି କରି ଯୋଗାଇ ଦେବାକୁ ବିଭିନ୍ନ ପଞ୍ଚାୟତରେ ଥିବା ଏସ୍‌ଏଚ୍‌ଜି ପକ୍ଷରୁ ଆବେଦନ କରାଯାଇଥିଲା। ପୋଷାକ ଯୋଗାଇ ଦେବାକୁ ଯୋଗ୍ୟ ଏସ୍‌ଏଚ୍‌ଜିର ଯାଞ୍ଚ କରିବାକୁ ଏକ ବ୍ଲକସ୍ତରୀୟ କମିଟି ଗଠନ ହୋଇଥିଲା। ମାତ୍ର ମାସେରୁ ଊର୍ଦ୍ଧ୍ୱ ସମୟ ବିତିଯାଇଥିଲେ ମଧ୍ୟ ଯାଞ୍ଚ ପ୍ରକ୍ରିୟା ଶେଷ ହୋଇ ନ ଥିବା ଜଣାପଡ଼ିଛି। ଯାଞ୍ଚ ପରେ ଜିଲା କମିଟି ନିକଟକୁ ଯୋଗ୍ୟ ଏସ୍‌ଏଚ୍‌ଜି ତାଲିକା ପଠାଯିବ। ଜିଲା କମିଟି ମୋହର ମାରିବା ପରେ ଏସ୍‌ଏଚ୍‌ଜିକୁ ପୋଷାକ ତିଆରି ପାଇଁ ନିର୍ଦ୍ଦେଶ ଦିଆଯିବ। ଏସ୍‌ଏଚ୍‌ଜି ପକ୍ଷରୁ ପୋଷାକ ତିଆରି କରାଯାଇ ସ୍କୁଲଗୁଡ଼ିକୁ ପ୍ରଦାନ କରାଯିବା ପରେ ଛାତ୍ରୀଛାତ୍ରଙ୍କୁ ବଣ୍ଟନ କରାଯିବ। ଏହି ପରିପ୍ରେକ୍ଷୀରେ ପୋଷାକ ବଣ୍ଟନରେ ଯଥେଷ୍ଟ ବିଳମ୍ବ ଘଟିବା ଆଶଙ୍କା ଉପୁଜିଛି। ପୋଷାକ ମିଳି ନ ଥିବାରୁ ଛାତ୍ରୀଛାତ୍ର ପୁରୁଣା ପୋଷାକରେ ସ୍କୁଲକୁ ଯାଉଛନ୍ତି। ଏ ସମ୍ପର୍କରେ ବ୍ଲକ ଶିକ୍ଷାଧିକାରୀ ସୂର୍ଯ୍ୟଶିଖା ମହାନ୍ତି କହିଛନ୍ତି, ଯାଞ୍ଚ ପ୍ରକ୍ରିୟା ତୁରନ୍ତ ଶେଷ କରି ଜିଲା କମିଟିକୁ ଯୋଗ୍ୟ ଏସ୍‌ଏଚ୍‌ଜି ତାଲିକା ପଠାଯିବାର ବ୍ୟବସ୍ଥା କରାଯିବ। ଛାତ୍ରୀଛାତ୍ର କିପରି ଶୀଘ୍ର ପୋଷାକ ପାଇପାରିବେ ସେ ଦିଗରେ ମଧ୍ୟ ଦୃଷ୍ଟି ଦିଆଯିବ।

# ‘ସାଲିସବିହୀନ ଶ୍ରମିକ ନେତା ଥିଲେ ପ୍ରତାପ’


ଦିବଂଗତ ଶ୍ରମିକ ନେତା ପ୍ରତାପ ପଣ୍ଡାଙ୍କ ଶ୍ରାଦ୍ଧୋତ୍ସବରେ ସଫଳ ଚାଷୀ ଉଦୟ ନାଥ କରଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।

ଭଦ୍ରକ,୨୩।୮ (ସନାତନ ରାଉତ)

ଛାତ୍ର ଜୀବନରୁ ସାଧାରଣ ଲୋକଙ୍କ ହକ୍ ପାଇଁ ସେ ଲଢ଼େଇ କରି ନିଜ ପ୍ରତିଭାର ପରିଚୟ ଦେଇଥିଲେ। ତାଙ୍କର ଚେଷ୍ଟା, ସଂଘର୍ଷ ଓ ସାହସିକତା ତାଙ୍କୁ ସଫଳତାର ଶୀର୍ଷରେ ପହଞ୍ଚାଇଥିଲା। ସର୍ବଭାରତୀୟ ଶ୍ରମିକ ନେତା ତଥା ଭାରତୀୟ ମଜଦୁର ସଂଘର ରାଷ୍ଟ୍ରୀୟ କାର୍ଯ୍ୟକର୍ତ୍ତା ସ୍ୱର୍ଗତ ପ୍ରତାପ ପଣ୍ଡା ସାଲିସବିହୀନ ଶ୍ରମିକ ନେତା ଥିଲେ ବୋଲି ଶନିବାର ତାଙ୍କ ୧୪ତମ ଶ୍ରାଦ୍ଧବାର୍ଷିକୀ ଅବସରରେ ବିଶିଷ୍ଟ ଅତିଥି ଭାବେ ଭାଜପା ରାଜ୍ୟ ସଭାପତି ମନମୋହନ ସାମଲ ଯୋଗଦେଇ କହିଛନ୍ତି। ମଧ୍ୟାହ୍ନ ୧୨ଟାରେ ଭଦ୍ରକ ଟାଉନ ହଲ୍‌ରେ ପ୍ରତାପ ପଣ୍ଡା ସ୍ମୃତି ସଂସଦ ଆନୁକୂଲ୍ୟରେ ଅନୁଷ୍ଠିତ ଶ୍ରାଦ୍ଧୋତ୍ସବରେ ସଂସଦର ସଭାପତି ପୂର୍ଣ୍ଣଚନ୍ଦ୍ର ଖିଲାର ସଭାପତିତ୍ୱ କରିଥିଲେ। ମୁଖ୍ୟଅତିଥି ଭାବେ ଭଦ୍ରକ ଏମ୍‌ପି ଅଭିମନ୍ୟୁ ସେଠୀ, ମୁଖ୍ୟବକ୍ତା ବରିଷ୍ଠ ସାମ୍ବାଦିକ ନବୀନ ଦାସ ଏବଂ ଅନ୍ୟତମ ଅତିଥି ଭାବେ ଭଦ୍ରକ ବିଧାୟକ ସୀତାଂଶୁ ଶେଖର ମହାପାତ୍ର, ଭାରତୀୟ ମଜଦୁର ସଂଘର ରାଜ୍ୟ ସଭାପତି ବାଦଲ ମହାରଣା, ସ୍ମୃତି ସଂସଦର ସମ୍ପାଦକ ଡ. ରବୀନ୍ଦ୍ର ପଣ୍ଡା ପ୍ରମୁଖ ଯୋଗ ଦେଇଥିଲେ। ସ୍ୱର୍ଗତ ପଣ୍ଡାଙ୍କ ଅଦମ୍ୟ ସାହସିକତା ଓ ଶ୍ରମିକମାନଙ୍କ ପାଇଁ ସେ କରିଥିବା ସଂଘର୍ଷର କାହାଣୀ ଉପରେ ଅତିଥିମାନେ ଆଲୋକପାତ କରିଥିଲେ।

ଏହି ଅବସରରେ ସମାଜସେବା କ୍ଷେତ୍ରରେ ବିଜୟ ଭୂଷଣ ନାୟକ, ସଫଳ ଚାଷୀ ଉଦୟ ନାଥ କର, ଶିକ୍ଷାବିତ୍ ସୌମେନ୍ଦ୍ର ମିଶ୍ର, ଉଦ୍ୟୋଗପତି ମନୋଜ କୁମାର ନାୟକଙ୍କ ସମେତ ବିଭିନ୍ନ କ୍ଷେତ୍ରରେ ପାରଦର୍ଶିତା ଲାଭ କରିଥିବା ପ୍ରତିଭାମାନଙ୍କୁ ସ୍ମୃତି ସଂସଦ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା। ଅଜୟ ନାୟକ, ପୂର୍ବତନ ଭାଜପା ସଭାପତି ଅକ୍ଷୟ ସାହୁ, ବଦ୍ରିନାରାୟଣ ଧଳ, ମଳୟ ଜେନା, ପୂର୍ଣ୍ଣଚନ୍ଦ୍ର ପାଣିଙ୍କ ସମେତ ବହୁ ବୁଦ୍ଧିଜୀବୀ ଉପସ୍ଥିତ ଥିଲେ। ସଂସଦର କୋଷାଧ୍ୟକ୍ଷ ବିଜୟ କୁମାର ମିଶ୍ର ପରିଚାଳନା କରିଥିବା ବେଳେ ରାମଚନ୍ଦ୍ର ରାଉତ, ଶାନ୍ତନୁ ମହାପାତ୍ର, ବିଦ୍ୟାଧର ସେଠୀ, ତପନ କୁମାର ପାତ୍ର, ଭାରତୀୟ ମଜଦୁର ସଂଘର ଜିଲା ସଭାପତି ମନୋଜ ବସନ୍ତରାୟ, ଜନ୍ମେଞ୍ଜୟ ମିଶ୍ର, ପିଙ୍କୁନ ଦାସ, ଚିରଞ୍ଜୀବ ପଣ୍ଡା ପ୍ରମୁଖ ସହଯୋଗ କରିଥିଲେ।

# ବନ୍ୟାର ସ୍ଥାୟୀ ପ୍ରତିକାର ଦାବି

ଧୁଷୁରୀ,୨୩।୮ (ଦୀପ୍ତିରଞ୍ଜନ ନାୟକ)



ଧାମନଗର ବ୍ଲକରେ ବନ୍ୟାର ସ୍ଥାୟୀ ପ୍ରତିକାର କରାଯିବାକୁ ଶନିବାର ଅପରାହ୍ନରେ ଧୁଷୁରୀସ୍ଥିତ ହୃଦାନନ୍ଦ ପାଠାଗାରରେ ଆୟୋଜିତ ଖବରଦାତା ସମ୍ମିଳନୀରେ ସ୍ଥାନୀୟ ଅଞ୍ଚଳର ବୁଦ୍ଧିଜୀବୀମାନେ ଦାବି କରିଛନ୍ତି। ୫୦ବର୍ଷ ଧରି ବୈତରଣୀ ନଦୀରେ ଭୀମକୁଣ୍ଡ ଯୋଜନା କାର୍ଯ୍ୟକାରୀ ନ ହେବା, ବୈତରଣୀର ଉତ୍ତର ପାର୍ଶ୍ୱ, କୋଚିଲା, ଗେଙ୍ଗୁଟି ନଦୀର ଉଭୟ ପାର୍ଶ୍ୱ ବନ୍ଧକୁ କ୍ୟାପିଟାଲ ଏମ୍ବାକ୍‌ମେଣ୍ଟ କରାଯାଇ ବନ୍ୟା ନିୟନ୍ତ୍ରଣ, ଗାନ୍ଧିଘାଟ ଶାସନଠାରେ ଘେରିବନ୍ଧ ପ୍ରତିଷ୍ଠା କରାଯାଇ ସ୍ଲୁଇସ୍ ଗେଟ୍ ନିର୍ମାଣ, ଆଖୁଆପଦାଠାରୁ ତିନିତର ଘାଟ ପର୍ଯ୍ୟନ୍ତ ନଦୀବନ୍ଧ ସୁଦୃଢ଼ୀକରଣ କରାଯାଇ ତଳିଆ ଅଞ୍ଚଳରେ ୬୦ ଫୁଟ ଓ ଉପର ଅଞ୍ଚଳରେ ୧୫ ଫୁଟ୍ ଚଉଡ଼ା କରାଯିବା, ନଦୀଗୁଡ଼ିକର ବନ୍ଧକୁ ଆର୍ ଆଣ୍ଡ୍ ବି ବିଭାଗକୁ ହସ୍ତାନ୍ତର, ନଦୀକୂଳିଆ ଲୋକଙ୍କ ଘର, ଘରବାଡ଼ି, ଚାଷଜମିକୁ ଅଧିଗ୍ରହଣ କରିବା ସହ ଉପଯୁକ୍ତ କ୍ଷତିପୂରଣ ଦିଆଯିବାକୁ ଦାବି କରାଯାଇଛି। ସାମାଜିକ କର୍ମୀ ନାରାୟଣ ଚନ୍ଦ୍ର ପାଢ଼ୀ, ବରିଷ୍ଠ ଅଧିବକ୍ତା ଶଶିଭୂଷଣ ପଣ୍ଡା, ଡା. ବିଦ୍ୟାଧର ଜେନା, ପରମାନନ୍ଦ ସାଏନ୍ତ ପ୍ରମୁଖ ଉପସ୍ଥିତ ଥିଲେ।

# ଶିକ୍ଷା ଓ ସଂସ୍କାର



ଅଚ୍ୟୁତ ସାମନ୍ତ

ଭାରତୀୟ ସଭ୍ୟତାର ପରିକଳ୍ପନା, ନିର୍ମାଣ ଓ ବ୍ୟାଖ୍ୟାନରେ ଦୁଇଟି ଶବ୍ଦ– ଶିକ୍ଷା ଓ ସଂସ୍କାର ; ବିଶେଷ ଭାବେ ଚର୍ଚ୍ଚିତ ଓ ଆଲୋଚିତ। ବସ୍ତ୍ରର ଦୁଇଟି ସୂତ୍ର ପରି, ମୁଦ୍ରାର ଦୁଇଟି ପାର୍ଶ୍ୱ ପରି ଏହା ଅଙ୍ଗାଙ୍ଗୀ ରୂପେ ସମ୍ପର୍କିତ। ଶିକ୍ଷା କହିଲେ ସାଧାରଣ ଅର୍ଥରେ ବିଦ୍ୟା ଅର୍ଜନ, ଜ୍ଞାନ ଆହରଣକୁ ବୁଝାଏ। ସଂସ୍କାର ହେଉଛି ବହୁସ୍ତରୀୟ। ଏହା ମୁଖ୍ୟତଃ ବ୍ୟକ୍ତିର ଅନ୍ତଃନିର୍ମାଣ, ନୈତିକତା, ବିନମ୍ରତା, ଉଦାରତା ଉପରେ ପର୍ଯ୍ୟବସିତ ଯାହା ସାମଗ୍ରିକ ଭାବରେ ଶିକ୍ଷାର ଉପଯୋଗ ପାଇଁ ମାର୍ଗ ଦର୍ଶାଏ। ଶିକ୍ଷା ଓ ସଂସ୍କାରକୁ ବିଚ୍ଛିନ୍ନ କଲେ, ହୁଏତ ଆମେ ମହତ୍‌କାମୀ ଆଦର୍ଶବାଦୀ ପାଇବା ନ ହେଲେ ଉଦାସୀନ ଚତୁର ଧୂର୍ତ୍ତଙ୍କୁ। ଶିକ୍ଷାର ପ୍ରକୃତ ଲକ୍ଷ୍ୟ ହେଉଛି ଜ୍ଞାନ ଓ ବିବେକ ସମନ୍ୱିତ ବ୍ୟକ୍ତି ନିର୍ମାଣ।

ଶିକ୍ଷା ଓ ସଂସ୍କାରର ମହତ୍ତ୍ୱ ପ୍ରତିପାଦନ କରୁଥିବା ଅଜସ୍ର ଲୋକ କଥା, କାହାଣୀ ଆମକୁ ଉପଲବ୍ଧ। ଗ୍ରନ୍ଥ ପୁରାଣରେ ଏହାର ସାରବତ୍ତା ବର୍ଣ୍ଣିତ ହୋଇଛି, ଯାହା ଆମ ପାଇଁ ଆଲୋକ ବର୍ତ୍ତିକା ସଦୃଶ। ଭଗବଦ୍ ଗୀତାରେ ଭଗବାନ୍ ଶ୍ରୀକୃଷ୍ଣ ଅର୍ଜୁନଙ୍କୁ ଯେଉଁ ଉପଦେଶ ଦେଉଛନ୍ତି, ତା'ର ମାର୍ମିକ ଓ ବ୍ୟବହାରିକ ଆବେଦନ ଅନନ୍ୟ। ବିନମ୍ରତା ସହ ନିଷ୍କାମ କର୍ମ ସମ୍ପାଦନର ମହାନ୍ ଶିକ୍ଷା ବାସ୍ତବରେ ଜୀବନର ଦିଶା ନିର୍ଣ୍ଣୟ ପାଇଁ ଉଦ୍ଦିଷ୍ଟ। ମହାଭାରତରେ ଧନୁର୍ବିଦ୍ୟାରେ ପାରଙ୍ଗମତା ସହ ଚାରିତ୍ରିକ ସ୍ୱଚ୍ଛତା ଓ ଦୃଢ଼ତାକୁ ଗୁରୁତ୍ୱ ପ୍ରଦାନ କରାଯାଇଛି। ପଞ୍ଚତନ୍ତ୍ରରେ ପ୍ରତ୍ୟେକ କାହାଣୀର ଆଧାର ଓ ଉଦ୍ଦେଶ୍ୟ ହେଉଛି ନୀତିଶିକ୍ଷା। ନୈତିକତା ବିନା ଶିକ୍ଷା ଅସାର। ଏହିସବୁ ବର୍ଣ୍ଣନା, ଚିନ୍ତନ ଓ ଉପସ୍ଥାପନ ସୂଚେଇ ଦିଏ ଯେ ଭାରତୀୟ ବିଚାର ସଂହିତାରେ ଶିକ୍ଷା ଓ ସଂସ୍କାର ଅଙ୍ଗୀଭୂତ। ମସ୍ତିଷ୍କ ଓ ହୃଦୟ ମଧ୍ୟରେ ସମନ୍ୱୟ ଓ ସମ୍ପର୍କ ଏକାନ୍ତ ଜରୁରୀ। ଶ୍ରେଣୀଗୃହରୁ ପ୍ରାପ୍ତ ଶିକ୍ଷା ସହ ସାମାଜିକ ଆବେଗିକ କ୍ଷେତ୍ରରୁ ପ୍ରାପ୍ତ ଶିକ୍ଷା ସମନ୍ୱିତ ହେଲେ ହିଁ ଶିକ୍ଷା ସମ୍ପୂର୍ଣ୍ଣ ହୋଇପାରିବ। ଦୟା, କରୁଣା ଓ ଶୃଙ୍ଖଳାର ଉର୍ବର ଭୂମିରେ ମସ୍ତିଷ୍କର ବିକାଶ ତ୍ୱରାନ୍ୱିତ ହୋଇଥାଏ।

ଆମେ ଯଦି କେଉଁ ସୁଗୁଣଗୁଡ଼ିକ ଜୀବନରେ ଆପଣେଇବା ପାଇଁ ଚିନ୍ତା କରିବା, ତେବେ ଅନେକ ଆମ ଆତ୍ମବୋଧକୁ ଆସିବ। ସେଗୁଡ଼ିକ ମଧ୍ୟରୁ ମାନବୀୟ ସମ୍ବେଦନା, ସାଧୁତା, ପ୍ରତିଦାନ ପ୍ରବୃତ୍ତି, ଅଭିନବ ସାହସିକତା, ମୂଳ ସଂପୃକ୍ତି, ବିନମ୍ରତା, କୃତଜ୍ଞତା ଓ ଅନ୍ତହୀନ ମାନବୀୟ ଅର୍ଥପୂର୍ଣ୍ଣ ଅନ୍ୱେଷା ଅନ୍ୟତମ। ଏଗୁଡ଼ିକ ସମ୍ପର୍କରେ ବିଶେଷ ତର୍ଜମା କରାଯାଇପାରେ। ମାନବବାଦ ଶିକ୍ଷାକୁ ବହିର୍ମୁଖୀ କରାଏ। ସମାଜର ବୃହତ୍ତର ମଙ୍ଗଳ ନିମନ୍ତେ ଶିକ୍ଷାକୁ ପ୍ରେରିତ କରେ। ସାଧୁତା, ଜ୍ଞାନ ଓ ବୁଦ୍ଧିକୁ ପଥଭ୍ରଷ୍ଟ ହେବାକୁ ଦିଏ ନାହିଁ। ଉତ୍କୃଷ୍ଟ ଉପଯୋଗ ପାଇଁ କ୍ଷେତ୍ର ପ୍ରସ୍ତୁତ କରାଏ। ପ୍ରତିଦାନ ପ୍ରବୃତ୍ତି ସାମାଜିକ ପ୍ରତିବଦ୍ଧତାକୁ ପରିପୁଷ୍ଟ କରିବା ସହ ସଫଳତାକୁ ସାମାଜିକ ସମ୍ବଳରେ ରୂପାନ୍ତରିତ କରେ। ଅଭିନବ ସାହସିକତା ପରମ୍ପରାର ନୂତନ ଆଂଶିକ ନିର୍ମାଣ କରି ସମୟର ଆହ୍ୱାନ ଓ ଆବଶ୍ୟକତା ଆଧାରରେ ପ୍ରାସଙ୍ଗିକ କରି ଗଢ଼େ। ପୁରୁଣା ଲକ୍ଷ୍ୟର ପରିପୂର୍ତ୍ତି ପାଇଁ ନୂଆ ଉପକରଣ ଓ ଉପାୟ ବାହାର କରେ। ବିନମ୍ରତା ପ୍ରାପ୍ତିର ଅହମିକାକୁ ପ୍ରତିରୋଧ କରେ। କୃତଜ୍ଞତାବୋଧ ଅନୁଚିତ ଆହରଣ ପ୍ରବୃତ୍ତିକୁ ସଂଯମ କରାଏ।

ଏହିସବୁ ଭାବବୋଧ ଓ ଆଦର୍ଶକୁ ଆଧାର କଲେ ଅନୁଷ୍ଠାନଗୁଡ଼ିକ ମାନବୀୟ ମୂଲ୍ୟବୋଧର ଜୀବନ୍ତ ପ୍ରୟୋଗଶାଳା ହୋଇପାରିବ। ମୋ ଦୃଷ୍ଟିରେ କିଟ୍- କଳିଙ୍ଗ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଇଣ୍ଡଷ୍ଟ୍ରିଆଲ୍ ଟେକ୍ନୋଲୋଜି ଉପରୋକ୍ତ ଭାବାଦର୍ଶର ସକ୍ରିୟ ଧାରକ ଓ ବାହକ। ଗୁଣାତ୍ମକ ଶିକ୍ଷା ସାମାଜିକ ରୂପାନ୍ତରଣର ପ୍ରମୁଖ ଆୟୁଧ। ଏହି ଦର୍ଶନକୁ ଭିତ୍ତିକରି କିଟ୍ ପ୍ରତିଷ୍ଠିତ ହୋଇଥିଲା। କିଟ୍‌ରେ ପ୍ରୟୋଗ ହୋଇଛି ସାମାଜିକ ଅଙ୍ଗୀକାର ସହ ଶିକ୍ଷଣର ଅନନ୍ୟ ମିଶ୍ରଣ ; ଜ୍ଞାନ ଆହରଣ ସହ ଜ୍ଞାନର ସାମାଜିକୀକରଣ। ଏହ ମଧ୍ୟ ପ୍ରତିଫଳିତ ହୋଇଛି କିଟ୍‌ର ଅନ୍ୟ ଏକ ସମ୍ପର୍କିତ ସଂସ୍ଥା କିସ୍ (କଳିଙ୍ଗ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ସୋସିଆଲ ସାଇନ୍‌ସେସ୍)ରେ ; ଯାହାକି ପୃଥିବୀର ସବୁଠୁ ବଡ଼ ଜନଜାତିଙ୍କ ପାଇଁ ସମ୍ପୂର୍ଣ୍ଣ ଦେୟମୁକ୍ତ ଆବାସିକ ଶିକ୍ଷାନୁଷ୍ଠାନ। ଏଠାରେ ଶିକ୍ଷା ଓ ସଂସ୍କାରର ପ୍ରୟୋଗ ହୋଇଛି, ଯାହା ଅନୁଷ୍ଠାନକୁ ବିଶେଷ ଔଜ୍ଜ୍ୱଲ୍ୟ ପ୍ରଦାନ କରିଛି। ଏହା ଶିକ୍ଷା, ପୁଷ୍ଟି, ସ୍ୱାସ୍ଥ୍ୟସେବା, କ୍ରୀଡ଼ା ଓ ସାଂସ୍କୃତିକ ଐତିହ୍ୟର ସଂରକ୍ଷଣ ସହ ଅଶୀ ହଜାରରୁ ଊର୍ଦ୍ଧ୍ୱ ଜନଜାତି ଛାତ୍ରୀଛାତ୍ରଙ୍କ ପୂର୍ଣ୍ଣାଙ୍ଗ ବ୍ୟକ୍ତିତ୍ୱ ବିକାଶରେ ସମର୍ପିତ। ଏଠି ଲକ୍ଷ୍ୟ ଏବଂ ମାଧ୍ୟମ ଏକ ଓ ଅଭିନ୍ନ।

କେବଳ ଶିକ୍ଷା କାର୍ଯ୍ୟକ୍ରମରେ ସୀମିତ ରହିନି କିଟ୍। ଏଠି ଅଛି ଏକ କ୍ରିୟାଶୀଳ ଛାତ୍ର ସଂସ୍କୃତି। ବିବିଧ କ୍ଲବ, ସାଂସ୍କୃତିକ ସଂଘ, ନବାଚାର ପ୍ରକୋଷ୍ଠ ମାଧ୍ୟମରେ ସର୍ଜନା, ନାଗରିକ ସମ୍ପୃକ୍ତି, ଦଳଗତ ପ୍ରୟାସକୁ ପ୍ରୋତ୍ସାହନ ମିଳୁଛି। ଜାତୀୟ ସେବା ସଂସ୍ଥାରେ ସାମିଲ ହୋଇଛନ୍ତି କିଟ୍ ଓ କିସ୍‌ର ହଜାର ହଜାର ସ୍ୱେଚ୍ଛାସେବୀ ଛାତ୍ରୀଛାତ୍ର। ଗ୍ରାମ୍ୟ ଉନ୍ନୟନ, ସ୍ୱାସ୍ଥ୍ୟ ସଚେତନତା ଅଭିଯାନ, ପରିବେଶ ସୁରକ୍ଷା, ଆପାତ୍‌କାଳୀନ ସହାୟତା ଆଦି କାର୍ଯ୍ୟରେ ସେମାନଙ୍କ ଭୂମିକା ବେଶ୍ ପ୍ରଶଂସନୀୟ। ମାଧ୍ୟମ ସାଜିଛି ଆର୍ଟ ଅଫ୍ ଗିଭିଂ, ଏଜୁକେଶନ ଫର୍ ଅଲ୍, ନିଉ ମାଇଣ୍ଡସ୍ ନିଉ ଡ୍ରିମ୍, କନ୍ୟା କିରଣ ଏବଂ କଳିଙ୍ଗ ଫେଲୋଶିପ୍ ଭଳି ଉଲ୍ଲେଖନୀୟ ଉପକ୍ରମ। ସେମାନେ ବାସ୍ତବରେ କାର୍ଯ୍ୟ ମାଧ୍ୟମରେ ସଂସ୍କାରିତ ହେବାର ଜୀବନ୍ତ ପ୍ରୟୋଗଶାଳା ଭାବରେ ପରିଚିତ।

ପ୍ରତିଷ୍ଠାତାଙ୍କ ମୂଲ୍ୟବୋଧ ଅନୁଷ୍ଠାନର ଗୁଣସୂତ୍ରରେ ସଞ୍ଚରିଯାଇ ଏହାକୁ ରୂପରେଖ ପ୍ରଦାନ କରେ। ମୋର ଭାବାଦର୍ଶ, ପ୍ରତିଟି ଜୀବନର ପବିତ୍ରତା ଓ ପ୍ରତିଦାନର କର୍ତ୍ତବ୍ୟବୋଧରେ ଅନୁପ୍ରାଣିତ ଛାତ୍ରୀଛାତ୍ରମାନେ ଐତିହ୍ୟ ଓ ପରମ୍ପରା ସହ ସମ୍ବନ୍ଧିତ ରହି ଭବିଷ୍ୟତର ଯାତ୍ରା ପାଇଁ ପ୍ରସ୍ତୁତି କରୁଛନ୍ତି। ବ୍ୟକ୍ତିଗତ ସମ୍ପତ୍ତି ନ ଥିଲା ମୋର, ସାଦା ସରଳ ଜୀବନ ହିଁ ପିଲାମାନଙ୍କ ପାଇଁ ପ୍ରଭାବଶାଳୀ ବାର୍ତ୍ତା। ସଫଳତାର ମାନଦଣ୍ଡ ହେଉଛି କେତେ ଜୀବନକୁ ସକାରାତ୍ମକ ଭାବେ ପ୍ରଜ୍ୱଳିତ କରିପାରିବା। ଏହାର ଅର୍ଥ ହେଉଛି ନୀତି ଓ ନୈତିକତାକୁ ବଜାୟ ରଖି ଆମେ ସ୍ୱପ୍ନ ଦେଖିପାରିବା, ନୂଆ କଥା କରିପାରିବା, ସାହସିକ ପଦକ୍ଷେପ ନେଇପାରିବା ଏବଂ ବିଶାଳ ସଫଳତାର ଅଧିକାରୀ ହୋଇପାରିବା।

ଯୁବାବସ୍ଥାରେ ଯେ ନିଜ ସହିତ, ନିଜ ଆବେଗ ସହିତ ଓ ଅନ୍ୟମାନଙ୍କ ସହିତ ଖାପ୍‌ଖୁଆଇ ଚଳିବା ଶିଖେ, ସେ ଜୀବନରେ ବହୁତ ଆଗକୁ ଯାଏ, ସଫଳ ହୁଏ। ଆବେଗିକ ବୁଦ୍ଧିମତ୍ତା ଓ ପରିସ୍ଥିତି ସହ ଖାପ୍ ଖୁଆଇବା ପ୍ରବଣତା ହେଉଛି ଦୁଇଟି ବିଶିଷ୍ଟ ଗୁଣ। ଶୃଙ୍ଖଳା ହେଉଛି ବସ୍ତୁତଃ ଆତ୍ମନିୟନ୍ତ୍ରଣ। ସକାରାତ୍ମକ ମାନସିକତା ହେଉଛି ଉଜ୍ଜ୍ୱଳ ଭବିଷ୍ୟତର ରୂପକାର। ଏହା ଅନ୍ତଃ ଔଜ୍ଜ୍ୱଲ୍ୟର ପ୍ରକାଶକ ଯାହା ନିଜଠୁ ବିଚ୍ଛୁରିତ ହୁଏ। ଏହା ଶକ୍ତି ଓ ସୌନ୍ଦର୍ଯ୍ୟର ପ୍ରତୀକ। ଦୂରଦୃଷ୍ଟି ଓ ଦାୟିତ୍ୱ ହେଉଛି ସାମୟିକ ଚାପକୁ ପ୍ରତିରୋଧ କରିବା ଯାହା ନିଜ ପ୍ରିୟଜନଙ୍କ ଜୀବନବ୍ୟାପୀ ଦୁଃଖର କାରଣ ହୋଇପାରେ। ଦୃଷ୍ଟିଭଙ୍ଗୀ ନିର୍ଦ୍ଧାରଣ କରି ଲକ୍ଷ୍ୟ ଏବଂ ଲକ୍ଷ୍ୟ ହାସଲର ସଫଳତାର କାରକ ହେଉଛି ନିଜସ୍ୱ ଆଚାର। ଅସଲ ସାଫଲ୍ୟ ଏକାନ୍ତରେ ନୁହେଁ, ବରଂ ସମ୍ମିଳିତ ଭାବରେ ହାସଲ କରାଯାଏ, ଅନ୍ୟମାନଙ୍କୁ ସାଥିରେ ନେଇ, ପ୍ରତ୍ୟେକଙ୍କ ଅଭିବୃଦ୍ଧିକୁ ସନ୍ନିହିତକରି ଅନ୍ତର୍ଭୁକ୍ତି ପ୍ରକ୍ରିୟାରେ ଅର୍ଜନ କରାଯାଏ। ଏହା ଅବାସ୍ତବ ତତ୍ତ୍ୱ ନୁହେଁ। ଏହା କିଟ୍‌ର ଜୀବନ୍ତ ଦର୍ଶନ। ଏଠି ଛାତ୍ରୀଛାତ୍ର କେବଳ ଶିକ୍ଷା ନୁହେଁ, ସଂସ୍କାର ମଧ୍ୟ ପାଆନ୍ତି ଏବଂ ଜୀବନ ଗଢ଼ନ୍ତି।

ଶିକ୍ଷା ଓ ସଂସ୍କାରର ପୁନଃ ସଂଯୋଗୀକରଣର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ହେଉଛି କେବଳ ଦକ୍ଷ ମସ୍ତିଷ୍କ ନୁହେଁ ବିବେକୀ ହୃଦୟ ପାଇଁ କ୍ଷେତ୍ର ପ୍ରସ୍ତୁତ କରିବା। ଭାରତରେ ଶିକ୍ଷା ସବୁବେଳେ କୌଶଳତାରେ ସୀମିତ ରହିନାହିଁ। ଶିକ୍ଷା ସହ ସଂସ୍କାରକୁ ଯୋଡ଼ିବାକୁ ଏକ ପବିତ୍ର କର୍ତ୍ତବ୍ୟ ଭାବରେ ବିବେଚନା କରାଯାଇଛି। ମୂଲ୍ୟବୋଧ ବିନା ଜ୍ଞାନ ନିରର୍ଥକ ଏବଂ ସେହିପରି ଜ୍ଞାନ ବିନା ମୂଲ୍ୟବୋଧ ମଧ୍ୟ ଶକ୍ତିହୀନ। ଯେତେବେଳେ ଆମର ଯୁବ ସମାଜ ଅତ୍ୟାଧୁନିକ ଦକ୍ଷତା ସହ ଆମ ସଭ୍ୟତାର ଶାଶ୍ୱତ ମୂଲ୍ୟବୋଧକୁ ଧାରଣ କରିବେ, ସେମାନେ ଆତ୍ମନିର୍ଭର ଭାରତ ଓ ବିଶ୍ୱଗୁରୁ ଭାରତର ସମର୍ଥ ସ୍ଥପତି ହୋଇପାରିବେ। ଏହା ହିଁ କିଟ୍ ଓ କିସ୍‌ର ଲକ୍ଷ୍ୟ ଓ ଆଦର୍ଶ ଏବଂ ଏହାର ପରିପୂରଣରେ ନିରନ୍ତର କାର୍ଯ୍ୟରତ। ସଫଳ ସ୍ନାତକ ନିର୍ମାଣ କରୁଛି ଯେଉଁମାନେ ନିଜ ବୃତ୍ତିରେ ଉତ୍କର୍ଷ ସାଧନ ସହ ନିଜ ଗୋଷ୍ଠୀ ଓ ସମାଜର ସେବାରେ ସମର୍ପିତ ହୋଇ ଆମ ଜାତିର, ଦେଶର ନିଃସମୟ ଆତ୍ମିକ ଭାବବୋଧର ଅଗ୍ରଣୀ କାରକ ହୋଇପାରିବେ।

ଶିକ୍ଷାବିତ୍ ଓ ସମାଜସେବୀ

# କଲେଜରେ ଅଣଛାତ୍ରଙ୍କ ଆତଙ୍କରାଜ

ବାସୁଦେବପୁର,୨୩।୮ (ନାରାୟଣ ପ୍ରସାଦ ବାରିକ୍)

ବାସୁଦେବପୁର ଅଟଳ ବିହାରୀ କଲେଜ ପରିସରରେ ଅଣଛାତ୍ର ପ୍ରବେଶ କରି ଶୈକ୍ଷିକ ପରିବେଶକୁ ନଷ୍ଟ କରିବା ସହ ଭୟର ବାତାବରଣ ସୃଷ୍ଟି କରୁଛନ୍ତି। ଏନେଇ କେତେଜଣ ଛାତ୍ର ଅଧ୍ୟକ୍ଷଙ୍କୁ ଜଣାଇଥିଲେ। ଏ ବାବଦରେ ଅଣଛାତ୍ରମାନେ ଜାଣିବା ପରେ ସ୍ଥାନୀୟ ଅଞ୍ଚଳର ଜଣେ ଅଣଛାତ୍ର ଶନିବାର ଯୁକ୍ତ ୩ର ଛାତ୍ର ପ୍ରକାଶ ସାହୁଙ୍କୁ କଲେଜ ପରିସରରେ ମାଡ଼ ମାରିଛନ୍ତି। ଛାତ୍ର ଜଣକ ସ୍ଥାନୀୟ ଡାକ୍ତରଖାନାରେ ପ୍ରାଥମିକ ଚିକିତ୍ସା ପରେ ବାସୁଦେବପୁର ଥାନାରେ ଅଭିଯୋଗ କରିଛନ୍ତି। ଅଣଛାତ୍ରଙ୍କ ପ୍ରବେଶ ଓ ଗଣ୍ଡଗୋଳ ବିଷୟରେ ଛାତ୍ରମାନେ ଜଣାଇଥିବା ଅଧ୍ୟକ୍ଷ ଡ. ଚିନ୍ମୟୀ ସେନାପତି ସ୍ୱୀକାର କରିବା ସହ ସେମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ପାଇଁ ସେ ଏକାଧିକବାର ଥାନାକୁ ଜଣାଇଛନ୍ତି ବୋଲି କହିଛନ୍ତି।

# ଯାତ୍ରୀଙ୍କଠୁ ନିଆଯାଉଛି ଅଧିକ ଭଡ଼ା

## କାର୍ଯ୍ୟକାରୀ ହେଉନି ଜିଲାପାଳଙ୍କ ନିର୍ଦ୍ଦେଶ

## ବସ୍‌ରୋକୋ କରିବେ ଅଞ୍ଚଳବାସୀ

ତିହିଡ଼ି,୨୩।୮ (ସଞ୍ଜିତ ବଳ)

ଭଦ୍ରକ-ଚାନ୍ଦବାଲି ରାଜ୍ୟ ରାଜପଥରେ ଚଳାଚଳ କରୁଥିବା ବସ୍‌ରେ ନିର୍ଦ୍ଧାରିତ ଭଡ଼ାଠାରୁ ଯଥେଷ୍ଟ ଅଧିକ ନିଆଯାଉଥିବାରୁ ତିହିଡ଼ି ଅଞ୍ଚଳବାସୀଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ସେମାନେ ଏ ସମ୍ପର୍କରେ ଗତ ଜୁନ୍ ୩୦ରେ ତିହିଡ଼ି ବ୍ଲକ କାର୍ଯ୍ୟାଳୟରେ ଅନୁଷ୍ଠିତ ମିଳିତ ଜନଅଭିଯୋଗ ଶୁଣାଣି ଶିବିରରେ ଜିଲାପାଳଙ୍କ ନିକଟରେ ଅଭିଯୋଗ କରିଥିଲେ। ଏହି ଘଟଣାରେ ପଦକ୍ଷେପ ନେବାକୁ ଜିଲାପାଳ ଦିଲୀପ ରାଉତରାଏ ଆଞ୍ଚଳିକ ପରିବହନ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ମାତ୍ର ଏହି ନିର୍ଦ୍ଦେଶ କାର୍ଯ୍ୟକାରୀ ନ ହେବା ପରିତାପର ବିଷୟ। ଏଥିରେ ଅଞ୍ଚଳବାସୀ ଅସନ୍ତୋଷ ପ୍ରକାଶ କରିବା ସହ ଆସନ୍ତା ମାସ ରାଜ୍ୟ ରାଜପଥରେ ବସ୍‌ରୋକୋ କରିବେ ବୋଲି ଶନିବାର ଏକ ପ୍ରେସ୍ ବିବୃତ୍ତିରେ ଚେତାବନୀ ଦେଇଛନ୍ତି।

ସେମାନେ ଦର୍ଶାଇଛନ୍ତି ଯେ, ପ୍ରତିଦିନ ଭଦ୍ରକ-ଚାନ୍ଦବାଲି ରାଜ୍ୟ ରାଜପଥରେ ୩୦ରୁ ଊର୍ଦ୍ଧ୍ୱ ଯାତ୍ରୀବାହୀ ବସ୍ ଚଳାଚଳ କରୁଥିବା ବେଳେ ମନଇଚ୍ଛା ଭଡ଼ା ଆଦାୟ କରାଯାଉଛି। ସାଧାରଣ ବସ୍‌ରେ କି.ମି. ପ୍ରତି ୮୮ ପଇସା ଓ ଏକ୍ସପ୍ରେସ୍‌ରେ କି.ମି. ପ୍ରତି ୯୨ ପଇସା ଭଡ଼ା ଧାର୍ଯ୍ୟ ହୋଇଥିବା ବେଳେ ଏହାଠୁ ଯଥେଷ୍ଟ ଅଧିକ ଭଡ଼ା ନିଆଯାଇ ଯାତ୍ରୀମାନଙ୍କୁ ଶୋଷଣ କରାଯାଉଛି। ବସ୍‌ରେ ରେଟ୍ ଚାର୍ଟ ମଧ୍ୟ ଲଗାଯାଉ ନାହିଁ। ଅଧିକ ଭଡ଼ାକୁ ନେଇ ଅଧିକାଂଶ ବେଳେ କଣ୍ଡକ୍ଟର ଓ ଯାତ୍ରୀଙ୍କ ମଧ୍ୟରେ ପାଟିତୁଣ୍ଡ ହୋଇ ଅପ୍ରୀତିକର ପରିସ୍ଥିତି ସୃଷ୍ଟି ହେଉଛି। ପରିବହନ ବିଭାଗ ନିକଟରେ ଅଭିଯୋଗ ହୋଇଥିଲେ ମଧ୍ୟ ପଦକ୍ଷେପ ନିଆ ନ ଯିବାରୁ ଅଞ୍ଚଳବାସୀ ଜିଲାପାଳଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଜିଲାପାଳ ଆଞ୍ଚଳିକ ପରିବହନ ଅଧିକାରୀଙ୍କୁ ଏହାର ପଦକ୍ଷେପ ନେବା ପାଇଁ ନିର୍ଦ୍ଦେଶ ଦେବା ପରେ ପରିବହନ ଅଧିକାରୀ ଜୁନିୟର ଏମ୍‌ଭିଆଇଙ୍କୁ ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ନେବାକୁ ନିର୍ଦ୍ଦେଶ ଦେଇଥିଲେ। ମାତ୍ର ଏହା କାର୍ଯ୍ୟକାରୀ ନ ହେବାରୁ ବସ୍‌ରୋକୋ କରିବେ ବୋଲି ରାଜକିଶୋର ଲେଙ୍କା, ନିର୍ମଳ ଚନ୍ଦ୍ର ଦଳାଇ, ନାରାୟଣ ଦାଶ, ସତ୍ୟବ୍ରତ କୁଣ୍ଡ, ତପନ କୁମାର ପଣ୍ଡା, ଭାଗବତ ସେନାପତି, ସତ୍ୟଜିତ କୁଣ୍ଡ, ବିଷ୍ଣୁ ଦାଶ, ପୁରୁଷୋତ୍ତମ ସାହୁ, ଶ୍ରୀକାନ୍ତ ପଣ୍ଡା, କାହ୍ନୁଚରଣ ବେହେରା, ମୁକ୍ତିକାନ୍ତ ଭୋଳ ପ୍ରମୁଖ ଚେତାବନୀ ଦେଇଛନ୍ତି।

# ସମ୍ଭାବ୍ୟ ବନ୍ୟାକୁ ନେଇ ସତର୍କ କରାଇଲା ବ୍ଲକ ପ୍ରଶାସନ

ଧାମନଗର,୨୩।୮ (ସନ୍ତୋଷ କୁମାର ମହାପାତ୍ର)

ଲଗାଣ ବର୍ଷା ଯୋଗୁ ବୈତରଣୀ ନଦୀ ଭଦ୍ରକ ଜିଲା ଭଣ୍ଡାରିପୋଖରୀ ବ୍ଲକର ଆଖୁଆପଦା ଆନିକଟଠାରେ ବିପଦ ସଙ୍କେତ ଟପିଛି। ସମ୍ଭାବ୍ୟ ବନ୍ୟାକୁ ଦୃଷ୍ଟିରେ ରଖି ଧାମନଗର ବ୍ଲକ ପ୍ରଶାସନ ପକ୍ଷରୁ ବୈତରଣୀ ନଦୀ ଓ ଏହାର ଶାଖା କୋଚିଲା, ଗେଙ୍ଗୁଟି, କଣ୍ଡିଆ ନଦୀର ପାର୍ଶ୍ୱବର୍ତ୍ତୀ ବିଭିନ୍ନ ତଳିଆ ଅଞ୍ଚଳରେ ଲୋକଙ୍କୁ ସତର୍କ କରାଯାଇଛି। ବନ୍ୟା ଆଶ୍ରୟସ୍ଥଳ, ନିକଟସ୍ଥ ବିଦ୍ୟାଳୟ ଓ ଉଚ୍ଚ ସ୍ଥାନକୁ ଯିବା ପାଇଁ ଡାକବାଜି ଯନ୍ତ୍ର ଦ୍ୱାରା ଲୋକଙ୍କୁ କୁହାଯାଇଛି। ପଧାନୀ ପଞ୍ଚାୟତ କୋଚିଲା ନଦୀର ସଇଲୋଠାରେ ପୁନର୍ବାର ବନ୍ଧ ଧସିଥିବାରୁ ସେଠାକାର ଲୋକେ ବର୍ତ୍ତମାନ ଆତଙ୍କିତ ଅବସ୍ଥାରେ ଅଛନ୍ତି।

ଧାମନଗର ଜଳସେଚନ ବିଭାଗ ପକ୍ଷରୁ ବିଭିନ୍ନ ନଦୀବନ୍ଧ ତଦାରଖ ପାଇଁ ରାତ୍ରକାଳୀନ ଜଗୁଆଳି ନିୟୋଜିତ କରାଯିବା ସହ ବିଭିନ୍ନ ସ୍ଥାନରେ ବାଲିବସ୍ତା ମହଜୁଦ ରଖାଯାଇଛି। ଏଥିସହ ବିଭାଗୀୟ ଅଧୀକ୍ଷଣ ଯନ୍ତ୍ରୀ ଶରତ ଚନ୍ଦ୍ର ଘଡ଼େଇ, ଧାମନଗର ସେକ୍ସନ ଯନ୍ତ୍ରୀ ନାରାୟଣ ନାୟକ, ଧୁଷୁରୀ ସେକ୍ସନର ଯନ୍ତ୍ରୀ ବିମଳ ଚନ୍ଦ୍ର ବେହେରାଙ୍କ ସମେତ ଜଳ ସମ୍ପଦ ବିଭାଗ କର୍ମଚାରୀମାନେ ସମ୍ପୂର୍ଣ୍ଣ ଭାବେ ନିରୀକ୍ଷଣ କରୁଛନ୍ତି ବୋଲି ଷେଣ୍ଡପୁର ସେକ୍ସନର କନିଷ୍ଠ ଯନ୍ତ୍ରୀ ସ୍ୱାଗତ ଦାସ ସୂଚନା ଦେଇଛନ୍ତି।

# ରାସ୍ତାରେ ଜମିଛି ପାଣି, ଲୋକେ ହଇରାଣ

ବାସୁଦେବପୁର,୨୩।୮ (କାଳିପଦ ରାୟ)

ବାସୁଦେବପୁର ବ୍ଲକ ଅଧୀନ ଏଡ଼ତାଳ ଗ୍ରାମର ମଲ୍ଲିକସାହି ଅଙ୍ଗନୱାଡି କେନ୍ଦ୍ର ପାର୍ଶ୍ୱ ରାସ୍ତାରେ ଆଣ୍ଠୁଏ ଉଚ୍ଚର ପାଣି ଜମି ରହିଛି। ଫଳରେ ପ୍ରତ୍ୟେହ ୨୦ ଛାତ୍ରୀଛାତ୍ର ପାଣିରେ ପଶି ଅଙ୍ଗନୱାଡି କେନ୍ଦ୍ରକୁ ଯାତାୟାତ କରୁଛନ୍ତି। ଏହି ସାହିରେ ୬୦ରୁ ଊର୍ଦ୍ଧ୍ୱ ପରିବାର ବସବାସ କରୁଛନ୍ତି। ରାସ୍ତାରେ ଜମି ରହିଥିବା ଅଳିଆ ପାଣି ଯୋଗୁ ସେମାନେ ବ୍ୟବହାର କରୁଥିବା ନଳକୂପରୁ ଗୋଳିଆ ପାଣି ବାହାରୁଛି। ଏହି ପାଣି ପିଇ ଲୋକେ ବିଭିନ୍ନ ରୋଗରେ ଆକ୍ରାନ୍ତ ହେଉଛନ୍ତି। ସ୍ଥାନୀୟ ଜଣେ ବ୍ୟକ୍ତି ତାଙ୍କ ବ୍ୟକ୍ତିଗତ ଜାଗାରେ ପାଣି ନ ଛାଡ଼ିବାରୁ ଏହି ପରିସ୍ଥିତି ଉପୁଜିଛି। ସେହିପରି ଏହି ରାସ୍ତାକୁ ଲାଗି ଥିବା ଏକ ପୋଖରୀକୁ ସ୍ଥାନୀୟ ଲୋକେ ଶୌଚାଳୟର ଆବର୍ଜନା ଓ ଅନ୍ୟ ଅପରିଷ୍କାର ପାଣି ଛାଡ଼ୁଛନ୍ତି। ବର୍ଷା ହେଲେ ପୋଖରୀ ପାଣି ରାସ୍ତା ଉପରକୁ ମାଡ଼ି ଆସୁଛି। ୨ ବର୍ଷରୁ ଊର୍ଦ୍ଧ୍ୱ ହେଲା ବର୍ଷା ହେଲେ ଏହି ରାସ୍ତାରେ ଏଭଳି ପାଣି ଜମୁଥିବା ବେଳେ ସମସ୍ୟାର ସମାଧାନ ହୋଇପାରି ନାହିଁ। ଏହାକୁ ନେଇ ବଜରଙ୍ଗ ଲାୟନ୍ସ କ୍ଲବ୍ ପକ୍ଷରୁ ଜିତେନ୍ଦ୍ର ବଳ ସାଥୀମାନଙ୍କ ସହ ଗତ ୧୮ ତାରିଖରେ ଅଭିଯୋଗ ଶୁଣାଣି ଶିବିରରେ ବିଡିଓ ତନ୍ମିତା କର, ବିଧାୟକ ଅଶୋକ କୁମାର ଦାସ ଓ ଜିଲାପାଳ ଦିଲୀପ ରାଉତରାଏଙ୍କ ନିକଟରେ ଲିଖିତ ଅଭିଯୋଗ କରିଥିଲେ। ପରେ ବିଡିଓ ଗତ ଗୁରୁବାର ଘଟଣାସ୍ଥଳ ପରିଦର୍ଶନ କରିବା ସହ ସମସ୍ୟାର ସମାଧାନ କରାଯିବ ବୋଲି କହିଥିଲେ। ଅଙ୍ଗନୱାଡି କେନ୍ଦ୍ର ନିକଟରେ ରହୁଥିବା ସର୍ବେଶ୍ୱର ଜେନା ଶୁକ୍ରବାର ଏହି ରାସ୍ତାରେ ଯାଉଥିବା ବେଳେ ଗୋଡ଼ ଖସିଯିବାରୁ ତଳେ ପଡ଼ି ତାଙ୍କ ମୁଣ୍ଡ ଫାଟିଯାଇଛି। ସମସ୍ୟାର ସମାଧାନ ନ ହେଲେ ଗ୍ରାମବାସୀ ଆଗାମୀ ଦିନରେ ଧାରଣାରେ ବସିବେ ବୋଲି ରବୀନ୍ଦ୍ର ପଲେଇ, ଅଭିମନ୍ୟୁ ପଲେଇ, ସନ୍ତୋଷ କୁମାର ପଲେଇ, ବିନୋଦ ବିହାରୀ ମଲ୍ଲିକ, କବିତା ମଲ୍ଲିକ, ଲଳିତା ପୁହାଣ, ପ୍ରମିଳା ଜେନା, ବାବୁରାମ ମଲ୍ଲିକ ପ୍ରମୁଖ କହିଛନ୍ତି। ଏନେଇ ସ୍ଥାନୀୟ ସରପଞ୍ଚଙ୍କୁ ସମସ୍ୟା ସମାଧାନ କରିବା ପାଇଁ ନିର୍ଦ୍ଦେଶ ଦେଇଥିବା ବିଡିଓ କର କହିଛନ୍ତି।


ଏଡ଼ତାଳ ଗ୍ରାମର ମଲ୍ଲିକସାହି ଅଙ୍ଗନୱାଡି କେନ୍ଦ୍ର ପାର୍ଶ୍ୱ ରାସ୍ତାରେ ପାଣି ଜମିଛି।

# ଯୁବ ରେଡ୍‌କ୍ରସ୍‌ର ଜିଲାସ୍ତରୀୟ କାର୍ଯ୍ୟକାରିଣୀ



ବୈଠକରେ ଯୁବ ରେଡ୍‌କ୍ରସ୍‌ର କାର୍ଯ୍ୟକର୍ତ୍ତା ଓ ଅନ୍ୟମାନେ।

ଭଦ୍ରକ,୨୩।୮ (ସନାତନ ରାଉତ)

ଭଦ୍ରକ ସ୍ୱୟଂଶାସିତ ମହାବିଦ୍ୟାଳୟ ପରିସରରେ ଶନିବାର ପୂର୍ବାହ୍ନରେ ଯୁବ ରେଡ୍‌କ୍ରସ୍‌ର ଜିଲାସ୍ତରୀୟ କାର୍ଯ୍ୟକାରିଣୀ ବୈଠକ ଅନୁଷ୍ଠିତ ହୋଇଯାଇଛି। ଅଧ୍ୟକ୍ଷ ତଥା ଜିଲା ଯୁବ ରେଡ୍‌କ୍ରସ ସଭାପତି ଡ. ଦୁର୍ଗାଶଙ୍କର ଦାସଙ୍କ ଅଧ୍ୟକ୍ଷତାରେ ବୈଠକରେ ଜିଲାର ୩୧ଟି ମହାବିଦ୍ୟାଳୟର ଅଧ୍ୟକ୍ଷ ଓ ରେଡ୍‌କ୍ରସ୍ ପରାମର୍ଶଦାତା ଯୋଗଦେଇ ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ବିଷୟରେ ଆଲୋଚନା କରିଥିଲେ। ପଦାର୍ଥ ବିଜ୍ଞାନ ପ୍ରାଧ୍ୟାପକ ତଥା ଜିଲା ଯୁବ ରେଡ୍‌କ୍ରସ୍ ଆବାହକ ଡ. କମଳାକାନ୍ତ ଜେନା ସ୍ୱାଗତ ଭାଷଣ ଦେବା ସହ ଚଳିତବର୍ଷର ଯୋଜନା ସମ୍ପର୍କରେ ଆଲୋକପାତ କରିଥିଲେ। ଜିଲା ରେଡ୍‌କ୍ରସର ନୂତନ ସଂଯୋଜିକା ଡ. ସୁକାନ୍ତି ମହାପାତ୍ର ଯୋଗଦେଇ ବିଗତ ବର୍ଷର କାର୍ଯ୍ୟକ୍ରମ ଉପରେ ଧାରଣା ଦେଇଥିଲେ। ଭଦ୍ରକ ଜୁନିୟର କଲେଜର ଚିଦାନନ୍ଦ ଦାସ ଓ ବିଭିନ୍ନ କଲେଜରୁ ଆସିଥିବା ରେଡ୍‌କ୍ରସ୍ ପରାମର୍ଶଦାତା ବିଭିନ୍ନ ବିଷୟରେ ଆଲୋଚନା କରିଥିଲେ। ସେହିପରି ବିପର୍ଯ୍ୟୟ ପରିଚାଳନା ଉପରେ ତିନିଦିନିଆ କର୍ମଶାଳା ଆୟୋଜନ କରିବା ସକାଶେ ଅଟଳ ବିହାରୀ ମହାବିଦ୍ୟାଳୟର ରେଡ୍‌କ୍ରସ ପରାମର୍ଶଦାତା ସୁଜାତା ମହାପାତ୍ର ପ୍ରସ୍ତାବ ରଖିଥିଲେ।

# ରୂପ୍‌ସା-ବାଙ୍ଗିରିପୋଷି ସେକ୍ସନ ପରିଦର୍ଶନକଲେ ଡିଆର୍‌ଏମ୍

■ଓ୍ୱିଣ୍ଡୋ ଟ୍ରେଲିଂ ଯାଞ୍ଚ

■ଅମୃତ ଷ୍ଟେଶନ ପ୍ରକଳ୍ପ କାର୍ଯ୍ୟ ତଦାରଖ

ବାଲେଶ୍ୱର, ୨୩।୮(ବାଞ୍ଛାନିଧି ଦେ)


ଏକ ଷ୍ଟେଶନ ପରିଦର୍ଶନ କରୁଛନ୍ତି ଡିଆର୍‌ଏମ୍।

ଦକ୍ଷିଣ ପୂର୍ବ ରେଳପଥର ଖଡ଼ଗପୁର ଡିଭିଜନାଲ ରେଳ ପ୍ରବନ୍ଧକ(ଡିଆର୍‌ଏମ୍) ଲଳିତମୋହନ ପାଣ୍ଡେ ଶନିବାର ରୂପସା-ବାଙ୍ଗିରିପୋଷି ସେକ୍ସନ ପରିଦର୍ଶନ କରିଛନ୍ତି। ଏହି ସେକ୍ସନରେ ସେ ଓ୍ୱିଣ୍ଡୋ ଟ୍ରେଲିଂ ଯାଞ୍ଚ କରିଥିଲେ। ଯାଞ୍ଚ ସମୟରେ, ଡିଆର୍‌ଏମ୍ ଅମୃତ ଷ୍ଟେଶନ ପ୍ରକଳ୍ପର ଚାଲିଥିବା ଅଗ୍ରଗତି ସମ୍ପର୍କରେ ସମୀକ୍ଷା କରିଥିଲେ। କାର୍ଯ୍ୟକ୍ଷମ ପ୍ରକଳ୍ପର ସୁରକ୍ଷା ଏବଂ ଭିତ୍ତିଭୂମିର ପ୍ରଗତି ଉପରେ ତଦାରଖ କରିଥିଲେ।

ବାରିପଦା ଷ୍ଟେଶନ ଏବଂ ୟାର୍ଡରେ ଯାତ୍ରୀ ସୁବିଧା, ସୁରକ୍ଷା ବ୍ୟବସ୍ଥା ଯାଞ୍ଚ କରିଥିଲେ। ସେ ଅମୃତଭାରତ ଷ୍ଟେଶନ ପ୍ରକଳ୍ପ ଅଧୀନରେ କାର୍ଯ୍ୟଗୁଡ଼ିକୁ ସମୟସୀମା ମଧ୍ୟରେ ଶେଷ କରିବା ଉପରେ ଗୁରୁତ୍ୱାରୋପ କରିଥିଲେ। ଏଥିସହ ଡିଆର୍‌ଏମ୍ ବାଙ୍ଗିରିପୋଷି ଷ୍ଟେଶନ ପରିଦର୍ଶନ କରିଥିଲେ। ସେଠାରେ ଥିବା ଯାତ୍ରୀ ସୁବିଧା ସମ୍ପର୍କରେ ନିରୀକ୍ଷଣ କରିଥିଲେ। ଭିତ୍ତିଭୂମିର ମାନଦଣ୍ଡ ଏବଂ ଭବିଷ୍ୟତର ବିକାଶ ପ୍ରକଳ୍ପର ପରିସର ବିଷୟରେ ସେ ଆଲୋଚନା କରିଥିଲେ। ବର୍ଦ୍ଧିତ ଯାତ୍ରୀଙ୍କ ଆବଶ୍ୟକତା ପୂରଣ କରିବା ପାଇଁ ସମସ୍ତ ସୁବିଧାଗୁଡ଼ିକର ଉନ୍ନତିକରଣ ଏବଂ ସେବା ମାନଦଣ୍ଡ ବୃଦ୍ଧି କରିବା ଦିଗରେ ଗୁରୁତ୍ୱାରୋପ କରିଥିଲେ। ସମସ୍ତ ବିଭାଗରେ ଯାତ୍ରୀ-କୈନ୍ଦ୍ରିକ ସେବାରେ ଉନ୍ନତି, ବିକାଶମୂଳକ କାର୍ଯ୍ୟ ତ୍ୱରାନ୍ୱିତ କରିବା ପାଇଁ ଡିଆର୍‌ଏମ୍ ପାଣ୍ଡେ ବିଭାଗୀୟ ଅଧିକାରୀଙ୍କୁ ଆବଶ୍ୟକ ପରାମର୍ଶ ପ୍ରଦାନ କରିଥିଲେ।

# ଶିକ୍ଷା ଓ ସଂସ୍କାର


ଅଚ୍ୟୁତ ସାମନ୍ତ

ଭାରତୀୟ ସଭ୍ୟତାର ପରିକଳ୍ପନା, ନିର୍ମାଣ ଓ ବ୍ୟାଖ୍ୟାନରେ ଦୁଇଟି ଶବ୍ଦ- ଶିକ୍ଷା ଓ ସଂସ୍କାର; ବିଶେଷ ଭାବେ ଚର୍ଚ୍ଚିତ ଓ ଆଲୋଚିତ। ବସ୍ତ୍ରର ଦୁଇଟି ସୂତ୍ର ପରି, ମୁଦ୍ରାର ଦୁଇଟି ପାର୍ଶ୍ୱ ପରି ଏହା ଅଙ୍ଗାଙ୍ଗୀ ରୂପେ ସମ୍ପର୍କିତ। ଶିକ୍ଷା କହିଲେ ସାଧାରଣ ଅର୍ଥରେ ବିଦ୍ୟା ଅର୍ଜନ, ଜ୍ଞାନ ଆହରଣକୁ ବୁଝାଏ। ସଂସ୍କାର ହେଉଛି ବହୁସ୍ତରୀୟ। ଏହା ମୁଖ୍ୟତଃ ବ୍ୟକ୍ତିର ଅନ୍ତଃନିର୍ମାଣ, ନୈତିକତା, ବିନମ୍ରତା, ଉଦାରତା ଉପରେ ପର୍ଯ୍ୟବସିତ ଯାହା ସାମଗ୍ରିକ ଭାବରେ ଶିକ୍ଷାର ଉପଯୋଗ ପାଇଁ ମାର୍ଗ ଦର୍ଶାଏ। ଶିକ୍ଷା ଓ ସଂସ୍କାରକୁ ବିଚ୍ଛିନ୍ନ କଲେ, ହୁଏତ ଆମେ ମହତ୍‌କାମୀ ଆଦର୍ଶବାଦୀ ପାଇବା ନ ହେଲେ ଉଦାସୀନ ଚତୁର ଧୂର୍ତ୍ତଙ୍କୁ। ଶିକ୍ଷାର ପ୍ରକୃତ ଲକ୍ଷ୍ୟ ହେଉଛି ଜ୍ଞାନ ଓ ବିବେକ ସମନ୍ୱିତ ବ୍ୟକ୍ତି ନିର୍ମାଣ।

ଶିକ୍ଷା ଓ ସଂସ୍କାରର ମହତ୍ତ୍ୱ ପ୍ରତିପାଦନ କରୁଥିବା ଅଜସ୍ର ଲୋକ କଥା, କାହାଣୀ ଆମକୁ ଉପଲବ୍ଧ। ଗ୍ରନ୍ଥ ପୁରାଣରେ ଏହାର ସାରବତ୍ତା ବର୍ଣ୍ଣିତ ହୋଇଛି, ଯାହା ଆମ ପାଇଁ ଆଲୋକ ବର୍ତ୍ତିକା ସଦୃଶ। ଭଗବଦ୍ ଗୀତାରେ ଭଗବାନ୍ ଶ୍ରୀକୃଷ୍ଣ ଅର୍ଜୁନଙ୍କୁ ଯେଉଁ ଉପଦେଶ ଦେଉଛନ୍ତି, ତା'ର ମାର୍ମିକ ଓ ବ୍ୟବହାରିକ ଆବେଦନ ଅନନ୍ୟ। ବିନମ୍ରତା ସହ ନିଷ୍କାମ କର୍ମ ସମ୍ପାଦନର ମହାନ୍ ଶିକ୍ଷା ବାସ୍ତବରେ ଜୀବନର ଦିଶା ନିର୍ଣ୍ଣୟ ପାଇଁ ଉଦ୍ଦିଷ୍ଟ। ମହାଭାରତରେ ଧନୁର୍ବିଦ୍ୟାରେ ପାରଙ୍ଗମତା ସହ ଚାରିତ୍ରିକ ସ୍ୱଚ୍ଛତା ଓ ଦୃଢ଼ତାକୁ ଗୁରୁତ୍ୱ ପ୍ରଦାନ କରାଯାଇଛି। ପଞ୍ଚତନ୍ତ୍ରରେ ପ୍ରତ୍ୟେକ କାହାଣୀର ଆଧାର ଓ ଉଦ୍ଦେଶ୍ୟ ହେଉଛି ନୀତିଶିକ୍ଷା। ନୈତିକତା ବିନା ଶିକ୍ଷା ଅସାର। ଏହିସବୁ ବର୍ଣ୍ଣନା, ଚିନ୍ତନ ଓ ଉପସ୍ଥାପନ ସୂଚେଇ ଦିଏ ଯେ ଭାରତୀୟ ବିଚାର ସଂହିତାରେ ଶିକ୍ଷା ଓ ସଂସ୍କାର ଅଙ୍ଗୀଭୂତ। ମସ୍ତିଷ୍କ ଓ ହୃଦୟ ମଧ୍ୟରେ ସମନ୍ୱୟ ଓ ସମ୍ପର୍କ ଏକାନ୍ତ ଜରୁରୀ। ଶ୍ରେଣୀଗୃହରୁ ପ୍ରାପ୍ତ ଶିକ୍ଷା ସହ ସାମାଜିକ ଆବେଗିକ କ୍ଷେତ୍ରରୁ ପ୍ରାପ୍ତ ଶିକ୍ଷା ସମନ୍ୱିତ ହେଲେ ହିଁ ଶିକ୍ଷା ସମ୍ପୂର୍ଣ୍ଣ ହୋଇପାରିବ। ଦୟା, କରୁଣା ଓ ଶୃଙ୍ଖଳାର ଉର୍ବର ଭୂମିରେ ମସ୍ତିଷ୍କର ବିକାଶ ତ୍ୱରାନ୍ୱିତ ହୋଇଥାଏ।

ଆମେ ଯଦି କେଉଁ ସୁଗୁଣଗୁଡ଼ିକ ଜୀବନରେ ଆପଣେଇବା ପାଇଁ ଚିନ୍ତା କରିବା, ତେବେ ଅନେକ ଆମ ଆତ୍ମବୋଧକୁ ଆସିବ। ସେଗୁଡ଼ିକ ମଧ୍ୟରୁ ମାନବୀୟ ସମ୍ବେଦନା, ସାଧୁତା, ପ୍ରତିଦାନ ପ୍ରବୃତ୍ତି, ଅଭିନବ ସାହସିକତା, ମୂଳ ସଂଯୁକ୍ତି, ବିନମ୍ରତା, କୃତଜ୍ଞତା ଓ ଅନ୍ତହୀନ ମାନବୀୟ ଅର୍ଥପୂର୍ଣ୍ଣ ଅନ୍ୱେଷା ଅନ୍ୟତମ। ଏଗୁଡ଼ିକ ସମ୍ପର୍କରେ ବିଶେଷ ତର୍ଜମା କରାଯାଇପାରେ। ମାନବବାଦ ଶିକ୍ଷାକୁ ବହିର୍ମୁଖୀ କରାଏ। ସମାଜର ବୃହତ୍ତର ମଙ୍ଗଳ ନିମନ୍ତେ ଶିକ୍ଷାକୁ ପ୍ରେରିତ କରେ। ସାଧୁତା, ଜ୍ଞାନ ଓ ବୁଦ୍ଧିକୁ ପଥଭ୍ରଷ୍ଟ ହେବାକୁ ଦିଏ ନାହିଁ। ଉତ୍କୃଷ୍ଟ ଉପଯୋଗ ପାଇଁ କ୍ଷେତ୍ର ପ୍ରସ୍ତୁତ କରାଏ। ପ୍ରତିଦାନ ପ୍ରବୃତ୍ତି ସାମାଜିକ ପ୍ରତିବଦ୍ଧତାକୁ ପରିପୁଷ୍ଟ କରିବା ସହ ସଫଳତାକୁ ସାମାଜିକ ସମ୍ବଳରେ ରୂପାନ୍ତରିତ କରେ। ଅଭିନବ ସାହସିକତା ପରମ୍ପରାର ନୂତନ ଆଂଶିକ ନିର୍ମାଣ କରି ସମୟର ଆହ୍ୱାନ ଓ ଆବଶ୍ୟକତା ଆଧାରରେ ପ୍ରାସଙ୍ଗିକ କରି ଗଢ଼େ। ପୁରୁଣା ଲକ୍ଷ୍ୟର ପରିପୂର୍ତ୍ତି ପାଇଁ ନୂଆ ଉପକରଣ ଓ ଉପାୟ ବାହାର କରେ। ବିନମ୍ରତା ପ୍ରାପ୍ତିର ଅହମିକାକୁ ପ୍ରତିରୋଧ କରେ। କୃତଜ୍ଞତାବୋଧ ଅନୁଚିତ ଆହରଣ ପ୍ରବୃତ୍ତିକୁ ସଂଯମ କରାଏ।

ଏହିସବୁ ଭାବବୋଧ ଓ ଆଦର୍ଶକୁ ଆଧାର କଲେ ଅନୁଷ୍ଠାନଗୁଡ଼ିକ ମାନବୀୟ ମୂଲ୍ୟବୋଧର ଜୀବନ୍ତ ପ୍ରୟୋଗଶାଳା ହୋଇପାରିବ। ମୋ ଦୃଷ୍ଟିରେ କିଟ୍- କଳିଙ୍ଗ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଇଣ୍ଡଷ୍ଟ୍ରିଆଲ୍ ଟେକ୍ନୋଲୋଜି ଉପରୋକ୍ତ ଭାବାଦର୍ଶର ସକ୍ରିୟ ଧାରକ ଓ ବାହକ। ଗୁଣାତ୍ମକ ଶିକ୍ଷା ସାମାଜିକ ରୂପାନ୍ତରଣର ପ୍ରମୁଖ ଆୟୁଧ। ଏହି ଦର୍ଶନକୁ ଭିତ୍ତିକରି କିଟ୍ ପ୍ରତିଷ୍ଠିତ ହୋଇଥିଲା। କିଟ୍‌ରେ ପ୍ରୟୋଗ ହୋଇଛି ସାମାଜିକ ଅଙ୍ଗୀକାର ସହ ଶିକ୍ଷଣର ଅନନ୍ୟ ମିଶ୍ରଣ; ଜ୍ଞାନ ଆହରଣ ସହ ଜ୍ଞାନର ସାମାଜିକୀକରଣ। ଏହ ମଧ୍ୟ ପ୍ରତିଫଳିତ ହୋଇଛି କିଟ୍‌ର ଅନ୍ୟ ଏକ ସମ୍ପର୍କିତ ସଂସ୍ଥା କିସ୍ (କଳିଙ୍ଗ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ସୋସିଆଲ ସାଇନ୍‌ସେସ୍)ରେ; ଯାହାକି ପୃଥିବୀର ସବୁଠୁ ବଡ଼ ଜନଜାତିଙ୍କ ପାଇଁ ସମ୍ପୂର୍ଣ୍ଣ ଦେୟମୁକ୍ତ ଆବାସିକ ଶିକ୍ଷାନୁଷ୍ଠାନ। ଏଠାରେ ଶିକ୍ଷା ଓ ସଂସ୍କାରର ପ୍ରୟୋଗ ହୋଇଛି, ଯାହା ଅନୁଷ୍ଠାନକୁ ବିଶେଷ ଔଜ୍ଜ୍ୱଲ୍ୟ ପ୍ରଦାନ କରିଛି। ଏହା ଶିକ୍ଷା, ପୁଷ୍ଟି, ସ୍ୱାସ୍ଥ୍ୟସେବା, କ୍ରୀଡ଼ା ଓ ସାଂସ୍କୃତିକ ଐତିହ୍ୟର ସଂରକ୍ଷଣ ସହ ଅଶୀ ହଜାରରୁ ଊର୍ଦ୍ଧ୍ୱ ଜନଜାତି ଛାତ୍ରୀଛାତ୍ରଙ୍କ ପୂର୍ଣ୍ଣାଙ୍ଗ ବ୍ୟକ୍ତିତ୍ୱ ବିକାଶରେ ସମର୍ପିତ। ଏଠି ଲକ୍ଷ୍ୟ ଏବଂ ମାଧ୍ୟମ ଏକ ଓ ଅଭିନ୍ନ।

କେବଳ ଶିକ୍ଷା କାର୍ଯ୍ୟକ୍ରମରେ ସୀମିତ ରହିନି କିଟ୍। ଏଠି ଅଛି ଏକ କ୍ରିୟାଶୀଳ ଛାତ୍ର ସଂସ୍କୃତି। ବିବିଧ କ୍ଲବ, ସାଂସ୍କୃତିକ ସଂଘ, ନବାଚାର ପ୍ରକୋଷ୍ଠ ମାଧ୍ୟମରେ ସର୍ଜନା, ନାଗରିକ ସମ୍ପୃକ୍ତି, ଦଳଗତ ପ୍ରୟାସକୁ ପ୍ରୋତ୍ସାହନ ମିଳୁଛି। ଜାତୀୟ ସେବା ସଂସ୍ଥାରେ ସାମିଲ ହୋଇଛନ୍ତି କିଟ୍ ଓ କିସ୍‌ର ହଜାର ହଜାର ସ୍ୱେଚ୍ଛାସେବୀ ଛାତ୍ରୀଛାତ୍ର। ଗ୍ରାମ୍ୟ ଉନ୍ନୟନ, ସ୍ୱାସ୍ଥ୍ୟ ସଚେତନତା ଅଭିଯାନ, ପରିବେଶ ସୁରକ୍ଷା, ଆପାତ୍‌କାଳୀନ ସହାୟତା ଆଦି କାର୍ଯ୍ୟରେ ସେମାନଙ୍କ ଭୂମିକା ବେଶ୍ ପ୍ରଶଂସନୀୟ। ମାଧ୍ୟମ ସାଜିଛି ଆର୍ଟ ଅଫ୍ ଗିଭିଂ, ଏଜୁକେଶନ ଫର୍ ଅଲ୍, ନିଉ ମାଇଣ୍ଡସ୍ ନିଉ ଡ୍ରିମ୍, କନ୍ୟା କିରଣ ଏବଂ କଳିଙ୍ଗ ଫେଲୋଶିପ୍ ଭଳି ଉଲ୍ଲେଖନୀୟ ଉପକ୍ରମ। ସେମାନେ ବାସ୍ତବରେ କାର୍ଯ୍ୟ ମାଧ୍ୟମରେ ସଂସ୍କାରିତ ହେବାର ଜୀବନ୍ତ ପ୍ରୟୋଗଶାଳା ଭାବରେ ପରିଚିତ।

ପ୍ରତିଷ୍ଠାତାଙ୍କ ମୂଲ୍ୟବୋଧ ଅନୁଷ୍ଠାନର ଗୁଣସୂତ୍ରରେ ସଞ୍ଚରିଯାଇ ଏହାକୁ ରୂପରେଖ ପ୍ରଦାନ କରେ। ମୋର ଭାବାଦର୍ଶ, ପ୍ରତିଟି ଜୀବନର ପବିତ୍ରତା ଓ ପ୍ରତିଦାନର କର୍ତ୍ତବ୍ୟବୋଧରେ ଅନୁପ୍ରାଣିତ ଛାତ୍ରୀଛାତ୍ରମାନେ ଐତିହ୍ୟ ଓ ପରମ୍ପରା ସହ ସମ୍ବନ୍ଧିତ ରହି ଭବିଷ୍ୟତର ଯାତ୍ରା ପାଇଁ ପ୍ରସ୍ତୁତି କରୁଛନ୍ତି। ବ୍ୟକ୍ତିଗତ ସମ୍ପତ୍ତି ନ ଥିଲା ମୋର, ସାଦା ସରଳ ଜୀବନ ହିଁ ପିଲାମାନଙ୍କ ପାଇଁ ପ୍ରଭାବଶାଳୀ ବାର୍ତ୍ତା। ସଫଳତାର ମାନଦଣ୍ଡ ହେଉଛି କେତେ ଜୀବନକୁ ସକାରାତ୍ମକ ଭାବେ ପ୍ରଜ୍ୱଳିତ କରିପାରିବା। ଏହାର ଅର୍ଥ ହେଉଛି ନୀତି ଓ ନୈତିକତାକୁ ବଜାୟ ରଖି ଆମେ ସ୍ୱପ୍ନ ଦେଖିପାରିବା, ନୂଆ କଥା କରିପାରିବା, ସାହସିକ ପଦକ୍ଷେପ ନେଇପାରିବା ଏବଂ ବିଶାଳ ସଫଳତାର ଅଧିକାରୀ ହୋଇପାରିବା।

ଯୁବାବସ୍ଥାରେ ଯେ ନିଜ ସହିତ, ନିଜ ଆବେଗ ସହିତ ଓ ଅନ୍ୟମାନଙ୍କ ସହିତ ଖାପ୍‌ଖୁଆଇ ଚଳିବା ଶିଖେ, ସେ ଜୀବନରେ ବହୁତ ଆଗକୁ ଯାଏ, ସଫଳ ହୁଏ। ଆବେଗିକ ବୁଦ୍ଧିମତ୍ତା ଓ ପରିସ୍ଥିତି ସହ ଖାପ୍ ଖୁଆଇବା ପ୍ରବଣତା ହେଉଛି ଦୁଇଟି ବିଶିଷ୍ଟ ଗୁଣ। ଶୃଙ୍ଖଳା ହେଉଛି ବସ୍ତୁତଃ ଆତ୍ମନିୟନ୍ତ୍ରଣ। ସକାରାତ୍ମକ ମାନସିକତା ହେଉଛି ଉଜ୍ଜ୍ୱଳ ଭବିଷ୍ୟତର ରୂପକାର। ଏହା ଅନ୍ତଃ ଔଜ୍ଜ୍ୱଲ୍ୟର ପ୍ରକାଶକ ଯାହା ନିଜଠୁ ବିଚ୍ଛୁରିତ ହୁଏ। ଏହା ଶକ୍ତି ଓ ସୌନ୍ଦର୍ଯ୍ୟର ପ୍ରତୀକ। ଦୂରଦୃଷ୍ଟି ଓ ଦାୟିତ୍ୱ ହେଉଛି ସାମୟିକ ଚାପକୁ ପ୍ରତିରୋଧ କରିବା ଯାହା ନିଜ ପ୍ରିୟଜନଙ୍କ ଜୀବନବ୍ୟାପୀ ଦୁଃଖର କାରଣ ହୋଇପାରେ। ଦୃଷ୍ଟିଭଙ୍ଗୀ ନିର୍ଦ୍ଧାରଣ କରି ଲକ୍ଷ୍ୟ ଏବଂ ଲକ୍ଷ୍ୟ ହାସଲର ସଫଳତାର କାରକ ହେଉଛି ନିଜସ୍ୱ ଆଚାର। ଅସଲ ସାଫଲ୍ୟ ଏକାନ୍ତରେ ନୁହେଁ, ବରଂ ସମ୍ମିଳିତ ଭାବରେ ହାସଲ କରାଯାଏ, ଅନ୍ୟମାନଙ୍କୁ ସାଥିରେ ନେଇ, ପ୍ରତ୍ୟେକଙ୍କ ଅଭିବୃଦ୍ଧିକୁ ସନ୍ନିହିତକରି ଅନ୍ତର୍ଭୁକ୍ତି ପ୍ରକ୍ରିୟାରେ ଅର୍ଜନ କରାଯାଏ। ଏହା ଅବାସ୍ତବ ତତ୍ତ୍ୱ ନୁହେଁ। ଏହା କିଟ୍‌ର ଜୀବନ୍ତ ଦର୍ଶନ। ଏଠି ଛାତ୍ରୀଛାତ୍ର କେବଳ ଶିକ୍ଷା ନୁହେଁ, ସଂସ୍କାର ମଧ୍ୟ ପାଆନ୍ତି ଏବଂ ଜୀବନ ଗଢ଼ନ୍ତି।

ଶିକ୍ଷା ଓ ସଂସ୍କାରର ପୁନଃ ସଂଯୋଗୀକରଣର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ହେଉଛି କେବଳ ଦକ୍ଷ ମସ୍ତିଷ୍କ ନୁହେଁ ବିବେକୀ ହୃଦୟ ପାଇଁ କ୍ଷେତ୍ର ପ୍ରସ୍ତୁତ କରିବା। ଭାରତରେ ଶିକ୍ଷା ସବୁବେଳେ କୌଶଳତାରେ ସୀମିତ ରହିନାହିଁ। ଶିକ୍ଷା ସହ ସଂସ୍କାରକୁ ଯୋଡ଼ିବାକୁ ଏକ ପବିତ୍ର କର୍ତ୍ତବ୍ୟ ଭାବରେ ବିବେଚନା କରାଯାଇଛି। ମୂଲ୍ୟବୋଧ ବିନା ଜ୍ଞାନ ନିରର୍ଥକ ଏବଂ ସେହିପରି ଜ୍ଞାନ ବିନା ମୂଲ୍ୟବୋଧ ମଧ୍ୟ ଶକ୍ତିହୀନ। ଯେତେବେଳେ ଆମର ଯୁବ ସମାଜ ଅତ୍ୟାଧୁନିକ ଦକ୍ଷତା ସହ ଆମ ସଭ୍ୟତାର ଶାଶ୍ୱତ ମୂଲ୍ୟବୋଧକୁ ଧାରଣ କରିବେ, ସେମାନେ ଆତ୍ମନିର୍ଭର ଭାରତ ଓ ବିଶ୍ୱଗୁରୁ ଭାରତର ସମର୍ଥ ସ୍ଥପତି ହୋଇପାରିବେ। ଏହା ହିଁ କିଟ୍ ଓ କିସ୍‌ର ଲକ୍ଷ୍ୟ ଓ ଆଦର୍ଶ ଏବଂ ଏହାର ପରିପୂରଣରେ ନିରନ୍ତର କାର୍ଯ୍ୟରତ। ସଫଳ ସ୍ନାତକ ନିର୍ମାଣ କରୁଛି ଯେଉଁମାନେ ନିଜ ବୃତ୍ତିରେ ଉତ୍କର୍ଷ ସାଧନ ସହ ନିଜ ଗୋଷ୍ଠୀ ଓ ସମାଜର ସେବାରେ ସମର୍ପିତ ହୋଇ ଆମ ଜାତିର, ଦେଶର ନିଃସମୟ ଆତ୍ମିକ ଭାବବୋଧର ଅଗ୍ରଣୀ କାରକ ହୋଇପାରିବେ।

**ଶିକ୍ଷାବିତ୍ ଓ ସମାଜସେବୀ**

# ଆଦର୍ଶ ମହିଳା ଲକ୍ଷ୍ମୀପ୍ରିୟାଙ୍କ ପରଲୋକ



ରସାଳପୁର, ୨୩।୮(ଶରତ ସାମଲ): ବାଲେଶ୍ୱର ଜିଲାର ବିଶିଷ୍ଟ ସାମାଜିକ କର୍ମୀ ଜଗନ୍ନାଥ ଜୀଙ୍କ ସ୍ତ୍ରୀ ତଥା ଆଦର୍ଶ ମହିଳା ଲକ୍ଷ୍ମୀପ୍ରିୟା(୮୧)ଙ୍କର ଗୁରୁବାର ରାତିରେ ରସାଳପୁରସ୍ଥିତ ବାସଭବନରେ ପରଲୋକ ହୋଇଯାଇଛି। ଦୀର୍ଘଦିନ ଧରି ସେ ବାର୍ଦ୍ଧକ୍ୟଜନିତ ରୋଗରେ ପୀଡ଼ିତ ଥିଲେ। କର୍ମତତ୍ପର ଓ ଆଦର୍ଶ ମୁରବୀ ଭାବେ ସେ ଅଞ୍ଚଳବାସୀଙ୍କ ପ୍ରିୟଭାଜନ ହୋଇଥିଲେ। ତାଙ୍କ ମୃତ୍ୟୁବେଳକୁ ତାଙ୍କର ପୁଅବୋହୂ, ଝିଅଜ୍ୱାଇଁ, ନାତିନାତୁଣୀ, ଭଣଜାଭାଣିଜୀ ଉପସ୍ଥିତ ଥିଲେ। ପୂର୍ବତନ ବିଧାୟକ ସ୍ୱରୂପ ଦାସ, ସୁକାନ୍ତ ନାୟକ ଓ ସୁଧାଂଶୁ ଶେଖର ପରିଡ଼ା, ନାରୀନେତ୍ରୀ ଡ. ଲେଖାଶ୍ରୀ ସାମନ୍ତସିଂହାର, ପୂର୍ବତନ ପୌର ଉପାଧ୍ୟକ୍ଷ ମନୋଜ ରାଉତ, ସାମାଜିକ କର୍ମୀ ପ୍ରଫେସର ଶତ୍ରୁଘ୍ନ ମଲ୍ଲିକ, ଶୁଭେନ୍ଦୁ ମଙ୍ଗରାଜ, ସାମାଜିକ କର୍ମୀ ରିତିକ୍ ଜୀ, ରଞ୍ଜନ ବାଗ, ଭଣଜା କବି ଶ୍ରୀଦେବଙ୍କ ସମେତ ବହୁ ମାନ୍ୟଗଣ୍ୟ ବ୍ୟକ୍ତି, ଶିକ୍ଷାବିତ୍ ତାଙ୍କ ବାସଭବନରେ ପହଞ୍ଚି ଶେଷ ଦର୍ଶନ ପୂର୍ବକ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ। ଏକ ବିଶାଳ ଶୋଭାଯାତ୍ରାରେ ତାଙ୍କ ମୃତଦେହକୁ ଗାଁ ପରିକ୍ରମା କରାଯାଇ ଘରବାଡ଼ି ଶ୍ମଶାନରେ ଶେଷକୃତ୍ୟ ସମ୍ପନ୍ନ କରାଯାଇଥିଲା।

# ଦୋଷୀ ବାପାଙ୍କୁ ୭ବର୍ଷ ଜେଲ

ବାଲେଶ୍ୱର, ୨୩।୮(ବାଞ୍ଛାନିଧି ଦେ)

**ନାବାଳିକା ଝିଅକୁ ଯୌନ ନିର୍ଯାତନା ମାମଲା**

ନାବାଳିକା ଝିଅଙ୍କୁ ଯୌନ ନିର୍ଯାତନା ମାମଲାର ଶନିବାର ବିଚାର କରି ବାଲେଶ୍ୱର ଜିଲା ପୋକ୍‌ସୋ କୋର୍ଟ ବିଚାରପତି ଇନ୍ଦିରା ପ୍ରିୟଦର୍ଶିନୀ ଅଭିଯୁକ୍ତ ବାପାଙ୍କୁ ୭ବର୍ଷ ଜେଲ ଦଣ୍ଡାଦେଶ ସହ ୧୦ହଜାର ଟଙ୍କା ଜରିମାନା କରିଛନ୍ତି। ଜରିମାନା ଅନାଦାୟ ଅଧିକ ୬ ମାସ ଜେଲ ଦଣ୍ଡ ଭୋଗିବାକୁ ରାୟରେ କୁହାଯାଇଛି।

ରେମୁଣା ଥାନା ଅଞ୍ଚଳରେ ରହୁଥିବା ଅଭିଯୁକ୍ତ ବାପା ନିଜ ୧୦ ବର୍ଷର ଝିଅଙ୍କୁ ଯୌନ ନିର୍ଯାତନା ଦେଇ ଆସୁଥିଲେ। ନାବାଳିକା ଜଣକ ଘଟଣା ସମ୍ପର୍କରେ ସମ୍ପର୍କୀୟ ମାଉସୀଙ୍କୁ କହିବାରୁ ସେ ଗତ ଜାନୁୟାରୀ ୨ତାରିଖରେ ରେମୁଣା ଥାନାରେ ଅଭିଯୋଗ କରିଥିଲେ। ପୋଲିସ ମାମଲା (ନଂ. ୩/୨୫) ରୁଜୁ କରିବା ସହ ଅଭିଯୁକ୍ତଙ୍କୁ ତୁରନ୍ତ ଗିରଫ କରିଥିଲା। ସ୍ପେଶାଲ ମାମଲା(ନଂ. ୨/୨୫)ରେ ଅଭିଯୁକ୍ତଙ୍କୁ ଦୋଷୀ ସାବ୍ୟସ୍ତ କରିବାକୁ ପୋଲିସ ପକ୍ଷରୁ ଡିଏନଏ ବିଶ୍ଳେଷଣ ଏବଂ ଫୋରେନସିକ ପ୍ରମାଣ କରାଯାଇଥିଲା। ରେମୁଣା ଥାନା ସବ୍‌ଇନ୍ସପେକ୍ଟର ସୁବାସ ଚନ୍ଦ୍ର ମଲ୍ଲିକ ଏହି ମାମଲାର ତଦନ୍ତ କରିଥିବା ବେଳେ ସରକାରୀ ଓକିଲ ପ୍ରଣବ କୁମାର ପଣ୍ଡା ଏହି ମାମଲାର ପରିଚାଳନା କରିଥିଲେ।

# ପୂର୍ବଶତ୍ରୁତାକୁ କେନ୍ଦ୍ରକରି ମରଣାନ୍ତକ ଆକ୍ରମଣ, ୨ ଗୁରୁତର

ବାହାନଗା, ୨୩।୮(ଅରୂପ କୁମାର ଦାସ)

ପୂର୍ବ ଶତ୍ରୁତାକୁ କେନ୍ଦ୍ର କରି ବାହାନଗା ବ୍ଲକ ଗୋପାଳପୁର ବଜାରରେ ୨ ଗୋଷ୍ଠୀ ମଧ୍ୟରେ ଆକ୍ରମଣ ହୋଇଛି। ଉଭୟପକ୍ଷର ୨ ଜଣ ଗୁରୁତର ଆହତ ହୋଇଛନ୍ତି। ଗୋପାଳପୁର ଥାନା ନୂଆପୁର ପଞ୍ଚାୟତ କୁଆପଦା ଗ୍ରାମର କେତେଜଣ ଯୁବକ ଗୋପାଳପୁର ବଜାରରେ ଥିବା ବେଳେ ଖନ୍ତାପଡା ଥାନା ଶ୍ରୀଜଙ୍ଗ ଗ୍ରାମର ଅଜୟ ମଲିକ ନିଜର ସାଙ୍ଗମାନଙ୍କ ସହିତ ମୋବାଇଲ କିଣୁଥିଲେ। ପୂର୍ବ ଶତ୍ରୁତାକୁ କେନ୍ଦ୍ର କରି କୁଆପଦା ଗ୍ରାମର ଯୁବକମାନେ ଅଜୟଙ୍କୁ ଦୋକାନରୁ ଉଠାଇନେଇ ଆକ୍ରମଣ କରିବା ସହିତ ତାଳପଦା ସମୁଦ୍ର ବେଳାଭୂମିକୁ ନେଇଯାଇଥିଲେ। ଗୋପାଳପୁର ଥାନା ପୋଲିସ ଯୁବକମାନଙ୍କ ପିଛା କରି ସମୁଦ୍ର ବେଳାଭୂମି ଝାଉଁ ଜଙ୍ଗଲରୁ ଉଦ୍ଧାର କରି ଗୋପାଳପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଓ ପରେ ବାଲେଶ୍ୱର ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଥିଲା। ଅନ୍ୟ ପକ୍ଷରେ ଏହି ଘଟଣା ପରେ ଶ୍ରୀଜଙ୍ଗ ଗ୍ରାମର ଉତ୍ତେଜନା ଦେଖାଦେଇଥିଲା। ସେହି ସମୟରେ କୁଆପଦା ଗ୍ରାମର ରମାକାନ୍ତ ମହାଳିକ ଶ୍ରୀଜଙ୍ଗ ଦେଇ ଆସୁଥିବା ବେଳେ ତାଙ୍କୁ ମରଣାନ୍ତକ ଆକ୍ରମଣ କରାଯାଇଛି। ସେଠାରେ କିଛି ଲୋକ ତାଙ୍କୁ ଉଦ୍ଧାର କରି ଗୋପାଳପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଓ ପରେ ବାଲେଶ୍ୱରକୁ ସ୍ଥାନାନ୍ତରିତ କରାଯାଇଛି। ଖନ୍ତାପଡା ଥାନା ପୋଲିସ, ସଦର ଏସଡିପିଓ ଓ ଗୋପାଳପୁର ଥାନା ପୋଲିସ ପହଞ୍ଚି ତଦାରଖ କରିଛନ୍ତି।

# ୨ ମୃତକଙ୍କ ପରିବାରକୁ ମିଳିନି ସରକାରୀ ସହାୟତା

ବାଲିଆପାଳ, ୨୩।୮(ଗୋପାଳ ଚନ୍ଦ୍ର ସାହୁ)

**ସୁବର୍ଣ୍ଣରେଖା ବନ୍ୟା ଛାଡ଼ିବାର ୨ ମାସ**

ଚଳିତବର୍ଷ ସୁବର୍ଣ୍ଣରେଖାରେ ଜୁନ୍ ମାସ ୨୦ ତାରିଖରେ ପ୍ରଥମ ବନ୍ୟା ଆସିଥିଲା। ଲଗାତର ଭାବରେ ଦେଢ଼ ମାସ ମଧ୍ୟରେ ୫ଟି ବନ୍ୟା ଆସିଥିଲା। ଏହି ବନ୍ୟା ବାଲିଆପାଳ ବ୍ଲକର ୬ଟି ପଞ୍ଚାୟତର ୩୦ରୁ ଅଧିକ ଗାଁର ଲୋକଙ୍କୁ ସର୍ବସ୍ୱାନ୍ତ କରିଦେବା ସହିତ ଚାଷ ସମ୍ପୂର୍ଣ୍ଣ ଉଜାଡ଼ି ଦେଇଥିଲା। ପ୍ରଥମ ବନ୍ୟାରେ କୁଲ୍ହା ଗ୍ରାମର ନବ ପିଳାଙ୍କ ପୁଅ ମହେଶ୍ୱର ଏବଂ ଦ୍ୱିତୀୟ ବନ୍ୟାରେ ବିଷ୍ଣୁପୁର ଗ୍ରାମର ଅଜୟ ସୀଙ୍କ ପୁଅ ରାକେଶଙ୍କ ଜୀବନ ଯାଇଥିଲା। ବନ୍ୟାରେ ମୃତ ଦୁଇ ଯୁବକଙ୍କ ପରିବାରକୁ ଆର୍ଥିକ ସହାୟତା ଆଜି ପର୍ଯ୍ୟନ୍ତ ମିଳି ନ ଥିବା ଜଣାଯାଇଛି। ସରକାର ବନ୍ୟା ବିପନ୍ନଙ୍କୁ କେବଳ ରିଲିଫ ବ୍ୟତୀତ ବନ୍ୟା ପରବର୍ତ୍ତୀ ସହାୟତା ପ୍ରଦାନ କରିବାରେ ଆଜି ପର୍ଯ୍ୟନ୍ତ ସକ୍ଷମ ହୋଇନାହାନ୍ତି ବୋଲି ଅଭିଯୋଗ ହେଉଛି। ଚାଷ ଜମିର କ୍ଷୟକ୍ଷତି ଆକଳନ କରାଯାଇ ଆର୍ଥିକ ସହାୟତା ମିଳିନି ବୋଲି ଚାଷୀ ଅଭିଯୋଗ ଆଣିଛନ୍ତି।

# ମେଗା ପ୍ରକଳ୍ପର କାର୍ଯ୍ୟ ତଦାରଖ କରି ଅସନ୍ତୋଷ ପ୍ରକାଶ କଲେ ଏମ୍‌ପି

ନୀଳଗିରି, ୨୩।୮(ପ୍ରଶାନ୍ତ ବିଶ୍ୱାଳ): ବିଶୁଦ୍ଧ ପାନୀୟ ଜଳ ଯୋଗାଇଦେବା ଲକ୍ଷ୍ୟରେ ନୀଳଗିରିରେ ମେଗା ପ୍ରକଳ୍ପର ପରିକଳ୍ପନା କରିବା ସହିତ ଏଥିପାଇଁ ସ୍ୱତନ୍ତ୍ର ଅର୍ଥର ବ୍ୟବସ୍ଥା ହୋଇଥିଲା। ତେବେ କାମ କରୁଥିବା ଠିକା ସଂସ୍ଥାର ମନମୁଖୀ କାମ କରୁଥିବାର ଖବରପାଇ କାର୍ଯ୍ୟ ତଦାରଖ କରିବା ସହ ବାଲେଶ୍ୱର ଏମ୍‌ପି ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ ଅସନ୍ତୋଷ ପ୍ରକାଶ କଲେ।

ବାଲେଶ୍ୱର ଜିଲା ନୀଳଗିରି ବ୍ଲକରେ ଅଯୋଧ୍ୟା ପଞ୍ଚାୟତଠାରେ ପ୍ରବାହିତ ସୋନ ନଦୀରୁ ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ମିଳିତ ଉଦ୍ୟମରେ ୧୭୨ କୋଟି ଟଙ୍କାର ବିନିଯୋଗରେ ମେଗା ଜଳଯୋଗାଣ ପ୍ରକଳ୍ପ ଜୁବେରି ଇଞ୍ଜିନିୟରିଂ କନଷ୍ଟ୍ରକସନ ପିଭିଟି ଏଲ୍‌ଟିଡ଼ି ରାଜସ୍ଥାନ ଠିକାଦାର ଜୁବେରୀ କମ୍ପାନୀ ଓ ପ୍ରକଳ୍ପର ଦେଖରେଖ ପାଇଁ ଗ୍ରାମ୍ୟ ଜଳଯୋଗାଣ ଓ ପରିମଳ ବିଭାଗ ପକ୍ଷରୁ ଚାଲୁରହିଛି। ନୀଳଗିରି ବ୍ଲକର ୨୦ ପଞ୍ଚାୟତ ସମେତ ୯୦ରୁ ଊର୍ଦ୍ଧ୍ୱ ଗାଁରେ ମେଗା ଜଳ ପ୍ରକଳ୍ପ କାମ ଚାଲୁରହିଛି। ପ୍ରକଳ୍ପରୁ ଉକ୍ତ ବ୍ଲକର ବିଭିନ୍ନ ଗ୍ରାମ ଓ ରାସ୍ତାପାର୍ଶ୍ୱ ଦେଇ ପାଇପ୍ ବିଛା ଚାଲିଛି। ଶନିବାର ମଧ୍ୟାହ୍ନରେ ଏମ୍‌ପି ଷଡ଼ଙ୍ଗୀଙ୍କ ଧୋବଶିଳା ପଞ୍ଚାୟତ ଅଧୀନ ଗୋପୀନାଥପୁରରେ ନିଜ ଘରେ ଥିବା ବେଳେ ଘର ପାଖ ରାସ୍ତାପାର୍ଶ୍ୱ ଦେଇ ଠିକା ସଂସ୍ଥା ପକ୍ଷରୁ ପାଇପ୍ ବିଛା ଚାଲିଥିଲା। ଏହି ପାଇପ୍ ୩ଫୁଟ ଗଭୀର ହେବା ସ୍ଥଳେ ୧ଫୁଟ ଗଭୀରରେ ବିଛାଯାଉଥିବାରୁ ଏମ୍‌ପିଙ୍କୁ ଗ୍ରାମବାସୀ ଦେଖାଇବାରୁ ଏମ୍‌ପି କନିଷ୍ଠଯନ୍ତ୍ରୀ ଶୁଭଲକ୍ଷ୍ମୀ ମହନ୍ତ ଓ ଦିଆଯାଇଥିବା ଠିକା ସଂସ୍ଥାର ଭାଇସ ପ୍ରେସିଡେଣ୍ଟ ଆର୍‌ପି ସିଂଙ୍କୁ ଡକାଇ ପଚାରିବା ସହ ଅସନ୍ତୋଷ ପ୍ରକାଶ କରି ସବୁ ପଞ୍ଚାୟତରେ ତଡ଼ା ଯାଇ ତଦନ୍ତ କରାଯିବାର ସୂଚନା ଦେଇଥିଲେ। ପରେ ସବୁ ପାଇପକୁ ଉଠାଇ ପୁଣି ଥରେ ପାଇପ୍ ବିଛାଇବାର କାର୍ଯ୍ୟ ଆରମ୍ଭ ହୋଇଥିଲା।

# ରାସ୍ତା ମରାମତି କଲେ ପଞ୍ଚାୟତବାସୀ

ଜଳେଶ୍ୱର, ୨୩।୮(ନବୀନ ସାହୁ)

ଜଳେଶ୍ୱର ବ୍ଲକ ଅଧୀନ ଗୋବରଘାଟା ପଞ୍ଚାୟତସ୍ଥିତ ଅଗ୍ରୱାଲା ଛକଠାରୁ ଜଳେଶ୍ୱରକୁ ଯିବା ପାଇଁ ମୁଖ୍ୟରାସ୍ତାରେ ବହୁ ଛୋଟ ବଡ଼ ଖାଲଖମା ସୃଷ୍ଟି ହୋଇ ଦୁର୍ଘଟଣାକୁ ହାତଠାରି ଡାକୁଛି। ଏହି ଆନ୍ତଃରାଜ୍ୟ ଗୁରୁତ୍ୱପୂର୍ଣ୍ଣ ସଡ଼କରେ ପ୍ରତ୍ୟେକ ଦିନ ଶତାଧିକ ଲୋକ ଓ ଛାତ୍ରୀଛାତ୍ର ଯା'ଆସ କରିଥାନ୍ତି। ଲଗାତାର ଛୋଟବଡ଼ ସଡ଼କ ଦୁର୍ଘଟଣା ଘଟି ଚାଲିଥିବାବେଳେ ମରାମତି ସମ୍ପର୍କରେ କାହାର ନିଘା ନାହିଁ। ଏହାକୁ ଆଖିରେ ଆଗରେ ରଖି ଶୁକ୍ରବାର ସକାଳେ ସ୍ଥାନୀୟ ଯୁବଗୋଷ୍ଠୀ ରାସ୍ତା ଥିବା ଖାଲଖମାକୁ ମରାମତି କରିଛନ୍ତି। ରୋଟାରିଆନ ଶ୍ୟାମସୁନ୍ଦର ମିର୍ଦ୍ଧାଙ୍କ ନେତୃତ୍ୱରେ ଗଣେଶ ଦଳାଇ, ବିଶ୍ୱଜିତ ପାଳ, ଦିପୁ ପାଳ, ତ୍ରିଲୋଚନ ମିର୍ଦ୍ଧା, ଦିପୁ ବେହେରା, ବିଷ୍ଣୁଚରଣ ପାତ୍ର, ଶ୍ୟାମସୁନ୍ଦର ଭୂୟାଁ ଓ ମଙ୍ଗଳା ପ୍ରଧାନ ପ୍ରମୁଖ ଯୁବ ଗୋଷ୍ଠୀ ସଡ଼କ ସଫେଇ ଓ ମରାମତି କାର୍ଯ୍ୟ କରିଥିଲେ।

# ପୋଖରୀରେ ପଡ଼ି ଶିଶୁ କନ୍ୟା ମୃତ

କାଳିପଦା, ୨୩।୮(ରାଜଶ୍ରୀ ପାଣିଗ୍ରାହୀ)

ବାଲିଆପାଳ ବ୍ଲକ ଦେଉଳା ପଞ୍ଚାୟତର ଦେଉଳା ଗ୍ରାମରେ ପଦ୍ମଲୋଚନ ପାଢ଼ୀଙ୍କ ଝିଅ ଭାଗ୍ୟଲକ୍ଷ୍ମୀ (୯) ଶୁକ୍ରବାର ସନ୍ଧ୍ୟାରେ ନିକଟସ୍ଥ ନାଜଣ୍ଡିଆ ପୋଖରୀକୁ ଗୋଡ଼ ଧୋଇବା ପାଇଁ ଯାଇଥିବା ବେଳେ ପାଣିରେ ପଡ଼ିଯାଇଥିଲେ। ଜୋତା ଦେଖି ପରିବାର ଲୋକ ଓ ଗ୍ରାମବାସୀ ଖୋଜାଖୋଜି କରିବା ପରେ ପାଣିରୁ ଝିଅଟିର ମୃତଦେହ ଉଦ୍ଧାର କରାଯାଇଥିଲା। ଏନେଇ ବାଲିଆପାଳ ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ ହେବା ସହିତ ଶନିବାର ମୃତଦେହ ବ୍ୟବଚ୍ଛେଦ କରାଯାଇଛି।

# ଗଡପୋଖରୀରୁ ପ୍ରବଳ ବିସ୍ଫୋରକ ଜବତ

ଖଇରା, ୨୩।୮(ଉତ୍କଳବନ୍ଧୁ ପଣ୍ଡା)

ଖଇରା ତହସିଲ ଅଧୀନ ଗଡପୋଖରୀ ଗ୍ରାମର ସଞ୍ଜୟ କୁମାର ସେଣ୍ଠଙ୍କ ବାଡ଼ିରୁ ବ୍ୟାପକ ପରିମାଣର ବିସ୍ଫୋରକ ଜବତ କରାଯାଇଛି। ଶାରୀଶୁଆ ପାହାଡ଼ରେ ବ୍ଲାଷ୍ଟିଂ ପାଇଁ ଏହା ରଖାଯାଇଥିବା ସନ୍ଦେହ କରାଯାଉଛି। ପାଖାପାଖି ୪୦ବସ୍ତା ଜିଲେଟିନ ଓ ୧୧ ବଣ୍ଡଲ ତାର ଜବତ କରାଯାଇଛି । ନୀଳଗିରି ଏସ୍‌ଡିପିଓ ପ୍ରମୋଦ କୁମାର ମଲ୍ଲିକଙ୍କ ନେତୃତ୍ୱରେ ଏହି ଚଢାଉ କରାଯାଇଥିଲା। ଖଇରା ଥାନା ଏସ୍‌ଆଇ ତପନ କୁମାର ଜେନା, ଏଏସ୍‌ଆଇ ଗୌରହରି ବୁରୁଡାଇ ପ୍ରମୁଖ ସାମିଲ ଥିଲେ। ସଞ୍ଜୟ ଘରେ ଥିବା ଏହି ବିସ୍ଫୋରକ ସାମଗ୍ରୀକୁ ବାହାରକୁ ଫିଙ୍ଗି ଦେଇଥିବା ଏସ୍‌ଡିପିଓ ସୂଚନା ଦେଇଛନ୍ତି।

# ପ୍ରକଳ୍ପ କାମ ସମ୍ପର୍କରେ ଜାଣି ନ ପାରିବାରୁ କଥା କଟାକଟି

**ଔପଦା ପଞ୍ଚାୟତ ସମିତି ୮ମ ବୈଠକ**

ଔପଦା, ୨୩।୮(ଧରିତ୍ରୀ ପଣ୍ଡା)


ଔପଦା ପଞ୍ଚାୟତ ସମିତି ବୈଠକରେ ଉପସ୍ଥିତ ବିଧାୟକ ଓ ଅନ୍ୟ ଅଧିକାରୀମାନେ।

ବାଲେଶ୍ୱର ଜିଲା ଔପଦା ପଞ୍ଚାୟତ ସମିତି ୮ମ ବୈଠକ ଅଧକ୍ଷା ବିସିବିସ୍ୱା ପାତ୍ରଙ୍କ ସଭାପତିତ୍ୱରେ ବ୍ଲକ ଆକାଂକ୍ଷା ସଭା ଗୃହରେ ଅନୁଷ୍ଠିତ ହୋଇଯାଇଛି। ଜିପିଓ ଦୀପକ କୁମାର ମହନି ପ୍ରାରମ୍ଭିକ ସୂଚନା ଦେଇ ପୂର୍ବ ବୈଠକର ବିବରଣୀ ପାଠ କରିଥିଲେ। ମୁଖ୍ୟଅତିଥି ଭାବେ ନୀଳଗିରି ବିଧାୟକ ସନ୍ତୋଷ ଖଟୁଆ ଯୋଗଦେଇ ବିଭିନ୍ନ ଯୋଜନା ସମ୍ପର୍କରେ ଆଲୋଚନା କରି ଉତ୍ତାଧିକାରୀଙ୍କ ମୃତ୍ୟୁ ଘଟିଲେ ତାଙ୍କ ସମ୍ପୂର୍ଣ୍ଣ ତଥ୍ୟ ଆଶାକର୍ମୀ ଓ ଅଙ୍ଗନୱାଡି କର୍ମୀଙ୍କଠାରୁ ଆଣିବା ପାଇଁ ପରାମର୍ଶ ଦେଇଥିଲେ।

ବାଉଁଶବଣିଆ ସରପଞ୍ଚ ନିରଞ୍ଜନ ବାରିକ ୨୦୨୩-୨୪ ଓ ୨୦୨୪-୨୫ରେ ମତ୍ସ୍ୟ ବିଭାଗରେ କେତେ ଅର୍ଥ ଖର୍ଚ୍ଚ ହୋଇଛି ସେଥିରୁ କେତେ ସବ୍‌ସିଡ ଦିଆଯାଇଛି ତଥ୍ୟ ମାଗିଥିବା ବେଳେ ମତ୍ସ୍ୟ ବିଭାଗର ଅଧିକାରୀ ରାଉଳ ଦେବହେମ୍ବ୍ରମ ଉତ୍ତର ଦେଇ ନ ପାରିବାରୁ ପ୍ରତିକ୍ରିୟା ପ୍ରକାଶ ପାଇଥିଲା। ବଡ଼ପୋଖରୀ ପଞ୍ଚାୟତ ଦାରିପୋଖରୀ ସହ ବିଭିନ୍ନ ସ୍ଥାନରେ ପାଣିର ଅଭାବ ଥିବା ବ୍ଲକ ଉପାଧ୍ୟକ୍ଷ ପ୍ରଭାକର ସାହୁ, ସରପଞ୍ଚ ପୁରସ୍ତମ ସେଠୀ ଅଭିଯୋଗ କରିଥିଲେ। ସେପ୍ଟେମ୍ବର ୧୭ ତାରିଖରେ ବିଭିନ୍ନ ପଞ୍ଚାୟତରେ ଚାରାରୋପଣ ପାଇଁ ବିଡିଓ ଶାଶ୍ୱତୀ ସାଦୁଆଲ ପରାମର୍ଶ ଦେଇ ଉପସ୍ଥିତ ସଭ୍ୟାସଭ୍ୟମାନଙ୍କର ସହଯୋଗ ପାଇଁ କହିଥିଲେ। ଏହି ଚାରାରୋପଣ ଏମ୍‌ଜିଏନଆରଇଜିଏସ୍‌ରେ ହେବାକୁ ଥିବାବେଳେ ୧ଶହ ଚାରାରୋପଣକୁ ୧ଲକ୍ଷ ଟଙ୍କା ଅନୁଦାନ ଆସୁଥିବାରୁ ତିନି ବର୍ଷ ପର୍ଯ୍ୟନ୍ତ ରକ୍ଷଣାବେକ୍ଷଣ ପାଇଁ ବ୍ୟବସ୍ଥା ଅଛି ବୋଲି କୁହାଯାଇଥିଲା। ଔପଦା ବ୍ଲକରେ ଥିବା ୧୧ଟି ପଞ୍ଚାୟତ ମଧ୍ୟରୁ ୫ଟି ପଞ୍ଚାୟତରେ ତହସିଲ, ବନବିଭାଗ, ବିଦ୍ୟୁତ ପରି ବିଭିନ୍ନ ବିଭାଗ ନୀଳଗିରିରେ ଥିବା ବେଳେ ସମିତି ବୈଠକରେ ଅଧିକାରୀମାନେ ଉପସ୍ଥିତ ନ ରହିବାରୁ ବିଧାୟକଙ୍କ ଦୃଷ୍ଟି ଆକର୍ଷଣ କରାଯାଇଥିଲା। ଦାନା ଯୋଜନାର ପ୍ରକଳ୍ପ କାମ ସମ୍ପର୍କରେ ପଞ୍ଚାୟତର ସରପଞ୍ଚ ଓ ସମିତି ସଭ୍ୟାସଭ୍ୟମାନେ ଜାଣି ନ ପାରିବାରୁ ତଳକିଆ ସରପଞ୍ଚ ଦିପ୍ତୀରାଣୀ ନାୟକ, କାଣ୍ଡଗରଡ଼ି ସମିତିସଭ୍ୟ ଭାଗବତ ଖିଲାର, ବାଉଁଶବଣିଆ ସରପଞ୍ଚ ନିରଞ୍ଜନ ବାରିକ ଅଭିଯୋଗ କରିବାରୁ ସଭ୍ୟାସଭ୍ୟଙ୍କ ମଧ୍ୟରେ କଥା କଟାକଟି ହୋଇ ଚାପା ଉତ୍ତେଜନା ସୃଷ୍ଟି ହୋଇଥିଲା। ଏହି ଆଲୋଚନା ସମୟରେ ବିଡିଓଙ୍କ ବିବୃତ୍ତିକୁ ନେଇ ଉପାଧ୍ୟକ୍ଷ ସାହୁ ସରକାରଙ୍କର ତ୍ରିସ୍ତରୀୟ ପଞ୍ଚାୟତିରାଜ ବ୍ୟବସ୍ଥାରେ ପଞ୍ଚାୟତସ୍ତରୀୟ ନିର୍ବାଚିତ ପ୍ରତିନିଧିମାନେ ସରକାରଙ୍କର ଯୋଜନା ଓ ପ୍ରକଳ୍ପ ସମ୍ପର୍କରେ ଜାଣିବାର ଅଧିକାର ଅଛି ବୋଲି ପ୍ରତିକ୍ରିୟାରେ କହିଥିଲେ। ସେହିପରି ପଞ୍ଚମ ଅର୍ଥ କମିଶନ ଯୋଜନାରେ ୩କୋଟି ୨୦ଲକ୍ଷ ଟଙ୍କା କାମ ହୋଇ ନ ପାରି ପଡିରହିଥିବାରୁ ଅସନ୍ତୋଷ ଦେଖାଦେଇଥିଲା। ଔପଦା ବ୍ଲକର ବାସଗୃହ ସମ୍ପର୍କରେ ଆଲୋଚନା ହୋଇଥିବା ବେଳେ ବହୁ ଘର ଅଧାପନ୍ତରିଆ ହୋଇ ପଡିରହିଥିବାରୁ ଘର ନିର୍ମାଣ କରୁଥିବା ଠିକାଦାର (ମିଡିଲି ମ୍ୟାନ)ଉପରେ କାର୍ଯ୍ୟାନୁଷ୍ଠାନ ପାଇଁ ବୈଠକରେ ମତ ପ୍ରକାଶ ପାଇଥିଲା। ସନ୍ତରାଗଡ଼ିଆରେ ରାଜସ୍ୱ ନିରୀକ୍ଷକଙ୍କ କାର୍ଯ୍ୟାଳୟ ନ ଥିବାରୁ ସ୍ଥାନୀୟ ଏକ ଡାକବଙ୍ଗଳା ଗୃହରେ ଆର୍‌ଆଇ ଅଫିସ ଚାଲୁଥିବାରୁ ନାନା ସମସ୍ୟା ଦେଖାଦେଉଥିବା ସରପଞ୍ଚ ପୁରସ୍ତମ ସେଠୀ ଅଭିଯୋଗ କରି ବିଧାୟକଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଏପରିକି ବୈଠକରେ ଯୋଗାଣ, ଭତ୍ତା, ଶିକ୍ଷା ପରି ବିଭିନ୍ନ ଯୋଜନା ସମ୍ପର୍କରେ ଆଲୋଚନା ହୋଇଥିଲା। ବୈଠକରେ ଏମ୍‌ପିଙ୍କ ପ୍ରତିନିଧି ଲକ୍ଷ୍ମୀକାନ୍ତ ବେହେରା, ୧ ନମ୍ବର ଜୋନ ଜିଲା ପରିଷଦ ସଭ୍ୟା ମୁନି ସିଂ, ସହକାରୀ ନିର୍ବାହୀଯନ୍ତ୍ରୀ ମମତାରାଣୀ ମହନ୍ତଙ୍କ ସମେତ ବିଭିନ୍ନ ପଞ୍ଚାୟତର ସରପଞ୍ଚ, ସମିତିସଭ୍ୟାସଭ୍ୟ ଓ ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ।

# ଶିକାରୀଙ୍କୁ ଗିରଫ ନେଇ ଆକ୍ରୋଶ

## ଗ୍ରାମବାସୀଙ୍କ ଆକ୍ରମଣରେ ବନରକ୍ଷୀ ଗୁରୁତର

ବାରିପଦା, ୨୩।୮ (ନୀଳାଦ୍ରି ବିହାରୀ ଦଣ୍ଡପାଟ)

ମୟୂରଭଞ୍ଜ ଜିଲା ବାଙ୍ଗିରିପୋଷି ଥାନା ଅଧିନ ଦୁମାସାହି ଜଳଡିହା ଗ୍ରାମରେ ଶିକାରୀଙ୍କୁ ଧରିବାକୁ ଯାଇଥିବା ବନକର୍ମଚାରୀଙ୍କୁ ଗତ ୧୫ତାରିଖି ରାତିରେ ମରଣାନ୍ତକ ଆକ୍ରମଣ ହୋଇଛି । ଗ୍ରାମବାସୀ ବୋଲେରୋର କାଚ ଭାଙ୍ଗିବା ସହ ଦୁଇ କର୍ମଚାରୀଙ୍କୁ ମାଡ଼ ମାରି ଗୁରୁତର ଆହତ କରିଛନ୍ତି। ଏନେଇ ବାଙ୍ଗିରିପୋଷିରେ ଅଧିକାରୀ ମହେଶ୍ୱର ସିଂ ୧୬ ତାରିଖରେ ଥାନାରେ ଲିଖିତ ଅଭିଯୋଗ କରିବା ପରେ ମାମଲା ରୁଜୁ ହୋଇଥିଲେ ମଧ୍ୟ ଅଦ୍ୟାବଧି ଅପରାଧୀଙ୍କୁ ଗିରଫ କରାଯାଇନାହିଁ। ୨୦୨୪ ନଭେମ୍ବର ୧୧ରେ ଏକ କଲରାପତରିଆ ବାଘ ଚମଡା ଜବତ ଘଟଣାରେ ଦୁମାସାହି ଗ୍ରାମର ଶିକାରୀମାନେ ଜଡିତ ଥିଲେ। ଏହି ଘଟଣାରେ ବନବିଭାଗ ପକ୍ଷରୁ ମାମଲା(ନଂ. ୫୧/୨୪) ରୁଜୁ କରି ଏସିଏଫ୍ ମେହେରବାନ ଅଲ୍ଲୀ ତଦନ୍ତ ଦାୟିତ୍ୱ ନେଇଥିଲେ। ଘଟଣାରେ ସମ୍ପୃକ୍ତ ୬ ଅପରାଧୀଙ୍କୁ ଧରିବା ପାଇଁ ଏସିଏଫଙ୍କ ନେତୃତ୍ୱରେ ବାଙ୍ଗିରିପୋଷି ବନାଞ୍ଚଳ, ଅନ୍ୟାନ୍ୟ ବନାଞ୍ଚଳ ତଥା ବାରିପଦା ବନଖଣ୍ଡ କର୍ମଚାରୀମାନଙ୍କୁ ନେଇ ଏକ ଟିମ୍ ଗଠନ କରାଯାଇଥିଲା। ପାଖାପାଖି ୩୦ରୁ ଊର୍ଦ୍ଧ୍ୱ କର୍ମଚାରୀଙ୍କୁ ସାମିଲ କରାଯାଇ ଗତ ୧୫ତାରିଖି ବିଳମ୍ବିତ ରାତିରେ ଚଢାଉ ହୋଇଥିଲା। ଚଢାଉ କରି ଭାଗିରଥି ମାରାଣ୍ଡି ଓ ଟୋପା ସୋରେନଙ୍କୁ ଧରି ଆଣୁଥିବା ବେଳେ ଗ୍ରାମର ୪୦/୫୦ ମହିଳା ପୁରୁଷ ଏକଜୁଟ ହୋଇ ବିରୋଧ କରିଥିଲେ। ଅଭିଯୁକ୍ତମାନଙ୍କୁ ଛାଡିଦେବା ପାଇଁ ଗାଁ ଲୋକେ କହିବାରୁ ବନ କର୍ମଚାରୀଙ୍କ ମଧ୍ୟରେ କଥା କଟାକଟି ଆରମ୍ଭ ହୋଇଥିଲା। ଉତ୍ତ୍ୟକ୍ତ ହୋଇ ଗ୍ରାମବାସୀ ସମୂହ ବନକର୍ମଚାରୀଙ୍କ ଉପରେ ମରଣାନ୍ତକ ଆକ୍ରମଣ କରି ଟୋପା ସୋରେନଙ୍କୁ ଖସାଇ ନେଇଥିଲେ। ଲୋକେ ବୋଲେରୋ (ନଂ. ଓଡି୧୧କେ-୧୧୧୩)ର ସମସ୍ତ କାଚକୁ ଭାଙ୍ଗି ଚୁରମାର୍ କରିଦେଇଥିଲେ। ଆକ୍ରମଣରେ ଶ୍ୟାମସୁନ୍ଦର ବିଟ୍ ହାଉସର ମହିଳା ବନରକ୍ଷୀ ମିନାକ୍ଷୀ ମରାଣ୍ଡି ସାହୁ ଗୁରୁତର ଆହତ ହୋଇଥିଲେ। ଏପରିକି ଏସିଏଫ ଅଲ୍ଲୀ ମଧ୍ୟ ଆକ୍ରମଣ ଶିକାର ହୋଇଥିବା ବେଳେ ସମସ୍ତ କର୍ମଚାରୀ ଆକ୍ରୋଶର ଶିକାର ହୋଇଥିଲେ। ଏସିଏଫଙ୍କୁ ଛୁରୀ, କଟୁରୀ ଧରି ମାରିବାକୁ ଉଦ୍ୟମ କରିଥିବା ନେଇ ଜଣେ ବନ କର୍ମଚାରୀ ପ୍ରକାଶ କରିଛନ୍ତି। କୌଶଳକ୍ରମେ ଜଣେ ଅଭିଯୁକ୍ତଙ୍କୁ ଧରି କର୍ମଚାରୀ ମିନାକ୍ଷୀଙ୍କୁ ବାଙ୍ଗିରିପୋଷି ଡାକ୍ତରଖାନାରେ ଚିକିତ୍ସା କରାଯାଇଥିଲା। ଏ ସଂକ୍ରାନ୍ତରେ ବାଙ୍ଗିରିପୋଷି ଥାନାଧିକାରୀ ବୀରେନ୍ଦ୍ର ସେନାପତି କହନ୍ତି, ଅଦ୍ୟାବଧି ସେହି ଗ୍ରାମରେ ଉତ୍ତେଜନା ଲାଗି ରହିଛି । ପରିସ୍ଥିତିକୁ ଦୃଷ୍ଟିରେ ରଖି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ । ଏସ୍‌ପିଙ୍କ ନିର୍ଦ୍ଦେଶ ଅନୁଯାୟୀ ଅପରାଧୀମାନଙ୍କୁ ଚିହ୍ନଟ କରିବା ପରେ ଯୋଜନା ମୁତାବକ ଫୋର୍ସ ଉପସ୍ଥିତିରେ ସେମାନଙ୍କୁ ଗିରଫ କରାଯିବ । ତେବେ ଶିକାରୀ ଗୁଳିରେ ଶହୀଦ ହୋଇଥିବା ବନରକ୍ଷୀ ବିମଳ ଜେନା ଓ ଡେପୁଟୀ ରେଞ୍ଜର ମାଥି ହାଁସଦାଃ ଘଟଣାରେ ପୋଲିସ ସମସ୍ତ ଅଭିଯୁକ୍ତଙ୍କୁ ଧରିବାରେ ସଫଳ ହୋଇନାହିଁ । ଶିମିଳିପାଳ ଅଭୟାରଣ୍ୟ ସୁରକ୍ଷା ଦାୟିତ୍ୱରେ ପୋଲିସ ଓ ବନବିଭାଗ ମିଳିତ ଭାବେ କାର୍ଯ୍ୟ କରୁଥିବା ବେଳେ ଚଢାଉ ସମୟରେ ପୋଲିସର ସହଯୋଗ ନ ନେବା ଦୁଃଖଦାୟକ ବୋଲି ପୂର୍ବତନ ବନ୍ୟପ୍ରାଣୀ ତତ୍ତ୍ୱାବଧାରକ ଭାନୁମିତ୍ର ଆଚାର୍ଯ୍ୟ ପ୍ରକାଶ କରିଛନ୍ତି।

# ବାରିପଦା-ଚିତ୍ରଡ଼ା-ଅମର୍ଦା ରାଜ୍ୟ ରାଜପଥରେ ଗର୍ତ୍ତ



ବାରିପଦା ବ୍ଲକର ଗୁଞ୍ଜୁସାହିଠାରେ ରାସ୍ତାରେ ହୋଇଥିବା ଗର୍ତ୍ତରେ ବର୍ଷାପାଣି ଜମିଛି।

ମୋରଡା, ୨୩।୮ (ସ୍ମାରକ ମାଜୀ)

ମୟୂରଭଞ୍ଜ ଜିଲା ବାରିପଦା-ଚିତ୍ରଡ଼ା-ଅମର୍ଦା ରାଜ୍ୟ ରାଜପଥର ବିଭିନ୍ନ ସ୍ଥାନରେ ବଡ଼ ବଡ଼ ଗର୍ତ୍ତ ହୋଇଥିବାରୁ ଯାତାୟାତ କରୁଥିବା ଗାଡ଼ି ଚାଳକଙ୍କ ପାଇଁ ଏହା ବିପଦ ସାଜିଛି। ଏହି ରାଜପଥର ବାରିପଦା ବ୍ଲକର ଶଙ୍ଖାଭଙ୍ଗାରୁ ଗୁଞ୍ଜୁସାହି ପର୍ଯ୍ୟନ୍ତ ୧୦ରୁ ଅଧିକ ଗର୍ତ୍ତ ଥିବାବେଳେ ମୋରଡ଼ା ବ୍ଲକ ଅଧୀନ ନିଚୁଆପଦାରୁ ଭାଲିଆଡିହା ଏବଂ କଲରାଫୁଲିଆ ନିକଟରେ ମଧ୍ୟ ସମାନ ସ୍ଥିତି। ଆଣୁଆ ବାରମାଇଲ ଓ ଆଣୁଆ ସୁବର୍ଣ୍ଣରେଖା କଲ୍‌ଭର୍ଟ ନିକଟରେ ମଧ୍ୟ ବହୁ ଗର୍ତ୍ତ ସୃଷ୍ଟି ହୋଇଛି। ସେହିପରି ରାଜ୍ୟ ରାଜପଥର ରାସଗୋବିନ୍ଦପୁର ବ୍ଲକ ଅଧୀନ ନାକିଚୁଆରୁ ଅମର୍ଦା ମଧ୍ୟରେ ବିଭିନ୍ନ ଜାଗାରେ ଗାତ ଥିବାରୁ ଲୋକେ ହଇରାଣ ହେଉଛନ୍ତି। ଏବେ ବର୍ଷା ହେଉଥିବାରୁ ସେହି ଗାତଗୁଡ଼ିକରେ ପାଣି ଭରି ଯାଉଥିବା ଯୋଗୁ ଚାଳକମାନେ ଜାଣି ନ ପାରି ଗର୍ତ୍ତ ଭିତରେ ଗାଡ଼ି ପକାଇ ଦେଉଛନ୍ତି। ଫଳରେ ସେମାନେ ଦୁର୍ଘଟଣାର ସମ୍ମୁଖୀନ ହେଉଛନ୍ତି। ଏଣୁ ଏହି ରାସ୍ତା ମରାମତି ପାଇଁ ସ୍ଥାନୀୟ ଅଞ୍ଚଳବାସୀ ଦାବି କରିଛନ୍ତି। ଏ ସମ୍ପର୍କରେ ପୂର୍ତ୍ତ ବିଭାଗ ଅଧୀକ୍ଷଣ ଯନ୍ତ୍ରୀ ରୋହନ ରୟଙ୍କୁ ପଚାରିବାରୁ ବର୍ତ୍ତମାନ ବର୍ଷା ପାଗରେ ରାସ୍ତା ମରାମତି କଲେ କୌଣସି ସୁଫଳ ମିଳିବ ନାହିଁ, ବର୍ଷା ଛାଡ଼ିବା ମାତ୍ରେ ମରାମତି କରାଯିବ ବୋଲି କହିଛନ୍ତି।

# ମୟୂରଭଞ୍ଜର ରଞ୍ଜନ, ରଜଙ୍କୁ ସ୍ୱର୍ଣ୍ଣପଦକ

## ରାଜ୍ୟସ୍ତରୀୟ ପାରା ଖେଳକୁଦ ପ୍ରତିଯୋଗିତା

ବାରିପଦା,୨୩।୮(ନୀଳାଦ୍ରି ବିହାରୀ ଦଣ୍ଡପାଟ): ଓଡ଼ିଶା ପାରା ସ୍ପୋର୍ଟ୍ସ ଆସୋସିଏଶନ ଆନୁକୂଲ୍ୟରେ ଭୁବନେଶ୍ୱର କଳିଙ୍ଗ ଷ୍ଟାଡିୟମରେ ଅନୁଷ୍ଠିତ ରାଜ୍ୟସ୍ତରୀୟ ଖେଳକୁଦ ପ୍ରତିଯୋଗିତାରେ ମୟୂରଭଞ୍ଜ ଜିଲାର ୨ କ୍ରୀଡ଼ାବିତ୍ ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି। ସେମାନେ ହେଲେ ବାରିପଦାର ରଞ୍ଜନ ହାଁସଦା ଓ ଉଦଳାର ରଜ ମାର୍ଣ୍ଡି। ରଞ୍ଜନ ୧୦୦ ଓ ୨୦୦ ମିଟର ଦୌଡ଼ ସହ ଲମ୍ବଡିଆଁରେ ପ୍ରଥମ ସ୍ଥାନ ଅଧିକାର କରିଥିବା ବେଳେ ରଜ ଶଟ୍‌ପୁଟ, ଡିସ୍‌କସ୍ ଥ୍ରୋରେ ପ୍ରଥମ ହୋଇ ସ୍ୱର୍ଣ୍ଣ ପଦକ ଜିତିଛନ୍ତି। ଉଭୟ ଖେଳାଳି ଜାତୀୟସ୍ତରୀୟ ପାରା ଆଥ୍‌ଲେଟିକ ମିଟ୍‌ରେ ଭାଗ ନେବା ପାଇଁ ମନୋନୀତ ହୋଇଛନ୍ତି। ରଞ୍ଜନ ଓ ରଜ ଦୃଷ୍ଟିବାଧିତ ହୋଇ ମଧ୍ୟ ନିଜ ପ୍ରତିଭା ବଳରେ ଜାତୀୟସ୍ତର ପ୍ରତିଯୋଗିତାରେ ଅଂଶଗ୍ରହଣ କରିବାର ସୌଭାଗ୍ୟ ଅର୍ଜନ କରିପାରିଛନ୍ତି। ଶନିବାର ଜିଲାପାଳ ହେମକାନ୍ତ ସୟ ଓ ଜିଲା କ୍ରୀଡ଼ା ଅଧିକାରୀ ଶୁଭାଶିଷ ନାୟକ ଉଭୟଙ୍କୁ ଅଭିନନ୍ଦନ ଜଣାଇବା ସହ ପରବର୍ତ୍ତୀ ଖେଳ ପାଇଁ ଶୁଭକାମନା ଜଣାଇଛନ୍ତି।

# ମାନସିକ ସ୍ୱାସ୍ଥ୍ୟ ସଚେତନତା କାର୍ଯ୍ୟକ୍ରମ

ଠାକୁରମୁଣ୍ଡା, ୨୩।୮ (ତାରାକାନ୍ତ ପଟ୍ଟନାୟକ): ଠାକୁରମୁଣ୍ଡା ଓ ମହୁଲଡ଼ିହା ଥାନା ପୋଲିସ ପକ୍ଷରୁ ଶନିବାର ଗୁଗୁଡିବେଡ଼ାଠାରେ ମାନସିକ ସ୍ୱାସ୍ଥ୍ୟ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ କରଞ୍ଜିଆ ବିଧାୟକ ପଦ୍ମଚରଣ ହାଇବୁରୁ, ମୁଖ୍ୟବକ୍ତା ଅତିରିକ୍ତ ଏସ୍‌ପି ସବିତା ମାଝୀ, ସମ୍ମାନିତ ଅତିଥି ଭାବେ ଡିଏସ୍‌ପି ଅଜୟ କୁମାର ବାରିକ, ବାରିପଦା ସାଇବର ଡିଏସ୍‌ପି ପ୍ରଦୀପ ମାଝୀ, ଡା. ଗୌରବ ସର୍ଦ୍ଦାର, ପଡ଼ିଆବେଡା ଫୁଲମତି ହେମ୍ବ୍ରମ ମହାବିଦ୍ୟାଳୟର ଅଧ୍ୟକ୍ଷ ଚୈତନ୍ୟ ମହାନ୍ତ, ଅଧ୍ୟାପକ ବସନ୍ତ ଦାସ ଯୋଗଦେଇଥିଲେ। ସ୍କୁଲ, କଲେଜ ଛାତ୍ରୀଛାତ୍ରଙ୍କ ସମେତ ବିଭିନ୍ନ ପଞ୍ଚାୟତର ସରପଞ୍ଚ, ସମିତି ସଭ୍ୟ ଓ ଲୋକେ ଉପସ୍ଥିତ ଥିଲେ। ଅତ୍ୟଧିକ ମାତ୍ରାରେ ମୋବାଇଲ ବ୍ୟବହାର ଯୋଗୁ ମସ୍ତିଷ୍କ ଉପରେ କୁପ୍ରଭାବ ପଡୁଛି। ଫଳରେ ଯୁବପିଢ଼ି ବିଭିନ୍ନ ସ୍ୱାସ୍ଥ୍ୟଜନିତ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ଚାପଗ୍ରସ୍ତ ହୋଇ ଦିନକୁ ଦିନ ଆତ୍ମହତ୍ୟା ଘଟଣା ବୃଦ୍ଧି ପାଉଛି। ଶାରୀରିକ ପରିଶ୍ରମ ଓ ଯୋଗ ଦ୍ୱାରା ମନକୁ ଶାନ୍ତ କରିହେବ ବୋଲି ଅତିଥିମାନେ କହିଥିଲେ। ଶିଶୁମନ୍ଦିର ପ୍ରଧାନ ଗୁରୁଜୀ ପର୍ଶୁରାମ ମହାନ୍ତ ମଞ୍ଚ ପରିଚାଳନା କରିଥିଲେ। ଠାକୁରମୁଣ୍ଡା ଥାନା ଅଧିକାରିଣୀ ସାବିତ୍ରୀ ଦଳେଇ, ମହୁଲଡ଼ିହା ଥାନା ଅଧିକାରୀ ଅରୁଣ ଟୁଡୁ ଓ କର୍ମଚାରୀ ସହଯୋଗ କରିଥିଲେ।

# କାନ୍ଥ ଭୁଶୁଡ଼ି କକା ଗୁରୁତର, ପୁତୁରା ଆହତ

ଠାକୁରମୁଣ୍ଡା,୨୩।୮(ତାରାକାନ୍ତ ପଟ୍ଟନାୟକ): ଠାକୁରମୁଣ୍ଡା ବ୍ଲକ ଅଧୀନ ଚମ୍ପାଝର ପଞ୍ଚାୟତର ସୁଦର୍ଶନପୁର ଗ୍ରାମରେ ଶନିବାର ସକାଳେ ଘର କାନ୍ଥ ଭୁଶୁଡ଼ି ଜଣେ ବ୍ୟକ୍ତି ଗୁରୁତର ହୋଇଥିବା ବେଳେ ତାଙ୍କ ପୁତୁରା ଆହତ ହୋଇଛନ୍ତି। ସେମାନେ ହେଲେ କକା ଛୁଟୁରାମ ହୋ(୫୦) ଓ ତାଙ୍କ ପୁତୁରା ପାଇକରାୟ ହୋ(୩୦)। ସେମାନେ ନିଜ ଘର ପିଣ୍ଡାରେ ବସିଥିବା ସମୟରେ କାନ୍ଥ ଭୁଶୁଡ଼ି ଛୁଟୁରାମଙ୍କ ଉପରେ ପଡ଼ିଯାଇଥିଲା। ସେ ଗୁରୁତର ହୋଇଥିବା ବେଳେ ପାଇକରାୟ ମଧ୍ୟ ଆହତ ହୋଇଥିଲେ। ସେମାନଙ୍କୁ ଠାକୁରମୁଣ୍ଡା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ଛୁଟୁରାମଙ୍କୁ ଅଧିକ ଚିକିତ୍ସା ପାଇଁ କରଞ୍ଜିଆସ୍ଥିତ ଉପଖଣ୍ଡ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି। କାନ୍ଥ ପଡ଼ି ତାଙ୍କ ବାମ ଗୋଡ଼ ଭାଙ୍ଗିଯିବା ସହ ପିଠିରେ ମାଡ଼ ହୋଇଛି। ଦୁଇଦିନ ଧରି ଲଗାଣ ବର୍ଷା ଯୋଗୁ ନଡ଼ା ଛାଉଣୀ ଘରର ଇଟା କାନ୍ଥ ବର୍ଷାପାଣି ପଡ଼ି ଦୁର୍ବଳ ହୋଇଯାଇଥିଲା। ସେହିପରି ଠାକୁରମୁଣ୍ଡା ଗ୍ରାମ ଜେନାସାହିର ମଥୁରା ଜେନାଙ୍କ ରୋଷେଇ ଘର, ବନ୍ଧସାହିର କୁନି କପଣ୍ଡିଆଙ୍କ ଘର କାନ୍ଥ ଓ ଦିଗଧର ଗ୍ରାମର ରଥିଆ ମହାରଣାଙ୍କ ଘର କାନ୍ଥ ଭୁଶୁଡ଼ି ପଡ଼ିଛି।

# ସରିଲା କାମ, ସେପ୍ଟେମ୍ବରରୁ ପାଠପଢ଼ା



## ଉଦଳାରେ ଅସ୍ଥାୟୀ କେନ୍ଦ୍ରୀୟ ବିଦ୍ୟାଳୟ

ଉଦଳା, ୨୩।୮ (ସନ୍ତୋଷ କୁମାର ବାଛିନୀ)

ମୟୂରଭଞ୍ଜ ଜିଲା ଉଦଳାରେ କେନ୍ଦ୍ରୀୟ ବିଦ୍ୟାଳୟରେ ପାଠ ପଢ଼ିବେ ଛାତ୍ରୀଛାତ୍ର। ଏଥିପାଇଁ ଉଦଳା କେନ୍ଦ୍ରୀୟ ବିଦ୍ୟାଳୟର ଅସ୍ଥାୟୀ ଗୃହ କାମ ଶେଷ ହୋଇଛି। ଉଦଳାରେ କେନ୍ଦ୍ରୀୟ ବିଦ୍ୟାଳୟ ପାଇଁ ଦୀର୍ଘବର୍ଷ ଧରି ଦାବି ହୋଇ ଆସିଥିବା ବେଳେ ପ୍ରଶାସନ ପକ୍ଷରୁ ଗୋଧିମରା ମୌଜାରେ ୧୦ ଏକର ଜମି ପ୍ରଦାନ କରାଯାଇଛି। ତେବେ ଉଦଳା ବିଧାୟକଙ୍କ ହାତପାଣ୍ଠିରୁ ୮୦ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ବିନିଯୋଗରେ ଏକ ଅସ୍ଥାୟୀ କେନ୍ଦ୍ରୀୟ ବିଦ୍ୟାଳୟ ପାଇଁ ଗୃହ କାର୍ଯ୍ୟ ଆରମ୍ଭ ହୋଇଥିଲା। ଯୁଦ୍ଧକାଳୀନ ଭିତ୍ତିରେ ନିକଟରେ ନିର୍ମାଣ କାର୍ଯ୍ୟ ସରିଛି। କପ୍ତିପଦା ଉପଖଣ୍ଡ ଉପଜିଲାପାଳ ସୁଶାନ୍ତ କୁମାର ବାରିକଙ୍କ ସୂଚନା ଅନୁସାରେ ସେପ୍ଟେମ୍ବର ପ୍ରଥମ ସପ୍ତାହରେ ଏହି ବିଦ୍ୟାଳୟରେ ଶିକ୍ଷାଦାନ ନିମନ୍ତେ ନାମଲେଖା ଆରମ୍ଭ ହେବ। ଉଦଳା ସରକାରୀ ହାଇସ୍କୁଲ ପରିସରରେ କେନ୍ଦ୍ରୀୟ ବିଦ୍ୟାଳୟର ଅସ୍ଥାୟୀ ଶ୍ରେଣୀଗୃହ, ଶୌଚାଳୟ, ବିଧାୟକ ହାତପାଣ୍ଠିରୁ ୮୦ ଲକ୍ଷ ବ୍ୟୟରେ ମୁଖଶାଳା ବିଶାଳ ଫାଟକ, ଆନୁସଙ୍ଗିକ କାର୍ଯ୍ୟ ଓ ପାନୀୟ ଜଳ ସୁବିଧା କରାଯାଇଛି। ବିଧାୟକ ଭାସ୍କର ମଢେଇ କହିଛନ୍ତି, ଅସ୍ଥାୟୀ ଶ୍ରେଣୀଗୃହର ଆବଶ୍ୟକ ସବୁ କାର୍ଯ୍ୟ ସରିଛି। କେନ୍ଦ୍ରୀୟ ଟିମ୍ ଆସି ଏହାର ଯାଞ୍ଚ କରିବା ସହ ଅନୁମତି ପ୍ରଦାନ କରିବା ପରେ ନାମଲେଖା ଆରମ୍ଭ ହେବ ଏବଂ ଯଥାସମ୍ଭବ ସେପ୍ଟେମ୍ବର ଶେଷ ସୁଦ୍ଧା ନାମଲେଖା ସାରି ପାଠପଢ଼ା ଆରମ୍ଭ ହେବ।


**WATCO**
**OFFICE OF THE GENERAL MANAGER, WATCO DIVISION-II, BHUBANESWAR**
No.C-940
Near Rajiv Bhawan, Unit-V, Bhubaneswar-751001, Odisha, India
Telefax : +91-674-2390322, E-mail - gmdivtwowatco@gmail.com
**NATIONAL COMPETITIVE BIDDING THROUGH e-PROCUREMENT**
**Invitation for Bids (IFB) Dtd.21.08.2025**

| | | |
|---|---|---|
| 1 | Nos. of works | : **5 Nos of works** |
| 2 | Estimate cost | : Rs.18.54 Lakhs to Rs.84.32 lakhs |
| 3 | Period of completion | : 02 (Two) & 01 (One) Months |
| 4 | Class of contractor | : C & B Class |
| 5 | Date & Time of availability of bid document in the portal | : From 11.00 A.M. of Dt. 26.08.25 to 5.00 P.M. of 10.09.2025 |
| 6 | Last date / time of receipt of bids in the portal | : 5.00 P.M. of 10.09.2025 |
| 7 | Last date & time of seeking clarification | : 5.00 P.M. of 02.09.2025 |
| 8 | Date & time of opening of bids | : At 12.30 P.M. of 11.09.2025 |
| 9 | Name and address of the Officer Inviting Bid | : General Manager, WATCO Division-II, BBSR |

Further details can be seen from the e-Procurement portal "https://www.tendersorissa.gov.in".
Sd./- GENERAL MANAGER
WATCO DIVISION-II, BHUBANESWAR
OIPR-13089/11/0028/2526



**OFFICE OF THE GENERAL MANAGER, WATCO DIVISION, BERHAMPUR**
No.C-942
e-mail : gmwatcobam@gmail.com / Ph. No. 06802233978
Government of Odisha "e" Procurement Notice
**NATIONAL COMPETITIVE BIDDING**
**Bid Identification No. WATCOBAM-07/2025-26 DTD. 20.08.2025**

| | | |
|---|---|---|
| 1. | Name of work | : Shifting of Water Supply Pump House inside the University from the Air Strip area in connection with Improvement to existing Airstrip at Rangailunda 2B category for the year 2023-24 under Deposit. |
| 2. | Estimated cost | : 97.27 Lakh (Approx.) |
| 3. | Period completion | : 3 (Three) months |
| 4. | Date & Time of availability of bid document in the Portal | : From 11.00 Hrs. of Dt.26.08.2025 to 17.30 Hrs. of Dt.09.09.2025 |
| 5. | Last date / Time for Bidding in the Portal | : 17.30 Hrs. of Dt.09.09.2025 |
| 6. | Date of opening of Tender | : On Dt.10.09.2025 at 11.00 Hrs. |
| 7. | Name and address of the Officer inviting tender | : General Manager, WATCO Division, Berhampur |

Further details can be seen from the e-procurement Portal : https://tendersodisha.gov.in.
Sd./- General Manager
WATCO Division, Berhampur
OIPR-13210/11/0005/2526



**झारखण्ड सरकार**
**पथ निर्माण विभाग कार्यपालक अभियन्ता का कार्यालय**
**पथ निर्माण विभाग, पथ प्रमण्डल, लातेहार (1st Call)**

ई–प्रोक्योरमेंट सूचना
ई–टेन्डर रिफरेंस संख्या– RCD/LATEHAR /673/2025-26 दिनांक–22.08.2025

| | | |
|---|---|---|
| 1. | कार्य का नाम | महुआडांड (SH-09 पर) से लोध फॉल पथ (0.00 कि0मी0 से 16.100 कि0मी0) (कुल लम्बाई–16.100 कि0मी0) का राईडिंग क्वालिटी में सुधार (Improvement of Riding Quality) कार्य। |
| 2क. | प्राक्कलित राशि (रू0 में) | रू0 :– 13,06,21,231.00 (तेरह करोड़ छः लाख इक्कीस हजार दो सौ इकतीस रूपये) मात्र |
| 2ख. | बिड सिक्यूरिटी – (रू0 में) | रू0–13,10,000.00 (तेरह लाख दस हजार) मात्र |
| 3. | कार्य पूर्ण करने की अवधि | 06 (छः) माह |
| 4. | वेवसाईट पर निविदा प्रकाशन की तिथि | 02.09.2025 को पूर्वाह्न 10.30 बजे से |
| 5. | निविदा प्राप्ति की अंतिम तिथि एवं समय | 23.09.2025 को दोपहर 12.00 बजे तक |
| 6. | निविदा आमंत्रित करने वाले कार्यालय का नाम एवं पता | कार्यपालक अभियन्ता, पथ निर्माण विभाग, पथ प्रमडल लातेहार, पिन कोड– 829206 |
| 7. | ई–प्रोक्योरमेंट पदाधिकारी का संपर्क संख्या | 06565–247907 |
| 8. | ई–प्रोक्योरमेंट सेल का हेल्पलाईन संख्या | 0651–2403007 |

नोट : निविदा की प्राक्कलित राशि घट–बढ़ सकती है।
निविदा की अन्य जानकारी http://jharkhandtenders.gov.in पर देखी जा सकती है।
कार्यपालक अभियन्ता
पथ निर्माण विभाग, पथ प्रमण्डल
लातेहार
PR 360239 (Road)25-26*D



**RANCHI MUNICIPAL CORPORATION**
Kutuchery, Ranchi 834001
Contact No. : 0651-2211215, Fax: 06512211777
email: support@ranchimunicipal.com, website: www.ranchimunicipal.com
**Tender Reference No:-** 803 **Date:-** 22 /08 /2025
**Very Short Notice Inviting e-Tender – 2nd Call**

| S. No | Information | Details |
|---|---|---|
| 1 | Particulars of the work | Horticulture work at Hawai Nagar to Tupudana Chowk (Tupudana Road), OTC Ground to Pandra Pull, Aagman Banquet Hall to Kathal, Shahid Maidan to High Court with maintenance of 1 (one) year |
| 2 | Bid Validity days | 45 Days |
| 3 | Period of Work (including maintenance) | One Year |
| 4 | Location | Ranchi |
| 5 | Pin Code | 834001 |
| 6 | Pre Bid Meeting | 26/08/2025 at 1:00 pm |
| 7 | Pre Bid Meeting Address | Office of Dy. Administrator, Ranchi Municipal Corporation, Ranchi |
| 8 | Bid Opening Place | Office of Administrator, Ranchi Municipal Corporation, Ranchi |
| 9 | Tender Fee | Rs 5900/- Including all GST (Through online Payment gateway of jharkhandtenders.gov.in) |
| 10 | EMD Fee | Rs 26,200/- (Through online Payment gateway of jharkhandtenders.gov.in) |
| 11 | EMD Exemption Allowed | No |
| 12 | Tender Publishing Date on website (jharkhandtenders.gov.in) | 23 /08 / 2025 |
| 13 | Bid Submission Start Date | 23 /08 /2025 |
| 14 | Bid Submission End Date | 01 /09 /2025 till 3.00 pm |
| 15 | Bid Opening Date | 02 /09 /2025 At 3.00 pm |
| 16 | Inviting Officer | Dy. Administrator, Ranchi Municipal Corporation |
| 17 | Inviting Officer Address/email: | Ranchi Municipal Corporation, Kutchery, Ranchi – 834001 email: support @ranchimunicipal.com |

NOTE:- 1. Tender Fee and Earnest money deposit (EMD) is to be paid through online mode as per instruction of IT Dept. Govt. of Jharkhand letter no 120 dated 03.10.2023.
2. For further information please visit website:- **jharkhandtenders.gov.in &www.ranchimunicipal.com**
Sd/-
Dy. Administrator,
Ranchi Municipal Corporation, Ranchi.
PR 360274 (Ranchi Municipal Corporation) 25-26 (D)



**ODISHA HYDRO POWER CORPORATION LIMITED**
OHPC
OFFICE OF THE SENIOR GENERAL MANAGER (ELECTRICAL)
BALIMELA HYDRO ELECTRIC PROJECT, POST : BALIMELA, DIST : MALKANGIRI (ODISHA), PIN : 764051
Phones : 06861-291058(O) / 06861-291048(R)
<E mail - bhep.balimela@gmail.com, unit.head_balimela@yahoo.com>
**TENDER CALL NOTICE NO. BHEP/31/2025-26** **DATED 20.08.2025**
**No.CAD-1560** : Sealed Tenders are invited in single part bid basis from Vehicle Owners/ Travel Agencies/ individuals fulfilling the eligibility criteria as per the tender specification for the work as mentioned below.

| SL. NO. | Description of Services | Cost of tender paper (Non-refundable) in Rs. | EMD shape of DD/ BC (Refundable in Rs.) | Period of availability of tender at OHPC website | Last date & Time of receipt of Tender | Date & Time of opening of bid |
|---|---|---|---|---|---|---|
| 1 | 2 | 3 | 4 | 5 | 6 | 7 |
| 01. | HIRING OF 01 (ONE) NUMBER OF AMBULANCE (TATA WINGER) OR EQUIVALENT VEHICLE ALONG WITH PROVISION OF DRIVER FOR (03) THREE YEARS UNDER BHEP, BALIMELA | Rs.7080/- (Rupees Seven Thousand Eighty only) | Rs.19,006/- | From 26.08.2025 to up to 11.30 hrs. on 10.09.2025 | 11:30 Hrs of 10.09.2025 | 12:00 Hrs of 10.09.2025 |

For details of the tender documents, terms & conditions please visit our website www.ohpcltd.com
OIPR-04019/11/0112/2526
Sd./- C&P Head, BHEP, Balimela



**Government of Odisha**
**Higher Education Department**
**Timeline for Phase-II e-Admission into U.G. Courses under SAMS in the Higher Education Institutions for the Academic Session 2025-26**

**No.N-** : Timeline for Phase-II e-Admission in all (+3) Degree HEIs including Self Financing (Degree) Colleges/ Sanskrit (Shastri) of the **State under Student Academic Management System (SAMS)** is given below. Any changes in the timeline will be published in the newspapers as well as in the website **www.samsodisha.gov.in.** Kindly refer the Common Prospectus (CP) before filling up the CAF.

| Sl# | Activities | Timeline |
|---|---|---|
| 1 | Availability of online Common Application Form (CAF) on the website **www.samsodisha.gov.in** | 23-Aug-2025 (02:00 PM) |
| 2 | Last date for applying online Common Application **Form (CAF)** through **www.samsodisha.gov.in** | 03-Sept-2025 (up to 11:45 PM) |
| 3 | Editing of CAF **(if required)** for the CAF submitted earlier. No fresh CAF will be allowed during this period | 04-Sept-2025 (10.00 A.M. to 11:45 PM) |
| 4 | Publication of Provisional allotment of seats for **1st Round Selection along with the list of waitlisted applicants (for the remaining upper choice HEIs- Waiting Rank Wise) in HEI's e-Space as per the actual vacancy as on 04.09.2025** | 10-Sept-2025 (02:00 PM) |
| 5 | For First(1st) Round Admission: Reporting of selected applicants **(with the downloaded intimation letter from their Login)** and payment of admission fees at the allotted institutions, directly in online mode **(Net Banking/ Bank Challan/ NEFT/ UPI etc.)** for taking admission. | 11-Sept-2025 (10:00 AM) to 13-Sept-2025 (05:00 PM) |
| 6 | Data updation of the admitted students in the e-space by the respective Institutions **(for First Round Admission)** | 11-Sept-2025 (10:00 AM) to 13-Sept-2025 (11:45 PM) |
| 7 | **Physical Reporting of interested waitlisted applicants** for submission of CAF along with relevant documents in their **respective HEIs** for participating in the waiting list admission Round. The interested applicants must appear in person; however, a representative with valid ID proof may also be permitted to report on their behalf. | 15-Sept-2025 (10.00 AM) to 16-Sept-2025 (05:00 PM) |
| 8 | Publication of merit list among the reported waitlisted applicants at their Notice Board/HEI Website & communicate to the selected applicants via phone call/SMS. : | 17-Sept-2025 (02:00 PM) |
| 9 | Reporting of the waitlisted applicants for Validation of documents, Final Admission, Collection of Admission Fees directly **by the HEIs in online mode (Net Banking/ Bank Challan/NEFT/UPI etc.)** & Admission updation of the waitlisted applicants in their e-space | 18-Sept-2025 (10.00 AM) to 22-Sept-2025 (05:00 PM) (Except Holiday) |

**For more details please contact : e-Admission Helpline (Toll Free) Number 155335 / 1800-345-6770**
**N.B.** : Please go through the detailed U.G. Phase-II Guidelines available in SAMS U.G Portal
Sd./- Deputy Director
PTC Section
OIPR-11001/11/0103/2526



**Directorate of Higher Secondary Education, Odisha**
**Vacant Seat e-Admission (Phase-II) in Higher Secondary Schools for the Session 2025-26**

**No.N-150** : The Phase-II e-Admission process for Class XI against vacant seats in Arts, Science, Commerce, Upashastri and Vocational streams in Higher Secondary Schools (HSSs) across the State, affiliated to CHSE (O) and Shree Jagannath Sanskrit University, Puri, Odisha will commence on **25th August 2025**. Admissions for the academic session 2025-26 will be conducted online through www.samsodisha.gov.in

**Eligibility Criteria :**
1. Applicants must have passed the HSC Exam of BSE, Odisha or an equivalent Board.
2. No reservation or weightage claim shall be considered for the vacant seat admission.

**Instructions :**
1. Applicants and their parents/guardians should read the **'Common Prospectus'** on the SAMS portal before submitting the online CAF.
2. The CAF fee is to be paid exclusively through online mode (refer to the Common Prospectus for details).
3. **Candidates who had applied in the Phase-I e-Admission 2025-26 but were not selected in any Higher Secondary School may re-apply using their existing login without any additional CAF fee.**
4. **Applicants admitted in Phase-I, selected but not admitted, did not apply CAF in Phase-I, or took TC (General/Slide-up) on or before 31st August, 2025, must submit a fresh CAF with fee payment in Phase-II 1st Selection.**
5. **Applicants can edit their Common Application Form (CAF) four time.**
6. Apply and select the Higher Secondary School of your choice on your own. Never allow others to apply on your behalf.
7. Applicants are advised to fill out the online CAF carefully, as any errors may lead to rejection.
8. The list of Higher Secondary Schools with vacancies will be made available solely for preference and selection.
9. All relevant documents must be verified at the selected Higher Secondary School at the time of admission.
10. Phase-II **1st Selection** applicants admitted to their 1st choice HSS are not eligible for Phase-II SPOT selection.
11. All selected applicants **(admitted in a lower option, not admitted, or those needing error correction)** and non-selected applicants will have the opportunity to provide fresh options during the Phase-II online SPOT Selection admission choice locking process.
12. Students admitted earlier but selected in another HSS under Phase-II must bring the HSSLC from the previous institution.

**Procedures:**
1. Fresh applicants must register at **www.samsodisha.gov.in** using their mobile number and email. Previously registered applicants should use their existing login to apply afresh for admission.
2. All other processes, including application submission, will follow the provisions of the **'Common Prospectus'** available at **www.samsodisha.gov.in**.
3. In Phase-II 1st Selection, applicants will get selection details and intimation letters via **SMS/WhatsApp, SAMS login, HSS** merit list, and notice board.

**SAMS e-Admission (Vacant Seat) Schedule 2025-26 (Phase-II)**


| Sl No. | Activities | Timeline |
|---|---|---|
| 1 | Availability of On- line Common Application Form (CAF) in www.samsodisha.gov.in for Vacant Seat Admission | 25.08.2025 (03:00 PM) |
| 2 | Last date of applying on-line CAF through www.samsodisha.gov.in | 31.08.2025 (11:45 PM) |
| 3 | Publication of Phase-II 1st selection merit list | 04.09.2025 (03:30 PM) |
| 4 | Reporting of selected candidates at the Selected Higher Secondary School (HSS) for Admission | 06.09.2025 (10:00 AM) |
| 5 | Last date of reporting of selected candidates at the Selected HSS for Admission | 10.09.2025 (05:00 PM) |
| 6 | Last date for admission data updation and error correction by HSSs in SAMS e-Space login | 11.09.2025 (06:00 PM) |
| 7 | The **Choice Locking facility under Phase-II Online SPOT Selection admission** will be available for applicants to submit fresh HSS options through their respective student login. | 12.09.2025 (10:00 AM) |
| 8 | Last date for submission of **Choice Locking** for Phase-II, SPOT admission | 13.09.2025 (11:45 PM) |
| 9 | Publication of the on-line SPOT selection merit and 'waiting list (10 times to the balance sheet) | 17.09.2025 (03:00 PM) |
| 10 | Reporting & admission of candidates (merit list only) for on-line SPOT admission in the respective HSS | 18.09.2025 to 19.09.2025 (06:00 PM) |
| 11 | Registration of candidates (in form of **handwritten application**) from waiting list at selected HSSs if vacancy still exists | 22.09.2025 (09:00 AM to 03:00 PM) |
| 12 | Publication of merit list at HSS level out of the registered waiting list candidates | 22.09.2025 (04:30 PM) |
| 13 | Admission data updation of the students who took admission In the SPOT Selection by the HSSs in the e-Space | 23.09.2025 (10:00 AM) to 24.09.2025 (04:00 PM) |


**For more details, please contact Sanjog Helpline (Toll Free) Number 155335, 1800-345-6770**
Sd./- Director,
Higher Secondary Education
OIPR-11033/11/0018/2526

# ସୁଯୋଗ ହୋଇପାରେ ଟ୍ରମ୍ପଙ୍କ ଛାଟ

## ଭାରତ-ଚାଇନା-ରୁଷିଆ ବିଶ୍ୱମଞ୍ଚରେ ନୂଆ ଆର୍ଥିକ ପାୱାର ହାଉସ


ନରେନ୍ଦ୍ର ମୋଦି


ଶି ଜିନ୍‌ପିଙ୍ଗ୍


ଭ୍ଲାଡିମିର ପୁଟିନ୍

ନୂଆଦିଲ୍ଲୀ, ୨୩।୮

ୟୁକ୍ରେନ୍ ଶାନ୍ତି ଆଲୋଚନା ପାଇଁ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ଓ ରୁଷୀୟ ପ୍ରତିପକ୍ଷ ଭ୍ଲାଡିମିର ପୁଟିନ୍ ଆଲାସ୍କାରେ ପରସ୍ପରକୁ ସାକ୍ଷାତ୍ କରିସାରିଛନ୍ତି। ତାରିଖ ଓ ସ୍ଥାନ ନିର୍ଦ୍ଧାରିତ ହୋଇ ନ ଥିଲେ ମଧ୍ୟ ପୁଟିନ୍ ଏବଂ ୟୁକ୍ରେନ୍ ରାଷ୍ଟ୍ରପତି ଭୋଲୋଡିମିର ଜେଲେନ୍‌ସ୍କିଙ୍କ ମଧ୍ୟରେ ବୈଠକ ହୋଇପାରେ ବୋଲି କୁହାଯାଉଛି। ଅନ୍ୟପକ୍ଷେ ଟାରିଫ୍‌କୁ ନେଇ ବିବାଦ ଲାଗିରହିଥିବାବେଳେ ବେଜିଂଠାରୁ ମସ୍କୋ ଓ ନୂଆଦିଲ୍ଲୀ ପର୍ଯ୍ୟନ୍ତ ପାୱାର କରିଡରରେ ବିଶ୍ୱର ଅର୍ଥନୈତିକ ସ୍ଥାପତ୍ୟକୁ ନେଇ ଏକ ରଣନୈତିକ ମହାମିଳନ ରୂପ ନେବାକୁ ଯାଉଛି। ଉପରୁ କୂଟନୈତିକ ପଦକ୍ଷେପ ବୋଲି ମନେହେଉଥିଲେ ହେଁ ବାସ୍ତବରେ ଏହାର ପରିଣାମ ଏକ ବାଣିଜ୍ୟିକ ପୁନର୍ବିନ୍ୟାସକୁ ଜନ୍ମ ଦେଇପାରେ।

ରୁଷିଆ ରାଷ୍ଟ୍ରପତି ପୁଟିନ୍ ୨୦୨୫ ଶେଷ ଆଡ଼କୁ ଭାରତ ଗସ୍ତ କରିବା କାର୍ଯ୍ୟକ୍ରମ ରହିଥିବାବେଳେ ଭାରତର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଆସନ୍ତା ୩୧ରେ ସାଂଘାଇ ସହଯୋଗ ସଙ୍ଗଠନ (ଏସ୍‌ସିଓ) ସମ୍ମିଳନୀରେ ଯୋଗଦେବା ପାଇଁ ଚାଇନା ଯିବେ। ଏହା ରୁଟିନ୍ ଡିପ୍ଲୋମାସି ନୁହେଁ, ବରଂ ଡ୍ରାଗନ୍, ଭାଲୁ ଓ ବାଘକୁ ଗୋଟିଏ ସୂତ୍ରରେ ବାନ୍ଧି ରଖିବା ପାଇଁ ଏକ ପ୍ରୟାସ। ବିଶେଷଜ୍ଞଙ୍କ ମତରେ ଆମେ ଏକଧ୍ରୁବୀୟ ଅର୍ଥନୀତିରେ ବସବାସ କରୁ ନ ଥିବାରୁ ସାମ୍ପ୍ରତିକ ବୈଶ୍ୱିକ ଅର୍ଥନୀତିକୁ ଟ୍ରମ୍ପଙ୍କ ଟାରିଫ୍ ବିଶେଷ ପ୍ରଭାବିତ କରି ନ ପାରେ। ବିଶ୍ୱ ବାଣିଜ୍ୟ ସଙ୍ଗଠନ (ଡବ୍ଲ୍ୟୁଟିଓ)ର ଜନ୍ମ ପରଠୁ ଦୀର୍ଘ ସାଢ଼େ ୩ ଦଶନ୍ଧି ଧରି ବୈଶ୍ୱିକ ଅର୍ଥନୀତି ବହୁପାକ୍ଷିକ ହୋଇଯାଇଛି। ଏଭଳି ସ୍ଥିତିରେ ଚାଇନା, ଭାରତ ଓ ରୁଷିଆ ନିଜ ରାଜନୈତିକ ଅହଂକାରକୁ ପରିତ୍ୟାଗ କରି ବର୍ତ୍ତମାନର ଅର୍ଥନୈତିକ ବ୍ୟବସ୍ଥାରେ ବ୍ୟବସାୟିକ ସ୍ରୋତକୁ ଅବ୍ୟାହତ ରଖିବାକୁ ଆପାତତଃ ପ୍ରସ୍ତୁତ ହୋଇଛନ୍ତି। ତେବେ ପରିବର୍ତ୍ତିତ ଭୂରାଜନୈତିକ ବ୍ୟବସ୍ଥାରେ ଟ୍ରମ୍ପଙ୍କ ଟାରିଫ୍ ଏହି ୩ ଦେଶ ପାଇଁ ଏକ ନୂଆ ପୁନର୍ବିନ୍ୟାସର ସୁଯୋଗ ସୃଷ୍ଟି କରିଥିବା କୁହାଯାଉଛି। ଭାରତ-ଚାଇନା-ରୁଷିଆ ୩ ମହାଶକ୍ତି ଭାବେ ଉଭା ହୋଇପାରନ୍ତି ବୋଲି ମନେକରାଯାଉଛି। ବିଶ୍ୱ ଅର୍ଥନୀତିରେ ଆମେରିକୀୟ ଡଲାର ଉପରେ ଅତ୍ୟଧିକ ନିର୍ଭରଶୀଳତା ମଧ୍ୟ ୩ ଦେଶ ପାଇଁ ସମ୍ପର୍କ ବୃଦ୍ଧିର କାରଣ ପାଲଟିଛି।

ନିକଟରେ ଚାଇନା ବହିର୍ବ୍ୟାପାର ମନ୍ତ୍ରୀ ୱାଙ୍ଗ୍ ୟି ନୂଆଦିଲ୍ଲୀ ଗସ୍ତରେ ଆସିବା ପରେ ଭାରତର ବହିର୍ବ୍ୟାପାର ମନ୍ତ୍ରୀ ଏସ୍. ଜୟଶଙ୍କର ମସ୍କୋ ଗସ୍ତ କରି ପୁଟିନ୍‌ଙ୍କୁ ଭେଟିଥିଲେ। ରୁଷିଆ ସହ ସମ୍ପର୍କକୁ ଅଧିକ ମଜଭୁତ କରିବାଠୁ ନେଇ ଚାଇନା ସହିତ ଭାରତର ସୀମା ଉପରେ ସହମତିରେ ପହଞ୍ଚିବା ଏବଂ ଟ୍ରମ୍ପଙ୍କୁ ଡିଲ୍ କରିବା ଭାରତୀୟ କୂଟନୀତି ପାଇଁ ସ୍ୱଳ୍ପ ସମୟ ଭିତରେ ଏକ ବଡ଼ ପଦକ୍ଷେପ ହୋଇପାରେ। ବେଜିଂ ଓ ମସ୍କୋରୁ ଭାରତର ସନ୍ଦେଶକୁ ଆମେରିକା କେଉଁ ଦୃଷ୍ଟିରେ ଦେଖୁଛି, ତାହା କ୍ରମଶଃ ସ୍ପଷ୍ଟ ହେବାରେ ଲାଗିଛି। ହଠାତ୍ କୂଟନୈତିକ ଖେଳ ଭାରତକୁ ଏକ ପରିବର୍ତ୍ତିତ କୂଟନୈତିକ ପଥରେ ଅଗ୍ରସର କରାଇଛି। ଏଭଳି ସ୍ଥିତିରେ ଭାରତ-ଚାଇନା-ରୁଷିଆ ବିଶ୍ୱମଞ୍ଚରେ କିଭଳି ଭାବେ ଏକ ମିଳିତ ପାୱାର ହାଉସ୍‌ର ଭୂମିକା ନେବେ ତାହା ଲକ୍ଷ୍ୟ କରାଯାଇପାରେ।

**୧. ଏକତାର ଶକ୍ତି:** ଭେଲମ୍ କ୍ୟାପିଟାଲ ପ୍ରତିଷ୍ଠାତା ମନୀଷ ଭଣ୍ଡାରୀ ଭାରତ-ଚାଇନା-ରୁଷିଆର ଉତ୍ଥାନକୁ ଲକ୍ଷ୍ୟକରି କହିଛନ୍ତି, ଚାଇନାର ବିନିର୍ମାଣ ଆଧିପତ୍ୟ, ରୁଷିଆର ଶକ୍ତି ପ୍ରାଧାନ୍ୟତା ଏବଂ ଭାରତର ସର୍ଭିସ୍ ଇକୋନୋମି ତଥା ବୃହତ୍ ବଜାର ପାରମ୍ପରିକ ପାଶ୍ଚାତ୍ୟ ନିୟନ୍ତ୍ରିତ ବାଣିଜ୍ୟିକ ରୁଟ୍‌ର ଏକ ବିକଳ୍ପ ରୂପେ ଉଭା ହୋଇଛି। ୮.୨ ବିଲିୟନ୍ ଜନସଂଖ୍ୟା ବିଶିଷ୍ଟ ଏବଂ ୧୭୩ ଟ୍ରିଲିୟନ୍ ଡଲାର ମୂଲ୍ୟର ସାମରିକ ଅସ୍ତ୍ରଶସ୍ତ୍ର ସମ୍ପନ୍ନ ପୃଥିବୀରେ ୩ ପୁରୁଣା ଖେଳାଳି ବିଶ୍ୱମଞ୍ଚରେ ଆଧିପତ୍ୟ ବିସ୍ତାର କରିବାକୁ ପ୍ରସ୍ତୁତ ହେଉଛନ୍ତି। ଏହି ୩ ଦେଶର ମୋଟ ଘରୋଇ ଉତ୍ପାଦ (ଜିଡିପି) ହେଉଛି ୫୩.୯ ଟ୍ରିଲିୟନ୍ ଡଲାର, ଯାହାକି ବିଶ୍ୱର ମୋଟ ଏକତୃତୀୟାଂଶ। ଟ୍ରମ୍ପଙ୍କ ଟାରିଫ୍ ଏହି ୩ ଦେଶକୁ ବିଶ୍ୱ ବଜାରରୁ ବାହାର କରିବାକୁ ଏକ ଉଦ୍ୟମ ରୂପେ ଦେଖାଯାଉଛି।

**୨. ରପ୍ତାନିରେ ଆଧିପତ୍ୟ:** ଭାରତ-ଚାଇନା-ରୁଷିଆର ମିଳିତ ରପ୍ତାନି ୫.୦୯ ଟ୍ରିଲିୟନ୍ ଡଲାର, ଯାହାକି ବିଶ୍ୱର ମୋଟ ରପ୍ତାନିର ଏକପଞ୍ଚମାଂଶ। ଏହି ୩ ଦେଶର ମୋଟ ବିଦେଶୀ ମୁଦ୍ରାର ପରିମାଣ ହେଉଛି ୪.୭ ଟ୍ରିଲିୟନ୍ ଡଲାର। ୩ ଦେଶର ୩.୧ ବିଲିୟନ୍ ନାଗରିକ ବିଶ୍ୱ ଜନସଂଖ୍ୟାର ୩୭.୮%। ଏହି ପୃଷ୍ଠଭୂମିରେ ଭାରତ-ଚାଇନା-ରୁଷିଆ ମାନବ ଇତିହାସର ସବୁଠୁ ବୃହତ୍ ଓ କ୍ଷୁଧାର୍ଥ ଉପଭୋକ୍ତା ବଜାରକୁ ନିୟନ୍ତ୍ରଣ କରୁଛନ୍ତି।

**୩. ଡଲାର ଉପରେ ଅତ୍ୟଧିକ ନିର୍ଭରଶୀଳତା:** ବାସବ କ୍ୟାପିଟାଲ ସହପ୍ରତିଷ୍ଠାତା ସନ୍ଦୀପ ପାଣ୍ଡେ କହିଛନ୍ତି, ବର୍ତ୍ତମାନର ବ୍ୟବସାୟିକ ପୃଷ୍ଠଭୂମିରେ ଡଲାର ଉପରେ ନିର୍ଭରଶୀଳତା ବଢ଼ିଯାଇଛି। ଟ୍ରମ୍ପଙ୍କ ଟାରିଫ୍ ବିଶ୍ୱ ବଜାରରେ ସ୍ଥିତାବସ୍ଥା ବଜାୟ ରଖିବା ପାଇ ଉଦ୍ଦିଷ୍ଟ। ଟ୍ରମ୍ପ୍ ପ୍ରଶାସନ ସମସ୍ତ ଦେଶକୁ ପ୍ରତ୍ୟକ୍ଷ କିମ୍ବା ପରୋକ୍ଷରେ ଡଲାରରେ ବିନିମୟ କରନ୍ତୁ ବୋଲି ଚାହେଁ। ଡିଡଲାରାଇଜେଶନ୍ ଉଦ୍ୟମ ବଢୁଥିବାବେଳେ ରୁଷିଆ ଉପରେ କଟକଣା ଭାରତ ଓ ଚାଇନାକୁ ନିଜ ମୁଦ୍ରାରେ ତୈଳ କିଣିବା ସୁଯୋଗ ଦେଇଛି। ଏହି ଧାରା ଜାରି ରହିଲେ ଡଲାର ଦୁର୍ବଳ ହେବ ବୋଲି ସେ ମତ ଦେଇଛନ୍ତି।

**୪. ପ୍ରତିରକ୍ଷା ଓ ଶକ୍ତି:** ଭାରତ-ଚାଇନା-ରୁଷିଆ କେବଳ ବଢୁନାହାନ୍ତି, ବରଂ ନମନୀୟ ହେଉଛନ୍ତି। ପ୍ରତିରକ୍ଷା କ୍ଷେତ୍ରରେ ୫୪୯ ବିଲିୟନ୍ ଡଲାର ଖର୍ଚ୍ଚ କରୁଛନ୍ତି, ଯାହାକି ବିଶ୍ୱ ପ୍ରତିରକ୍ଷା ବଜେଟର ୨୦.୨%। ସେହିପରି ବିଶ୍ୱ ଶକ୍ତି ବ୍ୟୟର ୩୫% ଏହି ୩ ଦେଶର ବଜାର, ମେଗା ସିଟି ଓ ଚିନ୍ତାଧାରାକୁ ପ୍ରଭାବିତ କରିଛି ବୋଲି ଜଣେ ବିଶେଷଜ୍ଞ କହିଛନ୍ତି।

## ସର୍ଜିୟୋ ଗୋର୍ ଭାରତରେ ଆମେରିକାର ପରବର୍ତ୍ତୀ ରାଷ୍ଟ୍ରଦୂତ



ୱାଶିଂଟନ, ୨୩।୮

ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ଅନୁଗତ ହ୍ୱାଇଟ୍ ହାଉସ୍ ପର୍ସୋନେଲ୍ ଡାଇରେକ୍ଟର ସର୍ଗିୟୋ ଗୋର୍ ଭାରତ ପାଇଁ ଆମେରିକାର ପରବର୍ତ୍ତୀ ରାଷ୍ଟ୍ରଦୂତ ଭାବେ ମନୋନୀତ ହୋଇଛନ୍ତି। ବାଣିଜ୍ୟ ପ୍ରସଙ୍ଗକୁ ନେଇ ଭାରତ-ଆମେରିକା ସମ୍ପର୍କରେ ତିକ୍ତତା ଦେଖାଦେଇଥିବାବେଳେ ୩୮ ବର୍ଷୀୟ ଗୋର୍‌ଙ୍କୁ ପ୍ରମୁଖ ରାଷ୍ଟ୍ରଦୂତ ପଦବୀରେ ଅବସ୍ଥାପିତ କରାଯାଉଥିବା ଟ୍ରମ୍ପ୍ ଘୋଷଣା କରିଛନ୍ତି। ସେ ମଧ୍ୟ ଦକ୍ଷିଣ ଓ କେନ୍ଦ୍ରୀୟ ଏସିଆ ବ୍ୟାପାର ପାଇଁ ସ୍ୱତନ୍ତ୍ର ଦୂତ ଭାବେ କାର୍ଯ୍ୟ କରିବେ। ୨୦୨୪ ରାଷ୍ଟ୍ରପତି ନିର୍ବାଚନ ବେଳେ ଟ୍ରମ୍ପଙ୍କ ପ୍ରଚାର ପାଇଁ ଥିବା ପଲିଟିକାଲ ଆକ୍ସନ କମିଟି (ପିଏସି)ରେ ଗୋର୍ ପ୍ରମୁଖ ଭୂମିକା ତୁଲାଇଥିଲେ। ନୂଆ ପ୍ରଶାସନରେ ତାଙ୍କୁ ରାଜନୈତିକ ନିଯୁକ୍ତିଗୁଡ଼ିକର ଯାଞ୍ଚ ଦାୟିତ୍ୱ ଦିଆଯିବାରୁ ତାଙ୍କ ପ୍ରଭାବ ବହୁଗୁଣିତ ହୋଇଥିଲା। ଗତ ଜାନୁଆରୀରେ ଭାରତ ପାଇଁ ତତ୍କାଳୀନ ଆମେରିକୀୟ ରାଷ୍ଟ୍ରଦୂତ ଏରିକ୍ ଗାର୍‌ସେଟି ଇସ୍ତଫା ଦେବା ପରେ ନୂଆ ରାଷ୍ଟ୍ରଦୂତ ନିଯୁକ୍ତି ଲାଗି ଟ୍ରମ୍ପ୍ ପ୍ରଶାସନକୁ ସୁଯୋଗ ମିଳିଥିଲା।

## ସଂକ୍ଷେପରେ

### ନ୍ୟୁୟର୍କରେ ଟୁରିଷ୍ଟ ବସ୍ ଦୁର୍ଘଟଣାଗ୍ରସ୍ତ, ୫ ମୃତ

ବସ୍‌ରେ ଥିଲେ ଅନେକ ଭାରତୀୟ

ନ୍ୟୁୟର୍କ, ୨୩।୮

ଆମେରିକାର ନ୍ୟୁୟର୍କସ୍ଥିତ ବୁଫାଲୋ ଅଞ୍ଚଳରେ ଥିବା ଏକ ଜାତୀୟ ରାଜପଥରେ ଏକ ଟୁରିଷ୍ଟ ବସ୍ ଦୁର୍ଘଟଣାଗ୍ରସ୍ତ ହେବାରୁ ୫ ଜଣଙ୍କର ମୃତ୍ୟୁହୋଇଥିବା ବେଳେ ଅନେକେ ଆହତ ହୋଇଛନ୍ତି। ନିୟାଗାରା ଫଲ୍ସରୁ ନ୍ୟୁୟର୍କ ସିଟିକୁ ଫେରୁଥିବା ବେଳେ ଉକ୍ତ ବସ୍ ଦୁର୍ଘଟଣାଗ୍ରସ୍ତ ହୋଇଥିଲା। ଡ୍ରାଇଭର ଜଣକ ଦ୍ରୁତ ଗତିରେ ଗାଡ଼ି ଚଳାଉଥିବା ବେଳେ ହଠାତ ନିୟନ୍ତ୍ରଣ ହରାଇଥିଲେ ଏବଂ ବସ୍‌ଟି ଓଲଟିପଡ଼ି ଏକ ଖାଲରେ ପଡ଼ିଯାଇଥିଲା। ଉକ୍ତ ବସ୍‌ରେ ଭାରତ, ଚାଇନା ଏବଂ ଫିଲିପାଇନ୍ସର ୫୪ ଜଣ ପର୍ଯ୍ୟଟକ ରହିଥିଲେ। ଘଟଣାସ୍ଥଳରୁ ରେସ୍କ୍ୟୁ ଟିମ୍ ୪୦ ଜଣଙ୍କୁ ଉଦ୍ଧାରକରି ନିକଟସ୍ଥ ହସ୍ପିଟାଲରେ ଭର୍ତ୍ତି କରିଛି।

### ଅନିଲ ଅମ୍ବାନୀ, ଆର୍‌କମ୍ ନାମରେ ସିବିଆଇ ମାମଲା



ନୂଆଦିଲ୍ଲୀ/ମୁମ୍ବାଇ, ୨୩।୮ (ପି.ଟି.)

ଷ୍ଟେଟ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ (ଏସ୍‌ବିଆଇ)ରୁ ୨୯୨୯.୦୫ କୋଟି ଟଙ୍କା ଜାଲିଆତି ମାମଲାରେ ସିବିଆଇ ରିଲାଏନ୍ସ କମ୍ୟୁନିକେଶନ ଲିଃ (ଆର୍‌କମ୍) ଓ ଏହାର ନିର୍ଦ୍ଦେଶକ ଅନିଲ ଅମ୍ବାନୀଙ୍କ ବିରୋଧରେ ମାମଲା ରୁଜୁ କରିଛି। ଏଥିସହିତ ଶନିବାର ସିବିଆଇର ୨ଟି ଟିମ୍ ଆର୍‌କମ୍ କାର୍ଯ୍ୟାଳୟ ଏବଂ ଅନିଲଙ୍କ ମୁମ୍ବାଇସ୍ଥିତ ବାସଭବନରେ ଚଢ଼ାଉ କରିଥିଲେ। ଏସ୍‌ବିଆଇର ଅଭିଯୋଗ ଆଧାରରେ ଆର୍‌କମ୍, ଅନିଲ ଅମ୍ବାନୀଙ୍କ ସମେତ କେତେଜଣ ସରକାରୀ ଅଧିକାରୀ ଓ ଅନ୍ୟମାନଙ୍କ ବିରୋଧରେ ଆପରାଧିକ ଷଡ଼ଯନ୍ତ୍ର, ଠକେଇ, ବିଶ୍ୱାସ ଭଙ୍ଗ ଆଦି ଅଭିଯୋଗରେ ମାମଲା ରୁଜୁ ହୋଇଥିବା ସିବିଆଇ କହିଛି।

### ଟ୍ରକ୍-ଭ୍ୟାନ୍ ଧକ୍କା, ୮ ମୃତ

ପାଟନା, ୨୩।୮ (ପି.ଟି.)

ବିହାରର ରାଜଧାନୀ ପାଟନାର ଉପକଣ୍ଠସ୍ଥିତ ଶାହଜହାଁପୁର ଅଞ୍ଚଳରେ ଶନିବାର ଏକ ଟ୍ରକ୍ ଏବଂ ମିନି ଭ୍ୟାନ୍ ମୁହାଁମୁହିଁ ଧକ୍କା ହେବାରୁ ୮ ଜଣଙ୍କର ମୃତ୍ୟୁ ଘଟିଛି। ମୃତକଙ୍କ ମଧ୍ୟରେ ୭ ଜଣ ମହିଳା ରହିଛନ୍ତି। ଦୁର୍ଘଟଣାରେ ୪ ଆହତଙ୍କୁ ନିକଟସ୍ଥ ସରକାରୀ ହସ୍ପିଟାଲରେ ଭର୍ତ୍ତି କରାଯାଇଥିବା ନେଇ ପାଟନା (ଗ୍ରାମୀଣ) ଏସ୍‌ପି ବିକ୍ରମ ସିଂ କହିଛନ୍ତି। ଘଟଣାସ୍ଥଳରୁ ଟ୍ରକ୍ ଡ୍ରାଇଭର ଜଣକ ଫେରାର ହୋଇଯାଇଥିବା ସେ କହିଛନ୍ତି। ଦୁର୍ଘଟଣାକୁ ନେଇ ବିହାର ମୁଖ୍ୟମନ୍ତ୍ରୀ ନୀତୀଶ କୁମାର ଶୋକ ପ୍ରକାଶ କରିଛନ୍ତି।

### ଗାଜା ଦୁର୍ଗତଙ୍କ ନାଁରେ ଚାନ୍ଦା ସଂଗ୍ରହ

### ଗୁଜରାଟରୁ ସିରିଆ ଗ୍ୟାଙ୍ଗ୍‌ର ଜଣେ ସଦସ୍ୟ ଗିରଫ

ଅହମଦାବାଦ, ୨୩।୮

ଗାଜା ଯୁଦ୍ଧ ଦୁର୍ଗତଙ୍କୁ ସହାୟତା ପ୍ରଦାନ ନାଁରେ ସିରିଆର ଏକ ଗ୍ୟାଙ୍ଗ୍ ବିଭିନ୍ନ ମସ୍‌ଜିଦ୍‌ରୁ ଚାନ୍ଦା ସଂଗ୍ରହ କରୁଥିବା ଅହମଦାବାଦ କ୍ରାଇମ୍‌ବ୍ରାଞ୍ଚ୍ ଜାଣିବାକୁ ପାଇଛି। ଉକ୍ତ ଗ୍ୟାଙ୍ଗ୍‌ର ଜଣେ ସଦସ୍ୟଙ୍କୁ ଗୁଜରାଟ ପୋଲିସ ଗିରଫ କରିଛି। ତାଙ୍କ ନାଁ ଅଲି ମେଘାତ ଅଲ୍-ଅଜହର। ସେ ଓ ତାଙ୍କ ସହଯୋଗୀମାନେ ଗାଜା ଦୁର୍ଗତଙ୍କ କଲ୍ୟାଣ ପାଇଁ ଗୁଜରାଟର ବିଭିନ୍ନ ମସ୍‌ଜିଦରୁ ଚାନ୍ଦା ସଂଗ୍ରହ କରୁଥିଲେ। ତେବେ ଉକ୍ତ ଅର୍ଥକୁ ସେମାନେ ବାସ୍ତବରେ ବିଳାସପୂର୍ଣ୍ଣ ଜୀବନଯାପନ ପାଇଁ ବ୍ୟବହାର କରୁଥିବା ଅଜହର ଜେରା ବେଳେ ସ୍ୱୀକାର କରିଛନ୍ତି। ତାଙ୍କର ୩ ସହଯୋଗୀ ଫେରାର ହୋଇଯାଇଛନ୍ତି। ଭିଜା ନିୟମ ଉଲ୍ଲଂଘନ କରି ସେମାନେ ଟ୍ୟୁରିଷ୍ଟ ଭିଜାରେ ଭାରତରେ ପ୍ରବେଶ କରିଥିବା ପୋଲିସ ସନ୍ଦେହ କରୁଛି।

# ଚମୋଲିରେ ବାଦଲଫଟା ବର୍ଷା

## ଭୂସ୍ଖଳନରେ ବହୁ ଘର, ଗାଡ଼ି କ୍ଷତିଗ୍ରସ୍ତ

ଡେରାଡୁନ୍, ୨୩।୮

ଉତ୍ତରାଖଣ୍ଡର ଚମୋଲି ଜିଲାରେ ଶନିବାର ଭୋର ସମୟରେ ବାଦଲଫଟା ବର୍ଷା ଯୋଗୁ ହଠାତ୍ ବନ୍ୟା ଆସିବା ସହ ଭୂସ୍ଖଳନ ଘଟି ବହୁ ଘର ଓ ଗାଡ଼ି ମାଟି ଅତଡ଼ା ତଳେ ପୋତିହୋଇଯାଇଛି।



କବିତା ନାମ୍ନୀ ଜଣେ ୨୦ ବର୍ଷୀୟା ଯୁବତୀ ଭଗ୍ନାବଶେଷ ତଳେ ରହିଯାଇଥିବାବେଳେ ଅନ୍ୟ ଜଣେ ବ୍ୟକ୍ତି ନିଖୋଜ ଅଛନ୍ତି। ଏନ୍‌ଡିଆର୍‌ଏଫ୍ ଏବଂ ଏସ୍‌ଡିଆର୍‌ଏଫର ଉଦ୍ଧାରକାରୀ ଟିମ୍‌କୁ ଉଦ୍ଧାର କାର୍ଯ୍ୟରେ ନିୟୋଜିତ କରାଯାଇଛି। ହଠାତ୍ ବନ୍ୟା ଯୋଗୁ ରାସ୍ତା ଅବରୋଧ ହୋଇଯାଇଛି। ଫଳରେ ଲୋକେ ଅସୁବିଧାର ସମ୍ମୁଖୀନ ହୋଇଛନ୍ତି। କ୍ଷତିଗ୍ରସ୍ତ ଲୋକମାନଙ୍କ ରହିବା ପାଇଁ ରିଲିଫ୍ କ୍ୟାମ୍ପ୍ ଖୋଲାଯାଇଥିବାବେଳେ ଘଟଣାସ୍ଥଳରେ ଜିଲାପାଳ ଉପସ୍ଥିତ ରହି ସ୍ଥିତି ଅନୁଧ୍ୟାନ କରୁଛନ୍ତି। ଭୂସ୍ଖଳନ ଯୋଗୁ ଥାଲ୍-ମୁନସ୍ୟାରି ଏବଂ ମୁନ୍‌ସ୍ୟାରି-ମିଲନ ରାସ୍ତା ଅବରୋଧ ହୋଇଛି। ବର୍ଷା ଓ ଭୂସ୍ଖଳନପ୍ରବଣ ଅଞ୍ଚଳରେ ଲୋକମାନଙ୍କୁ ସତର୍କ ରହିବାକୁ ପରାମର୍ଶ ଦିଆଯାଇଛି।

# ୨୫ରୁ ଆମେରିକାକୁ ପାର୍ସଲ ସେବା ସ୍ଥଗିତ

ନୂଆଦିଲ୍ଲୀ, ୨୩।୮ (ପି.ଟି.)

ଅଗଷ୍ଟ ୨୫ରୁ ଆମେରିକାକୁ ଅଧିକାଂଶ ଅନ୍ତର୍ଜାତୀୟ ଡାକ ସେବା ସ୍ଥଗିତ ରଖିବାକୁ ଡାକ ବିଭାଗ ଶନିବାର ଘୋଷଣା କରିଛି। ଆମେରିକା ସରକାର ଆଣିଥିବା କେତେକ ନିୟାମକ ଅନ୍ତର୍ଜାତୀୟ ପରିବହନକୁ ପ୍ରଭାବିତ କରିବାକୁ ଥିବାରୁ ତାହାର ପ୍ରତିବାଦରେ ଡାକ ବିଭାଗ ଏଭଳି ନିଷ୍ପତ୍ତି ନେଇଛି। ନିୟାମକରେ ସ୍ୱଚ୍ଛତା ନ ଥିବାରୁ ଆମେରିକା ଚଳାଚଳ କରୁଥିବା ବିମାନଗୁଡ଼ିକ ମାଲ୍ ପରିବହନ ପାଇଁ ମନା କରିଦେଇଥିବା ବାଣିଜ୍ୟ ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି। ତେବେ ଚିଠି ଓ ଦସ୍ତାବିଜ୍ ପ୍ରେରଣ ଏବଂ ୧୦୦ ଡଲାର ପର୍ଯ୍ୟନ୍ତ ଉପହାର ସାମଗ୍ରୀ ପାର୍ସଲ ସେବା ଜାରି ରହିବ। ଆମେରିକାରେ ୧୦୦ ଡଲାରରୁ ଊର୍ଦ୍ଧ୍ୱ ମୂଲ୍ୟର ସାମଗ୍ରୀ ଉପରେ ଅଗଷ୍ଟ ୨୯ରୁ ସୀମା ଶୁଳ୍କ ଲାଗୁ ହେବ ବୋଲି ଗତ ଜୁଲାଇ ୩୦ରେ ଟ୍ରମ୍ପ୍ ପ୍ରଶାସନ ନିର୍ଦ୍ଦେଶନାମା ଜାରି କରିଥିଲା। ଅନ୍ତର୍ଜାତୀୟ ପୋଷ୍ଟାଲ ନେଟ୍‌ୱର୍କ କିମ୍ବା ଆମେରିକା ସୀମାଶୁଳ୍କ ଓ ସୀମା ସୁରକ୍ଷା ବିଭାଗ ଦ୍ୱାରା ଅନୁମୋଦିତ ଯୋଗ୍ୟ ସଂସ୍ଥା ଦ୍ୱାରା ସାମଗ୍ରୀ ପ୍ରେରଣ ପାଇଁ ପୋଷ୍ଟାଲ ଶିପ୍‌ମେଣ୍ଟ ଶୁଳ୍କ ସଂଗ୍ରହ ଓ ପୈଠ କରିବାକୁ ହେବ ବୋଲି ଏଥିରେ କୁହାଯାଇଥିଲା। ପୂର୍ବରୁ ୮୦୦ ଡଲାର ପର୍ଯ୍ୟନ୍ତ ମୂଲ୍ୟର ସାମଗ୍ରୀ ଉପରେ ଶୁଳ୍କ ଛାଡ଼ ବ୍ୟବସ୍ଥା ଥିବାବେଳେ ତାହାକୁ ପ୍ରତ୍ୟାହାର କରାଯାଇଛି।

# ବିସ୍ତୃତ ମହାକାଶ ଗବେଷଣା ପାଇଁ ପ୍ରସ୍ତୁତ ହୁଅ

## ଜାତୀୟ ମହାକାଶ ଦିବସରେ ବୈଜ୍ଞାନିକଙ୍କୁ ପ୍ରଧାନମନ୍ତ୍ରୀଙ୍କ ଆହ୍ୱାନ

ନୂଆଦିଲ୍ଲୀ, ୨୩।୮ (ପି.ଟି.)

ଦ୍ୱିତୀୟ ଜାତୀୟ ମହାକାଶ ଦିବସକୁ ଶନିବାର ଦେଶବ୍ୟାପୀ ପାଳନ କରାଯାଇଛି। ଏହି ଅବସରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଦେଶର ମହାକାଶ ବୈଜ୍ଞାନିକମାନଙ୍କୁ ଭିଡିଓ ମାଧ୍ୟମରେ ସମ୍ବୋଧନ କରି କହିଛନ୍ତି, ମାନବଜାତିର ଭବିଷ୍ୟତକୁ ଉଜ୍ଜ୍ୱଳ କରୁଥିବା ରହସ୍ୟଗୁଡ଼ିକୁ ଉନ୍ମୋଚନ କରିବା ଦିଗରେ ଏକ ବିସ୍ତୃତ ମହାକାଶ ଗବେଷଣା ମିଶନର ଆବଶ୍ୟକତା ରହିଛି। ଏଥିପାଇଁ ବୈଜ୍ଞାନିକମାନେ ପ୍ରସ୍ତୁତ ହୁଅନ୍ତୁ। ଆଗାମୀ ଦିନରେ ବିସ୍ତୃତ ମହାକାଶ ଗବେଷଣା କ୍ଷେତ୍ରରେ ବୈଜ୍ଞାନିକମାନେ ଗୁରୁତ୍ୱ ଦେବାର ଆବଶ୍ୟକତା ରହିଛି ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି। ଭବିଷ୍ୟତର ବିଭିନ୍ନ ମିଶନ ପାଇଁ ମହାକାଶଚାରୀଙ୍କ ଏକ ଦଳ ଗଠନ କରିବା ଦିଗରେ ଭାରତ ପ୍ରସ୍ତୁତ ହେଉଥିବା ସେ କହିଛନ୍ତି। ବୈଜ୍ଞାନିକମାନଙ୍କ କଠିନ ପରିଶ୍ରମ ବଳରେ ଆଗାମୀ ଦିନରେ ଭାରତ ଗଗନୟାନ ମିଶନ ଲଞ୍ଚ୍ କରିବା ସହ ନିଜସ୍ୱ ମହାକାଶ ଷ୍ଟେଶନ ନିର୍ମାଣ କରିବ ବୋଲି ମୋଦି କହିଛନ୍ତି। ସେହିପରି ଆଗାମୀ ୧୫ ବର୍ଷ ମଧ୍ୟରେ ୧୦୦ରୁ ଅଧିକ ସାଟେଲାଇଟ ଉତ୍କ୍ଷେପଣ କରିବାକୁ ଭାରତର ଯୋଜନା ରହିଥିବା ନେଇ ଏହି ଅବସରରେ କେନ୍ଦ୍ର ମହାକାଶ ବିଭାଗର ରାଷ୍ଟ୍ରମନ୍ତ୍ରୀ ଜିତେନ୍ଦ୍ର ସିଂ କହିଥିଲେ।

# ବେଆଇନ ବେଟିଂ ମାମଲା: କର୍ଣ୍ଣାଟକ କଂଗ୍ରେସ ବିଧାୟକ ବୀରେନ୍ଦ୍ର ଗିରଫ

ନୂଆଦିଲ୍ଲୀ, ୨୩।୮

ବେଆଇନ ଅନ୍‌ଲାଇନ୍ ଓ ଅଫ୍‌ଲାଇନ୍ ବେଟିଂରେ ସମ୍ପୃକ୍ତ ଥିବା ଅଭିଯୋଗରେ କର୍ଣ୍ଣାଟକର କଂଗ୍ରେସ ବିଧାୟକ କେ.ସି. ବୀରେନ୍ଦ୍ରଙ୍କୁ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ଶନିବାର ଗ୍ୟାଙ୍ଗଟକରୁ ଗିରଫ କରିଛି। ବିଧାୟକ ଓ ତାଙ୍କ ସହଯୋଗୀମାନେ ଏକ କାସିନୋ ପାଇଁ ଜମି ଲିଜ୍‌ରେ ନେବାକୁ ସିକିମ୍‌ର ଗ୍ୟାଙ୍ଗଟକ ଯାଇଥିଲେ। ମନିଲଣ୍ଡରିଂ ନିରୋଧୀ ସଂସ୍ଥା ଶୁକ୍ରବାର ବୀରେନ୍ଦ୍ରଙ୍କ ସହ ସମ୍ପୃକ୍ତ ୩୦ଟି ସ୍ଥାନରେ ଚଢ଼ାଉ କରି ପ୍ରାୟ ୧ କୋଟି ଟଙ୍କା ମୂଲ୍ୟର ବିଦେଶୀ ମୁଦ୍ରା ସମେତ ନଗଦ ୧୨ କୋଟି ଟଙ୍କା, ୬ କୋଟି ଟଙ୍କା ମୂଲ୍ୟର ସୁନା ଅଳଙ୍କାର, ୧୦ କିଲୋଗ୍ରାମ ରୁପା


କେ.ସି. ବୀରେନ୍ଦ୍ର



ସାମଗ୍ରୀ ଏବଂ ୪ଟି କାର୍ ଜବତ କରିଥିଲା। ବୀରେନ୍ଦ୍ରଙ୍କ ୧୭ଟି ବ୍ୟାଙ୍କ ଆକାଉଣ୍ଟ ଏବଂ ୨ଟି ବ୍ୟାଙ୍କ ଲକରକୁ ଇଡି ଅଚଳ କରିଛି। ବୀରେନ୍ଦ୍ରଙ୍କ ଭାଇ କେ.ସି. ନାଗରାଜ ଏବଂ ପୁଅ ପୃଥ୍ୱୀ ଏନ୍. ରାଜଙ୍କ ଘରୁ ବହୁ ସମ୍ପତ୍ତି ଦସ୍ତାବିଜ୍ ଜବତ ହୋଇଛି। ତାଙ୍କ ଅନ୍ୟ ସହଯୋଗୀଙ୍କ ମଧ୍ୟରେ ଭାଇ କେ.ସି. ଥିପ୍ପେସ୍ୱାମୀ ଏବଂ ପୃଥ୍ୱୀ ଏନ୍. ରାଜ

## ନଗଦ ୧୨ କୋଟି ଟଙ୍କା, ୬ କୋଟିର ସୁନା ଜବତ

ଦୁବାଇରୁ ଅନ୍‌ଲାଇନ ଗେମିଂ ପରିଚାଳନା କରୁଥିଲେ। ଚଢ଼ାଉ ବେଳେ ଆପରାଧିକ ସାମଗ୍ରୀ ମଧ୍ୟ ଜବତ ହୋଇଛି। ବୀରେନ୍ଦ୍ରଙ୍କୁ ଗ୍ୟାଙ୍ଗଟକ୍ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ୍‌ଙ୍କ କୋର୍ଟରେ ହାଜର କରାଯାଇଛି। ବିଧାୟକଙ୍କର ଗୋଆରେ ଥିବା ୫ଟି କାସିନୋ ଉପରେ ଚଢ଼ାଉ କରାଯାଇଥିଲା। କିଙ୍ଗ୍‌୫୬୭, ରାଜା୫୬୭, ପପ୍ପି୦୦୩ ଏବଂ ରତ୍ନ ଗେମିଂ ନାମରେ ବିଧାୟକ ବୀରେନ୍ଦ୍ର ଅନେକ ଅନ୍‌ଲାଇନ ବେଟିଂ ସାଇଟ୍ ଚଳାଉଥିଲେ ବୋଲି ତଦନ୍ତରୁ ଜଣାପଡ଼ିଛି।

## ଫୁର୍‌ସତ୍


ଚିରଞ୍ଜୀବୀ

### 'ଏମ୍‌ଏସ୍‌ଭିଜି'ରେ ଚିରଞ୍ଜୀବୀ, ଭେଙ୍କଟେଶ ଏକାଠି


ହାଇଦ୍ରାବାଦ

ଖୁବ୍‌ଶୀଘ୍ର 'ମନ ଶଙ୍କର ବରପ୍ରସାଦ ଗାରୁ (ଏମ୍‌ଏସ୍‌ଭିଜି)' ଫିଲ୍ମରେ ସାଉଥ୍ ସୁପରଷ୍ଟାର ଚିରଞ୍ଜୀବୀ ଏବଂ ଭେଙ୍କଟେଶଙ୍କୁ ଏକାଠି ଦେଖିବାକୁ ମିଳିବ। ଶୁକ୍ରବାର ଫିଲ୍ମର ଟାଇଟଲ ଲଞ୍ଚିଂ କାର୍ଯ୍ୟକ୍ରମରେ ନିର୍ଦ୍ଦେଶକ ଅନିଲ ରବିପୁଡ଼ି ଏହି ଘୋଷଣା କରିଛନ୍ତି। ଏହି ସୂଚନା ସାମ୍ନାକୁ ଆସିବା ପରେ ଉଭୟ ଚିରଞ୍ଜୀବୀ ଏବଂ ଭେଙ୍କଟେଶଙ୍କ ପ୍ରଶଂସକ ଫିଲ୍ମକୁ ନେଇ ଉତ୍ସାହିତ ହୋଇପଡ଼ିଛନ୍ତି। ଗତ କିଛିଦିନ ଧରି ଏନେଇ ବିଭିନ୍ନ ରିପୋର୍ଟ ପ୍ରକାଶ ପାଇଥିଲା, ଯାହା ଉପରେ ଅନିଲ ମୋହର ଲଗାଇଛନ୍ତି। 'ଏମ୍‌ଏସ୍‌ଭିଜି' ଫିଲ୍ମରେ ଭଏସ୍ ଓଭର ଦେବା ସହ ଅଭିନୟ କରିବା ନେଇ ଭେଙ୍କଟେଶ ରାଜି ହୋଇଥିବା ନେଇ ଅନିଲ ଘୋଷଣା କରିଛନ୍ତି। ଆସନ୍ତା ବର୍ଷ ରିଲିଜ୍ ହେବାକୁ ଥିବା ଏହି ଫିଲ୍ମରେ ଚିରଞ୍ଜୀବୀଙ୍କ ବିପକ୍ଷରେ ଅଭିନେତ୍ରୀ ନୟନତାରା ମୁଖ୍ୟ ଭୂମିକାରେ ନଜରକୁ ଆସିବେ। ସେହିପରି ଭେଙ୍କଟେଶଙ୍କୁ ମଧ୍ୟ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକାରେ ଦେଖିବାକୁ ମିଳିବ ବୋଲି ରିପୋର୍ଟ ପ୍ରକାଶ ପାଇଛି। 'ଏମ୍‌ଏସ୍‌ଭିଜି' ଏକ କମେଡି ଆକ୍ସନ ଫିଲ୍ମ ହୋଇଥିବାବେଳେ ଏଥିରେ ଚିରଞ୍ଜୀବୀଙ୍କ ଲୁକ୍ ଉପରୁ ପୂର୍ବରୁ ପରଦା ଉଠିସାରିଛି।

### ଅପରାଧ କମାଉଛି ହୋଲୋଗ୍ରାଫିକ୍ ପୋଲିସ

ସିଓଲ

ଦକ୍ଷିଣ କୋରିଆର ରାଜଧାନୀ ସିଓଲର ଏକ ପାର୍କରେ ସ୍ଥାନୀୟ ପୋଲିସ ପକ୍ଷରୁ ଲୋକଙ୍କ ମଧ୍ୟରେ ସୁରକ୍ଷା ଭାବନା ବୃଦ୍ଧି କରିବା ଏବଂ ଅପରାଧ କମାଇବା ଦିଗରେ ପରୀକ୍ଷାମୂଳକ ଭାବେ ଏକ ହୋଲୋଗ୍ରାଫିକ୍ ପୋଲିସକୁ ନିୟୋଜନ କରାଯାଇଛି। ଏହି ପୋଲିସ ଲୋକମାନଙ୍କୁ ସୁରକ୍ଷା ସମ୍ବନ୍ଧିତ ଆବଶ୍ୟକ ସୂଚନା ଦେବା ସହ ବିଭିନ୍ନ ଅପରାଧରୁ ରକ୍ଷା ପାଇବାର ଉପାୟଗୁଡ଼ିକ ବିଷୟରେ ସତର୍କ କରାଉଛି। ପ୍ରତିଦିନ ସନ୍ଧ୍ୟା ୭ଟାରୁ ରାତି ୧୦ଟା ମଧ୍ୟରେ, ୧୭୦ ସେ.ମି. (୫ ଫୁଟ ୬ ଇଞ୍ଚ) ଉଚ୍ଚତା ବିଶିଷ୍ଟ ଏକ ୟୁନିଫର୍ମ ପିନ୍ଧା ହୋଲୋଗ୍ରାଫିକ୍ ପୋଲିସ ବ୍ୟସ୍ତବହୁଳ କେନ୍ଦ୍ରୀୟ ସିଓଲର ଜୁଡୋଙ୍ଗ ନମ୍ବର-୩ ପାର୍କରେ ଉପସ୍ଥିତ ହୋଇ ଲୋକଙ୍କୁ ଅପରାଧ ସମ୍ପର୍କିତ



ବିଭିନ୍ନ ସୂଚନା ଏବଂ ନିର୍ଦ୍ଦେଶ ଦେଉଛି।

ଜରୁରିକାଳୀନ ପରିସ୍ଥିତିରେ ପୋଲିସ ତୁରନ୍ତ କାର୍ଯ୍ୟାନୁଷ୍ଠାନ ନେବ ବୋଲି ଏହି ହୋଲୋଗ୍ରାଫିକ ପୋଲିସ ଲୋକଙ୍କୁ ଆଶ୍ୱାସନା ଦେଉଛି। ସେହିପରି ଅପରାଧ କମାଇବା ପାଇଁ ସହରର ସବୁ ସ୍ଥାନରେ ନିରୀକ୍ଷଣ କ୍ୟାମେରା ଲଗାଯାଇଥିବା ନେଇ ରାସ୍ତାରେ ଯିବା ଆସିବା କରୁଥିବା ଲୋକମାନଙ୍କୁ ଏହି ହୋଲୋଗ୍ରାଫିକ ପୋଲିସ ସୂଚନା ଦେଉଛି। ଯଦିଓ ଏହି ପ୍ରଯୁକ୍ତି ସିଧାସଳଖ ଅପରାଧୀଙ୍କୁ ଗିରଫ କରିପାରିବ ନାହିଁ, ତଥାପି ଏହା ଅଞ୍ଚଳରେ ଅପରାଧ କମାଇବା ଏବଂ ସୁରକ୍ଷା ଭାବନାକୁ ସୁଦୃଢ଼ କରିବାରେ ପ୍ରଭାବଶାଳୀ ପ୍ରମାଣିତ ହୋଇଥିବା ନେଇ ସିଓଲ ପୋଲିସ କହିଛି। ଏହି ପୋଲିସ ମଡେଲକୁ ହୋଲୋଗ୍ରାମିକା ନାମକ ଏକ ଟେକ୍ନୋଲୋଜି କମ୍ପାନୀ ପ୍ରସ୍ତୁତ କରିଛି। ଗତ ବର୍ଷ ଅକ୍ଟୋବରରେ ଏହି ପ୍ରଯୁକ୍ତିକୁ ପରୀକ୍ଷାମୂଳକ ଭାବରେ ସ୍ଥାପନ କରାଯାଇଥିଲା। ଏହାପରଠାରୁ ଜୁଡୋଙ୍ଗ୍ ନମ୍ବର-୩ ପାର୍କ ଓ ଏହାର ଆଖପାଖ ଅଞ୍ଚଳରେ ସନ୍ଧ୍ୟା ୭ଟାରୁ ରାତି ୧୦ଟା ମଧ୍ୟରେ ଅପରାଧ ପ୍ରାୟ ୨୨% ପର୍ଯ୍ୟନ୍ତ ହ୍ରାସ ପାଇଥିବା ନେଇ ସିଓଲ ପୋଲିସ ସୂଚନା ଦେଇଛି।

# ୨୦ ବର୍ଷ ପୁରୁଣା ଗାଡ଼ି ପଞ୍ଜୀକରଣ ନବୀକରଣ ଖର୍ଚ୍ଚ ଦ୍ୱିଗୁଣିତ

ଭୁବନେଶ୍ୱର,୨୩।୮ (ଅନୁରାଧା ମହାରଣା)

କେନ୍ଦ୍ର ସରକାର ଦେଶରେ ୨୦ ବର୍ଷରୁ ଅଧିକ ପୁରୁଣା ଗାଡ଼ିଗୁଡ଼ିକର ପଞ୍ଜୀକରଣ ନବୀକରଣ ଖର୍ଚ୍ଚକୁ ଦ୍ୱିଗୁଣିତ କରିଛନ୍ତି। ତେବେ ଜାତୀୟ ରାଜଧାନୀ ଅଞ୍ଚଳ (ଏନ୍‌ସିଆର୍)ରେ ଏହି ନିୟମ ଲାଗୁ ହେବନାହିଁ। ନିକଟରେ ପ୍ରକାଶିତ ଏକ ଗେଜେଟ ବିଜ୍ଞପ୍ତି ଅନୁଯାୟୀ, ୧୫ ବର୍ଷରୁ ଅଧିକ ପୁରୁଣା ମୋଟରସାଇକେଲ, ତିନିଚକିଆ ଗାଡ଼ି ଏବଂ ହାଲୁକା ମୋଟର ଯାନର ପଞ୍ଜୀକରଣ ନବୀକରଣ ଖର୍ଚ୍ଚ ଯଥାକ୍ରମେ ୨,୦୦୦ ଟଙ୍କା, ୫,୦୦୦ ଟଙ୍କା ଏବଂ ୧୦,୦୦୦ ଟଙ୍କା ହେବ। ଏହା ବ୍ୟତୀତ ୨୦ ବର୍ଷରୁ ଅଧିକ ପୁରୁଣା ଇମ୍ପୋଟେଡ୍ ଦୁଇ କିମ୍ବା ତିନିଚକିଆ ଗାଡ଼ି ପାଇଁ ୨୦,୦୦୦ ଟଙ୍କା ଏବଂ ଇମ୍ପୋଟେଡ୍ ଚାରିଚକିଆ ଗାଡ଼ି ପାଇଁ ୮୦,୦୦୦ ଟଙ୍କା ଖର୍ଚ୍ଚ ହେବ। ଏହି ସମସ୍ତ ଦେୟରେ ଜିଏସ୍‌ଟି ରହିଛି। ଏହି



ପରିବର୍ତ୍ତନ ସେଣ୍ଟ୍ରାଲ ମୋଟର ଭେହିକଲ୍ସ ରୁଲ୍ସ, ୧୯୮୯ରେ ସଂଶୋଧନ କରାଯାଇ କାର୍ଯ୍ୟକାରୀ ହୋଇଛି। ଫେବୃଆରୀରେ ଏ ସମ୍ପର୍କିତ ଏକ ଡ୍ରାଫ୍ଟ ବିଜ୍ଞପ୍ତି ଜାରି ହୋଇଥିଲା। ଏହି ନିୟମ ପୁରୁଣା ଗାଡ଼ି ମାଲିକମାନଙ୍କୁ ନୂଆ ଏବଂ କମ୍ ପ୍ରଦୂଷଣକାରୀ ଯାନକୁ ପରିବର୍ତ୍ତନ କରିବାକୁ ପ୍ରୋତ୍ସାହିତ କରିବ ବୋଲି ଆଶା କରାଯାଉଛି। ଦିଲ୍ଲୀ ଏନ୍‌ସିଆର୍‌ରେ ୨୦୧୮ରେ ସୁପ୍ରିମକୋର୍ଟ ଏନ୍‌ଜିଟିର ଏକ ନିର୍ଦ୍ଦେଶକୁ ବଳବତ୍ତର ରଖିଥିଲେ, ଯାହା ଅନୁଯାୟୀ ୧୫ ବର୍ଷରୁ ଅଧିକ ପୁରୁଣା ପେଟ୍ରୋଲ ଗାଡ଼ି ଏବଂ ୧୦ ବର୍ଷରୁ ଅଧିକ ପୁରୁଣା ଡିଜେଲ ଗାଡ଼ିକୁ ବ୍ୟାନ୍ କରାଯାଇଥିଲା। ବର୍ତ୍ତମାନ ଏହି ବିଷୟ ପୁନର୍ବାର ସୁପ୍ରିମକୋର୍ଟରେ ଶୁଣାଣି ଚାଲିଛି। ଏକ ଅନ୍ତରୀଣ ନିର୍ଦ୍ଦେଶରେ ସୁପ୍ରିମକୋର୍ଟ କର୍ତ୍ତୃପକ୍ଷଙ୍କୁ କୌଣସି ଜୋରଜବରଦସ୍ତ କାର୍ଯ୍ୟାନୁଷ୍ଠାନ ନ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଅଗଷ୍ଟମାସରୁ ଅନେକ ଗାଡ଼ି ମାଲିକ ଏବଂ ଡ୍ରାଇଭିଂ ଲାଇସେନ୍ସଧାରୀଙ୍କୁ ବାହନ ଓ ସାରଥୀ ଡାଟାବେସ୍‌ରେ ଆଧାର ପ୍ରାମାଣୀକରଣ ମାଧ୍ୟମରେ ମୋବାଇଲ ନମ୍ବର ଅପ୍‌ଡେଟ୍ ଓ ନିଶ୍ଚିତ କରିବା ପାଇଁ ଏସ୍‌ଏମ୍‌ଏସ୍ ମାଧ୍ୟମରେ ସୂଚନା ଦିଆଯାଇଛି। ଏହାକୁ ନେଇ ଅନେକ ନାଗରିକ ଏହାର ବୈଧତା ଉପରେ ପ୍ରଶ୍ନ ଉଠାଇଛନ୍ତି। ଏକ ଅଫିସ ମେମୋରାଣ୍ଡମ ଅନୁଯାୟୀ, ଅନେକ ଗାଡ଼ି ମାଲିକ ଓ ଡ୍ରାଇଭିଂ ଲାଇସେନ୍ସଧାରୀ ବାହନ ଓ ସାରଥୀ ଡାଟାବେସ୍‌ରେ ନିଜର ମୋବାଇଲ ନମ୍ବର ଅପ୍‌ଡେଟ୍ କରିନାହାନ୍ତି। ଫଳରେ ଗୁରୁତ୍ୱପୂର୍ଣ୍ଣ ସେବା ସମ୍ପର୍କିତ ସୂଚନା, ବାର୍ତ୍ତା ଏବଂ ବୈଧାନିକ ନୋଟିସ ଠିକ୍ ସମୟରେ ପହଞ୍ଚିପାରୁନାହିଁ। ଏହାର ସମାଧାନ କରିବା ପାଇଁ ଜାତୀୟ ସୂଚନା ପ୍ରଯୁକ୍ତି କେନ୍ଦ୍ର (ଏନ୍‌ଆଇସି)କୁ ମୋବାଇଲ ନମ୍ବର ଅପ୍‌ଡେଟ୍ କରିବାର ଦାୟିତ୍ୱ ଦିଆଯାଇଛି। ଏହାକୁ ନେଇ ସଫ୍ଟୱେର ଫ୍ରିଡମ ଲ’ ସେଣ୍ଟର ପରିବହନ ମନ୍ତ୍ରଣାଳୟକୁ ଚିଠି ଲେଖି ଆଧାର ପ୍ରାମାଣୀକରଣ ବିନା ବିକଳ୍ପ ବ୍ୟବସ୍ଥା ପ୍ରଦାନ କରିବାକୁ ଅନୁରୋଧ କରିଛି। ସେମାନେ ଆଧାର ଲିଙ୍କ୍‌କୁ ବାଧ୍ୟତାମୂଳକ ନ କରିବାକୁ ଏବଂ ଏହାକୁ ସ୍ୱେଚ୍ଛାକୃତ ରଖିବାକୁ ଅନୁରୋଧ କରିଛନ୍ତି।

# ଖାଦିମ୍‌ର ଦୁର୍ଗାପୂଜା କଲେକ୍ସନ

ଭୁବନେଶ୍ୱର,୨୩।୮ (ଅଭୟ ଦାଶ)

ଖାଦିମ୍ ଇଣ୍ଡିଆ ଲିମିଟେଡ୍‌ର ବହୁ ପ୍ରତୀକ୍ଷିତ ତଥା ଦୁର୍ଗାପୂଜା କଲେକ୍ସନ-୨୦୨୫ (ଟ୍ରେଣ୍ଡି ଫୁଟ୍‌ୱେର କଲେକ୍ସନ)ର ଅନାବରଣ ସର୍ବଭାରତୀୟସ୍ତରରେ ହୋଇଯାଇଛି। ଏପରିକି ଏହି ନୂତନ କଲେକ୍ସନ ବ୍ରାଣ୍ଡ୍‌ର ସମସ୍ତ ରିଟେଲ ଆଉଟ୍‌ଲେଟରେ ଉପଲବ୍ଧ। ସେହିଭଳି ବ୍ରାଣ୍ଡ୍ ଏହି ନୂତନ ସମ୍ଭାର ମହିଳା, ପୁରୁଷ ଏବଂ ଶିଶୁଙ୍କ ପାଇଁ ଡିଜାଇନ କରାଯାଇଛି। ଆସନ୍ତା ପାର୍ବଣ (ଦୁର୍ଗାପୂଜା-୨୦୨୫) ଋତୁରେ ବ୍ରାଣ୍ଡ୍‌ର ଏହି ନୂତନ ରେଞ୍ଜ ଉଭୟ ଗ୍ରାହକ ଓ ବଜାରର ଆବଶ୍ୟକତା ସହ ଚାହିଦା ପୂରଣ କରିବ ବୋଲି ଆଶା କରାଯାଉଛି। ଏ ସମ୍ପର୍କରେ ଖାଦିମ ଇଣ୍ଡିଆ ଲିମିଟେଡ୍‌ର ଏମ୍‌ଡି ରିତ୍ତିକ୍ ରୟ ବର୍ମନ କହିଥିଲେ, ଆମେ ଆମର ନୂତନ ପୂଜା କଲେକ୍ସନକୁ ଆନୁଷ୍ଠାନିକ ଭାବେ ଶୁଭାରମ୍ଭ ସହ ବଜାର ପ୍ରବେଶ କରାଇ ବେଶ୍ ଉତ୍ସାହିତ ଅଛୁ। ଏପରିକି ସୁଲଭ ମୂଲ୍ୟରେ ଗୁଣାତ୍ମକ ଉତ୍ପାଦ ଓ ଗ୍ରାହକଙ୍କ ଆବଶ୍ୟକତା ପୂରଣକୁ ଗୁରୁତ୍ୱ ଦେଉଥିଲାବେଳେ ପୁରୁଷବର୍ଗର ରେଞ୍ଜ ପାଇଁ ପ୍ରାରମ୍ଭିକ ୨୯୯ ମୂଲ୍ୟ ଏବଂ ମହିଳା ବର୍ଗଙ୍କ ଉତ୍ପାଦର ପ୍ରାରମ୍ଭିକ ମୂଲ୍ୟ ୧୯୯ଟଙ୍କାରୁ ଆରମ୍ଭ ହେଉଛି। ସେହିପରି ଆସନ୍ତା ପାର୍ବଣର ଖୁସିକୁ ଦ୍ୱିଗୁଣିତ କରିବା ପାଇଁ ଆମେ ସବୁ ପ୍ରକାର ପ୍ରୟାସ କରୁଥିଲାବେଳେ ଆମର ଗ୍ରାହକଙ୍କ ଆବଶ୍ୟକତା ଓ ବଜାର ଚାହିଦା ପୂରଣକୁ ସେ ଗୁରୁତ୍ୱାରୋପ କରିଛନ୍ତି। ଉଲ୍ଲେଖଯୋଗ୍ୟ, ସାରା ଦେଶରେ ବ୍ରାଣ୍ଡ୍‌ର ୮୦୦ ଷ୍ଟୋର ରହିଥିଲାବେଳେ ୨୭ଟି ରାଜ୍ୟ ଓ ୫ କେନ୍ଦ୍ରଶାସିତ ଅଞ୍ଚଳରେ କମ୍ପାନୀ କାରବାର କରୁଛି।

# ୧୪ତମ କଟନଫ୍ୟାବ୍ ଉଦ୍‌ଘାଟିତ

ଭୁବନେଶ୍ୱର,୨୩।୮

ଭୁବନେଶ୍ୱର ସ୍ଥିତ ପ୍ରଦର୍ଶନୀ ପଡିଆରେ ୧୪ତମ କଟନଫ୍ୟାବ-୨୦୨୫ର ରେଶମ ଓ ସୂତା ବସ୍ତ୍ରକୁ ସମ୍ଭାର କରି ଏକ ବିରାଟ ପ୍ରଦର୍ଶନୀ ଶନିବାର ଶୁଭାରମ୍ଭ ହୋଇଯାଇଛି। ଏହି ପ୍ରଦର୍ଶନୀ ଭୁବନେଶ୍ୱର ମଧ୍ୟ ବିଧାୟକ ଅନନ୍ତ ନାରାୟଣ ଜେନା, ବିଏମସି ମେୟର ସୁଲୋଚନା ଦାସ, ସ୍ଥାନୀୟ କର୍ପୋରେଟର ରଞ୍ଜୁଲତା ରାଏ ମେଳାର ଉଦଘାଟନ କରିଛନ୍ତି । ସେପ୍ଟେମ୍ବର ୨୮ ପର୍ଯ୍ୟନ୍ତ ଚାଲିବାକୁ ଥିବା ଏହି ମେଳା ପ୍ରତିଦିନ ସକାଳ ୧୦ଟା ୩୦ରୁ ୯ ଟା ପର୍ଯ୍ୟନ୍ତ ଖୋଲାରହିବ। ଏଠାରେ ୧୨ଟି ରାଜ୍ୟର ୧୨୨ଜଣ ହସ୍ତଶିଳ୍ପୀ ଏହି ତାଙ୍କର ସାମଗ୍ରୀ ପ୍ରଦର୍ଶନ ଓ ବିକ୍ରି କରିବେ।

# ଟ୍ରେଣ୍ଡସ୍ ପକ୍ଷରୁ ‘ସ୍ୱାଗତମ ଶ୍ରୀଗଣେଶ’ର ଶୁଭାରମ୍ଭ

ଭୁବନେଶ୍ୱର,୨୩।୮

ଗଣେଶ ପୂଜା ଉତ୍ସବ ପାଳନ ଅବସରରେ ରିଲାଏନ୍ସ ରିଟେଲର ପୋଷାକ ଏବଂ ଆସେସୋରିଜ ସ୍ପେଶାଲିଟି ଚେନ ଟ୍ରେଣ୍ଡସ ପକ୍ଷରୁ ସ୍ୱତନ୍ତ୍ର ଉତ୍ସବ ଅଭିଯାନ ‘ସ୍ୱାଗତମ ଶ୍ରୀଗଣେଶ’ ଶୁଭାରମ୍ଭ ଘୋଷଣା କରାଯାଇଛି। ଏହି ଅଭିଯାନର ଅଂଶ ଭାବରେ, ୩,୪୯୯ ଟଙ୍କା ଏବଂ ତା’ଠାରୁ ଅଧିକ ମୂଲ୍ୟର କ୍ରୟ ସହିତ ଗ୍ରାହକମାନେ ମାତ୍ର ୨୪୯ ଟଙ୍କାରେ ଏକ ଆକର୍ଷଣୀୟ ଉପହାର ପାଇପାରିବେ। ଟ୍ରେଣ୍ଡସ ଷ୍ଟୋରଗୁଡ଼ିକ ଭାରତରେ ଫ୍ୟାଶନକୁ ସହଜଲବ୍ଧ କରିବା ସହିତ ମେଟ୍ରୋ, ମିନି ମେଟ୍ରୋ, ଟାୟାର ୧, ୨ ସହର ଏବଂ ଅନ୍ୟାନ୍ୟ ସ୍ଥାନରେ ଏହାର




ଉପସ୍ଥିତିକୁ ସୁଦୃଢ଼ କରିବାରେ ବେଶ ଆଗରେ ରହିଛି। ଗ୍ରାହକମାନେ ମହିଳାଙ୍କ ପୋଷାକ, ପୁରୁଷଙ୍କ ପୋଷାକ, ପିଲାମାନଙ୍କ ପୋଷାକ ଏବଂ ଫ୍ୟାଶନ ଆସେସୋରିଜ ଇତ୍ୟାଦିର ଏକ ଆନନ୍ଦଦାୟକ ଉତ୍ସବ ସପିଂ ଅନୁଭୂତି ନେଇପାରିବେ ବୋଲି ଆଶା କରାଯାଉଛି।

# ସୁଲଭ ମୂଲ୍ୟରେ ପ୍ରିମିୟମ ସିଲ୍କ ଉତ୍ପାଦ

ଭୁବନେଶ୍ୱର,୨୩।୮

ବର୍ତ୍ତମାନ ସମୟର ବଜାର ଚାହିଦା ଓ ଗ୍ରାହକଙ୍କ ଆବଶ୍ୟକତାକୁ ପୂରଣ କରିବା ପାଇଁ ଓଡିଶା କଳା ଓ ହସ୍ତଶିଳ୍ପ ସମିତି ପକ୍ଷରୁ ଭୁବନେଶ୍ୱରର ଜନପଥସ୍ଥିତ ହୋଟେଲ ଦ ନ୍ୟୁ ମାରିୟନଠାରେ ସିଲ୍କ ଇଣ୍ଡିଆ ପ୍ରଦର୍ଶନୀ ଆରମ୍ଭ ହୋଇଛି। ପ୍ରଦର୍ଶନୀରେ ସମଗ୍ର ଭାରତର କାରିଗରମାନେ ‘ସିଲ୍କ ଇଣ୍ଡିଆ-ୱେଡିଙ୍ଗ୍ କଲେକ୍ସନ୍’ର ଥିମ୍ ସହିତ ଆସନ୍ତା ପାର୍ବଣ ଚାହିଦାକୁ ପୂରଣ କରିବା ପାଇଁ ବ୍ୟବସାୟୀମାନେ ଏଥିନିକ୍ ୱେଭସ୍, ପାରମ୍ପରିକ ସିଲ୍କ ଓ କଟନ ଉତ୍ପାଦଗୁଡିକୁ ଏଠାରେ ପ୍ରଦର୍ଶିତ କରୁଛନ୍ତି।

# ଆର୍‌ଆର୍ କେବୁଲର ନୂତନ ସିରିଜ୍

ଭୁବନେଶ୍ୱର,୨୨।୮

ଦେଶର ପ୍ରମୁଖ ଘରୋଇ ସଂସ୍ଥା ତଥା ୱେୟାର ଆଣ୍ଡ କେବୁଲର ଅଗ୍ରଣୀ ନିର୍ମାତା ଆର୍‌ଆର୍ କେବୁଲର ନୂତନ ସିରିଜ୍ ଫ୍ଲେମ୍ ଏକ୍ସ ଏଚ୍‌ଆର୍+ଏଫ୍‌ଆର୍, ସୁପରଏକ୍ସ ଗ୍ରୀନ୍ ଏଚ୍‌ଆର୍+ଏଫ୍‌ଆର୍ ଏବଂ ଫାୟାର ଏକ୍ସ ଏଲ୍‌ଏସ୍‌ଓଏଚ୍-ଇବିଏକ୍ସଏଲ୍’ର ଶୁଭାରମ୍ଭ ନିକଟରେ ହୋଇଯାଇଛି। ବିଶେଷକରି ବର୍ଦ୍ଧିତ ତାପମାତ୍ରା ଏବଂ ବର୍ଦ୍ଧିତ ବୈଦ୍ୟୁତିକ ଭାର ଏବଂ ଭିତ୍ତିଭୂମି କ୍ଷେତ୍ରରେ ବଢୁଥିବା ଚାହିଦାକୁ ସମାଧାନ କରିବା ପାଇଁ ଏହା ପ୍ରସ୍ତୁତ ହୋଇଛି। ଏପରିକି ଏକ ପରବର୍ତ୍ତୀ ପିଢ଼ିର ତାର ସମାଧାନ ପ୍ରଦାନ କରୁଛି। ସେହିଭଳି ପ୍ରତ୍ୟେକଟି ତାର ସିରିଜ୍‌କୁ ବିଭିନ୍ନ ପ୍ରୟୋଗରେ ଉତ୍କୃଷ୍ଟ ସୁରକ୍ଷା, କାର୍ଯ୍ୟଦକ୍ଷତା ଏବଂ ସ୍ଥାୟିତ୍ୱ ପ୍ରଦାନ କରିବା ପାଇଁ ପ୍ରସ୍ତୁତ କରାଯାଇଛି। ଏ ସମ୍ପର୍କରେ ଆର୍‌ଆର୍ କେବୁଲର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ରାଜେଶ କାବ୍ରା କହିଛନ୍ତି, ଯେତେବେଳେ ଘରଗୁଡ଼ିକ ସ୍ମାର୍ଟ ହୋଇ ନିର୍ମାଣ କରାଯାଏ ଏବଂ ବିଶ୍ୱ ଉଷ୍ମତା ଯୋଗୁ ତାପମାତ୍ରା ବୃଦ୍ଧିପାଏ ଓ ତାରଗୁଡ଼ିକ ମଧ୍ୟ ସେହି ଅନୁପାତରେ ବିକଶିତ ହେବା ଆବଶ୍ୟକ ବୋଲି ସେ ବିସ୍ତୃତ ଭାବେ ମତପ୍ରକାଶ କରିଛନ୍ତି।


## OFFICE OF THE MUNICIPAL COUNCIL : KEONJHARGARH

email - keonjharm.hud@rediffmail.com

Invitation for Bids (IFB) ‘e’ Procurement NOTICE
Bid Identification No. ODULB_KGM-15/2025-26
Letter No.6154/KGM/Date.21.08.2025

**No.C-948** : On behalf of the Municipal Council, Keonjhargarh, Executive Officer, Keonjhargarh Municipality invites one Bid in single cover system through e-Procurement.

1. Nature of work : **Civil Work and Electrical Work**
2. No. of work : **05 Nos.**
3. Value of works : **Rs.4,50,000/- to 19,99,300/-**
4. Date & Time of availability of Bid document in the portal : From **25.08.2025** at 11.00 A.M. up to **06.09.2025** at 5.30 P.M.
5. Date of opening of bid in portal : **10.09.2025** at 11.00 A.M.
6. Name & address of the Officer in Inviting Bid : EO, Keonjhargarh Municipality

Further details can be seen from Website : www.tendersorissa.gov.in

OIPR-13115/11/0048/2526 **Sd./- Executive Officer, Keonjhargarh Municipality**

## Bhubaneswar Municipal Corporation

No.41548/ Date: 21.08.2025
Phone:0674-2431253, Fax:0674-2432895,
E-mail:info@bmc.gov.in, Web:bmc.gov.in

**ଭୁବନେଶ୍ୱର ମହାନଗର ନିଗମ ପକ୍ଷରୁ ସାଧାରଣ ସୂଚନା**

No.C-953: ଭୁବନେଶ୍ୱର ମହାନଗର ନିଗମ ତରଫରୁ ଏତଦ୍ ଦ୍ୱାରା ଜଣାଇ ଦିଆଯାଉଛି ଯେ, ଇଚ୍ଛୁକ ସ୍ୱୟଂ ସହାୟକ ଗୋଷ୍ଠୀ (SHG), ରେସିଡେଣ୍ଟ ୱେଲ୍‌ଫେୟାର ଆସୋସିଏସନ୍ (RWA) ଓ ବେସରକାରୀ ସେବା ସଂସ୍ଥା (NGO) ମାନେ ଭୁବନେଶ୍ୱର ମହାନଗର ନିଗମର ପରିବେଶ ବିଭାଗରୁ ବିନା ମୂଲ୍ୟରେ ଚାରା ସଂଗ୍ରହ କରିବା ସହ ଖାଲିଥିବା ଉପଯୁକ୍ତ ସ୍ଥାନରେ ବୃକ୍ଷରୋପଣ କରି ଏହାର ଯଥାର୍ଥ ରକ୍ଷଣାବେକ୍ଷଣ କରିବା ପାଇଁ ନିବେଦନ କରାଗଲା। ଏହି ପଦକ୍ଷେପରେ ଭୁବନେଶ୍ୱର ସହରର ସୌନ୍ଦର୍ଯ୍ୟ ବୃଦ୍ଧି ପାଇବା ସହିତ ସହରବାସୀଙ୍କ ଦୈନନ୍ଦିନ ଜୀବନରେ ମଧ୍ୟ ହିତକର ପରିବେଶ ସୃଷ୍ଟି ହେବ । ଏହା ସହରରେ ପ୍ରଦୂଷଣ ନିୟନ୍ତ୍ରଣ ଓ ସ୍ୱଚ୍ଛ- ସୁସ୍ଥ ପରିବେଶ ସୃଷ୍ଟିରେ ସହାୟକ ହେବ । ତେଣୁ ସମସ୍ତଙ୍କୁ ଏହି ଉଦ୍ୟମରେ ସକ୍ରିୟ ଭାଗ ନେବାକୁ ଓ ବୃକ୍ଷରୋପଣ ସହ ତାହାର ରକ୍ଷଣାବେକ୍ଷଣରେ ଆଗକୁ ଆସିବାକୁ ଆହ୍ୱାନ କରାଯାଉଅଛି ।

ସ୍ୱା./-ଉପ ଆୟୁକ୍ତ (ପରିବେଶ)
ଭୁବନେଶ୍ୱର ମହାନଗର ନିଗମ

OIPR-13002/11/0243/2526

## GOVERNMENT OF ODISHA
## DEPARTMENT OF WATER RESOURCES
## Office of the Additional Chief Engineer, Drainage Circle, Balasore

No.A-534

Email id : sedcbls@yahoo.com

**“e” PROCUREMENT NOTICE NO. ACEDCBLS-10/2025-26**

| | | | |
|---|---|---|---|
| 1 | Name of work | : | Drainage works (Under D.I.P. Scheme) |
| 2 | Total No. of work | : | 1 No. of Individual work |
| 3 | Estimated cost of individual works | : | Rs.2,49,22,575/- (Excluding G.S.T) |
| 4 | Period of completion | : | 11 (Eleven) Calendar months |
| 5 | Bid Identification Number | : | **ACEDCBLS/DDJPR-01-10/2025-26** |
| 6 | Date & Time of availability of Bid document in the Portal | : | From Dt.22.08.2025 at 10.00 hours to Dt.08.09.2025 at 17.00 hours |
| 7 | Date of Opening of technical bid | : | Dt.09.09.2025 at 11.30 hours in the Office of the Additional Chief Engineering, Drainage Circle, Balasore |
| 8 | Date of Opening of Financial bid | : | To be uploaded in portal |
| 9 | Class of Contractor | : | “B” & “A” Class |
| 10 | Bid Security/EMD | : | Rs.2,49,226.00 |
| 11 | Cost of Tender Paper | : | Rs.10,000.00 |
| 12 | Date of Lottery (if required) | : | To be notified |
| 13 | Procurement Officer/ Name & address of the officer inviting Bids | : | Additional Chief Engineer, Drainage Circle, Balasore |

Further details can be seen from the Govt. Website www.tendersorissa.gov.in

OIPR-32190/11/0026/2526 **Sd./- Additional Chief Engineer, Drainage Circle, Balasore**

## ODISHA PUBLIC SERVICE COMMISSION CUTTACK

**NOTICE**

**No. 6023/PSC., Dt. 21.08.2025**
**(1E-08-2024/25)(DR-II)**
Website - http://www.opsc.gov.in

**No.D-182** : It is for information of all concerned that the Written Examination for recruitment to the posts of Assistant Professor (Super Speciality) of Government MCHs under Health & Family Welfare Department, Odisha pursuant to Advertisement No. 34 of 2023-24 will be held on **25.09.2025 (Thursday)** as per the programme indicated below. The detailed programme along with venue shall be notified later.

**PROGRAMME OF EXAMINATION**

| Date | Time | Disciplines |
|---|---|---|
| 25.09.2025 (Thursday) | 10.00 A.M. to 1.00 P.M. | 1. Cardiology |
| | | 2. C.T.V.S. |
| | | 3. Endocrinology |
| | | 4. Hepatology |
| | | 5. Urology |
| | | 6. Endocrine Surgery |
| | | 7. Clinical Immunology and Rheumatology |
| | | 8. Pulmonary Medicine |

The concerned candidates are advised to visit the website of OPSC (www.opsc.gov.in) regularly for further updates.

OIPR-12002/11/0297/2526 **Sd./- Secretary**

## Government of Odisha
## Department of Social Security & Empowerment of Persons with Disabilities

SSEPD-SS1-MISC-0007-2021 No.9646/SSEPD Dt.22.08.2025

**Extension of last date for submission of Expression of Interest (EoI)**

**No.gg-22** : The last date of submission of Expression of Interest (EoI) invited from reputed and interested Corporate Houses for supervision and overall management of Integrated Infrastructure Complexes (IIC) in Khordha, Cuttack, Puri, Bhadrak, Sambalpur, Kandhamal, Ganjam and Sundargarh districts, directly or through any executing agency in this Department Notice No. 6712/SSEPD, Dated 20.06.2025 and Corrigendum Notice No. 7919/SSEPD, Dated 18.07.2025 is hereby extended to 31.08.2025 (4.00 PM).

All other terms and conditions of the EoI will remain unaltered.

OIPR-46001/11/0062/2526 **Sd./- Director, SSEPD, SSEPD Department**

## ZILLA SWASTHYA SAMITI, KANDHAMAL

Office of the CDM&PHO-cum-District Mission Director, NHM, Kandhamal, Odisha, 762001

**Advt. No. 10344/NHM/25** **Dt. : 21.08.2025**

**TENDER CALL NOTICE**

**No.E-339** : Sealed tenders are invited from the interested eligible bidders for supply of vehicles under RBSK-MHT/ MHU/ /DMPU/BPMU/ Hiring of Muilti Utility vehicle and Hiring of Passenger carriage vehicle on day basis under CDM&PHO, Kandhamal. The eligible criteria, the terms of reference and the formats for submission of bid as set forth in the tender document can be downloaded from the website www.kandhamal.nic.in. Interested bidders fulfilling the eligibility criteria may submit their proposal(s) with EMD & document as per tender call notice. The bidders have to submit their proposal(s) at the O/o: The CDM & PHO cum District Mission Director, Kandhamal, DHH, Phulbani. Proposal(s) complete in all respect should reach the undersigned on or before **5.00 P.M. of 15 .09.2025** through Regd. / Speed Post/ Courier and the same will be opened on **17.09.2025 at 11.30 A.M.** The undersigned reserves the right to reject any or all the tender(s) without assigning any reason thereof.

**Sd./- CDM & PHO cum District Mission Director, Kandhamal**

OIPR-10015/11/0032/2526

## INSTITUTE ON MANAGEMENT OF AGRICULTURAL EXTENSION (IMAGE)

*(AN AUTONOMOUS INSTITUTE OF GOVERNMENT OF ODISHA)*
Siripur, BHUBANESWAR-751003, Odisha
Ph. - (0674) 2562151, Fax - 2561879, E-mail : imagebbsr@rediffmail.com

**WALK-IN-INTERVIEW**

**No.CAD-1580** : Walk-in-Interview will be conducted for the position of **SPMU-State Technical Coordinator** under Green-Ag Project, Odisha at **IMAGE, Bhubaneswar** on **10.09.2025** as per the schedule. For details of advertisement, the departmental website : **www.agri.odisha.gov.in** / **www.image.odisha.gov.in** may be referred for eligibility, remuneration, place of posting etc. No TA / DA are admissible for attending the Interview. It is the complete discreation of the authority to cancel / reject / modify the selection process at any point of time without assigning any reason thereof.

OIPR-01408/11/0023/2526 **Sd./- Director, IMAGE**

## ODISHA LIFT IRRIGATION CORPORATION LTD.

(A Government of Odisha Undertaking)
Plot No.N-17/2, Nayapalli, Bhubaneswar-751012
Phone No.:(0674) 2390195 (Off), Fax No.(0674) 2395844
E-Mail ID:olicltd123@bsnl.in, olicltd@ymail.com, http://odishalift.com

**NATIONAL COMPETITIVE BIDDING THROUGH e-Procurement (Re-Bid)**
**No.IT-107/2025-6805/OLIC, Dated 19.08.2025**

**No.CAD-1515:** The Managing Director, OLIC Ltd., Bhubaneswar invites online tender in percentage rate through e-procurement for installation, electrification, energisation & commissioning of deep bore wells in different districts of Odisha State. Interested Bidders may visit website: www.tendersodisha.gov.in to view and download Detailed Tender Call Notice and bid documents. The bids should be submitted only online in the website www.tendersodisha.gov.in.

**Important features of this NCB are as under:**

| | | |
|---|---|---|
| A. | Brief Description of Work: | Installation, electrification, energisation & commissioning of Deep Borewells in Kalahandi, Nabarangpur & Koraput districts (05 Packages). |
| B. | Estimated Cost of Works | : Varies from Rs.1260.80 Lakhs to Rs.1627.65 Lakhs. |
| C. | Date and Time of availability of bid document in the Portal | : From dt.25.08.2025 to dt.16.09.2025 upto 17.00 Hours. |
| D. | Last date/time for receipt of bid in the Portal | : Dt.16.09.2025 upto 17.00 Hours. |
| E. | Last date of seeking clarification | : Dt.03.09.2025 upto 17.00 hours |

F. Technical Bid will be opened on- Dt.17.09.2025 at 11.00 Hours.

Any Addendum/ Corrigendum/ Cancellation of tender will be available in the said website. Authority reserves the right to accept/ reject any or all the tenders, increase or decrease the quantities of work put to bidding without assigning any reasons thereof.

OIPR-32135/11/0062/2526 **Sd./- Managing Director, OLIC LTD., Bhubaneswar**

## GOVERNMENT OF ODISHA
## OFFICE OF THE CHIEF CONSTRUCTION ENGINEER RURAL WORKS CIRCLE, RAYAGADA

Email ID-ccerwcrayagada@gmail.com
Letter No.1760 / Date:21.08.2025

**1ST CORRIGENDUM**

No.O-:In Continuation to this office bid identification No.NCB-14/RWCRGDA/2025-26 invited vide this office letter No.1565 dated 31.07.2025 partial modification of TCN has been made as follows:

| Sl. No. | Item | Time Schedule as per Original TCN | Time Schedule as per Corrigendum Notice |
|---|---|---|---|
| 1 | Availability of tender online for bidding | Dt.11.08.2025 at 11.00 AM to Dt.26.08.2025 upto 5.00 P.M. | Extended from Dt.26.08.2025 at 5.00 PM upto 5.00 PM of Dt.16.09.2025 |
| 2 | Date & Time of seeking tender clarification if any | Dt.25.08.2025 upto 5.00 PM | Dt.15.09.2025 upto 5.00 PM |
| 3 | Date & Time of opening of tender (Technical Bid) | Dt.29.08.2025 at 11.00 AM | Dt.17.09.2025 at 11.00 AM |
| 4 | Date & Time of opening of tender (Price Bid) | Will be intimated later on to the successful bidders | Will be intimated later on to the successful bidders |

All other terms & conditions will remain unchanged.

OIPR-25196/11/0030/2526 **Sd./- Chief Construction Engineer, RW Circle, Rayagada**

## GOVERNMENT OF ODISHA
## OFFICE OF THE CHIEF CONSTRUCTION ENGINEER RURAL WORKS CIRCLE, RAYAGADA

Email ID-ccerwcrayagada@gmail.com
Letter No.1769, / Date:21.08.2025

**1ST CORRIGENDUM**

No.O-:In Continuation to this office bid identification No.NCB-15/RWCRGDA/2025-26 invited vide this office letter No.1576 dated 31.07.2025 partial modification of TCN has been made as follows:

| Sl. No. | Item | Time Schedule as per Original TCN | Time Schedule as per Corrigendum Notice |
|---|---|---|---|
| 1 | Availability of tender online for bidding | Dt.11.08.2025 at 11.00 AM to Dt.26.08.2025 upto 5.00 P.M. | Extended from Dt.26.08.2025 at 5.00 PM upto 5.00 PM of Dt.16.09.2025 |
| 2 | Date & Time of seeking tender clarification if any | Dt.25.08.2025 upto 5.00 PM | Dt.15.09.2025 upto 5.00 PM |
| 3 | Date & Time of opening of tender (Technical Bid) | Dt.29.08.2025 at 11.00 AM | Dt.17.09.2025 at 11.00 AM |
| 4 | Date & Time of opening of tender (Price Bid) | Will be intimated later on to the successful bidders | Will be intimated later on to the successful bidders |

All other terms & conditions will remain unchanged.

OIPR-25196/11/0029/2526 **Sd./- Chief Construction Engineer, RW Circle, Rayagada**

See Career Appointment on every Wednesday & Saturday

## OFFICE OF THE EXECUTIVE ENGINEER
## BRUTANG IRRIGATION DIVISION: DASAPALLA, NAYAGARH

ଓଡ଼ିଶା ସରକାର

E-mail: eebiddasapalla@gmail.com
No.982, Date:21.08.2025

**NOTICE INVITING TENDER**
**Bid Identification No.EE-BID-BIP-04 (01) of 2025-26, Dt.21.08.2025**
**‘e’ Procurement Notice No.EE-BID-04(01)/ 2025-26, Dt.21.08.2025**

No.A-541: Invites online percentage rate tender in single cover through e-procurement for execution of the P.H. & Sanitary works. The bid should be submitted by eligible class of contractors mentioned below.
1. Type of Work: P.H. & Sanitary works of administrative building for Chief Construction Engineer, Brutang & Hadua Irrigation Project, At-Dasapalla Irrigation Colony, District-Nayagarh. 2. Total No. of Works: 01 No. 3. Approximate value of Work: Rs.30.99 lakh/- (Excluding GST). 4. Tender Paper Cost: Rs.6,000/-. 5. Bid Security/ E.M.D.: Rs.31,000/-, 6. Period of Completion: 04 (Four Calendar Months). 7. Class of Contractor: C & B Class of Contractor

| | e-Procurement Notice No. | Approximate Value | Availability of online viewing of Tender prior to Bidding | | Submission & Availability bid online | Date & Time of Opening of Bid |
|---|---|---|---|---|---|---|
| 1 | 2 | 3 | 4 | 5 | 6 | 7 |
| Executive Engineer, Brutang Irrigation Division, At/PO-Dasapalla, Dist-Nayagarh, Odisha, Pin-752084 | EE, BID-04 (01)/2025-26 | Rs.30.99/- (Excluding GST) | 01.09.2025 (10.00 AM) | 15.09.2025 (Upto 5.00 P.M.) | 01.09.2025 (10.00 AM) to 15.09.2025 (upto 5.00 PM) | 16.09.2025 at 11.00 AM |

Date of Opening of Bid: **Dt.16.09.2025 at 11.00 AM** in the O/o The Executive Engineer, Brutang Irrigation Division, Dasapalla, Nayagarh, Odisha, PIN-752084. Further details can be seen from the Govt. Website **www.tendersorissa.gov.in.**
The **Corrigendum/ Cancellation** of Tender, if any, will be uploaded and can be seen from the above website only.

OIPR-32553/11/0002/2526 **Sd./- Executive Engineer, Brutang Irrigation Division, Dasapalla**

## OFFICE OF THE REGISTRAR
## VIKRAM DEV UNIVERSITY, JEYPORE, KORAPUT, ODISHA

**No.1071/VDU/25** **DATE. : 22.08.2025**

**WALK IN INTERVIEW**

**No.CAD-1570** : A walk-in-interview for engagement of Assistant Professors in the Department of Computer Science and Business Administration of Vikram Dev University, Jeypore on contractual basis for the session 2025-2026 will be held on 04.09.2025 and 06.09.2025 respectively . Candidates having First Class in Master in Computer Application /Master in Computer Science/Master of Technology in Computer Science are eligible to apply for the post of the Assistant Professors. (Preference will be given to candidates having specialization in AI & ML, Cyber Security and Software Engineering).

Candidates having First Class in Master of Business Administration are eligible to apply for the Post of Assistant Professor of Business Administration (Preference will be given to candidates having specialization in Operation Management and Logistic & Supply Chain Management).

Preference will be given to the candidates having NET/Ph.D.

The candidates must submit filled in Bio-data proforma with all relevant documents in original and self attested photocopies before the Board failing which the applicant will not be allowed to appear in the interview. No TA/DA will be paid for attending the interview. The interview will be held as per the date and time mentioned below, for more details, please visit the University **website. http//vikramdevuniversity.ac.in**.

| Date & Time | Subjects | No. of Faculty Required | Venue |
|---|---|---|---|
| 04.09.2025 10.00 A.M. | Master of Computer Science | 03 | Vice-Chancellor’s Office Chamber |
| 06.09.2025 10.00 A.M. | Master in Business Administration | 03 | Vice-Chancellor’s Office Chamber |

**Sd./- REGISTRAR**
**VIKRAM DEV UNIVERSITY, JEYPORE**

OIPR-11133/11/0012/2526

## ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ନିଖୋଜ

ମୋରଡ଼ା,୨୩।୮(ସ୍ମାରକ ମାଜୀ): ମୟୂରଭଞ୍ଜ ଜିଲା ମୋରଡ଼ା ବ୍ଲକ୍‌ରେ କାର୍ଯ୍ୟରତ ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ (ଡବ୍ଲ୍ୟୁଇଓ) ହରିରାମ ମୁର୍ମୁ ନିଖୋଜ ହୋଇଯାଇଛନ୍ତି। ଏ ନେଇ ତାଙ୍କ ବାପା ନୟନ ମୁର୍ମୁ ବେତନଟୀ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ହରିରାମଙ୍କ ଘର ମୋରଡ଼ା ବ୍ଲକ୍ ତଥା ବେତନଟୀ ଥାନା ଅଧୀନ ଇଦର ଗ୍ରାମରେ ହୋଇଥିବାବେଳେ ଅଗଷ୍ଟ ୬ରୁ ସେ ଘରକୁ ଆସିନାହାନ୍ତି। ହରିରାମଙ୍କ ବାପାଙ୍କ ଅଭିଯୋଗ ଆଧାରରେ ପୋଲିସ ଏକ ମାମଲା(ନଂ.୫୭/୨୫) ରୁଜୁକରି ତଦନ୍ତ କରୁଛି।



## ଜନ୍ମଦିନର ଶୁଭେଚ୍ଛା

ନାମ: ......................................
ବୟସ:......................................
ଜନ୍ମ ତାରିଖ: ..............................


ବିନାୟକ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

# ବସ୍‌ଷ୍ଟାଣ୍ଡରେ ଛାତ୍ରୀଙ୍କୁ ଚୁଟି ଘୋଷାରି ମାଡ଼

## ଭିଡିଓ ଭାଇରାଲ ପରେ ନାବାଳକଙ୍କୁ ଧରିଲା ପୋଲିସ

ବିନିକା,୨୩।୮(ରାମଗୋପାଳ ବାଘ)

ସୁବର୍ଣ୍ଣପୁର ଜିଲା ବିନିକା ବସ୍‌ଷ୍ଟାଣ୍ଡରେ ଜଣେ ନାବାଳିକା କଲେଜ ଛାତ୍ରୀଙ୍କୁ ଚୁଟି ଘୋଷାରି ମାଡ଼ ମରାଯାଇଛି। ଏହାର ଭିଡିଓ ଭାଇରାଲ ପରେ ପୋଲିସ କାର୍ଯ୍ୟାନୁଷ୍ଠାନ ନେଇଛି। ଶନିବାର ଘଟଣାରେ ସମ୍ପୃକ୍ତ ଜଣେ ନାବାଳକଙ୍କୁ ଧରି ଜୁଭେନାଇଲ ଜଷ୍ଟିସ ବୋର୍ଡ ପଠାଇଛି। ଛାତ୍ର ଜଣକ ନାବାଳିକାଙ୍କ ସହପାଠୀ। ସେମାନେ ସ୍ଥାନୀୟ ଏକ କଲେଜରେ ଯୁକ୍ତ ୨ ପଢୁଛନ୍ତି। ତେବେ ଏହିଭଳି ଘଟଣାର କାରଣ ଜଣାପଡ଼ିନାହିଁ। ଭିଡିଓରେ ଆଉ ଦୁଇ ଜଣ ସମ୍ପୃକ୍ତ ଥିବା ଜଣାପଡୁଥିଲେ ମଧ୍ୟ ସେମାନଙ୍କୁ ପୋଲିସ ଧରିନାହିଁ। ତଦନ୍ତ ଚାଲିଛି, ସେମାନଙ୍କର ସମ୍ପୃକ୍ତି ଥିବା ଜଣାପଡ଼ିଲେ ଧରାଯିବ ବୋଲି ବିନିକା ଥାନା ଏସ୍‌ଆଇ ଅନୀଲ ବେହେରା କହିଛନ୍ତି।

ଘଟଣା ପରେ ନାବାଳିକା ଛାତ୍ରୀ ମାନସିକସ୍ତରରେ ଭାଙ୍ଗିପଡ଼ିଛନ୍ତି। ତାଙ୍କୁ ବର୍ତ୍ତମାନ ଜିଲା ଶିଶୁ ମଙ୍ଗଳ କମିଟି ନିଜ ପାଖରେ ରଖି କାଉନସେଲିଂ କରୁଛି। ଭାଇରାଲ ଭିଡିଓରେ ନାବାଳିକା ଛାତ୍ରୀଙ୍କୁ ଜଣେ ନାବାଳକ ଛାତ୍ର ଓ ତାଙ୍କର ୨ ସହଯୋଗୀ ଯେଉଁଭଳି ସର୍ବସାଧାରଣ ସ୍ଥାନରେ ଆକ୍ରମଣ କରିଛନ୍ତି ତାହାକୁ ଅନେକେ ନିନ୍ଦା କରିଛନ୍ତି। ଏହି ଘଟଣା ଗତ ୧୯ତାରିଖରେ ଘଟିଥିବାବେଳେ ପୋଲିସ ଘଟଣାକୁ ଗୁରୁତ୍ୱ ଦେଇ ନ ଥିଲା। ଘଟଣାରେ ସମ୍ପୃକ୍ତ ୩ଜଣଙ୍କ ମଧ୍ୟରୁ ଜଣେ ନାବାଳକଙ୍କୁ ସେହିଦିନ ପୋଲିସ ପରିବାର ଲୋକଙ୍କୁ ଡକାଇ ନୋଟିସ ଦେଇ ଛାଡ଼ି ଦେଇଥିଲା। ଏହା ଏକ ସମ୍ବେଦନଶୀଳ ଘଟଣା ହୋଇଥିବା ତଥା ଛାତ୍ରୀଜଣକ ମାନସିକ ଚାପରେ ଥିବାରୁ ପୋଲିସ କାର୍ଯ୍ୟାନୁଷ୍ଠାନ ନ ନେବାକୁ ନେଇ ପ୍ରଶ୍ନ ଉଠିଥିଲା। ଭିଡିଓ ଭାଇରାଲ ପରେ ସମ୍ପୃକ୍ତ ଛାତ୍ରମାନଙ୍କ ବିରୋଧରେ କଡ଼ା କାର୍ଯ୍ୟାନୁଷ୍ଠାନ ନେବାକୁ ଦାବି ଉଠିଥିଲା। ଫଳରେ ବାଧହୋଇ ପୋଲିସ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛି। ତେବେ ପ୍ରଶ୍ନ ଉଠୁଛି ପୋଲିସ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାରେ କାହିଁକି ବିଳମ୍ବ କଲା ।

ସୂଚନାନୁଯାୟୀ, ବିନିକା ସିଂଘିଝୁବା ଅଞ୍ଚଳର ଛାତ୍ରୀ ଜଣକ ଗତ ୧୯ତାରିଖରେ କଲେଜରୁ ଘରକୁ ଫେରିବାକୁ ବିନିକା



ବସ୍‌ଷ୍ଟାଣ୍ଡରେ ବସ୍‌କୁ ଅପେକ୍ଷା କରିଥିଲେ। ଏହି ସମୟରେ ୩ଜଣ ନାବାଳକ ଛାତ୍ର ସେଠାରେ ପହଞ୍ଚିଥିଲେ। ସେଥିରୁ ୨ଜଣ ଛାତ୍ରୀଙ୍କ ହାତକୁ ଧରିବା ପରେ ଅନ୍ୟ ଜଣେ ତାଙ୍କୁ ଗାଳିଗୁଲଜ କରିବା ସହ ମାଡ଼ ମାରିଥିଲେ। କୌଣସିମତେ ସେ ନିକଟସ୍ଥ ବିନିକା ଥାନାକୁ ଦୌଡ଼ି ପଳାଇଥିଲେ। ସେଠାରେ ପହଞ୍ଚିବା ପରେ ଛାତ୍ରୀ ଜଣକ ଚେତାଶୂନ୍ୟ ହୋଇଯାଇଥିଲେ। ଉପସ୍ଥିତ ପୋଲିସ କର୍ମଚାରୀ ତାଙ୍କୁ ତୁରନ୍ତ ବିନିକା ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ଖବର ପାଇ ଚାଇଲ୍ଡ ହେଲ୍ପଲାଇନ କର୍ମଚାରୀ ବିନିକା ଥାନାରେ ପହଞ୍ଚିବା ପରେ ପୀଡ଼ିତା ଛାତ୍ରୀଙ୍କ ପରିବାର ପକ୍ଷରୁ ସମ୍ପୃକ୍ତ ୩ ଛାତ୍ରଙ୍କ ନାମରେ ଏତଲା ଦିଆଯାଇଥିଲା।

# ଯୁବକଙ୍କୁ ରାସ୍ତାରେ ଗୋଡ଼ାଇ ହାଣିଲେ



ସିସିଟିଭିରେ କଏଦ ହୋଇଥିବା ଆକ୍ରମଣ ସମୟର ଦୃଶ୍ୟ।

## ପ୍ରେମ ଘଟଣାକୁ ନେଇ ପ୍ରତିଶୋଧ

■ ଜୀବନ ବଞ୍ଚାଇବାକୁ ଥାନାରେ ପଶିଗଲେ ଚନ୍ଦନ

■ ଅଭିଯୁକ୍ତ ଅଟକ, ଲୁହାଚାପଡ଼ ଜବତ

ଜଟଣୀ,୨୩।୮(ରବୀନ୍ଦ୍ରନାଥ ମହାକୁଡ଼)

ଖୋର୍ଦ୍ଧା ଜିଲା ଜଟଣୀ ଥାନା ଅଧୀନ ଟାଉନ ହଲ୍ ନିକଟରେ ଶନିବାର ପୂର୍ବାହ୍ନରେ ଜଣେ ଯୁବକଙ୍କୁ ଜଣେ ବ୍ୟକ୍ତି ରାସ୍ତାରେ ଗୋଡ଼ାଇ ହାଣିଛନ୍ତି। ଟାଉନ ହଲ (ସ୍ରଷ୍ଟା) ମାର୍ଗ ପଛପଟୁ ସମ୍ପୃକ୍ତ ବ୍ୟକ୍ତି ଏକ ଲୁହାଚାପଡ଼ ଧରି ଗୋଡ଼ାଇ ଆକ୍ରମଣ କରିଥିଲେ। ତେବେ ଜୀବନ ବଞ୍ଚାଇବାକୁ ଯୁବକ ଜଣକ ଦୌଡ଼ି ଦୌଡ଼ି ନିକଟସ୍ଥ ଜଟଣୀ ଥାନା ଭିତରେ ପଶିଯାଇଥିଲେ। ଯୁବକ ଜଣକ ହେଲେ ବାଛରାପାଟଣା ମାଉସୀମା ମନ୍ଦିର ଅଞ୍ଚଳର ଚନ୍ଦନ ନାଏକ (୩୩)। ତାଙ୍କ ବେକ ଓ ପିଠିରେ ଗୁରୁତର ଆଘାତ ଲାଗିଛି। ପୋଲିସ ତାଙ୍କୁ ପ୍ରଥମେ ଜଟଣୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିବାବେଳେ ପରେ ଭୁବନେଶ୍ୱର ଏମ୍ସକୁ ସ୍ଥାନାନ୍ତର କରାଯାଇଛି। ଏହି ଘଟଣାରେ ଅଭିଯୁକ୍ତ ଗଞ୍ଜାମ ଜିଲା ରମ୍ଭା ଥାନା ଅଧୀନ ରଙ୍ଗମାଟିଆ ନୂଆଗାଁ ଅଞ୍ଚଳର ସୁଶାନ୍ତ ନାଏକ (୩୮)ଙ୍କୁ ପୋଲିସ ଅଟକ ରଖି ତଦନ୍ତ ଚଳାଇଛି।

ପୋଲିସର ସୂଚନା ଅନୁଯାୟୀ, ଆକ୍ରମଣକାରୀ ସୁଶାନ୍ତଙ୍କ ସ୍ତ୍ରୀଙ୍କୁ ଚନ୍ଦନ ପ୍ରେମଜାଲରେ ଫସାଇ ଆଣି ନିଜ ପାଖରେ ରଖିଥିଲେ। ଏଥିଯୋଗୁ ସୁଶାନ୍ତ କ୍ଷୁବ୍ଧ ହୋଇପଡ଼ିଥିଲେ। ସେ ପ୍ରତିଶୋଧପରାୟଣ ହୋଇ ଚନ୍ଦନଙ୍କୁ ଜୀବନରୁ ମାରିଦେବାକୁ ଯୋଜନା ରଚି ଏଭଳି ଆକ୍ରମଣ କରିଥିବା ପ୍ରାଥମିକ ତଦନ୍ତରୁ ଜଣାପଡ଼ିଛି। ସୁଶାନ୍ତଙ୍କଠାରୁ ଆକ୍ରମଣରେ ବ୍ୟବହୃତ ଏକ ଲୁହାଚାପଡ଼ ଜବତ କରାଯାଇଥିବା ଥାନା ଅଧିକାରୀ ଷ୍ଟାଲିନ ବିଶ୍ୱାଳ କହିଛନ୍ତି। ସିସିଟିଭିରେ ଆକ୍ରମଣ ସମୟର ଦୃଶ୍ୟ କଏଦ ହୋଇଥିବା ଦେଖିବାକୁ ମିଳିଛି। ଉଲ୍ଲେଖଯୋଗ୍ୟ, ଗତ ଅଗଷ୍ଟ ୧୫ରେ ଏହି ଥାନା ଅଞ୍ଚଳରେ ତ୍ରିକୋଣୀୟ ପ୍ରେମ ବ୍ୟାପାରକୁ ନେଇ ଜଣେ ସାଙ୍ଗକୁ ଅନ୍ୟ ସାଙ୍ଗମାନେ ହତ୍ୟା କରିଥିଲେ।

## ପ୍ରଥମ ଜନ୍ମଦିନ ଶୁଭେଚ୍ଛା



ବିନାୟକ ମହାରଣା
ଜନ୍ମ ତା. ୨୪।୦୮।୨୦୨୪
(ସନ୍ତରା, କୁଜଙ୍ଗ, ଜଗତ୍‌ସିଂହପୁର)
ଆଜି ତୋର ପ୍ରଥମ ଜନ୍ମଦିନରେ ଶ୍ରୀଜଗନ୍ନାଥ ତୋତେ ଦୀର୍ଘାୟୁ କରିବା ସହିତ ତୋର ଚଲାପଥ କୁସୁମିତ କରନ୍ତୁ।
ଶୁଭେଚ୍ଛା ସହ:
ବାପା,ବୋଉ, ଅଜା, ଆଇ, ପିଉସୀ, ମାଉସୀ
ଧ-1740

# ଦିଲ୍ଲୀରୁ ସ୍କର୍ପିଓ ଚାଳକଙ୍କ ସମେତ ୨ ଗିରଫ

ଭୁବନେଶ୍ୱର,୨୩।୮(ସତ୍ୟଜିତ୍ ରାଉତ)

ଖଣ୍ଡଗିରି ଥାନା ଅନ୍ତର୍ଗତ ପାତ୍ରପଡା ଭି୨ ମଲ୍ ନିକଟ ଜାତୀୟ ରାଜପଥରେ ଘଟିଥିବା ହିଟ୍ ଆଣ୍ଡ୍ ରନ୍ ଘଟଣାରେ ଆଉ ୨ ଜଣଙ୍କୁ ପୋଲିସ ଦିଲ୍ଲୀରୁ ଗିରଫ କରିଛି। ଅଭିଯୁକ୍ତଦ୍ୱୟ ହେଲେ ଚନ୍ଦ୍ରଶେଖରପୁର ଥାନା ଅନ୍ତର୍ଗତ ପଟିଆ ଗ୍ରାମର ସାନୁ ଓରଫ ରୋହନ ରଞ୍ଜନ ରାଉତ (୨୫) ଓ ୟୁନିଟ-୧ରେ ରହୁଥିବା ଜଗତ୍‌ସିଂହପୁର ଜିଲା ତିର୍ତ୍ତୋଲ ଥାନା ଅନ୍ତର୍ଗତ ଶ୍ରୀରାମପୁର ଗ୍ରାମର ସୋହମରାଜ ତ୍ରିପାଠୀ ଓରଫ ଲିପୁନ (୨୭)। ଥାର୍ ସହ ଦ୍ରୁତଗତିରେ ଆସିଥିବା ସ୍କର୍ପିଓ ଗାଡ଼ିକୁ ସୋହମରାଜ ଚଳାଉଥିଲେ ଓ ସେଥିରେ ରୋହନ ରଞ୍ଜନ ବସିଥିଲେ। ଅଭିଯୁକ୍ତଦ୍ୱୟ ଗିରଫ ଭୟରେ ପଶ୍ଚିମବଙ୍ଗ, ହରିୟାଣା ଓ ଦିଲ୍ଲୀ ସମେତ ବିଭିନ୍ନ ରାଜ୍ୟରେ ଘୂରି ବୁଲୁଥିଲେ। ସେମାନଙ୍କ ହେପାଜତରୁ ସ୍କର୍ପିଓ ଗାଡ଼ିକୁ ଜବତ କରାଯାଇଛି। ଶନିବାର ଭୁବନେଶ୍ୱର ଜେଏମ୍‌ଏଫ୍‌ସି-୫ କୋର୍ଟକୁ ଚାଲାଣ ପରେ ଉଭୟଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ଏହା ପୂର୍ବରୁ ଉକ୍ତ ସ୍କର୍ପିଓ ଗାଡ଼ିରେ ବସିଥିବା ଅଙ୍କିତ ଶ(୨୨) ଓ ଅଭିଯୁକ୍ତମାନଙ୍କୁ ଆଶ୍ରୟ ଦେଇଥିବା ତଥା ଫେରାର କରାଇବା ଅଭିଯୋଗରେ କୃଷ୍ଣଚନ୍ଦ୍ର ପ୍ରଧାନ (୪୨)ଙ୍କୁ ଗିରଫ କରାଯାଇଥିବା ବେଳେ ସେମାନେ ଏବେ ଜେଲରେ ଅଛନ୍ତି। ଏହି ମାମଲାରେ ଗିରଫଦାରି ସଂଖ୍ୟା ୪ରେ ପହଞ୍ଚିଥିବାବେଳେ ମୁଖ୍ୟ ଅଭିଯୁକ୍ତ ଥାର୍ ଚାଳକ ଜଟଣୀ କୁସୁମାଟିରେ ସୋମନାଥ ବେହେରାଙ୍କୁ ପୋଲିସ ଏଯାଏ ଧରିପାରି ନ ଥିବାରୁ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।





ଜବତ ସ୍କର୍ପିଓ ସହ ଗିରଫ ରୋହନ ରଞ୍ଜନ ରାଉତ ଓ ସୋହମରାଜ ତ୍ରିପାଠୀ।

## ପାତ୍ରପଡ଼ା ହିଟ୍ ଆଣ୍ଡ୍ ରନ୍ ମାମଲା

■ ଗିରଫଦାରି ସଂଖ୍ୟା ୪ରେ ପହଞ୍ଚିଲା

■ ମୁଖ୍ୟ ଅଭିଯୁକ୍ତ ଥାର୍ ଚାଳକଙ୍କ ପତ୍ତାପାଉନି ପୋଲିସ

ସୂଚନାଯୋଗ୍ୟ, ଅଗଷ୍ଟ ୯ ରାଖୀ ପୂର୍ଣ୍ଣିମାରେ ଘଟିଥିବା ଏହି ଭୟଙ୍କର ଦୁର୍ଘଟଣାରେ ମା’ ରେବତୀ ନାୟକ ଓ ଝିଅ ରେଶମାଙ୍କ ଜୀବନ ଯାଇଥିବା ବେଳେ ଦୁଇ ବର୍ଷର ପୁଅ ଗୁରୁତର ହୋଇଥିଲେ। ରେବତୀ ତାଙ୍କ ଭାଇଙ୍କ ହାତରେ ରାଖୀ ବାନ୍ଧିବାକୁ ଦୁଇ ପିଲାଙ୍କୁ ନେଇ ପଟିଆ ଯାଇଥିଲେ। ସେମାନେ ଏକ ବସ୍‌ରେ ଆସି ଅପରାହ୍ନରେ ପାତ୍ରପଡ଼ାରେ ଓହ୍ଲାଇଥିଲେ। ଫୁଲେଶ୍ୱରୀ ବସ୍ତିସ୍ଥିତ ଘରକୁ ଯିବା ପାଇଁ ଜାତୀୟ ରାଜପଥ ପାରି ହେଉଥିବାବେଳେ ସ୍କର୍ପିଓ ଗାଡ଼ି ସହ ଗୋଡ଼ାଗୋଡ଼ି ହୋଇ ଦ୍ରୁତ ଗତିରେ ଯାଉଥିବା ଥାର୍ ଗାଡିଟି ସେମାନଙ୍କୁ ଧକ୍କା ଦେଇଥିଲା। ଅଗଷ୍ଟ ୧୦ରେ ଜଟଣୀ ଅଞ୍ଚଳରୁ ଖଣ୍ଡଗିରି ପୋଲିସ ଉକ୍ତ ଥାର୍ ଗାଡ଼ିକୁ ଜବତ କରିଥିଲା। ତେବେ ଘଟଣାକୁ ସପ୍ତାହ ବିତିଥିବା ବେଳେ ଥାର୍ ଚାଳକ ଧରା ପଡ଼ି ନ ଥିବାରୁ ସ୍ଥାନୀୟ ଅଞ୍ଚଳରେ ଅସନ୍ତୋଷ ଲାଗି ରହିଛି। ତେବେ ଦୁର୍ଘଟଣାଦିନ ଉକ୍ତ ଦୁଇ ଗାଡିରେ ୫ଜଣ ସାଙ୍ଗ ପଟିଆରୁ ଖୋର୍ଦ୍ଧା ଯାଉଥିବା ତଦନ୍ତରୁ ଜଣାପଡିଛି।

# ବିମାନବନ୍ଦରରୁ ପୁଣି ୪ କୋଟିର ମାରିଜୁଆନା ଜବତ

## ବ୍ୟାଙ୍କକ୍‌ରୁ ଆସିଥିବା ପ୍ରେମୀ ଯୁଗଳ ଅଟକ

ଭୁବନେଶ୍ୱର,୨୩।୮(ସତ୍ୟଜିତ୍ ରାଉତ)

ରାଜସ୍ୱ ଗୋଇନ୍ଦା ନିର୍ଦ୍ଦେଶାଳୟ (ଡିଆର୍‌ଆଇ) ଶନିବାର ବିଜୁ ପଟ୍ଟନାୟକ ଅନ୍ତର୍ଜାତୀୟ ବିମାନବନ୍ଦରରୁ ୪ କୋଟି ଟଙ୍କାର ମାରିଜୁଆନା ଜବତ କରିଛି। ଏହି ମାମଲାରେ ସମ୍ପୃକ୍ତ ପ୍ରେମୀ ଯୁଗଳଙ୍କୁ ଡିଆର୍‌ଆଇ ଅଟକ ରଖି ପଚରାଉଚରା କରୁଛି। ସେମାନେ ପଞ୍ଜାବର ବୋଲି ସୂଚନା ମିଳିଛି। ଅଭିଯୁକ୍ତଦ୍ୱୟ ଥାଇଲାଣ୍ଡ ରାଜଧାନୀ ବ୍ୟାଙ୍କକ୍‌ରୁ ବିମାନ ଯୋଗେ ଭୁବନେଶ୍ୱରରେ ଆସିଥିଲେ। ସେମାନଙ୍କ ଲଗେଜ ଚେକିଂ ବେଳେ ସେଥିରେ ମାରିଜୁଆନା ଥିବା ଜଣାପଡ଼ିଥିଲା। ତେବେ ଅଭିଯୁକ୍ତଦ୍ୱୟ କିଛିଦିନ ତଳେ ଥାଇଲାଣ୍ଡ ଯାଇ ଏହାକୁ ଆଣିଥିଲେ ବୋଲି ସୂଚନା ମିଳିଛି। ଏହି ଲିଙ୍କ୍‌ରେ ଡିଆର୍‌ଆଇ ଅଧିକ



ଖୋଳତାଡ ଚଳାଇଛି। ଏହା ପୂର୍ବରୁ ଅଗଷ୍ଟ ୨ରେ ଭୁବନେଶ୍ୱର ବିମାନବନ୍ଦରରୁ ୮ କୋଟି ଟଙ୍କାରୁ ଊର୍ଦ୍ଧ୍ୱ ମୂଲ୍ୟର ବିଦେଶୀ ଗଞ୍ଜେଇ ଜବତ କରାଯାଇଥିବାବେଳେ ଡିଆର୍‌ଆଇ ଜଣେ ଅଭିଯୁକ୍ତଙ୍କୁ ଗିରଫ କରିଥିଲା। ସେହିପରି ଜୁଲାଇ ୨୯ରେ ବ୍ୟାଙ୍କକ୍‌ରୁ ଆସିଥିବା ୩୦କୋଟି ଟଙ୍କା ମୂଲ୍ୟର ମାରିଜୁଆନା ବିମାନବନ୍ଦରରୁ ଧରାପଡ଼ିଥିଲା।

# ଆୟ ଅପେକ୍ଷା ଠୁଳ କରିଛନ୍ତି ୨୦୧% ସମ୍ପତ୍ତି

## ଭିଜିଲାନ୍ସ ଦ୍ୱାରା ବନ୍ଦୀ ହେଲେ ସିଟି ହସ୍ପିଟାଲ ବରିଷ୍ଠ ସହାୟକ

କଟକ,୨୩।୮(କାର୍ତ୍ତିକ ସାହୁ)

ଆୟବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗ ମାମଲାରେ କଟକ ସିଟି ହସ୍ପିଟାଲର ବରିଷ୍ଠ ସହାୟକ କିଶୋର କୁମାର ସାହାଣୀଙ୍କୁ ଓଡ଼ିଶା ଭିଜିଲାନ୍ସ ଶନିବାର ଗିରଫ କରିଛି। ସାହାଣୀଙ୍କ ଆୟ ଅପେକ୍ଷା ୨୦୧% ସମ୍ପତ୍ତି ଠୁଳ କରିଥିବା ଭିଜିଲାନ୍ସ ଚଢ଼ାଉ ବେଳେ ଜାଣିବାକୁ ପାଇଛି। ସେ ଏହି ସମ୍ପତ୍ତି ବାବଦରେ କୌଣସି ସନ୍ତୋଷଜନକ ଉତ୍ତର ଦେଇପାରି ନ ଥିଲେ। ଭିଜିଲାନ୍ସ ଚଢ଼ାଉ ବେଳେ ୨ଟି ବିଲଡିଂ, ୧୯ଟି ମୂଲ୍ୟବାନ ପ୍ଲଟ, ନଗଦ ୩.୩୦ ଲକ୍ଷ ଟଙ୍କା, ୧୩୫ ଗ୍ରାମ ସୁନା ଓ ବ୍ୟାଙ୍କ ଜମା ୫୫.୪୮ରୁ ଊର୍ଦ୍ଧ୍ୱ ଟଙ୍କା ରହିଥିବା ଜଣାପଡ଼ିଛି। ଏ ନେଇ ସାହାଣୀ ଓ ତାଙ୍କ ସ୍ତ୍ରୀଙ୍କ ନାମରେ ମାମଲା (ନଂ. ୨୫/୨୦୨୫) ରୁଜୁ ହୋଇଛି। ଅଭିଯୁକ୍ତଙ୍କୁ ଭିଜିଲାନ୍ସ ସ୍ୱତନ୍ତ୍ର ଅଦାଲତରେ ହାଜର କରିଛି।

ଭିଜିଲାନ୍ସ ପକ୍ଷରୁ ଅଭିଯୁକ୍ତ ସାହାଣୀଙ୍କ ସରକାରୀ ଅଫିସ, ପୈତୃକ ବାସଗୃହ ସମେତ ୫ଟି ସ୍ଥାନରେ ଶୁକ୍ରବାର ଚଢ଼ାଉ କରାଯାଇଥିଲା। ଚଢ଼ାଉ ସମୟରେ କୋଟିଏରୁ ଊର୍ଦ୍ଧ୍ୱ ଟଙ୍କାର ସ୍ଥାବର ଓ ଅସ୍ଥାବର ସମ୍ପତ୍ତି ଠାବ ହୋଇଥିଲା। ତନ୍ମଧ୍ୟରେ କଟକ



କିଶୋର କୁମାର ସାହାଣୀ

ଯୋବ୍ରା ନୂଆସାହିରେ ୨୫୦୦ ବର୍ଗଫୁଟର ୩ ମହଲା କୋଠାଘର, ଚୌଦ୍ୱାର ପଳାସିଆରେ ୨.୫ ଏକର ଜମିରେ ବିଲଡିଂ ଓ କୁକୁଡ଼ା ଫାର୍ମ, ଖୋର୍ଦ୍ଧାର ଜଟଣୀରେ ଗୋଟିଏ ଓ କଟକ ସହର ଆଖପାଖ ଅଞ୍ଚଳରେ ଥିବା ୧୮ଟି ମୂଲ୍ୟବାନ ପ୍ଲଟ ସହିତ ନଗଦ ୩.୩୦,୮୦୦ ଟଙ୍କା, ବ୍ୟାଙ୍କ ଡିପୋଜିଟ୍ ୫୫,୪୮,୪୦୬ ଟଙ୍କା, ଗୋଟିଏ ୪ ଚକିଆ ଓ ୩ଟି ଦୁଇଚକିଆ ଯାନ, ୧୦.୫୭ ଲକ୍ଷ ଟଙ୍କାର ଗୃହସାମଗ୍ରୀ ଭିଜିଲାନ୍ସ ଠାବ କରିଥିଲା।

# ନାବାଳିକାଙ୍କୁ ବଳାତ୍କାର: ଦୋଷୀଙ୍କୁ ୨୦ ବର୍ଷ ଜେଲ

କେନ୍ଦୁଝର,୨୩।୮(ଦୀପକ ମିଶ୍ର/ ନରେଶ ଚନ୍ଦ୍ର ପଟ୍ଟନାୟକ)

କେନ୍ଦୁଝର ଫାଷ୍ଟଟ୍ରାକ୍ କୋର୍ଟରେ ଶନିବାର ଜଣେ ନାବାଳିକାଙ୍କୁ ବଳାତ୍କାର ମାମଲାର ରାୟ ପ୍ରକାଶ ପାଇଛି। ବିଚାରପତି ବିଜୟ କୁମାର ମିଶ୍ର ଅଭିଯୁକ୍ତ ତେଲକୋଇ ଥାନା ଅନ୍ତର୍ଗତ ଝାଙ୍କିପୋଷି ଗ୍ରାମର ସାଗର ମହାନ୍ତ(୨୮)ଙ୍କୁ ଦୋଷୀ ସାବ୍ୟସ୍ତକରି ୨୦ ବର୍ଷ ସଶ୍ରମ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି। ଏଥିସହ ୫୦୦୦ ଟଙ୍କା ଜରିମାନା ଓ ଅନାଦାୟେ ଅଧିକ ୬ ମାସ ସଶ୍ରମ କାରାଦଣ୍ଡ ଭୋଗିବାକୁ ଆଦେଶ ଦେଇଛନ୍ତି। ମାମଲାରେ ଅନ୍ୟ ୩ ଅଭିଯୁକ୍ତଙ୍କୁ ପ୍ରମାଣ ଅଭାବରୁ ନିର୍ଦ୍ଦୋଷରେ ଖଲାସ କରିଛନ୍ତି।

ମାମଲାର ବିବରଣୀ ଅନୁଯାୟୀ, ୨୦୧୮ରେ ସାଗର ମହାନ୍ତ ବାହାଘରର ପ୍ରଲୋଭନ ଦେଖାଇ ଜଣେ ୧୪ ବର୍ଷୀୟ ନାବାଳିକାଙ୍କୁ ବଳାତ୍କାର କରିଥିଲେ। କିନ୍ତୁ ପରେ ପୀଡ଼ିତାଙ୍କୁ ବାହା ନ ହୋଇ ଅନ୍ୟ ଜାଗାରେ ବାହାଘର ଠିକ୍ କରିଥିଲେ। ପୀଡ଼ିତା ଅଭିଯୁକ୍ତଙ୍କ ଘରକୁ ଯାଇ ପଚାରିବାରୁ ତାଙ୍କୁ ଖରାପ ବ୍ୟବହାର କରାଯାଇ ବାହାର କରିଦିଆଯାଇଥିଲା। ଘଟଣାକୁ ନେଇ ପୀଡ଼ିତା ତେଲକୋଇ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ପୋଲିସ ଏକ ମାମଲା(ନଂ. ୧୦୭/୨୦୧୮) ରୁଜୁକରି ଅଭିଯୁକ୍ତଙ୍କୁ ଗିରଫକରି କୋର୍ଟ ଚାଲାଣ କରିଥିଲା। ବିଚାରପତି ୧୫ ଜଣ ସାକ୍ଷୀଙ୍କ ବୟାନକୁ ଭିତ୍ତିକରି ଉପରୋକ୍ତ ଦଣ୍ଡାଦେଶ ଶୁଣାଇଛନ୍ତି। ଏଥିସହ ପୀଡ଼ିତାଙ୍କୁ ୫ ଲକ୍ଷ ଟଙ୍କା ଅନୁକମ୍ପାମୂଳକ ସହାୟତା ରାଶି ପ୍ରଦାନ ନିମନ୍ତେ ଆଇନସେବା ପ୍ରାଧୀକରଣଙ୍କୁ ସୁପାରିସ କରିଥିବା ମାମଲା ପରିଚାଳନା କରୁଥିବା ସ୍ୱତନ୍ତ୍ର ପିପି ଜ୍ଞାନେନ୍ଦ୍ର ନାଥ ଜେନା କହିଛନ୍ତି।

# ପୋଖରୀ ମାଲିକଙ୍କୁ ହତ୍ୟା

କେନ୍ଦୁଝର,୨୩।୮(ନରେଶ ଚନ୍ଦ୍ର ପଟ୍ଟନାୟକ)

କେନ୍ଦୁଝର ଜିଲା ସଦର ଥାନା ଅନ୍ତର୍ଗତ ଉପର ରାଇଗୋଡ଼ା ଗ୍ରାମରେ ଜଣେ ବ୍ୟକ୍ତିଙ୍କୁ ହତ୍ୟା କରାଯାଇଛି। ମୃତକ ହେଲେ ବୁଧୁରାମ ମୁଣ୍ଡା(୫୭)। ଅଭିଯୋଗ ଆଧାରରେ ହତ୍ୟା ମାମଲା ରୁଜୁ ହୋଇ ତଦନ୍ତ ଚାଲିଥିବା ଥାନା ଅଧିକାରୀ ଅମିତ କୁମାର ଭୂୟାଁ କହିଛନ୍ତି। ପ୍ରକାଶ ଯେ, ବୁଧୁରାମଙ୍କ ଗ୍ରାମ ନିକଟରେ ଏକ ପୋଖରୀ ଅଛି। ସେଠାରେ ସେ ମାଛ ଛାଡ଼ିଥିବା ବେଳେ ସବୁଦିନ ରାତିରେ ଜଗିବାକୁ ଯାଉ ରାତି ୧୦ଟାରେ ଫେରନ୍ତି। ଶୁକ୍ରବାର ନ ଫେରିବାରୁ ଘର ଲୋକ ଖୋଜାଖୋଜି କରିଥିଲେ। ଜମି ନିକଟରେ ଜଗିବା ପାଇଁ ଥିବା ଏକ ଅସ୍ଥାୟୀ ପଲା ଘରୁ ତାଙ୍କର ରକ୍ତାକ୍ତ ମୃତଦେହ ଦେଖି ପୋଲିସକୁ ସୂଚନା ଦେଇଥିଲେ। ପୋଲିସ ପହଞ୍ଚି ମୃତଦେହ ଜବତ କରି ଜିଲା ମୁଖ୍ୟ ଚିକିତ୍ସାଳୟକୁ ବ୍ୟବଚ୍ଛେଦ ପାଇଁ ପଠାଇଛି। ମୃତକଙ୍କ ପୁଅଙ୍କ ଅଭିଯୋଗ ଆଧାରରେ ଥାନାରେ ଏକ ମାମଲା (ନଂ.୪୮୧/୨୦୨୫) ରୁଜୁ ହୋଇଛି।

## Classified Everyday 0674-2580101, 9692975378



MATRIMONIAL

BRIDE WANTED

Wanted suitable bride for Handsome (41,11/5) Khandayat Divorcee, B.tech, MBA working in MNC at Bangalore in high position. Father retired Government Servant based at Bhubaneswar. Tel.- 7077277888. D-76078

ସୌମ୍ୟ, ସୁନ୍ଦର ୩୪ବର୍ଷ MBA, ଏଲ୍.ଏଲ୍.ବି. ପୁରୀ ଟାଉନରେ ଘରବାଡ଼ି ଥାଇ Lawyer ଭାବେ ଭଲ ରୋଜଗାର କରୁଥିବା ବ୍ରାହ୍ମଣ ପୁଅ ପାଇଁ ଶିକ୍ଷିତ, ସଂସ୍କାରୀ ବ୍ରାହ୍ମିନ ପାତ୍ରୀ ଦରକାର, ଶୀଘ୍ର ବିବାହ ପାଇଁ ଫଟୋ ଓ biodata ସହିତ ଯୋଗାଯୋଗ କରନ୍ତୁ- ୭୯୭୮୬୨୬୪୬୨. ଧ-୧୭୨୪

ବୟସ 28 କୌଣସି ଚାକିରି କରୁନଥିବା ସୁନ୍ଦରୀ ସୁଶୀଳ ବ୍ରାହ୍ମଣ ଝିଅଙ୍କ ପାଇଁ ବରପାତ୍ର ଅବଶ୍ୟକ। 7326056138. D-1741

Email ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:- classifieddharitri@gmail.com



REAL ESTATE SALE

ଭୁବନେଶ୍ୱର ପଟିଆ ନିକଟବର୍ତ୍ତୀ New ODM Global School-2 ଏବଂ KIIT କଲେଜରୁ ଅଳ୍ପ ଦୂରତାରେ ବାସୋପଯୋଗୀ ଏବଂ investment ପ୍ଲଟ୍ କିଣି ଗୃହ ନିର୍ମାଣ କରନ୍ତୁ। 8249976746, 7978660091. D-1698

Prime plot 3000sqft. (60’50’) Nuagaon, Samantarapur only 5KMs from Rajmahal sqr. Bhubaneswar. Perfect for dream home/ future investment. Contact- 9040013345. D-76072

2150sqft. Plot area & 2250sqft. Construction area with BDA Approved Individual house near Naveen Nivas, Aerodrome area, Bhubaneswar cost@2.15crore, Contact: 7978090773. D-1715

Book 3BHK premium flat at Pokhariput, Near Govt. Hospital & LIC zonal office. 6000/- per sqft. 7978584549. D-1725

Gharabari plot 2000sqft. near Lingaraj Temple, direct owner with boundarywall, No Litigation. Phone- 9178924698. D- 1689

One bounded commercial plot touching to NH (Nakhara to NIALI) 10KM from Nakhara 6500 sft@ 2500/ sft, 3sides road. 7809525452. D-76484





Cuttack CDA Sector-9, 1st floor near Jugal Kishore Mohanty Park two bed room set 16’x15’ and 15’x12’ two Balcony, two toilets, one hall 22’x12’ space for washing machine, refrigerator, wash basin separate power line, wide windows, selves carved wall. Call- 9937525295, 8280092799. D-1743





Newly open health benefits SPA by expert therapist Contact 9114559830. D-1661

AFFIDAVIT

By virtue of an affidavit sworn before Notary Public, Balangir dated- 22.08.2025. I, Niranjan Meher, resident of Plot No 1271/3004, Near Chaska Bakery, Rajib Nagar, Balangir Odisha declare that I have changed my name from Niranja Meher to Niranjan Meher. Henceforth, I shall be known as Niranjan Meher for all purposes. D-1739


ପାଠକଙ୍କ ପାଇଁ ସୂଚନା
କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

By virtue of an affidavit sworn before Executive Magistrate, Basudevpur, I, Puguli Senapati (41 years), W/o- Bijay Senapati, Vill- Jagannathpur, P.O.- Matipaka, P.S.- Naikanidihi, Dist.- Bhadrak, PIN- 756125, Odisha declare that I have changed my name in my LIC Policy bearing No.- 588859476 from Minati Senapati to Puguli Senapati for all purposes. D-1742

ଧରିତ୍ରୀ DHARITRI
Scan & Pay
ଧରିତ୍ରୀ କ୍ଲାସିଫାଏଡ୍ ବିଜ୍ଞାପନ ବାବଦୀୟ ଦେୟକୁ ନିମ୍ନପ୍ରଦତ୍ତ QR Code ସ୍କାନ୍ କରି ଯେକୌଣସି UPI App ମାଧ୍ୟମରେ ସହଜରେ ପୈଠ କରନ୍ତୁ।
BHIM | UPI
ଦେୟ ପୈଠ ହେଲାପରେ ରସିଦ୍‌ର Screenshotକୁ classifieddharitri@gmail.com ରେ ଇମେଲ୍ କରନ୍ତୁ।

# ଫେକ୍ ଆପ୍


**ବର୍ତ୍ତମାନ ପାଠପଢ଼ା, ବ୍ୟାଙ୍କିଙ୍ଗ୍, ମନୋରଞ୍ଜନଠୁ ଆରମ୍ଭ କରି ସମସ୍ତ ଡିଜିଟାଲ୍ ସେବା ପାଇଁ ଅଧିକାଂଶ ବିଭିନ୍ନ ସ୍ମାର୍ଟଫୋନ୍ ଆପ୍ ଉପରେ ନିର୍ଭର କରୁଛନ୍ତି । ହେଲେ ଏବେ ଅଧିକାଂଶ ଅସଲି ଆପ୍‌ର ନକଲି କପି ବା ଫେକ୍ ଆପ୍ ଉପଲବ୍ଧ, ଯାହାକି ଏଆଇ ଜେନେରେଟେଡ୍ କ୍ଲୋନ୍ ଭଳି ଯାହାକୁ ସହଜରେ ଚିହ୍ନିବା ଏକପ୍ରକାର ଅସମ୍ଭବ। ଯାହାଦ୍ୱାରା ବର୍ତ୍ତମାନ ଅନେକେ ଠକାମିର ଶିକାର ହେଉଥିବା ଦେଖିବାକୁ ମିଳୁଛି...**



ବର୍ତ୍ତମାନ ସମୟରେ ସମାଜର ଏକ ବଡ଼ ବର୍ଗ ସ୍ମାର୍ଟଫୋନ୍‌ରେ ବିଭିନ୍ନ ଆପ୍ ଉପରେ ନିର୍ଭରଶୀଳ। କାରଣ ଘରେ ବସି ଏହାଦ୍ୱାରା ପଢ଼ିବା, ବାଙ୍କିଙ୍ଗ୍, ଶପିଙ୍ଗ୍, ଏଣ୍ଟରଟେନ୍‌ମେଣ୍ଟ ଏମିତିକି ଅନ୍‌ଲାଇନ୍ ଜବ୍ ପର୍ଯ୍ୟନ୍ତ ବିଭିନ୍ନ କାର୍ଯ୍ୟ ସହଜରେ କରିପାରୁଛନ୍ତି। ହେଲେ ଏହା ଯେତିକି ସୁବିଧାଜନକ ଏଥିପାଇଁ ଅନ୍‌ଲାଇନ୍ ଠକେଇ ସମସ୍ୟା ବି ଦିନକୁ ଦିନ ସେତିକି ବଢୁଥିବା ଦେଖିବାକୁ ମିଳୁଛି। ଏମିତିକି ୨୦୨୫ରେ ଏହି ଫେକ୍ ଆପ୍ ଦ୍ୱାରା ଲୋକଙ୍କୁ ଠକେଇ କରି ଅନେକ ଇ-କମର୍ସ, ଗେମିଂ, ଇନ୍‌ଭେଷ୍ଟମେଣ୍ଟ, କ୍ରିପ୍ଟୋ, ଲୋନ୍ ସ୍କାମ୍‌ରେ ଆଶ୍ଚର୍ଯ୍ୟଜନକ ଭାବେ ବୃଦ୍ଧି ହୋଇଛି। ଏକ ରିପୋର୍ଟ ମୁତାବକ ଆମ ଦେଶର କେବଳ ମୁମ୍ବାଇ ସହରରେ ୪ ମାସ ମଧ୍ୟରେ ଇନ୍‌ଭେଷ୍ଟମେଣ୍ଟ ଫ୍ରଡ୍‌ରେ ୨୩୦ପ୍ରତିଶତ ବୃଦ୍ଧି ହୋଇଛି।


**କାହିଁକି ହେଉଛି ବିପଦପୂର୍ଣ୍ଣ:** ପୂର୍ବରୁ କୌଣସି ଆପ୍‌ର ଫେକ୍ ଭର୍ସନ ବାହାର କରିବା ଏତେ ସହଜ ନ ଥିଲା। ତେଣୁ ଫେକ୍ ଆପ୍‌କୁ ଚିହ୍ନଟ କରିହେଉଥିବାରୁ କମ୍ ଠକେଇ ହେଉଥିଲା। ହେଲେ ଏଆଇ ବ୍ୟବହାର ବଢିବା ପରେ ଯେକୌଣସି ଆପ୍‌ର ଅବିକଳ ନକଲ ପ୍ରସ୍ତୁତ କରିବା ସମ୍ଭବ ହୋଇପାରୁଛି। ଏମିତିକି ଏଥିରେ ଫେକ୍ ରିଭ୍ୟୁ, ଅଧିକ ରେଟିଂ, ଫିଡ୍‌ବ୍ୟାକ୍ ଏବଂ ଆଲଗରିଦମ୍‌କୁ ବି ଏଭଳି ଭାବେ ଏପଟସେପଟ କରିଦିଆଯାଉଛି, ଯାହାକି ଅଟୋମେଟେଡ୍ ସିକ୍ୟୁରିଟି ସିଷ୍ଟମ ଦ୍ୱାରା ବି ସହଜରେ ଚିହ୍ନଟ କରାଯାଇପାରୁନି। ଏଆଇ ଏବଂ ମେଶିନ୍ ଲର୍ନିଂର ବଢୁଥିବା ଦୁରୁପଯୋଗ ଦ୍ୱାରା ଫେକ୍ ଆପ୍‌ଗୁଡିକ ଅଧିକ ବିପଦପୂର୍ଣ୍ଣ ହେବାରେ ଲାଗିଛି। ବର୍ତ୍ତମାନ ସବୁଠୁ ଅଧିକ ବ୍ୟବହାର ହେଉଥିବା ତଥା ଉପଭୋକ୍ତାଙ୍କର ବିଭିନ୍ନ ସମ୍ବେଦନଶୀଳ ତଥ୍ୟ ଅଧିକ ଆବଶ୍ୟକ ହେଉଥିବା ଆପ୍ ଯେମିତିକି ହ୍ୱାଟ୍ସଆପ୍, ବ୍ୟାଙ୍କିଙ୍ଗ୍ ଆପ୍, କ୍ରିପ୍ଟୋ ଇନ୍‌ଭେଷ୍ଟମେଣ୍ଟ ଆପ୍, ହେଲ୍‌ଥ୍ ଆଣ୍ଡ ଫିଟ୍‌ନେସ୍ ଆପ୍‌ଗୁଡିକର ଫେକ୍ ଭର୍ସନ ବାହାରୁଛି। ତେଣୁ ଏଭଳି ଆପ୍ ଡାଉନ୍‌ଲୋଡ୍ କରିବା ବେଳେ ୟୁଜର୍‌ମାନଙ୍କୁ ଅଧିକ ସତର୍କ ରହିବା ଆବଶ୍ୟକ।





**କିଭଳି କରେ କାମ:** ବର୍ତ୍ତମାନ ସାଇବର ଅପରାଧୀମାନେ ଠକାମି ଉଦ୍ଦେଶ୍ୟରେ ଅନେକ ବାସ୍ତବିକ ଆପ୍‌ର ଫେକ୍ ଆପ୍ ଡେଭେଲପ୍ କରୁଛନ୍ତି, ଯାହାକି ସମ୍ପୂର୍ଣ୍ଣ ବାସ୍ତବ ଭଳି ମନେହେଉଛି। ଫଳରେ ୟୁଜରମାନେ ସହଜରେ ଧୋକାର ଶିକାର ହୋଇ ଡାଉନଲୋଡ୍ କରିନେଉଛନ୍ତି। ହେଲେ ସ୍ମାର୍ଟଫୋନ୍‌ରୁ ଫଟୋ, ମେସେଜ, ଲଗ୍‌ଇନ୍ କେଡେନ୍ସିଆଲ୍, ଲୋକେଶନ୍ ଟ୍ରାକିଂ ଏବଂ କି-ଷ୍ଟ୍ରୋକ୍ ଆଦି ଉପରେ ନଜର ରଖିଥାଏ। ଏମିତିକି ସାଇବର ଠକମାନେ ଏତେ ଧୂର୍ତ୍ତ ଯେ, ସେମାନଙ୍କଦ୍ୱାରା ପ୍ରସ୍ତୁତ କେତେକ ଫେକ୍ ଆପ୍ ବେଳେ ବେଳେ ଗୁଗଲ୍ ପ୍ଲେ ଷ୍ଟୋର ଏବଂ ଆପଲ୍ ଆପ୍ ଷ୍ଟୋର୍‌ର ରିଭ୍ୟୁ ସିଷ୍ଟମ୍‌ଠୁ ବି ଧରା ନ ପଡି ୟୁଜର୍‌ଙ୍କ ଫୋନ୍ ପର୍ଯ୍ୟନ୍ତ ପହଞ୍ଚିଯାଉଛି।

**ନିବେଶ ନାମରେ ଜାଲିଆତି:** ଫେକ୍ ବ୍ୟାଙ୍କିଙ୍ଗ୍ ଆପ୍‌ଗୁଡିକରେ ବର୍ତ୍ତମାନ ଅନେକ ସ୍କାମ୍ ହେଉଥିବା ଦେଖିବାକୁ ମିଳୁଛି। ଏହା ଜରିଆରେ ଫେସ୍‌ବୁକ୍, ହ୍ୱାଟ୍ସଆପ୍, ଇନ୍‌ଷ୍ଟାଗ୍ରାମ୍ ଭଳି ସୋସିଆଲ୍ ମିଡିଆରେ ୟୁଜର୍‌ଙ୍କୁ ଟାର୍ଗେଟ୍ କରାଯାଉଛି। ବିଭିନ୍ନ ଆକର୍ଷଣୀୟ ପଲିସି ଅଫର, ଅଧିକ ଟଙ୍କା ରୋଜଗାରର ପ୍ରଲୋଭନ ଦିଆଯାଇ ଟ୍ରେଡିଂ ଏବଂ ଅନ୍ୟ ଆପ୍ ଡାଉନ୍‌ଲୋଡ୍ କରାଯାଉଛି ଏବଂ ନିବେଶ ନାମରେ ଠକାଯାଉଛି। ଏହା କେବଳ ଏତିକିରେ ସୀମିତ ନାହିଁ ବରଂ ପର୍ସନାଲ୍ ଲୋନ୍, କ୍ରିପ୍ଟୋ କରେନ୍ସି, ଗେମିଂ, ଇ-କମର୍ସ ସ୍କିମ୍ ଏବଂ ଅଫର୍ ଜରିଆରେ ୟୁଜରଙ୍କ ବ୍ୟାଙ୍କ୍ ଆକାଉଣ୍ଟ ହ୍ୟାକ୍ କରି ଟଙ୍କା ହଡପ କରିଦିଆଯାଉଛି।





## କିପରି ଚିହ୍ନିବେ

❖ଡାଉନ୍‌ଲୋଡ୍ କରିବା ପୂର୍ବରୁ ପ୍ରଥମେ ଆପ୍‌ର ଆଇକନ୍‌କୁ ଭଲ ଭାବେ ଦେଖନ୍ତୁ। ଯେକୌଣସି ପ୍ଲାଟ୍‌ଫର୍ମରୁ ଡାଉନ୍‌ଲୋଡ୍ ନ କରି ଏହା ପ୍ଲେଷ୍ଟୋରରେ ଉପଲବ୍ଧ ଅଛି କି ନାହିଁ ଚେକ୍ କରିବା ନିହାତି ଜରୁରୀ।

❖ ରିଭ୍ୟୁ ଦେଖିଲେ ମଧ୍ୟ ଜଣାପଡିଥାଏ ତାହା ଫେକ୍ କି ନୁହେଁ। କାରଣ ଏଥିରେ ଥିବା କମ୍ପ୍ଲେନ୍ ଏତେଟା ହାନିକାରକ ହୋଇ ନ ଥାଏ। ସେହିପରି ଅଧିକରୁ ଅଧିକ ଏକାପରି ପଜିଟିଭ୍ ଫିଡ୍‌ବ୍ୟାକ୍ ଆସିଥାଏ।

❖ ଅରିଜିନାଲ୍ ଆପ୍‌ର ଡାଉନଲୋଡ୍ ସଂଖ୍ୟା ଲକ୍ଷାଧିକ ହୋଇଥିବା ବେଳେ ଫେକ୍ ଆପ୍‌ର ସଂଖ୍ୟା ମାତ୍ରେ କେତେ ଶହ କିମ୍ବା ହଜାର ହୋଇଥାଏ, ଯାହାକି ସନ୍ଦେହର କାରଣ ହୋଇଥାଏ।

❖ଫେକ୍‌ଆପ୍‌ଗୁଡିକ ଅତିରିକ୍ତ ଡାଟା ଆବଶ୍ୟକ କରିଥାଏ। ହେଲେ ଅରିଜିନାଲ୍ ଆପ୍‌ରେ କମ୍ ଡାଟା ଖର୍ଚ୍ଚ ହୋଇଥାଏ।

❖ଯଦି ଅଜାଣତରେ ଫେକ୍ ଆପ୍ ଡାଉନ୍‌ଲୋଡ୍ ହୋଇଯାଇଛି ତେବେ ତା'କୁ ଚିହ୍ନିବାର ସହଜ ଉପାୟ ହେଉଛି ବାରମ୍ବାର ଅପ୍‌ଡେଟ୍ ମାଗିବା। କାରଣ ଅରିଜିନାଲ୍ ଆପ୍‌ଗୁଡିକ ଏକ ନିର୍ଦ୍ଦିଷ୍ଟ ସମୟ ଅନ୍ତରାଳରେ ଅପ୍‌ଡେଟ୍ ମାଗୁଥିବା ବେଳେ ଫେକ୍‌ରେ ଖୁବ୍ ଶୀଘ୍ର ଏବଂ ବାରମ୍ବାର ଅପ୍‌ଡେଟ୍ ମାଗିଥାଏ।

**ସାଇବର ସୁରକ୍ଷା ପ୍ରତି ସତର୍କ:** ହ୍ୱାଟ୍ସଆପ୍ ଭଳି ବିଶ୍ୱସନୀୟ ପ୍ଲାଟ୍‌ଫର୍ମ ଦ୍ୱାରା ସାଇବର ଅପରାଧୀମାନେ ନିଜକୁ ସରକାରୀ ଏଜେନ୍ସି ପରିଚୟ ଦେଇ ଫେକ୍ ଏପିକେ ଫାଇଲ୍ସ ଡିଷ୍ଟ୍ରିବୁଟ୍ କରିଥାନ୍ତି। ଏବେ ଫେକ୍ ଟ୍ରାଫିକ୍ ଆପ୍‌କୁ ହତିଆର ଭାବେ ବ୍ୟବହାର କରି ୟୁଜରଙ୍କୁ ନୋଟିଫିକେଶନ୍ ପଠାଇ ଠକୁଛନ୍ତି। ତେବେ ଯଦିଓ ଏଆଇ ଟୁଲ୍ସ ବ୍ୟବହାର କରି ଏଭଳି ସୋସିଆଲ୍ ଇଞ୍ଜିନିୟରିଂ ଆଟାକ୍‌କୁ ଚିହ୍ନଟ କରାଯାଇପାରୁଛି ତଥାପି ଆପ୍ ଡାଉନ୍‌ଲୋଡ୍ ପୂର୍ବରୁ ସତର୍କ ରହିବା ଆବଶ୍ୟକ।

## ଜାଣନ୍ତୁ ଦୁନିଆ

# ଅଜବ ପ୍ରାଣୀ

**ପୃଥିବୀରେ ଅନେକ ପ୍ରକାର ପ୍ରାଣୀ ଅଛନ୍ତି । ହେଲେ ଏମିତି କେତେକ ପ୍ରାଣୀ ଅଛନ୍ତି, ଯାହାର ଅଜବ ଶାରୀରିକ ଗଠନ ଦେଖିଲେ ଅବାସ୍ତବ ଭଳି ମନେହୁଏ ଅବା ମନରେ କିଛି ଭିନ୍ନ ପ୍ରକାର ଭ୍ରମ ସୃଷ୍ଟି କରେ। ଜାଣନ୍ତୁ ସେଭଳି କେତେକ ଅଜବ ପ୍ରାଣୀଙ୍କ ସମ୍ପର୍କରେ...**

**ଲିପ୍‌ଷ୍ଟିକ୍ ଲଗା ମାଛ:** ସୌନ୍ଦର୍ଯ୍ୟ ବୃଦ୍ଧି କରିବା ଲାଗି ଝିଅମାନେ ସାଧାରଣତଃ ବିଭିନ୍ନ ରଙ୍ଗର ଲିପ୍‌ଷ୍ଟିକ୍ ଲଗାଇଥା'ନ୍ତି। ହେଲେ ମାଛଟିଏ ଲିପ୍‌ଷ୍ଟିକ୍ ଲଗାଇଲେ କେମିତି ଲାଗିବ ! ଆଶ୍ଚର୍ଯ୍ୟ ଲାଗୁଥିଲେ ବି ଏହା ସତ। ଗାଲାପାଗୋସ୍ ଆଇସ୍‌ଲାଣ୍ଡରେ ଦେଖାଯାଉଥିବା ରେଡ୍ ଲିପ୍ ବ୍ୟାଟ୍ ଫିଶ୍ ଏକ ପ୍ରକାରର ମାଛ ପ୍ରଜାତି, ଯାହାର ଓଠ ପ୍ରକୃତରେ ଲାଲ୍, ଯାହାକି ଲାଲ୍ ଲିପ୍‌ଷ୍ଟିକ୍ ଲଗାଇବାର ଭ୍ରମ ସୃଷ୍ଟି କରିଥାଏ। ଏହି ମାଛର ଆଗ ଦୁଇ ପକ୍ଷ ପରି ପାଦ କାର୍ଯ୍ୟ କରିଥାଏ। ଫଳରେ ଏମାନେ ପାଣିରେ ନ ପହଁରି ତଳ ଭାଗରେ ଚାଲିଥା'ନ୍ତି।



**ଶୁଖିଲା ପତ୍ର ଭଳି ଜୀବ:** ମାଡାଗାସ୍କାର ଆଇସ୍‌ଲାଣ୍ଡରେ ଥିବା ଜଙ୍ଗଲରେ ଦେଖିବାକୁ ମିଳିଥାଏ ସାଟାନିକ ଲିଫ୍ ଟେଲ୍‌ଡ ଜେକୋ ନାମକ ଏକ ଜୀବ। ଯାହାର ମୁଣ୍ଡ ଶିଙ୍ଗଯୁକ୍ତ ହୋଇଥିବା ବେଳେ ଆଖିର ରଙ୍ଗ ଲାଲ୍ ଏବଂ ଲାଞ୍ଜ ଶୁଖିଲା ପତ୍ର ଭଳି ଦେଖାଯାଇଥାଏ। ଏହା ଲାଲ୍, ଧୂସର, ଟ୍ୟାନ୍ ଏବଂ ବାଇଗଣି ଭଳି ବିଭିନ୍ନ ରଙ୍ଗର ହୋଇଥା'ନ୍ତି। ଏମାନଙ୍କ ଓଜନ ମାତ୍ର ୪-୬ ଗ୍ରାମ ହୋଇଥିବା ବେଳେ ଲମ୍ବ ପ୍ରାୟ ୯୦ ମିଲିମିଟର ହୋଇଥାଏ। ଏମାନେ ଛୋଟ ଛୋଟ ପୋକ ଖାଇଥା'ନ୍ତି। ଏମାନେ ଗଛ ଉପରେ ବସିଥିବା ବେଳେ ଶୁଖିଲା ପତ୍ରର ଭ୍ରମ ସୃଷ୍ଟି କରିଥାଏ।



**ପଥର ଭଳି ଦିଶୁଥିବା ମାଛ:** ପୃଥିବୀର ସବୁଠୁ ବିଷାକ୍ତ ମାଛ ହେଲେ ଷ୍ଟୋନ୍ ଫିଶ୍। ଏହା ଦେଖିବାକୁ ଖଣ୍ଡେ ଅପରିଷ୍କାର ପଥର ଭଳି। ହେଲେ ଏହି ମାଛ ଏତେ ବିଷାକ୍ତ ଯେ, ଏହାକୁ ଖାଇବା ତ ଦୂରର କଥା, ଏହାର ମାତ୍ର ଗୋଟିଏ ବୁନ୍ଦା ବିଷ ମଣିଷକୁ ମୃତ୍ୟୁମୁଖକୁ ଠେଲି ଦେଇପାରେ। ୩୦ରୁ ୪୦ ସେଣ୍ଟିମିଟର ଲମ୍ବବିଶିଷ୍ଟ ଏହି ମାଛ ଭାରତ ଏବଂ ପ୍ରଶାନ୍ତ ମହାସାଗରର କେତେକ ଭାଗରେ ଦେଖାଯାଇଥାଏ। ଏହାର ପିଠି ଡେଣାରେ ଥିବା ୧୩ଟି କଣ୍ଟାରେ ରହିଛି ଏହି ବିଷ ବାହାରୁ ଥିବା ଥଳି। ଏହାର ରଙ୍ଗ ସାଧାରଣତଃ ପଥର ସହିତ ମିଶି ଯାଉଥିବାରୁ ସହଜରେ ଜଣାପଡ଼ି ନ ଥାଏ। ତେଣୁ ପଥର କିମ୍ବା ଶୈବାଳ ଭାବି ଏହା ଉପରେ ଅନେକେ ପାଦ ରଖିଦିଅନ୍ତି ଏବଂ ଏହାର ଶିକାର ହୋଇଥା'ନ୍ତି। ପାଦ ପଡ଼ିବା ମାତ୍ରେ ଏହି ମାଛ ୦.୫ ସେକେଣ୍ଡ ବେଗରେ ବିଷ ଛାଡ଼ିଥାଏ। ଏହି ବିଷ ପାଦରେ ଲାଗିଲେ ମଣିଷର ଗୋଡ଼ କାଟିବାକୁ ପଡ଼ିଥାଏ କିମ୍ବା ବେଳେବେଳେ ମୃତ୍ୟୁର କାରଣ ସାଜିଥାଏ।



## ଏ ସପ୍ତାହର ପ୍ରଶ୍ନ ?

୧- ଜେପି ସେନାନି ପେନ୍‌ସନ ସ୍କିମ୍ ........... ରାଜ୍ୟରେ ଆରମ୍ଭ କରାଯାଇଛି ?
୨- ଆସାମରେ ଥିବା ବାରାକ ଉପତ୍ୟକା........... ଚାଷ ପାଇଁ ପ୍ରସିଦ୍ଧ ?
୩- ପାଲାମାଉ ଟାଇଗର୍ ରିଜର୍ଭ .......... ରାଜ୍ୟରେ ଅବସ୍ଥିତ ?
୪- ବାଲ୍ମୀକ ରାମାୟଣର ତାମିଲ୍ ଅନୁବାଦ ରାମାବତାରମ୍‌ର ରଚୟିତା ............. ?
୫- ଜିକା ଭାଇରସ୍‌ର ବାହକ ................. ?

## ଗତ ଥରର ଉତ୍ତର

୧ ମିନିଷ୍ଟ୍ରି ଅଫ୍ ଟେକ୍ସଟାଇଲ୍ସ
୨ ନ୍ୟାଶନାଲ କମିଶନ୍ ଫର୍ ଓମେନ୍
୩ ତାଞ୍ଜାନିଆ
୪ ଉତ୍ତରାଖଣ୍ଡ
୫ ୩ୟ ସ୍ଥାନ

## ଉତ୍ତର ଦାତା


ରୁପାଲୀ ମଲିକ୍
କେନ୍ଦ୍ରାପଡ଼ା


ଶେଖ୍ ୟାକୁବ୍,
ଗୋପ


ନିର୍ବିକଳ୍ପ ନାଥ,
ଘଣ୍ଟେଶ୍ୱର

## ଟପ୍ ଟେନ୍ ୧୦

### ୟଙ୍ଗେଷ୍ଟ ୱାର୍ଲ୍ଡ ଚେସ୍ ଚାମ୍ପିୟନ୍



୧. ଗୁକେଶ ଡମାରାଜୁ..............୧୮ବର୍ଷ
୨- ଗ୍ୟାରୀ କାସ୍ପାରୋଭ୍ .......... ୨୨ ବର୍ଷ
୩- ମ୍ୟାଗ୍ନସ୍ କାର୍ଲସେନ୍ .......... ୨୨ ବର୍ଷ
୪- ମିଖେଲ୍ ଟାଲ୍ .......... ୨୩ ବର୍ଷ
୫- ଆନାଟୋଲ୍ କାର୍ପୋଭ୍ .......... ୨୩ ବର୍ଷ
୬- ଇମାନୁଏଲ୍ ଲାସ୍କର୍ .......... ୨୫ ବର୍ଷ
୭- ଭ୍ଲାଡିମିର୍ କ୍ରାମ୍‌ନିକ୍ .......... ୨୫ ବର୍ଷ
୮- ବବି ଫିଶ୍ଚର୍ .......... ୨୯ ବର୍ଷ
୯- ଡିଙ୍ଗ୍ ଲିରେନ୍ .......... ୩୦ ବର୍ଷ
୧୦- ଜୋସ୍ ରଲ୍ କାପାବ୍ଲାଙ୍କା .......... ୩୨ ବର୍ଷ

## ୟୁଥ୍ ଆଲର୍ଟ

# ହାଡ଼କୁ କ୍ଷତି ପହଞ୍ଚାଏ ଏହି ଖାଦ୍ୟ

**ନିଜକୁ ଆକ୍ଟିଭ୍ ଏବଂ ଫିଟ୍ ରଖିବା ଲାଗି ଶରୀରର ହାଡ଼ ବି ମଜଭୁତ ରହିବା ବେଶ୍ ଗୁରୁତ୍ୱପୂର୍ଣ୍ଣ । ହେଲେ ଆମେ ଖାଉଥିବା କେତେକ ଖାଦ୍ୟ ଅଜାଣତରେ ଆମ ହାଡ଼କୁ କ୍ଷତି ପହଞ୍ଚାଇଥାଏ ଏବଂ ଧୀରେ ଧୀରେ ଏହାକୁ ଦୁର୍ବଳ ଏବଂ ପାପରା କରିଦେଇଥାଏ। ତେଣୁ ହାଡ଼କୁ ମଜଭୁତ ରଖିବା ଲାଗି ନିଜ ଖାଦ୍ୟ ତାଲିକାରେ କେଉଁସବୁ ଖାଦ୍ୟ ସାମିଲ ନ କରିବା ଦରକାର ଜାଣି ରଖନ୍ତୁ ...**

**ଅଧିକ ଲୁଣ:** ଯେଉଁ ଖାଦ୍ୟ ଖାଇବା ପରେ ଶରୀରରେ କ୍ୟାଲ୍‌ସିୟମ ଶ୍ଳେଷଣ ଭଲ ଭାବେ ହୋଇପାରି ନ ଥାଏ ସେଭଳି ଖାଦ୍ୟ ଆଦୌ ଖାଇବା ଠିକ୍ ନୁହେଁ। ସେଭଳି ଖାଦ୍ୟ ହେଉଛି ଅଧିକ ଲୁଣ। ପ୍ୟାକେଜ୍‌ଡ ଫୁଡ୍ ଯେମିତିକି ଚିପ୍ସ, ବିଭିନ୍ନ ନମ୍‌କିନ୍ ସ୍ନାକ୍ସ ଏବଂ ଆଚାର ଆଦି ଖାଇବା ଦ୍ୱାରା ପରିମାଣରେ ଅଧିକ ସୋଡିଅମ୍ ଓ କ୍ୟାଲ୍‌ସିୟମ ନିର୍ଗତ ହୋଇଥାଏ। ବାରମ୍ବାର ଏପରି ହେବାଦ୍ୱାରା ହାଡ଼ରେ କ୍ୟାଲ୍‌ସିୟମର ଅଭାବ ଦେଖାଯାଇଥାଏ ଏବଂ ତାହା ଦୁର୍ବଳ ହୋଇଯାଏ।



**ଅଧିକ ମିଠା:** ଅଧିକ ମିଠାଜାତୀୟ ଖାଦ୍ୟ ଯଥା କେକ୍, ପେଷ୍ଟ୍ରୀ, ଆଇସ୍‌କ୍ରିମ୍, ମିଠା ଆଦି ଖାଇଲେ ଶରୀରରେ ଏସିଡିଟି ଏବଂ ଇନ୍‌ଫ୍ଲାମେଶନ୍ ବଢ଼ିଥାଏ। ଏଥିପାଇଁ ଶରୀର ହାଡ଼ରୁ କ୍ୟାଲ୍‌ସିୟମ ଏବଂ ମିନେରାଲ୍ସ ନେଇଥାଏ, ଯଦ୍ଦ୍ୱାରା ହାଡ଼ର ସାନ୍ଦ୍ରତା ହ୍ରାସ ପାଇଥାଏ।

**କୋଲ୍ଡ ଡ୍ରିଙ୍କ୍ସ ବା କାର୍ବୋନେଟେଡ୍ ଡ୍ରିଙ୍କ୍ସ:** ଏଥିରେ ଫସ୍ଫୋରିକ ଏସିଡ୍‌ର ମାତ୍ରା ବହୁତ ଥାଏ। ଯାହାକି ରକ୍ତରେ କ୍ୟାଲ୍‌ସିୟମ ସ୍ତରକୁ ବାଲାନ୍ସ କରିବା ଲାଗି ହାଡ଼ରୁ କ୍ୟାଲ୍‌ସିୟମ ଶୋଷିଥାଏ। ତେଣୁ ଏପରି ଡ୍ରିଙ୍କ୍ସ ଅଧିକ ପିଇଲେ ହାଡ଼ରେ କ୍ୟାଲ୍‌ସିୟମ ମାତ୍ରା କମିଯିବା ଦ୍ୱାରା ଏହା ସମ୍ବନ୍ଧିତ ବିଭିନ୍ନ ସମସ୍ୟା ଉପୁଜିଥାଏ।



**କ୍ୟାଫିନ୍‌ଯୁକ୍ତ ଡ୍ରିଙ୍କ୍ସ:** ଅଧିକ ମାତ୍ରାରେ ଚା, କଫି ଏବଂ ଏନର୍ଜି ଡ୍ରିଙ୍କ୍ସ ପିଇବାର ବଦଭ୍ୟାସ କେତେକଙ୍କର ରହିଛି। ହେଲେ ଏହାକୁ ଅଧିକ ପିଇଲେ ପରିସ୍ରାରେ ଶୀରରରୁ ଅଧିକ କ୍ୟାଲ୍‌ସିୟମ ନିର୍ଗତ ହୋଇଥାଏ। ଫଳସ୍ୱରୂପ ହାଡ଼ ଦୁର୍ବଳ ହୋଇଯାଏ।

**ପ୍ୟାକେଜ୍ଡ ଫୁଡ୍:** ଯେକୌଣସି ପ୍ୟାକେଜ୍‌ଡ ଓ ଫ୍ରୋଜେନ୍ ଫୁଡ୍‌ରେ ନା କେବଳ ଲୁଣ ମାତ୍ରା ଅଧିକ ବରଂ ଏହାକୁ ଅଧିକ ଦିନ ରଖାଯିବା ଲାଗି ପ୍ରିଜର୍ଭେଟିଭ୍ ମଧ୍ୟ ବ୍ୟବହାର କରାଯାଇଥାଏ, ଯାହାକି ଶରୀରର ପ୍ରାକୃତିକ ମିନେରାଲ ବାଲାନ୍ସକୁ ବିଗାଡି ଦେଇଥାଏ। ଫଳରେ ହାଡ଼ଜନିତ ସମସ୍ୟା ଦେଖାଦେଇଥାଏ।

**ଆଲ୍‌କହଲ୍:** ହାଡ଼କୁ ଗଠନ କରୁଥିବା ସେଲ୍ ଏବଂ ଅଷ୍ଟିଓବ୍ଲାଷ୍ଟର କାର୍ଯ୍ୟକ୍ଷମତାକୁ ଆଲ୍‌କହଲ୍ ପ୍ରଭାବିତ କରିଥାଏ। ଏହା ମଧ୍ୟ କ୍ୟାଲ୍‌ସିୟମ ଏବଂ ଭିଟାମିନ୍ ଡି' ଶୋଷଣ ପ୍ରକ୍ରିୟାରେ ବାଧା ସୃଷ୍ଟି କରିଥାଏ। ତେଣୁ ଆଲ୍‌କହଲ୍ ସେବନ କରୁଥିବା ବ୍ୟକ୍ତିଙ୍କଠାରେ ଶୀଘ୍ର ହାଡ଼ଜନିତ ସମସ୍ୟା ଦେଖା ଦେଇଥାଏ।

# ୧୦ ପଦକ ସହ ଓଡ଼ିଶା ରନରଅପ୍

## ଖେଲୋ ଇଣ୍ଡିଆ ୱାଟର ସ୍ପୋର୍ଟ୍ସ ଫେଷ୍ଟିଭାଲ ଉଦ୍‌ଯାପିତ

**ଶ୍ରୀନଗର, ୨୩।୮**

ଶ୍ରୀନଗରର ଡାଲ ହ୍ରଦରେ ସର୍ବପ୍ରଥମ ଖେଲୋ ଇଣ୍ଡିଆ ୱାଟର ସ୍ପୋର୍ଟ୍ସ ଫେଷ୍ଟିଭାଲ ଶନିବାର ଉଦ୍‌ଯାପିତ ହୋଇଛି। ଏଥିରେ ଓଡ଼ିଶା ୪ ସ୍ୱର୍ଣ୍ଣ, ୫ ରୌପ୍ୟ ଓ ୧ ବ୍ରୋଞ୍ଜ ସହ ମୋଟ ୧୦ଟି ପଦକ ପାଇ ରନରଅପ୍ ହୋଇଛି। କଟକ ଜଗତପୁରସ୍ଥିତ ସାଇ (ସ୍ପୋର୍ଟ୍ସ ଅଥରିଟି ଅଫ୍ ଇଣ୍ଡିଆ) ଜଳକ୍ରୀଡ଼ା କେନ୍ଦ୍ରର ପ୍ରତିଯୋଗିଙ୍କ ପ୍ରଭାବୀ ପ୍ରଦର୍ଶନ ଯୋଗୁ ଓଡ଼ିଶାକୁ ଏହି ସଫଳତା ମିଳିଛି। ମଧ୍ୟପ୍ରଦେଶ ୧୦ ସ୍ୱର୍ଣ୍ଣ, ୩ ରୌପ୍ୟ ଓ ୫ ବ୍ରୋଞ୍ଜ ସହ ପ୍ରଥମ ଏବଂ କେରଳ (ସାଇ-ଅଲାପୁଝା) ୩ ସ୍ୱର୍ଣ୍ଣ, ୧ ରୌପ୍ୟ, ୩ ବ୍ରୋଞ୍ଜ ସହିତ ତୃତୀୟ ସ୍ଥାନ ଅଧିକାର କରିଛି। ପ୍ରତିଯୋଗିତାରେ ମୋଟ ୨୪ଟି ସ୍ୱର୍ଣ୍ଣ ପଦକ ପାଇ ପ୍ରତିଦ୍ୱନ୍ଦ୍ୱିତା ହୋଇଥିଲା। ଏହା ମଧ୍ୟରେ ୧୪ କାୟାକିଂ ଆଣ୍ଡ କାନୋଇଂ ଏବଂ ୧୦ ରୋଇଂ।

ଓଡ଼ିଶାର ରଶ୍ମିତା ସାହୁ ୨ଟି ସ୍ୱର୍ଣ୍ଣ ପଦକ ଜିତି ଶ୍ରେଷ୍ଠ ମହିଳା କ୍ରୀଡ଼ାବିତ୍ ବିବେଚିତ ହୋଇଛନ୍ତି। ଅନ୍ତିମ ଦିବସରେ ଅନୁଷ୍ଠିତ ସି୨ଡବ୍ଲ୍ୟୁ-୫୦୦ ମିଟର ଇଭେଣ୍ଟରେ ରଶ୍ମିତା ଓ ଆଚୋଇବାମ୍ ଦେବୀ (୨:୧୧.୦୨ ସେକେଣ୍ଡ) ସ୍ୱର୍ଣ୍ଣ ପଦକ ଜିତି ରାଜ୍ୟକୁ ଗର୍ବିତ କରିଛନ୍ତି। ସେହିପରି କେ୪ଡବ୍ଲ୍ୟୁ-୫୦୦ ମିଟର ଇଭେଣ୍ଟରେ ବିଦ୍ୟା ଦେବୀ, ଶ୍ରୁତି ଚୌଗୁଲେ, କେ.ୟିଫାତୋମ୍ବି ଦେବୀ ଓ ସୋନିଆ ଦେବୀ ୧:୫୦.୮୯ ସେକେଣ୍ଡ ସହ ସ୍ୱର୍ଣ୍ଣିମ ସଫଳତା ପାଇଛନ୍ତି। ସେହିପରି ପୁରୁଷ ସିଙ୍ଗଲ ସ୍କଲ (୧୦୦୦ ମିଟର) ଇଭେଣ୍ଟରେ ଓଡ଼ିଶା ପକ୍ଷରୁ ପ୍ରତିନିଧିତ୍ୱ କରିଥିବା ଅଭିରାଜ ୭:୨୭.୫୪ ସେକେଣ୍ଡ ସମୟ ନେଇ ସ୍ୱର୍ଣ୍ଣ ପଦକ ଜିତିଛନ୍ତି। ଏ କ୍ଷେତ୍ରରେ ସେ ଦିଲ୍ଲୀରୁ ପ୍ରତିନିଧିତ୍ୱ କରିଥିବା ଟୋକିଓ ଅଲିମ୍ପିଆନ ଆର୍ମି ରୋୟର ଅର୍ଜୁନ ଲାଲ ଜାଟ୍‌ଙ୍କୁ ପଛରେ ପକାଇ ବିପର୍ଯ୍ୟୟ ସୃଷ୍ଟି କରିଛନ୍ତି। ସଂଘର୍ଷପୂର୍ଣ୍ଣ ଲଢ଼େଇରେ ଜାଟ ୩:୨୮.୬୮ ସେକେଣ୍ଡ ନେଇ ଦ୍ୱିତୀୟ ସ୍ଥାନରେ ରହିଥିଲେ। ଲାଇଟୱେଟ ମହିଳା ଡବଲ ସ୍କଲ (ଏଲଡବ୍ଲ୍ୟୁ୨ଏକ୍ସ) ଇଭେଣ୍ଟରେ ସ୍ୱିଟି ଓ ଅନିସ୍କା ଭାରତୀ ରୌପ୍ୟ ପଦକ ଜିତିଛନ୍ତି। ମହିଳା ଡବଲ ସ୍କଲ (ଡବ୍ଲ୍ୟୁ୨ଏକ୍ସ)ରେ ମଧ୍ୟ ଓଡ଼ିଶାର ଭାଗ୍ୟଶ୍ରୀ ଘୁଲେ ଓ ଗୁରୁଶରନପ୍ରୀତ କୌର ରୌପ୍ୟ ପଦକ ହାସଲ କରିଛନ୍ତି।


ପୁରୁଷ ସିଙ୍ଗଲ ସ୍କଲ (୧୦୦୦ ମିଟର) ଇଭେଣ୍ଟରେ ପ୍ରଥମସ୍ଥାନ ଅଧିକାର କରିବାପରେ ଉଲ୍ଲସିତ ଅଭିରାଜ।


ସି୨ଡବ୍ଲ୍ୟୁ-୫୦୦ ମିଟରରେ ସ୍ୱର୍ଣ୍ଣ ବିଜୟିନୀ ଆଚୋଇବାମ୍ ଦେବୀ ଓ ରଶ୍ମିତା ସାହୁ।

### ରଶ୍ମିତା ଶ୍ରେଷ୍ଠ ମହିଳା କ୍ରୀଡ଼ାବିତ୍

ଶୁକ୍ରବାର ଓଡ଼ିଶାକୁ ୨ଟି ରୌପ୍ୟ ପଦକ ମିଳିଥିଲା। ନାଓରେମ ଜେମ୍ସ ସିଂ ଓ ସନ୍ତୋଷ ଖ୍ୱାଇରାକପାମ କେ୨ଏମ୍-୫୦୦ ମିଟର ଇଭେଣ୍ଟରେ ରୌପ୍ୟ ପଦକ ପାଇଥିଲେ। ସେହିପରି ଓଇନମ ଦେବୀ ଓ ଶ୍ରୁତି ଚୌଗୁଲେ କେ୨ଏମ୍-୫୦୦ ମିଟରରେ ରୌପ୍ୟ ପଦକ ଜିତିଥିଲେ। ପ୍ରତିଯୋଗିତାର ପ୍ରଥମ ଦିବସରେ ଅନୁଷ୍ଠିତ ସି୧ଡବ୍ଲ୍ୟୁ ୨୦୦ ମିଟରରେ ସ୍ୱର୍ଣ୍ଣ ପଦକ ଜିତି ରଶ୍ମିତା ସାହୁ ରାଜ୍ୟକୁ ଗର୍ବିତ କରିଥିଲେ। ଖେଲୋ ଇଣ୍ଡିଆ ୱାଟର ସ୍ପୋର୍ଟ୍ସରେ ଓଡ଼ିଶାର ଏହାଥିଲା ପ୍ରଥମ ସ୍ୱର୍ଣ୍ଣ ପଦକ। ନାଓରେମ ଜେମ୍ସ ସିଂ କାୟାକିଂ ଆଣ୍ଡ କାନୋଇଂ କେ୧ଏମ୍-୧୦୦୦ ମିଟର ଇଭେଣ୍ଟରେ ରୌପ୍ୟ ପଦକ ହାସଲ କରିଥିଲେ।

# ରାଜ୍ୟଗୋଷ୍ଠୀ ଭାରୋତ୍ତୋଳନରେ ଓଡ଼ିଶାରୁ ୬

**ଭୁବନେଶ୍ୱର, ୨୩।୮ (ତପନ ସ୍ୱାଇଁ)**

ଅହମଦାବାଦଠାରେ ଚଳିତ ମାସ ୨୪ରୁ ୩୦ ପର୍ଯ୍ୟନ୍ତ ରାଜ୍ୟଗୋଷ୍ଠୀ ଭାରୋତ୍ତୋଳନ (ୟୁଥ୍, ଜୁନିୟର ଓ ସିନିୟର) ପ୍ରତିଯୋଗିତା ଉଭୟ ମହିଳା ଓ ପୁରୁଷ ବର୍ଗରେ ଅନୁଷ୍ଠିତ ହେବ। ଏହି ସମ୍ମାନଜନକ ପ୍ରତିଯୋଗିତାରେ ଓଡ଼ିଶାରୁ ୬ ପ୍ରତିଯୋଗୀ ଅଂଶଗ୍ରହଣ କରିବାକୁ ଯୋଗ୍ୟ ବିବେଚିତ ହୋଇଛନ୍ତି। ୟୁଥ୍ ବାଳିକା ବିଭାଗର ୪୪ କେଜି ବର୍ଗରେ ପ୍ରୀତିସ୍ମିତା ଭୋଇ ଓ ୬୩ କେଜି ବର୍ଗରେ ଟିକି ମୋହିନୀ ମଲିକ, ଜୁନିୟର ମହିଳା ବିଭାଗର ୫୮ କେଜିରେ ମୀନା ସାନ୍ତା (ଏ), ୬୩ କେଜିରେ ବିଦ୍ୟୁସ୍ମିତା ଭୋଇ ଓ ପୁରୁଷ ୮୮ କେଜିରେ ହୃଦାନନ୍ଦ ଦାସ ଏବଂ ସିନିୟର ମହିଳା ୫୩ କେଜି ବର୍ଗରେ ସ୍ନେହା ସୋରେନ ଅଂଶଗ୍ରହଣ କରିବେ। ଏହି ସମସ୍ତ ଖେଳାଳି ରାଜ୍ୟ ସରକାରଙ୍କ ଦ୍ୱାରା ପରିଚାଳିତ ହାଇପରଫର୍ମାନ୍ସ ସେଣ୍ଟର (କଳିଙ୍ଗ ଷ୍ଟାଡିୟମ) ଓ ସବ୍ ସେଣ୍ଟର (ଢେଙ୍କାନାଳ)ରେ ଅଭ୍ୟାସ କରି ଜାତୀୟ ସ୍ତରରେ ଉନ୍ନତ ପ୍ରଦର୍ଶନ କରିଥିବାରୁ ଜାତୀୟ ଚୟନ ଶିବିର ପାଇଁ ମନୋନୀତ ହୋଇଥିଲେ ଏବଂ ସେଠାରେ ରାଜ୍ୟଗୋଷ୍ଠୀ ଭାରୋତ୍ତୋଳନ ପାଇଁ ଚୟନ ହୋଇଛନ୍ତି। ଏକାବେଳକେ ୬ ପ୍ରତିଯୋଗୀ ଆଗାମୀ ପ୍ରତିଯୋଗିତାରେ ଅଂଶଗ୍ରହଣ ପାଇଁ ଚୟନ ହୋଇଥିବାରୁ ରାଜ୍ୟ ଭାରୋତ୍ତୋଳନ ସଂଘ କର୍ମକର୍ତ୍ତା ଏବଂ ଖେଳାଳିଙ୍କ ମଧ୍ୟରେ ଆନନ୍ଦ ପ୍ରକାଶ ପାଇଛି। ରାଜ୍ୟ ସଂଘ କର୍ମକର୍ତ୍ତାମାନେ ପ୍ରତିଯୋଗୀଙ୍କୁ ଶୁଭେଚ୍ଛା ଜ୍ଞାପନ କରିଛନ୍ତି।


ସ୍ନେହା ସୋରେନ


ମୀନା ସାନ୍ତା


ବିଦ୍ୟୁସ୍ମିତା ଭୋଇ


ପ୍ରୀତିସ୍ମିତା ଭୋଇ


ଟିକି ମୋହିନୀ ମଲିକ


ହୃଦାନନ୍ଦ ଦାସ

# ଆର୍ଜେଣ୍ଟିନା ନଭେମ୍ବରରେ କେରଳରେ ଖେଳିବ

**କୋଚି, ୨୩।୮ (ପି.ଟି.)**

ଆସନ୍ତା ନଭେମ୍ବରରେ କେରଳରେ ବିଶ୍ୱ ଚାମ୍ପିୟନ ଆର୍ଜେଣ୍ଟିନା ଏକ ଅନ୍ତର୍ଜାତୀୟ ବନ୍ଧୁତ୍ୱପୂର୍ଣ୍ଣ ମ୍ୟାଚ୍ ଖେଳିବ। ଏ ନେଇ ଆର୍ଜେଣ୍ଟିନା ପକ୍ଷରୁ ଶନିବାର ଘୋଷଣା କରାଯାଇଛି। ଏହି ମ୍ୟାଚ୍ ନଭେମ୍ବର ୧୦ରୁ ୧୮ ମଧ୍ୟରେ କୋଚି କିମ୍ବା ଥିରୁଭାନନ୍ତପୁରମରେ ଖେଳାଯାଇପାରେ। ମ୍ୟାନେଜର ଲିଓନେଲ ସ୍କାଲୋନିଙ୍କ ନେତୃତ୍ୱାଧୀନ ଆର୍ଜେଣ୍ଟିନା ଜାତୀୟ ଦଳ ଚଳିତ ବର୍ଷ ଦୁଇ ପର୍ଯ୍ୟାୟରେ ଫିଫା ଫ୍ରେଣ୍ଡଲୀ ମ୍ୟାଚ୍ ଖେଳିବ। ପ୍ରଥମ ପର୍ଯ୍ୟାୟ ଅକ୍ଟୋବରରେ ୬ରୁ ୧୪ ମଧ୍ୟରେ ଆମେରିକାରେ ଖେଳାଯିବ। ଏହି ମ୍ୟାଚ୍‌ଗୁଡ଼ିକ ଲାଗି ପ୍ରତିପକ୍ଷ ଦଳ ଓ କେଉଁ ସହରରେ ମ୍ୟାଚ୍ ଖେଳାଯିବ ତାହା ନିର୍ଦ୍ଧାରଣ ହୋଇପାରି ନାହିଁ। ଦ୍ୱିତୀୟ ପର୍ଯ୍ୟାୟ ଫ୍ରେଣ୍ଡଲୀ ମ୍ୟାଚ୍ ନଭେମ୍ବରରେ ୧୦ରୁ ୧୮ ମଧ୍ୟରେ ଲୁଆଣ୍ଡା, ଆଙ୍ଗୋଲା ଓ କେରଳରେ ହେବ। ଏଥିଲାଗି ଏପର୍ଯ୍ୟନ୍ତ ପ୍ରତିପକ୍ଷ ଦଳ ଧାର୍ଯ୍ୟ ହୋଇ ନାହାନ୍ତି। ଏ ସମ୍ପର୍କରେ କେରଳ କ୍ରୀଡ଼ାମନ୍ତ୍ରୀ ଭି ଅବଦୁରହିମାନ କହିଛନ୍ତି, ଲିଓନେଲ ମେସିଙ୍କ ନେତୃତ୍ୱରେ ବିଶ୍ୱକପ୍ ଜିତିଥିବା ଆର୍ଜେଣ୍ଟିନା ଦଳ କେରଳରେ ନଭେମ୍ବରରେ ଏକ ଫ୍ରେଣ୍ଡଲୀ ମ୍ୟାଚ୍ ଖେଳିବ।

# ଖେଲୋ ଇଣ୍ଡିଆ ପେନ୍‌ଚାକ୍ ସିଲାଟ ଲିଗ୍ ଉଦ୍‌ଘାଟିତ


ଖେଲୋ ଇଣ୍ଡିଆ ପେନ୍‌ଚାକ ସିଲାଟ ଲିଗ୍‌ରେ ଭାଗ ନେଇଥିବା ଖେଳାଳିମାନେ।

**ଭୁବନେଶ୍ୱର, ୨୩।୮ (ତପନ ସ୍ୱାଇଁ)**

ଓଡ଼ିଶା ପେନ୍‌ଚାକ ସିଲାଟ ଆସୋସିଏଶନ୍ ଆନୁକୂଲ୍ୟରେ ୨ ଦିନିଆ ଖେଲୋ ଇଣ୍ଡିଆ ଅସ୍ମିତା ପେନ୍‌ଚାକ ସିଲାଟ ଲିଗ୍ ଝାରସୁଗୁଡା ଓଏସ୍‌ଏପି ସେକେଣ୍ଡ ବାଟାଲିୟନରେ ଶନିବାର ଉଦ୍‌ଘାଟିତ ହୋଇଛି। ଝାରସୁଗୁଡ଼ା ଜିଲାପାଳ କୁନାଲ ମୋତିରମ୍ ଚୋୱାନ, ଝାରସୁଗୁଡା ଓଏସ୍‌ଏପି ସେକେଣ୍ଡ ବାଟାଲିୟନର କମାଣ୍ଡାଣ୍ଟ ଶ୍ରୀ ପ୍ରସାଦ ତାମଙ୍ଗ ପ୍ରତିଯୋଗିତାକୁ ଉଦ୍‌ଘାଟନ କରିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ଗଣେଶ ନାୟକ, ଓଡ଼ିଶା ପେନ୍‌ଚାକ୍ ସିଲାଟ ସଭାପତି ତାପସ କୁମାର ରାୟ ଚୌଧୁରୀ, ସମ୍ପାଦକ ପ୍ରେମ ସିଂ ଥାପା, ଉପସଭାପତି ମନୋରଞ୍ଜନ ଭଞ୍ଜ ଓ କୋଷାଧ୍ୟକ୍ଷ ଭବାନୀ କୁମାରୀ ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ପ୍ରତିଯୋଗିତାରେ ୨୫୦ ପ୍ରତିଯୋଗୀ ଅଂଶଗ୍ରହଣ କରିଛନ୍ତି।

# ଜାତୀୟ ଜୁନିୟର ହକି : ଓଡ଼ିଶା ଉପବିଜେତା

**ଜଲନ୍ଧର, ୨୩।୮ (ପି.ଟି.)**

ଜାତୀୟ ଜୁନିୟର ପୁରୁଷ ହକି ଚାମ୍ପିୟନଶିପ୍‌ରେ ଓଡ଼ିଶା ରନରଅପ୍ ହୋଇଛି। ଶନିବାର ଅନୁଷ୍ଠିତ ସଂଘର୍ଷପୂର୍ଣ୍ଣ ଫାଇନାଲରେ ହରିୟାଣା ୩-୨ ଗୋଲ୍‌ରେ ହରାଇ ଦେଇଛି। ଏହି ମ୍ୟାଚରେ ଓଡ଼ିଶା ପ୍ରଥମେ ୨-୦ରେ ଅଗ୍ରଣୀ ରହିଥିବା ବେଳେ ଶେଷ କ୍ୱାର୍ଟରରେ ହରିୟାଣା ତିନୋଟି ଗୋଲ୍ ସ୍କୋର କରି ମ୍ୟାଚ ଜିତି ନେଇଥିଲା। ଓଡ଼ିଶା ତରଫରୁ ଦୀପକ ପ୍ରଧାନ (୧୭ତମ ମିନିଟ) ଓ ପ୍ରତାପ ଟପ୍ପୋ (୧୯ତମ) ଗୋଟିଏ ଲେଖାଏଁ ଗୋଲ୍ ସ୍କୋର କରି ଓଡ଼ିଶାକୁ ୨-୦ରେ ଅଗ୍ରଣୀ କରାଇଥିଲେ। ତୃତୀୟ କ୍ୱାର୍ଟର ଖେଳ ଗୋଲ୍‌ଶୂନ୍ୟ ରହିବା ପରେ ହରିୟାଣା ତରଫରୁ ଚିରାଗ (୫୦ତମ) ପ୍ରଥମ ଗୋଲ କରିଥିବା ବେଳେ ପରବର୍ତ୍ତୀ ସମୟରେ ସାଥୀ ଖେଳାଳି ନୀତିନ (୫୧ତମ ଓ ୬୦ତମ) ଦୁଇଟି ଗୋଲ ସ୍କୋର କରି ତାଙ୍କ ଦଳକୁ ବିଜୟୀ କରାଇଥିଲେ। ଅନ୍ୟପକ୍ଷରେ ୩ୟ ଓ ୪ର୍ଥ ସ୍ଥାନ ପାଇଁ ଖେଳାଯାଇଥିବା ଅନ୍ୟ ଏକ ମ୍ୟାଚରେ ପଞ୍ଜାବ ୪-୩ ପେନାଲ୍ଟି ଶୁଟ୍‌ଆଉଟରେ ଉତ୍ତର ପ୍ରଦେଶକୁ ହରାଇ ଦେଇଛି।



ଜାତୀୟ ଜୁନିୟର ହକିରେ ରନରଅପ୍ ଓଡ଼ିଶା ଦଳ।

# ଟେନିସ୍ ହଲ୍ ଅଫ୍ ଫେମ୍‌ରେ ଶାରାପୋଭା, ବ୍ରାଏନ ବ୍ରଦର୍ସ

**ଲଣ୍ଡନ, ୨୩।୮ (ଏପି)**

ଟେନିସ ଖେଳରେ ଉଲ୍ଲେଖନୀୟ ଅବଦାନ ପାଇଁ ମାରିଆ ଶାରାପୋଭା ଏବଂ ବବ୍ ଓ ମାଇକ୍ ବ୍ରାଏନ ବ୍ରଦର୍ସ ଯୋଡ଼ି ଇଣ୍ଟରନ୍ୟାଶନାଲ ହଲ୍ ଅଫ୍ ଫେମ୍‌ରେ ସ୍ଥାନ ପାଇବାକୁ ଯାଉଛନ୍ତି। ଏପର୍ଯ୍ୟନ୍ତ ଯେଉଁ ୧୦ ମହିଳା ଖେଳାଳି ବ୍ୟକ୍ତିଗତ କ୍ୟାରିୟର ଗ୍ରାଣ୍ଡସ୍ଲାମ ହାସଲ କରିଛନ୍ତି ତନ୍ମଧ୍ୟରେ ଶାରାପୋଭା ଅନ୍ୟତମ। ୨୦୦୪ ୱିମ୍ବଲଡନ ଜିତିବା ପରେ ସେ ଷ୍ଟାର ଖେଳାଳି ହୋଇଯାଇଥିଲେ। ସେତେବେଳେ ସେ ଦୁଇଥର ଚାମ୍ପିୟନ ସେରେନା ୱିଲିୟମ୍ସଙ୍କୁ ଫାଇନାଲରେ ହରାଇ ଦେଇଥିଲେ। ୨୦୦୬ରେ ସେ ୟୁଏସ୍ ଓପନ, ୨୦୦୮ରେ ଅଷ୍ଟ୍ରେଲିଆନ ଓପନ ଏବଂ ୨୦୧୨ ଓ ୨୦୧୪ରେ ଫ୍ରେଞ୍ଚ ଓପନ ଚାମ୍ପିୟନ ହୋଇଥିଲେ। ସେ ପ୍ରଥମ ରୁଷୀୟ ଖେଳାଳି ଭାବେ ଡବ୍ଲ୍ୟୁଟିଏ ସିଙ୍ଗଲ୍ସ ର୍‍ୟାଙ୍କିଙ୍ଗ ନମ୍ବର-୧ ହାସଲ କରିବାର ଗୌରବ ଅର୍ଜନ କରିଛନ୍ତି। ୨୦୦୮ରେ ବିଲି ଜିନ୍ କିଙ୍ଗ କପ୍‌ରେ ରୁଷିଆକୁ ଚାମ୍ପିୟନ କରିବାରେ ଶାରାପୋଭାଙ୍କ ବିଶେଷ ଭୂମିକା ରହିଥିଲା। ୨୦୧୨ ଅଲିମ୍ପିକ୍ସରେ ସେ ରୌପ୍ୟ ଜିତିଥିଲେ। ଫାଇନାଲରେ ସେ ୱିଲିୟମ୍ସଙ୍କଠାରୁ ହାରିଯାଇଥିଲେ। ଶାରାପୋଭାଙ୍କର ପୁରସ୍କାର ରାଶି ଅପେକ୍ଷା ବିଜ୍ଞାପନରୁ ଆୟ ଅଧିକ। ରୁଷିଆର ଏହି ଟେନିସ ଖେଳାଳି ତାଙ୍କ ୧୫ ବର୍ଷ କ୍ୟାରିୟର ପରେ ୨୦୨୦ରେ ୩୨ବର୍ଷ ବୟସରେ ଅବସର ନେଇଥିଲେ। ସେ ତାଙ୍କ କ୍ୟାରିୟରରେ ଅନେକଥର ଇଞ୍ଜୁରୀ ସମସ୍ୟାରେ ରହିଥିଲେ। ୨୦୧୬ ଅଷ୍ଟ୍ରେଲିଆନ ଓପନ ବେଳେ ନୂତନ ଭାବେ ନିଷିଦ୍ଧ କରାଯାଇଥିବା ଡ୍ରଗ୍ ମେଲୋଡିୟମ ପାଇଁ ଡୋପ୍ ଟେଷ୍ଟରେ ଧରାପଡ଼ି ବାସନ୍ଦ ଦଣ୍ଡର ସମ୍ମୁଖୀନ ହୋଇଥିଲେ। ବବ୍ ଓ ମାଇକ୍ ବ୍ରାଏନ ଯମଜ ରେକର୍ଡ ୧୬ ଡବଲ୍ସ ଗ୍ରାଣ୍ଡସ୍ଲାମ ଟାଇଟଲ ଜିତିଛନ୍ତି। ସେମାନେ ଆହୁରି ମଧ୍ୟ ୪୩୮ ସପ୍ତାହ ଧରି ନମ୍ବର ୱାନ ରହିପାରିଥିଲେ। ମାଇକ ବ୍ରାଏନ ପ୍ରକୃତରେ ୧୮ ଗ୍ରାଣ୍ଡସ୍ଲାମ ଟାଇଟଲ ହାସଲ କରିଛନ୍ତି। ବବ୍ ଆଘାତଜନିତ ସମସ୍ୟାରେ ଥିବା ବେଳେ ସେ ୨୦୧୮ରେ ଜ୍ୟାକ୍ ସକ୍‌ଙ୍କ ସହିତ ଦୁଇଟି ଗ୍ରାଣ୍ଡସ୍ଲାମ ଟାଇଟଲ ଜିତିଥିଲେ।

# ୨୧ବର୍ଷ ପରେ ମୁଖ୍ୟ ଡ୍ର’ରେ ଇଣ୍ଡୋନେସୀୟ ଖେଳାଳି

**ନ୍ୟୁୟର୍କ, ୨୩।୮ (ଏପି)**

ମହିଳା ଟେନିସ ଖେଳାଳି ଜାନିସ ଟିଜେନ ୟୁଏସ୍ ଓପନ୍ ଟେନିସ ଖେଳିବା ଲାଗି ଯୋଗ୍ୟତା ଅର୍ଜନ କରିଛନ୍ତି। ଫଳରେ ୨୦୦୪ ପରେ ଅର୍ଥାତ ୨୧ବର୍ଷରେ ଏକ ଗ୍ରାଣ୍ଡସ୍ଲାମ ସିଙ୍ଗଲ୍ସ ମୁଖ୍ୟ ଡ୍ର ସ୍ଥାନ ପାଇବାରେ ଇଣ୍ଡୋନେସିଆର ସେ ପ୍ରଥମ ଖେଳାଳି ହୋଇଛନ୍ତି। ପୂର୍ବରୁ ଏକ ଗ୍ରାଣ୍ଡସ୍ଲାମ ସିଙ୍ଗଲ୍ସ ମୁଖ୍ୟ ଡ୍ରରେ ସ୍ଥାନ ପାଇଥିବା ଇଣ୍ଡୋନେସୀୟ ଖେଳାଳି ହେଲେ ଆଞ୍ଜେଲିକ୍ ୱିଦ୍‌ଜାଜା।

# ୨୦୨୬ ଫିଫା ବିଶ୍ୱକପ୍ ଡ୍ର’ ଘୋଷଣା ୱାଶିଂଟନରେ ହେବ: ଟ୍ରମ୍ପ

**ୱାଶିଂଟନ, ୨୩।୮ (ଏପି)**

ଆସନ୍ତା ବର୍ଷ ହେବାକୁ ଥିବା ଫିଫା ବିଶ୍ୱକପ୍ ଲାଗି ଡିସେମ୍ବର ୫ ତାରିଖରେ ୱାଶିଂଟନସ୍ଥିତ କେନେଡି ସେଣ୍ଟରଠାରେ ଡ୍ର’ ଘୋଷଣା କରାଯିବ। ଏ ନେଇ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଶନିବାର ଓଭାଲ କାର୍ଯ୍ୟାଳୟରେ କହିଛନ୍ତି। ଏହି ଅବସରରେ ତାଙ୍କ ସହିତ ଫିଫା ସଭାପତି ଜିଆନି ଇନଫାଣ୍ଟିନୋ ଓ ଉପ ରାଷ୍ଟ୍ରପତି ଜେ ଡି ଭାନ୍ସ ଉପସ୍ଥିତ ଥିଲେ। ଆସନ୍ତା ବର୍ଷ କାନାଡା ଓ ମେକ୍ସିକୋ ସହ ମିଶି ଆମେରିକା ବିଶ୍ୱକପ୍ ଆୟୋଜନ କରିବାକୁ ଯାଉଛି। ଏଥିରେ ୪୮ ଦଳ ଭାଗ ନେବେ। ଗତ ସଂସ୍କରଣରେ ଭାଗ ନେଇଥିବା ଦଳ ସଂଖ୍ୟା ୩୨ରେ ସୀମିତ ରହିଥିଲା। ଡ୍ର’ ଉଠାଣ କାର୍ଯ୍ୟକ୍ରମରେ ବିଶ୍ୱକପ୍ ଲାଗି ଗ୍ରୁପ୍ସ ଓ ଲିଗ୍ ପର୍ଯ୍ୟାୟରେ ପ୍ରତ୍ୟେକ ଦଳ କେତୋଟି ଲେଖାଏ ମ୍ୟାଚ୍ ଖେଳିବେ ତାହା ସ୍ପଷ୍ଟ ହେବ। ବିଶ୍ୱକପ୍ ଜୁନ ୧୧ ତାରିଖରେ ମେକ୍ସିକୋ ସହରର ଆଜଟେକା ଷ୍ଟାଡିୟମରେ ଆରମ୍ଭ ହୋଇ ଜୁଲାଇ ୧୯ ତାରିଖରେ ମେଟଲାଇଫ୍ ଷ୍ଟାଡିୟମରେ ଶେଷ ହେବ।

### ଏସିଆନ ଶୁଟିଂ ଚାମ୍ପିୟନଶିପ୍

# ଅର୍ଜୁନ-ଏଲାଭେନିଲ ଯୋଡ଼ିଙ୍କୁ ସ୍ୱର୍ଣ୍ଣ ପଦକ

**ସିମ୍‌କେଣ୍ଟ (କାଜାଖସ୍ତାନ), ୨୩।୮ (ପି.ଟି.)**

ଭାରତର ଅର୍ଜୁନ ବବୁତା ଓ ଏଲାଭେନିଲ ଭାଲରିଭାନ ଶନିବାର ଏଠାରେ ଅନୁଷ୍ଠିତ ୧୬ତମ ଏସିଆନ ଶୁଟିଂ ଚାମ୍ପିୟନଶିପ୍ ୧୦ ମିଟର ଏୟାର ରାଇଫଲ ଟିମ୍ ଇଭେଣ୍ଟରେ ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି। ଭାରତୀୟ ଯୋଡ଼ି ଚାଇନାର ଡିଙ୍ଗ୍‌କେ ଲୁ’ ଓ ଜିନ୍‌ଲୁ ପେଙ୍ଗ୍‌ଙ୍କୁ ୧୭-୧୧ରେ ପରାସ୍ତ କରି ପୋଡିୟମ ଶୀର୍ଷରେ ରହିଥିଲେ।

# ଉତ୍କଳ ସ୍ପୋର୍ଟ୍ସ ମିଟ୍ କରାଟେ ପ୍ରତିଯୋଗିତା

**ଭୁବନେଶ୍ୱର, ୨୩।୮ (ବିଜୟ ରଣା)**

ସ୍ଥାନୀୟ ଉତ୍କଳ କରାଟେ ସ୍କୁଲର ୩୫ତମ ଜନ୍ମବାର୍ଷିକୀ ଅବସରରେ ଦୁଇ ଦିନିଆ ଉତ୍କଳ ସ୍ପୋର୍ଟ୍ସମିଟ୍ କରାଟେ ପ୍ରତିଯୋଗିତା ଶନିବାର ଆରମ୍ଭ ହୋଇଛି। ଏହା ଭୁବନେଶ୍ୱର ଓ କଟକ ଶାଖା ଉତ୍କଳ କରାଟେ ସ୍କୁଲର ଛୋଟ ଛୋଟ ପିଲାମାନଙ୍କୁ ଅନୁଷ୍ଠିତ ହେଉଛି। ଏଥିରେ ୪୫୦ଜଣ ପ୍ରତିଯୋଗୀ ଅଂଶଗ୍ରହଣ କରିଛନ୍ତି। ରବିବାର ଏହା ଉଦ୍‌ଯାପିତ ହେବ। ପ୍ରଥମ ଦିବସ ପ୍ରତିଯୋଗିତା ଶେଷରେ ଦୁଇଥର ବିଶ୍ୱ ଚାମ୍ପିୟନ ସେନ୍‌ସେଇ ଆମିର ମେହେଦିଜାଦେ ଓ ସେନ୍‌ସେଇ ତଥା ମହାରାଷ୍ଟ୍ର କରାଟେ ସଂଘ ସମ୍ପାଦକ ସନ୍ଦୀପ ଗାଡ଼େ ପ୍ରମୁଖ ଉପସ୍ଥିତ ରହି କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରିଥିଲେ।


ଉତ୍କଳ ସ୍ପୋର୍ଟ୍ସ ମିଟ୍‌ରେ ଭାଗ ନେଇଥିବା କରାଟେକାମାନେ ପୁରସ୍କାର ସହ ଅତିଥିଙ୍କ ଗହଣରେ।







4-Printed and published by Adyasha Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ